# ସିମତି

ନରସିଂହ ସାହୁ



# ମିନତି

ନରସିଂହ ସାହୁ

ବିନୋଦବିହାରୀ, କଟକ-୨

# ମିନତି

ଲେଖକ :
ନରସିଂହ ସାହୁ

ପ୍ରକାଶକ :
ନାଲନ୍ଦା
ବିନୋଦବିହାରୀ, କଟକ-୨

ପ୍ରଥମ ନାଲନ୍ଦା ସଂସ୍କରଣ :
ଅକ୍ଷୟ ତୃତୀୟା, ୧୯୮୧

ମୁଦ୍ରଣ :
ସୁରେଖା ପ୍ରିଣ୍ଟର୍ସ
ଅଲିଶାବଜାର, କଟକ-୨

ମୂଲ୍ୟ—ସାତ ଟଙ୍କା ମାତ୍ର
ବନ୍ଧାଇ—ଆଠଟଙ୍କା ପଚାଶ

**MINATI**

*Written by* :
**Narsingha Sahu**

*Published by* :
**Nalanda**
Binodebehari, Cuttack-2

*Ist Nalanda Edition* :
Akshaya Trutiya, *1981*

*Printed by* :
**Surekha Printers**
Alishabazar, Cuttack-2

Price : **Rs. 7-00**

Binding : **Rs. 8-50**

କଦମ୍ ଆଈ,

ପେଟରେ ଓଦାକନା ଦେଇ ତମେ ଝାଙ୍ଗି ପଡ଼ିନା କି ପିଠିରେ ପାଟପଉଣୀ ପିନ୍ଧି ତମେ ବଡ଼େଇ କରିନ । ଜୀବନ ସାରା ତମେ କଷ୍ଟ ସହିଛ, କିନ୍ତୁ ସେହି କଷ୍ଟ ଭିତରେ ଦୁଃଖୀର ଦୁଃଖ ବୁଝିଛ, ଭୋକର ପେଟ ଶାନ୍ତିଛ, ରୋଗୀର ସେବା କରିଛ । ପୁଣି ସାତଘଡ଼ି ଅନ୍ଧାର ପରେ ଯେତେବେଳେ ତମ ଜୀବନରେ ସୁନ୍ଦର କ୍ଷୀଣ ଆଲୁଅ ଟିକିଏ ଦେଖା ଦେଇଛି, ସେତେବେଳେ ତମେ ଆଉ ଆଉ ପାଞ୍ଚଜଣଙ୍କ ଭଳି ମନମୋଟରେ ସଢ଼ି ଯାଇନା ବରଂ ହସି ହସି ବଡ଼କୁ କରିଛ ସମ୍ମାନ, ସାନକୁ କରିଛ ଆଦର, ପରକୁ କରିଛ ଆପଣାର । ନାଆଁ ପାଇଁ ତମେ ବାଇ ହୋଇନ, ବଣମଲ୍ଲୀ ଭଳି ଗଛ ଉହାଡ଼ରେ ଲୁଚି ରହି ବାସନାରେ ଚାରିଆଡ଼ ମହକାଇଛ ।

ମୁଁ କିନ୍ତୁ ତମ ଗୋଡ଼ତଳେ ମୁଣ୍ଡିଆଟିଏ ମାରିବା ଛଡ଼ା ଜୀବନରେ ଆଉ କିଛି ତମକୁ ଦେଇ ପାରିନ । ଖଣ୍ଡିଏ ମୋଟ ଖଦି କି ବେଳାଏ ବାସୀ ପଖାଳ—ଏତିକି ବି ଦେବାର ସୁଯୋଗ କେବେ ଘଟିନାହିଁ । ଆଜି କିନ୍ତୁ ମୋର ଏ ପହିଲି ଜୀବନର ପହିଲି ଲେଖା ଗ୍ରୁଟିଆ ବହି ଖଣ୍ଡିଏ ତମ ଗୋଡ଼ତଳେ ଥୋଇ ଦେଉଛି । କାହିଁକି ଜାଣ ? ଯୋଉ ଝିଅ ବୋହୂମାନଙ୍କ ପାଇଁ ଏ ବହିଟି ଲେଖା, ସେହିମାନଙ୍କୁ ତମେ ଟିକିଏ ଆଶୀର୍ବାଦ କରିବ, ସେହିମାନଙ୍କ ମୁଣ୍ଡ ଉପରେ ତମେ ଟିକିଏ ପାଦଧୂଳି ଅଜାଡ଼ି ଦେବ; ତା'ହେଲେ ସେମାନେ ସୁନ୍ଦର ହେବେ, ଗୁଣର ହେବେ, ଧନସ୍ୱୀ ହେବେ—ଆଉ ତା ଫଳରେ ଘରେ ଘରେ ସୁଖ, ଶାନ୍ତି, ଆନନ୍ଦ, ଆହ୍ଲାଦ ପୂରିଉଠିବ ।

ନଈ

# ସୂଚନା

ଜୀବନରେ ଯାହାକୁ ମୁଁ ସୁନ୍ଦର କରି ଗଢ଼ିବାକୁ ଚାହୁଁଥିଲି, ସେ ମୋତେ ପରିହାସ କରି ଆଗରୁ ବାଟ କାଟି ଚାଲିଗଲା । ଗୋଟିକୁ ମୁଁ ଗଢ଼ିପାରି ନାହିଁ, କିନ୍ତୁ ଆଜି କୋଟିଏ ଗଢ଼ିବାର ଇଚ୍ଛା, ସେଇଥିପାଇଁ ଏ ଲେଖା—ସେଇଥିପାଇଁ ଏ 'ମିନତି' । ଆମ ଓଡ଼ିଆ ଘରର କଅଁଳ ଛନଛନ, ଅଳଅଳ ଝିଅ ବୋହୂମାନେ କ'ଣ ମୋର ଏହି ସଜଳ ନୟନର କରୁଣ 'ମିନତି' ଟିକିକ ଧେନା କରି ଦୁନିଆ ଦୁଆରେ ମଣିଷ ଭଳି ମଣିଷ ହେବାକୁ ଚେଷ୍ଟା କରିବେ ?

( ୧୯୪୭ ଡିସେମ୍ବର ପନ୍ଦର—ଯୋଉଦିନ 'ସେବା' ଦୁନିଆରୁ ଚିର-ବିଦାୟ ନେଇ ଆରପାରିକୁ ଚାଲିଯାଏ । ଶେଷଦେଖା ହୋଇ ନାହିଁ—ଶବ ଦେଖିବାର ସୁଯୋଗ ବି ନ ଥିଲା । କିନ୍ତୁ ତା' ପରେ ପରେ ମୁଁ ବରାବର ଯାଏ ସେହି ମଶାଣିକି । ବୁଢ଼ାବଳଙ୍ଗ ନଈକୂଳର ସେହି ବାଲି-ଘାଟ ମଶାଣିରେ ଦୁଃଖିନୀର ଜୁଇ ଗାତ ପାଖରେ ବସି ବସି ମନ ଭିତରେ ଯେଉଁ ଅସଂଲଗ୍ନ ଭାବନାର ବୁଢ଼ିଆଣୀ ଜାଲ ବୁଣେ, ସେଇଆକୁ ନେଇ ଏ କବିଟି ଲେଖା ।) ଏଥିରେ ମୋତେ ଉତ୍ସାହ ଦେଇଛନ୍ତି ଖଡ଼୍ଗପୁରର ସାହିତ୍ୟିକ ବନ୍ଧୁ ପଦ୍ମନାଭ ମହାପାତ୍ର, ସାଲେପୁରର ସ୍ୱପ୍ନବିଭୋର କବି ମାୟାଧର ଜେନା, ଜଗତ୍‌ସିଂହପୁରର ନୀରବ କର୍ମୀ ପ୍ରିୟନାଥ ଦେ ଓ ଖଡ଼୍ଗପୁର ପ୍ରବାସୀ ଓଡ଼ିଆ ସଂଘର ସାଥୀ ରବିନାରାୟଣ ନନ୍ଦ ଓ ଦାମୋଦର ରଥ । ଆଉ ଅଶେଷ କଷ୍ଟ ସ୍ୱୀକାରପୂର୍ବକ ତାଙ୍କର କର୍ମ-ବହୁଳ ଜୀବନର ବହୁମୂଲ୍ୟ ସମୟ ନଷ୍ଟ କରି ପାଣ୍ଡୁଲିପିଟି ଆମୂଳଚୂଳ ସଂଶୋଧନ କରି ଦେଇଛନ୍ତି ମୋର ପୂଜନୀୟ ବାଲ୍ୟଗୁରୁ ଓ ଉତ୍କଳର ଜଣେ ଖ୍ୟାତନାମା ସାହିତ୍ୟିକ, ବସନ୍ତ-କୋକିଳ ଶ୍ରୀଭଗବାନ ପତି । ମୁଁ ସମସ୍ତଙ୍କୁ ମୋର ଆନ୍ତରିକ ସ୍ନେହ, ଶ୍ରଦ୍ଧା, ଭକ୍ତି ଓ କୃତଜ୍ଞତା ଜଣାଉଛି ।

ଲେଖକ

ବାଲେଶ୍ୱର
୧୫-୧୨-୧୯୪୭

କଲ୍ୟାଣି !

ଜୀବନରେ କେଇଟି ଦିନ ସଂସାର କରି ଯାହା ଅନୁଭୂତି ପାଇଛି, ଯେଉଁ ସୁଖ, ଦୁଃଖ, ଅଭାବ, ଅସୁବିଧା ନିଜ ଅଙ୍ଗେ ନିଭେଇଛି; ଆଉ ଦୁନିଆର ଶ୍ରେଷ୍ଠ ଜୀବ ମଣିଷ ଜାତିର ଯେଉଁ କୂଟ, କପଟ, ଛଳନା, ପ୍ରତାରଣା ଦେଖି ଦେଖି ମୁଁ ଆଜି ପଥର ପାଲଟି ଯାଇଛି, ସେହି ସାଂସାରିକ ଜୀବନର ଦୁଃଖ ସୁଖ କେଇପଦ ଆଜି ତମକୁ ଲେଖି ବସିଛି । ମୋର ଏଇ ସାନ ସାନ କଥାଗୁଡ଼ି ମାନି ଯଦି ତୁମେ ଦୁନିଆ ଭିତରେ କେଇଟି ଦିନ ଚଳିଯାଅ, ତେବେ ତମେ ହେବ ଜଣେ ମଣିଷ ଭଳି ମଣିଷ—ଆଦର୍ଶ ନାରୀ—ଉପଯୁକ୍ତ ଘରଣୀ ।

ତମେ ଜାଣ, ମଣିଷ ଜନ୍ମ ହେଲେ ଦିନେ ନା ଦିନେ ମରେ । ଆମ ଆଗରୁ କେତେ ଲକ୍ଷ ଲକ୍ଷ, କୋଟି କୋଟି ମଣିଷ ଏହି ଦୁନିଆରେ ଜନ୍ମ ହୋଇ ହସି ଖେଳି, ଭୋଗ ବିଳାସ କରି ପୁଣି ମଶାଣିରେ ଧୂଳି, ମାଟି ଦେହରେ ମିଶି ପାଉଁଶ ହୋଇ ଯାଇଛନ୍ତି । କେତେ ଆସୁଛନ୍ତି, ଯାଉଛନ୍ତି—ତାର ଖବର ରଖୁଛି କିଏ ? ଏଇ ଦି ଦିନିଆ ଦୁନିଆରେ ମଣିଷ କିନ୍ତୁ ଏସବୁ ଦେଖି ନ ଦେଖିଲପରି କେତେ ଦମ୍ଭ, ଗର୍ବ, ଅଭିମାନ କରୁଛି—କେତେ କୂଟ, କପଟ, ଜାଲ, ଜୁଆଚୋରି କରି ବାହାଦୁରି ଦେଖାଉଛି । ସତେ ଯେପରି ସେ ତମ୍ବାର ମୁଣ୍ଡ ବାନ୍ଧିଛି—ଆରପାରିରୁ ଡାକ ଆସିଲେ ସେଥିରୁ ଉବୁରି ଯିବ । କିଏ ସୁନା, ରୁପା, ଧନ ଦଉଲତରେ ବଡ଼େଇ କରି ଧରାକୁ ସରା ମନେ କରୁଛି ତ କିଏ ପାଠଶାଠର ଗର୍ବରେ ମଣିଷ ଚିହ୍ନୁ ନାହିଁ । ପୁଣି କିଏ ଚିତା ଚଇତନ କାଟି ମୁହଁରେ ମିଠା କଥା କହି ଭିତରେ ଭିତରେ

ଗରିବଗୁରୁବାଙ୍କ ତଣ୍ଟି କାଟୁଛି ତ କିଏ ପ୍ରେମିକପ୍ରବର ସାଜି ଅସହାୟ ବିଧବା ଝିଅ ବୋହୂଙ୍କୁ ଘରୁ କାଢ଼ିଆଣି ବିଚ୍ ଦାଣ୍ଡରେ ଛିଡ଼ା କରି ଦେଇ ନିଜେ ଝାଡ଼ଝୁଡ଼ ହୋଇ ବସୁଛି । ବିଚିତ୍ର ଏ ଦୁନିଆ ! ଏଠି ଯେ ଚହଟ-ଚାକଣ କଥା କହି କଳାକୁ ଧଳା, ଧଳାକୁ କଳା କରି ପାଞ୍ଚଜଣଙ୍କ ଆଖିରେ ଭେଲକି ଲଗେଇ ପାରେ, ସେଇ ଏକା ଭଲ ମଣିଷ । କିନ୍ତୁ ଯିଏ ହଳିଲି ପାଣିକି ଗୋଡ଼ ନ ବଢ଼ାଇ ନିହାତି ଜଗି ଆପଣା ଦୁଃଖଧନ୍ଦାରେ ଲାଗିଥାଏ, ସେ ଅମଣିଷିଆ, ନିର୍ବୁଦ୍ଧିଆ, ପଶୁ । ଏମିତିକା ଯୋଉ ଦୁନିଆ, ଏମିତିକା ଯୋଉ ମଣିଷ ଜାତି ତା ଭିତରେ ଆମେ ଟିକିଏ ସାବଧାନ ହୋଇ ନ ଚାଲିଲେ ଆମ ମଣିଷ ଜୀବନ ବୃଥା । ଆମେ ବି ପାଞ୍ଚ ପଚିଶଙ୍କ ଭଳି ଦିନେ ମରି ହଜି ଗାଁ ମଶାଣିର ହାଡ଼, ପାଉଁଶ ଗଦାରେ ମିଳେଇ ଯିବା ସିନା, କିନ୍ତୁ ଜୀବନରେ ସାର ଜିନିଷ କିଛି କରି ପାରିବା ନାହିଁ । ତେଣୁ ଏ ବେଉସାଦାରୀ-ଦୁନିଆର ହୋହୋରେ ନ ମାତି, ଚାଲ ଆମେ ଆଉ ଗୋଟିଏ ନୂଆ ବାଟ ଧରିବା—ଆଉ ଆଜଠୁ ସେହି ଅରମାବାଟକୁ ଓଳେଇ ଆଳେଇ ଝୁଣ୍ଟିକନା ଦେଇ ସଫା ସୁତୁରା କରିବା । ତମେ ଭାବୁଥିବ, ସେ ନୂଆ ଅମଡ଼ା ବାଟରେ ଆମେ ଏକୁଟିଆ ଗଲେ ଆମକୁ ଡ଼ର ମାଡ଼ିବ, କିନ୍ତୁ ନାଁରେ ପାଗଳ—ସେଠି ଡର ଭୟର କାରଣ କିଛି ନାହିଁ । ଯୋଉ କଣ୍ଟା ଝଣ୍ଟା, ଅନ୍ଧାରିଆ ଜଙ୍ଗଲର ବାଘଭାଲୁକୁ ତମେ ଡରୁଛ—ତା ଅପେକ୍ଷା ବେଶୀ ଭୟଙ୍କର; ବେଶୀ ରକ୍ତଶୋଷା ଆମର ଏ ସଭ୍ୟ ମଣିଷ ଜାତିଟା । ବାଘ ଭାଲୁ ପେଟଭୋକ ସମ୍ଭାଳି ନ ପାରି ଆହାର ଖୋଜ୍ ଖୋଜ୍ ଦେବାରୁ ମଣିଷଟାଏ ହାବୁଡ଼ରେ ପଡ଼ିଗଲେ ତାକୁ ମାରି ଖାଏ ସିନା କିନ୍ତୁ ଆମର ଏ ସଭ୍ୟ, ଶିକ୍ଷିତ ମଣିଷ ଘିଅରେ ଖାଇ ଦୁଧରେ ହାତ ଧୋଉଥିଲେ ବି ଖାଲି ଧନ ଲୋଭରେ ନିଜ ଫୁଲିଲା ପେଟକୁ ଆଉ ଦି'ଆଙ୍ଗୁଳ ଫୁଲେଇବା ପାଇଁ ନିତି ପ୍ରତି କେତେ ଜାଲ, ଜୁଆଚୋରି, ଦଗାବାଜି କରି କେତେ ବଣ୍ଡୀ ଖଣ୍ଡି, ଗରିବ ଗୁରୁବାଙ୍କ ରକ୍ତ ଶୋଷନ୍ତି । ଆପଣା ଭାଇ ବନ୍ଧୁ, ସାହି ପଡ଼ିଶାଙ୍କ ରକ୍ତ ମାଉଁସ ଖାଇ ଯୋଉ ମଣିଷ ଓଡ଼ଶଙ୍କ ଭଳି ପେଟ ଫୁଲାଏ, ସେ କ'ଣ ବଣର ପଶୁଠାରୁ ବେଶୀ ଭୟଙ୍କର ନୁହେଁ ? ତା'ହେଲେ ସେହି ମାନ୍ଧାତା ଅମଳର ପୁରୁଣା ଶଗଡ଼ଗୁଳା ଛାଡ଼ି ଶ୍ୟାମଳ ବନର ଗହଳ ଗଛ ଛାଇ ତଳେ ଗୋଟିଏ ନୂଆ ସରୁ ବାଟ ଓଲାଇ ତା ଉପରେ ଚାଲିବାକୁ ଆମେ ଡରିବା କାହିଁକି ?

# ପରୋପକାର

ସକାଳ ଆଉ ସଞ୍ଜ, ଜନମ ଆଉ ମରଣ—ମଝିରେ ମୋଟେ ଦିନ କେଇଟା ଗୃହୁଁ ଗୃହୁଁ ନଈ ସୁଅ ଭଳି ଗଡ଼ି ଗ୍ଲଲିଯାଏ । ସେହି ଦିନ କେଇଟାକୁ ଯଦି ଆମେ ଜଗତର ହିତରେ ବା ପରର ମଙ୍ଗଳ କାମନାରେ ନ ଲଗାଇ ଖାଲି ନିଜ ସୁଖଭୋଗରେ କଟାଇ ଦେଉ, ତେବେ ଆମ ବୁଦ୍ଧି, ବିବେକ, ମଣିଷପଣିଆ ରହିଲି କେଉଁଠି ? ମନେ ଅଛିନା, ପିଲାଦିନର ପଢ଼ା ସେହି ଶ୍ରେଷ୍ଠ କବିତା କେଇପଦ—

"ଜନମି ଗର୍ଭୁ ଯେଉଁକ୍ଷଣି । ଜନ୍ମି ଛୁଇଁଲ ଏ ଧରଣୀ ॥
ତୁମ୍ଭଙ୍କୁ ଦେଖି ହର୍ଷଭରେ । ହସିଲେ କେତେ ନାରୀ ନରେ ॥
କିନ୍ତୁ ହେ ତୁମ୍ଭେ ମାତୃକୋଳେ । କ୍ରନ୍ଦନ କଲେ ମହାରୋଳେ ॥
ଏବେ ଦୁର୍ଲ୍ଲଭ ଏ ଜୀବନ । ଏମନ୍ତ କର ହେ ଯାପନ ॥
ଯେମନ୍ତେ ହେ ଶାନ୍ତ ଭାବେ ବସି । ଆନନ୍ଦେ ତୁମ୍ଭେ ହସି ହସି ॥
ମୁଦିବ ଅନ୍ତେ ନେତ୍ରଡୋଳେ । କିନ୍ତୁ କାନ୍ଦିବେ ମହାରୋଳେ ॥
ଶୋକେ ଆକୁଳ ନରନାରୀ । ନୟନୁ ଢାଳି ଅଶ୍ରୁବାରି ॥

(ସାହିତ୍ୟ-କୁସୁମ)

ଏ ଦୁନିଆରେ ଏମିତି କିଛି କାମ କରିଯିବା ଉଚିତ, ଯେମିତି କି ଆମେ ମରି ହଜିଗଲେ ବି ଲୋକେ ମନେ ପକାଉଥିବେ । ଆମ ଧନ ଦଉଲତ, ମାନ ମହତ, ପିଲା କବିଲା ସବୁ ଦି'ଦିନିଆ । ଆମର ଏ ଚକମକିଆ ପୋଷାକ, ସଉଖିନିଆ ଦେହ ସବୁ ଦିନେ ଜଳନ୍ତା ନିଇର ରଡ଼ ନିଆଁରେ ପାଉଁଶ ହୋଇ ମାଟି ସଙ୍ଗରେ ମିଶିଯିବ । ତେବେ କାହିଁକି ଅଢ଼େଇଦିନ ପାଇଁ ବଡ଼େଇ କରିବା ? ଧନୀ ତାହାର ସାତ ମହଲା, ସରଗଲଗା କୋଠା ଭିତରେ ଭୋଗ ବିଳାସରେ ବୁଡ଼ି ରହି ନିତି ମାଂସ ପଲଉ ଖାଉ, ଆମେ କିନ୍ତୁ ଏହି ଝାଟିମାଟି କାନ୍ଥିଦିଆ ପତରକୁଡ଼ିଆ ଭିତରେ କାନସିରି ଶାଗ, ବାସୀ ପଖାଳ ଖାଇ ପଡ଼ି ରହିବା । ଦୁଃଖ, ଜଞ୍ଜାଳ, ଭୋକ, ଉପାସରେ ବି ଆମେ କରି ଗ୍ଲଲିବା କାମ—ନିଜ ପାଇଁ ନୁହେଁ, ପର ପାଇଁ; ଖାଲି ଆପଣା ପେଟ ପାଇଁ ନୁହେଁ, ଦୁନିଆର ଶତଶତ ଗରିବ, ଦୁଃଖୀ, ଦରିଦ୍ର, ରୋଗୀ, ଶୋଷୀ, ଭୋକିଙ୍କ ପାଇଁ । କିଏ ଦୁଃଖ, ବିପଦରେ ଗ୍ଲଙ୍ଗି ପଡ଼ୁଛି—

ତାକୁ ଟିକିଏ ସାହା ହୋଇ ଆହା ବୋଲି କହିବା; କିଏ ତିନି ଦିନ ହେଲା ଖାଇ ନାହିଁ—ଭୋକରେ ଆଉଟି ପାଉଟି ହେଉଛି—ହୁଏତ ଆଉ ଘଡ଼ିକରେ ତା'ପ୍ରାଣ ବାହାରିଯିବ—ତାକୁ ମୁଠିଏ ଖାଇବାକୁ ଦେବା; ଅନ୍ଧ ଲୋକ ବାଟ ପାଉନାହିଁ, ତାକୁ ବାଡ଼ି ଖଣ୍ଡେ ଦେଇ ବାଟ ଦେଖେଇଦେବା, ଗରିବପିଲା ପାଠ ପଢ଼ିବାକୁ ପଇସା ପାଉନାହିଁ, ତାକୁ ନିଜର ଶକ୍ତି ମୁତାବକ ସାହାଯ୍ୟ କରିବା; ଗରିବ ବୁଢ଼ୀଟିଏ, ତାର ଏକୋଇରବଳା ଝିଗିକେଶନି ପୁଅଟିକୁ ଆଠଦିନ ହେଲା ଜ୍ୱର, ପଥିପାଚନ ପାଇଁ ବିଚାରି ବୁଢ଼ୀଟି ପାଖରେ କାଣି କଉଡ଼ିଟିଏ ନାହିଁ, ତାକୁ ଆମ ପେଟରୁ କାଟି, ଆମ ପଖାଳଭାତର ଲୁଣ କଣା ପଇସାରେ ସାଗୁ, ବାଲି, ଓଷୁଅ କିଣିଦେବା—ଏମିତିକା ଛୋଟ ବଡ଼ କେଇଟି କାମ ପର ପାଇଁ ଆମେ କ'ଣ କରିପାରିବା ନାହିଁ ? ଆମେ ସୁଖରେ ରହି ଡାଲି ଭାତ ଖାଉଥିବା, ଆଉ ଆମରି ଚାଳକୁ ଚାଳ ନାଗିଥିବା ପଡ଼ିଶା ଘରେ ତିନି ଦିନ ହେଲା ଚୁଲି ଜଳି ନ ଥିବ, ତା' ଚୁଙ୍ଗୁଡ଼ି ବାଛୁରି ପିଲା ଛୁଆଗୁଡ଼ିକ ଭୋକ ଉପାସରେ ଆଟୁପାଟୁ ହେଉଥିବେ, ଏଥିରେ କ'ଣ ଆମେ ସୁଖୀ ହୋଇପାରିବା ? ଆମ ଗାଆଁ ଶଅରସାହିର ଗରିବ ବୋହୂଟିଏ—ପୋଖତ ନାଡ଼ରେ ଟିକିଏ ଆମ୍ବୁଲ ଦକଟି ବାସୀତୋରାଣୀ ମୁନ୍ଦାଏ ପିଇ ଦେଇଥିଲା, ଅବିକା ଫୁଲି ଗଲଗଣ୍ଡ ହୋଇ ଯାଇଛି—ସେଥିରେ ପୁଣି ଛୁଆଟା ଦୁଧ ଖାଇପାରୁ ନାହିଁ ଯେ ବାଆଁ ପାଖରେ ଥନହରା ପଡ଼ି ବିଚାରି ବତିସାବ ଛଟପଟ ହେଉଛି । ଏତେବେଳେ ଯଦି ଆମେ ଗାଁ ବଇଦଠୁ ଦି'ପାନ ଓଷଧି ଆଣି ତାକୁ ନ ଦଉ, ତେବେ ଆମ ମଣିଷପଣିଆ ରହିଲା କୋଉଠି ? ଗାଁରେ ଚାଟଶାଳୀଟିଏ ନାହିଁ, ଛୁଆଗୁଡ଼ାକ ମୂରୁଖ ହୋଇ କିଏ ସୋଟ ମାରି ବଜା ବସାଇ ମାଛ ଧରୁଛି ତ କିଏ ନଙ୍ଗଳା ହୋଇ ଟିଣ ବାଡ଼େଇ ମାଙ୍କଡ଼ ହୁରୁଡ଼ଉଛି; କିଏ ଯୁଆ ବାଡ଼ରେ ପଶି କାଲୁଡ଼ି ଫେର କଲଣି ତ କିଏ ତା' ଆକୁ ବଳରେ ଗାଞ୍ଜ ପୂରେଇ ଦେଲଣି—ଟିକିଏ ମାନଥାନ ନାହିଁ, ମୁହଁରେ ବାର ବଜକଟା ଗାଳି । ଏଇ ଛୁଆଗୁଡ଼ିଙ୍କୁ ମଣିଷ କରିବାକୁ ଯଦି ଆମେ ଗାଁ ଲୋକଙ୍କୁ ନେହୁରା ନିମନ୍ତ କରି ଇସ୍କୁଲ ଖଣ୍ଡିଏ ନ ବସାଇ ପାରୁ, ତେବେ ଆମ ପାଠ ଶାଠ, ଧନ ଦରବର ମୂଲ୍ୟ କ'ଣ ? ଏମିତି ସାନ ବଡ଼ କେତେ କାମ ରହିଛି । ଏଇଆକୁ କହନ୍ତି ପର ଉପକାର, ସେବା; ଏଇ ହେଉଛି ଦୁନିଆରେ ସବୁଠୁ ସାର କଥା । ଆମେ

ଦିନେ ମରି ହଜି ଏଇ ବୁଢ଼ା ବରଗଛର ବେଣାବୁଦା ତଳେ ଲୁଚିଯିବା, କିନ୍ତୁ ଆମେ ଯଦି ଟିକିଏ ପର ଉପକାର କରିଥିବା, ଟିକିଏ ରଙ୍କୀ, ଭିକାରୀଙ୍କ ତୁଣ୍ଡରେ ଢୋକ ଦେଇଥିବା, ତେବେ ଯେତେ ଦୀନ ହୀନ ହେଲେ ବି ଆମ ମଲା ଅନ୍ତେ ଲୋକେ ନିଶ୍ଚୟ ଟିକିଏ 'ଆହା' ବୋଲି କହିବେ। ଏହି କଣା, କୁଜା, ଦୁଃଖୀ ରଙ୍କୀଙ୍କ ଥାଳରେ ମୁଠିଏ ଦେଲେ 'ଭଗବାନ ଭଲ କରନ୍ତୁ' ବୋଲି ଯୋଉ ପଦିକ ମିଳେ, ତା' ପ୍ରକୃତରେ ସତ ହୁଏ । ଚଉରାମୂଳେ ସଞ୍ଜ ଦେଇ ମୁଣ୍ଡ ବାଡ଼େଇ ଠାକୁରଙ୍କୁ ଡାକିଲେ ଯେତେ ଧରମ ହୁଏନା କି ପଥର ଦେଉଳର କାଠ ପାଷାଣ ଦିଅଁଙ୍କ ଠେଇଁ ୧୦୮ ପଦ୍ମଫୁଲ ଚଢ଼େଇଲେ ଯୋଉ ଫଳ ମିଳେନା, ତା ମିଳେ ଏହି ନରନାରାୟଣ ଚଳନ୍ତି ଦିଅଁ ମଣିଷଙ୍କ ସେବାରୁ।

## ତ୍ୟାଗ

ଏହି ଲୋକସେବା କରିବାକୁ ଗଲେ ଆଗ ଲୋଡ଼ା ହୁଏ ତ୍ୟାଗ। ଆମ ଗାଉଁଲି ଭାଷାରେ ତ୍ୟାଗ ମାନେ ନିଜ ସୁଖ ସରାଗ ମୁରୁଛି, ନିଜେ ଦୁଃଖ କଷ୍ଟ ସହି ଗତର ଖଟେଇ ପର ପାଇଁ କାମ କରିବା । ଆମ ପଡ଼ିଶା ଘର ଚୁଲିରେ କାଲିଠୁ କୁହୁଳା ପଡ଼ିନାହିଁ । ତମେ କହୁଛ, ତାଙ୍କ ପିଲା ଛୁଆଙ୍କ ମୁହଁରେ ଟିକିଏ ଆହାର ଦେବ ? ତା' ହେଲେ ଆମ ଭାତରନ୍ଧା ଚାଉଳରୁ ପୋଷେ କି କୁଣ୍ଡାଏ କମେଇବାକୁ ପଡ଼ିବ । ଭିକାରୁଣୀଟା— ଜାଡ଼ରେ ଥୁରୁ ଥୁରୁ ହୋଇ ସତର ଗଇଣ୍ଠା ଛିଣ୍ଡା କନିଟାଟାକୁ ଟାଣିଟୁଣି ଘୋଡ଼ି ହଉଛି । ତମେ କହୁଛ, ତାକୁ ଖଣ୍ଡିଏ ଭଲ ଦରବା ଦେବ ? ତେବେ ତମ ପୁଅ ପାରିଶୁଆ ଦର ଚଦର ଖଣ୍ଡିକ ଦେବାକୁ ହେବ । ଏହି ଚାଉଳ କୁଣ୍ଡାକର ଲୋଭ ଏଡ଼ିଦେବା ବା ଚଦର ଖଣ୍ଡିକର ମୋହ ତୁଟେଇ ଦେବାର ଅର୍ଥ ହେଉଛି ତ୍ୟାଗ । ତେଣୁ ଆମେ ଆଗ ହାସଲ କରିବା ଏହି ତ୍ୟାଗ ଗୁଣଟିକି । ଅଧିକା ପଇସାଏ ଭିକାରୀକି ଦେଇଦେଲେ ଆମେ ଗରିବ ହୋଇଯିବା ନାହିଁ, କି ନିତି ନିତି ନଅ ଭୁ'ଣ ଛ'ଭଜା ନ ଖାଇଲେ ଆମ ଭାତଗୁଣ୍ଡା ଅଟକି ଯିବ ନାହିଁ । ତେବେ କାହିଁକି ଆମେ ତ୍ୟାଗ କରି ପାରିବା ନାହିଁ ? ଆମ ଭୋଗ ବିଳାସରୁ ଟଙ୍କାଏ ମସାଏ କମାଇ, ବାସନା ତେଲ, ସାବୁନ କି ପାନ ଗୁଆ ଛାଡ଼ିଦେଲେ କଣ ଆମେ

ଚଳି ପାରିବା ନାହିଁ ? ଆମ ମାଣିଆବନ୍ଧୀ ଯୋଡ଼, ଫୁଲପକା ଶାଢ଼ୀ ଆଉ ଡାଇମନକଟା ଚୁଡ଼ି ବଦଳରେ କ'ଣ ଆମେ ଘଡ଼ୁସିଆପାଟଣା ମୋଟ ଖଦି, କେନ୍ଦୁପାଟଣିଆ ହାତବୁଣା ବେଡ଼ଣ ଆଉ ରୂପାକାଚ ଦି ଦି ପଟରେ ଧନ କେଇଟା ସୁରୁଖୁରୁରେ କଟେଇ ପାରିବା ନାହିଁ ? ତେବେ କାହିଁକି ମାଖୁନାକୁ ଫଟକ ବଣିନ ସାଜିବା ? ଦୁନିଆର ଅଧା-କନ୍ଦରେ କେତେ ଅଗଣନ୍ତା ମଣିଷ ଯେ ଦି ବେଳା ମୁଠାଏ ପେଟ ପୂରାଇ ଖାଇବାକୁ ପା'ନ୍ତି ନାହିଁ କି ମୋଟା ରେଟା, ଛିଣ୍ଡା ଗଇଣ୍ଠା ଖଣ୍ଡେ ପିନ୍ଧିବାକୁ ପା'ନ୍ତି ନାହିଁ । ତେବେ ଆମେ କାହିଁକି ବଡ଼ଲୋକ ଦେଖେଇ ହେବା ? ନା, ଆମେ ସେ ଲୋକଦେଖାଣିଆ ବାବୁଗିରି ନ କରି ଫିଟେଇବା ଗୋଟିଏ ନୂଆ ବାଟ, ଗୁଡ଼ିବା ଟିକିଏ ନିଜର ସ୍ୱାର୍ଥ, ଆଉ କରିବା ଟିକିଏ ଲୋକ-ସେବା, ଟିକିଏ ଦେଶକାମ—ଯୋଉଟା ହେଉଛି ଦୁନିଆର ସାରକଥା ।

## ପତିସେବା

ସାଧାରଣ ମଣିଷ ହିସାବରେ ଲୋକସେବା ଯେପରି ବଡ଼ କାମ, ସ୍ତ୍ରୀ ହିସାବରେ ସ୍ୱାମୀସେବା ସେହିପରି ପ୍ରଥମ କର୍ତ୍ତବ୍ୟ । ସ୍ୱାମୀ ହିନ୍ଦୁନାରୀର ଜୀବନ-ସର୍ବସ୍ୱ, ଦେବତା ତୁଲ୍ୟ । ସ୍ୱାମୀର ମୁହଁର ହସ ଆଉ ଆଖିର ଲୁହରେ ଯୋଉଁ ସ୍ତ୍ରୀ ଭାଗ ନେଇପାରେ, ସେ ପ୍ରକୃତ ସହଧର୍ମିଣୀ । ଯୋଉଠି ସ୍ୱାମୀ ସ୍ତ୍ରୀ ଆପଣା ଦୁଃଖସୁଖ ବୁଝି, କଳିକଜିଆ ନ କରି ପାଞ୍ଚରାତି ସୁରୁ-ଖୁରୁରେ ଚଳିଯାନ୍ତି, ସେ ଘର ବୈକୁଣ୍ଠପୁର ଭଳି ଚିର ଶାନ୍ତିମୟ ।

ବଡ଼ଲୋକ ଘର—ଶିଲ୍କ ବ୍ଲାଉଜ ଉପରେ ଦାମିକା ଗୋଲାପୀ ଶାଢ଼ୀ ପିନ୍ଧି ଯୌବନର ରୂପ ସମ୍ଭାର ମେଲାଇ 'ସବିତା' ବସିଛି ଟେବୁଲ୍ ହାରମୋନିୟମ ପାଖରେ । ଅତର ବାସନାରେ ଘର ମହକି ଉଠୁଛି । ପିଠି-ଉପରେ ଲମ୍ବି ହୋଇ ପଡ଼ିଥିବା ବେଣୀ ଅଗରେ ଦରଫୁଟିଲା ସଜ ମଲ୍ଲୀକଢ଼ର ପେନ୍ଥା, କେତକୀ ଫୁଲର ରେଣୁ ଭଳି ମୁହଁ ଯାକ ଧଳା ପାଉଡ଼ର, ଓଠରେ ସାହେବୀ ଫେସନର ଲିପ୍‌ଷ୍ଟିକ୍, ଗୋଡ଼ରେ ଜରିଲଗା କାନପୁରୀ ଚପଲ । ଦୋମହଲା ଉପରେ ଶ୍ରାବଣ ସଞ୍ଜର ଭରା ଆକାଶକୁ ଚୁମ୍ବି ଚୁମ୍ବି ସେ ମେଲି ଦେଇଛି ସଙ୍ଗୀତର ତରଳ ସୁଅ । ବାହାରେ 'ମନମୋହନ'ର ମଟର ହର୍ଣ୍ଣ ଶୁଣାଗଲା । କର୍ମକ୍ଳାନ୍ତ ଜୀବନର ଅବସାଦ

ମେଣ୍ଟାଇବାକୁ ସେ ଫେରି ଆସିଛି ଘରକୁ, ଶ୍ରାନ୍ତି ପାଇବାକୁ ସେ ଫେରି ଆସିଛି ସବିତା କୋଳକୁ । କିନ୍ତୁ ସବିତା ଉଠିଯାଇ ହସି ହସି ସ୍ୱାମୀକୁ ପାଛୋଟି ଆଣିଲା ନାହିଁ । ଗୀତଟା ଅଧାକରି କେମିତି ଉଠିଯିବ ? ସେଇଠି ଚାକରକୁ ଇଙ୍ଗିତ ଦେଲା ବାବୁଙ୍କୁ ଜଳଖିଆ ଦେବାକୁ । ଅନ୍ଧାର ଘରର ସୁଇଚ୍ ଟିପି ସୁଟ୍ ଖୋଲୁ ଖୋଲୁ ବାବୁ ଦେଖିଲେ ଚାକରଟି ରୂପା ଡିସ୍‌ରେ ଲୁଚି, ମହନଭୋଗ ଘେନି ଓହ୍ଲେଇ ଆସୁଛି ତଳକୁ । ବାବୁଙ୍କ ମୁହଁ ଫିକା ପଡ଼ିଗଲା ।......

ଏଣେ ଡୁ ଡୁ ମେଘ ଗାଜୁଛି । ମୁହଁସଞ୍ଜ ହୋଇ ଆସିଲାଣି, ଜହ୍ନି-ଫୁଲଗୁଡ଼ା ବାରିରଞ୍ଜାରେ ଫୁଟି ଉଠିଲାଣି ଛତୁ ଭଳିଆ । ମେଞ୍ଚାଏ ମେଞ୍ଚାଏ ପାଉଁଶିଆ ଧୂଆଁ ଓଦା ପିଡ଼ା ଉପରୁ ଗୁଡ଼େଇ ଗୁଡ଼େଇ ହୋଇ ଉପରକୁ ଉଠୁଛି । ବାଉଁଶ ଗାଡ଼ିଆ ଭିତରୁ ବେଙ୍ଗଗୁଡ଼ା କେଁ କଟର କରି କାନ ଅତରା ପକାଉଛନ୍ତି । "ସାବି" ଜଙ୍ଘ ଉପରୁ ଲୁଗା ଟେକି ଧୋବକନାରେ ସଞ୍ଜ ବଳୁଛି, ଏତିକିବେଳେ କାଦୁଅ ବଲ ବଲ ହୋଇ ସୁନ୍ଦୁପୁଟୁ ଡିନ୍ତ ଡିନ୍ତ ଆସି ପହଞ୍ଚିଛି "ମହନା" । କଳା ବୁଆ ଗୋଛକ ଡିଙ୍କିଶାଳକୁ ପକେଇ ଦେଇ ଠେକା ଫିଟେଇ ସେ ବସି ପଡ଼ିଛି ତା ଘସିଛୁଆ, ଶୁଖିଲା ପିଣ୍ଡା ଉପରେ । ସାବି ସଞ୍ଜ ଥୋଇଦେଇ ମାଠିଆରୁ ପାଣି ଗଡ଼େଇ ନୋଟା ଧରି ଧାଇଁ ଆସିଛି ମହନା ପାଖକୁ । ଗୁନ୍ତି ଉପରୁ ଲୁଗାଟା କେତେବେଳେ ଖସିଯାଇଛି, ତାର ସେଆଡ଼କୁ ମୋଟେ ନଘା ନାହିଁ । ନିଜ ହାତରେ ମହନାର ଗୋଡ଼ ଧୋଇଦେଇ ଆପଣା ଶୁଖିଲା କାନି ଅଗରେ ପୋଛି ଦଉଁ ଦଉଁ ସେ ଜାଣି ପାରିଲା ତା' ଅସାବଧାନତାପଣିଆ । ମହନା ମୁରୁକି ମୁରୁକି ହସି ତା' ଲୁଗାକୁ ଆଉ ଟିକିଏ ଟାଣିଦେଲା...ଲାଜରେ ସଡ଼ି ଯାଇ ସାବି ପଳେଇଲା ଘର ଭିତରକୁ । ଆଉ ଡିବି ନଗେଇ ଆଗ ବାଢ଼ି ବସିଲା ମହନା ପାଇଁ ମାଣ୍ଡିଆ ଜାଉ, କଳମ ଶାଗ, ଲୁଣ, ଲଙ୍କା, ଆମ୍ବୁଲ ।

ତମେ ନିଜେ କୁହ, ସୁଖୀ କିଏ ? ମଟରଚଢ଼ା ମନମୋହନ ବାବୁ, ନା ମୂଲିଆ ମହନା । ଶାନ୍ତି କୋଉଁଠି ? ସବିତାର ମନମତାଣିଆ ଗୀତ ଭିତରେ, ନା ଗାଉଁଲି ଝିଅ ସାବିର ଅକପଟ ସ୍ନେହ, ଶରଧା ଭିତରେ ? ସୁଖଶାନ୍ତି ଧନରେ ନ ଥାଏ, ଥାଏ ମନରେ । ସାବିର ହସବୋଲା, ସରଳିଆ

ମୁହଁକୁ ଅନେଇ ଅନେଇ ପିଆଜରେ ନୁଣ ମଡ଼େଇ ମହନା ଖାଇଛୁ ଗଅଣ୍ଟୁ ବେଲ୍ ମାଣ୍ଡିଆ ଜାଉ, ଆଉ କସରା ଛଡ଼ା ଆଗରେ ବୁଆ ପକଉ ପକଉ ସାବ ସାଙ୍ଗରେ ହେଇଛୁ କେତେ ଦୁଃଖସୁଖ, କରିଛୁ କେତେ ଥଟ୍ଟାଟାପରା । କିନ୍ତୁ ମନମୋହନ ବାବୁ ? ମୁହଁର ସବୁଗ ମଉଳ ଯାଇଁ ମଲ୍ଲଜହ୍ନ ଭଳ ଶେତା ହୋଇ ଯାଇଛି । ଟିପୟ ଉପରୁ ଉସଟାକୁ ତଳକୁ ଠେଲ ଦେଇ ତମତମ ହୋଇ ବାହାର ଯାଇଛନ୍ତି ଘରୁ. ଆଉ ମନସାଧ ମେଣ୍ଟାଇବାକୁ ମଟର ଧର ବୁଲଯାଇଛନ୍ତି ମିସ୍ "ମେଘମାଳା" ଘରକୁ । ···ଏଇତ ବଡ଼ଲୋକ ଘର ? ଏଇତ ସଉଖାନଆ ବାବୁଗିର ? ଏଥିରେ ନାଁ ଅଛି ସୁଖ, ନାଁ ଅଛି ଶାନ୍ତି । ସେଇଥିପାଇଁ ମୁଁ କହେ, ସ୍ତ୍ରୀ ସ୍ୱାମୀର ସୁଖରେ ସୁଖୀ, ଦୁଃଖରେ ଦୁଃଖୀ ନ ହେଲେ ଯେତେ ଭୋଗ ବିଳାସ ଆମୋଦ ପ୍ରମୋଦରେ ବୁଡ଼ି ରହିଲେ ବି ମନ ଫଟାଫଟି ହୋଇଯାଏ । ଆଉ ଯୋଉ ଘରେ ଗେରସ୍ତ ଭାରିଯାର ମନ ମିଳେ ନାହିଁ, ପୁଣି ଟିକ କଥାକୁ ଇତର ଲୋକଙ୍କ ଘରଭଳି ଢ଼ ବେଳା କଳିକଜିଆ ନାଗେ, ସେ ଘରୁ ଲକ୍ଷ୍ମୀ ଛାଡ଼ି ଯାଆନ୍ତି, ସେ ଘର ନରକଠୁ ବି ହୀନ ।······

ଆଉ ଟେ ଟିଏ କଥା—ସକାଳ ୯ଟାରୁ ସଞ୍ଜ ୬ଟା ଯାଏଁ ଗଧ-ଖଟଣୀ ଖଟି ଖଟି କିରାଣୀ ଫେରୁଛି ଘରକୁ । ଉଶ୍ବାସର ଗୋଟାଏ କରୁଣ ନିଃଶ୍ୱାସ ମାର ସେ ଭାବି ବୁଲୁଛି ଘରଣୀର କେତେ ହାସ, ପରିହାସ, ମାନ ଅଭିମାନ କଥା । ଆଉ ସେହି ସୁନେଲି ଭାବନା ଭିତରେ ସେ ଭୁଲି ଯାଉଛି ତା' ଭୋକିଲା ପେଟର ଦାଉ, ଭୁଲି ଯାଉଛି ସେ ଅଫିସର କୁଡ଼ କୁଡ଼ ଫାଇଲ, ହାକିମର ହତାଦର, ବଡ଼ବାବୁର ଅତ୍ୟାଚାର । ଏମିତି କେତେ କ'ଣ ଭାବି ଭାବି ସେ ଆସି ଧକ୍କା ମାରିଛି ଭଡ଼ାଘରର ଜାଲି ଦୁଆର ପାଖରେ । ୪, ୫ ଡାକ ପରେ ତମତମ ହୋଇ ବେଷେଇ ଘରୁ ବାହାରି ଆସିଛନ୍ତି ଘରଣୀ । ଫୁଙ୍କାନଳୀଟା ହାତରେ ଧରି, ଭୃକୁଣ୍ଡା ମୁହଁଟାକୁ ଫଣଫଣ କରି ଘରଭିତରୁ ବକି ଉଠିଛନ୍ତି—"ମଲି ମୋର, ଯାଉ ଯାଉ ତର ସହୁ ନାହିଁ ? କ'ଣ ଘୋଡ଼ାରେ ଚଢ଼ି ଆସିଛ କି ? ଘରେ ତେଲଠୁଁ ଲୁଣଯାଏ କୋଉଠି କିଛି ନାହିଁ । ଓଦା କାଠଗୁଡ଼ାକ ଯେ ଫୁଙ୍କି ଫୁଙ୍କି କାନ ନାକ ଝାଇଁ ଝାଇଁ ହେଇଗଲିଣି । ଚୁଆ ଦ'ଟାକୁ ପୋଷାରି ପୋଷାରି ମଣିଷ କେତେ ଏ ନିଆଁ ନଗା ଘରେ ଖଟିବ । ତମେ ଆଗ ବଜାର ଯାଇଁ ଶୁଖିଲା କାଠ ଆଣିଲେ ଚୁଲି ନାଗିବ, ନଇଲେ ଏ ଓଦା ସରସର କାଠରେ ହାଣ୍ଡି

ବି କଲା ପଡ଼ିବ ନାହିଁ ।'' ବିଚରା କିରାଣୀଟିର ମୁହଁ କଳାକାଠ ପଡ଼ିଗଲା । ସେ ଭାବିଲା, ଘରଣୀ ହାତରୁ ବାଉଁଶ ନଳୀଟା ଛଡ଼ାଇ ନେଇ ହାଣ୍ଡି କୁଣ୍ଡେଇ ସବୁ ବାଡ଼େଇ ଦେବ ଆଉ ତା' ସାଙ୍ଗରେ ଘରଣୀକ ବେଶ୍ ଦି ପାହାରେ କଷି ଦେବ···ଏଇଟା ବି ନଗ୍ନ ସତ କଥା—ଦିନସାରା କାମ କରି କରି ଭୋକିଲା ପେଟରେ ଘରକୁ ଫେରି ଆସିଲାବେଳକୁ ଯଦି ଏମିତି ମୁହଁ ଛୁଆଁଡ଼ ଏଇଟା ନାହିଁ, ସେଇଟା ନାହିଁ କହି ଘରଣୀ ଘରଯାକର ଅଭାବ ଅସୁବିଧା ବାଢ଼ିବସେ, ତେବେ ମନଟା ଗୁଏଁ ବିଗିଡ଼ି ଯାଏ । ଆଗ ଟିକିଏ ସେ ମୁହଁରେ ପାଣି ଦେଇ ସୁସ୍ଥ ହେଉ, ପଦେ ମିଠା କଥା ଶୁଣି ଆଗ ତା ଶୁଖିଲା ମୁହଁରେ ଟିକିଏ ହସ ଫୁଟୁ—ତା'ପରେ ଯାଇଁ ସେହି ନିତିଦିନିଆ ତେଲଲୁଣର ହିସାବ । ଏତିକ ବୁଦ୍ଧି କଣ ଆମ ଓଡ଼ିଆ ଝିଅଙ୍କର ହେବ ନାହିଁ ?······

କେତେକ ସ୍ତ୍ରୀ ଅଛନ୍ତି, ନିଜ ବାପ ଭାଇଙ୍କ ଧନ, ସମ୍ପତ୍ତିର ବଡ଼େଇ କରି ସ୍ୱାମୀକୁ ଖାତିର କରନ୍ତି ନାହିଁ । ବାପଘରୁ ଯୌତୁକ ଆଣିଥିବା ପାଟଶାଢ଼ୀ, ଖଟପଲଙ୍କ, ସୁନାଗହଣା—ସେଇ ତାଙ୍କର ବଡ଼ ଆଦରର ସାମଗ୍ରୀ । ଶାଶୁଘରର ମାଟିଘରେ ଗୋଡ଼ ଅଗରେ ଟିକିଏ ଧୂଳି ଲାଗିଗଲେ କି ପଡ଼ିଶାଘର କୂଅରୁ ପାଣି ଆଣୁ ଆଣୁ ଶିଉଳିଲଗା ପଥରରୁ ଟିକିଏ ଗୋଡ଼ ଖସିଗଲେ ସାଙ୍ଗେ ସାଙ୍ଗେ କେତେ ଦୋଷ, ରାଗ, ଅଭିମାନ । ଟି'କ କଥାକୁ ବାପଘରର ବଡ଼ଲୋକୀ ଦେଖେଇ ହୋଇ ସ୍ୱାମୀ ସାଙ୍ଗରେ କେତେ କଳି, ଶାଶୁ ସାଙ୍ଗରେ କେତେ ପାହାଡ଼ ତୋଡ଼ ପାଟି ।···

ବଡ଼ଲୋକ ଘରର ଗୋଟିଏ ଝିଅ—ପାଠଶାଠ ପଢ଼ି ନ ଥିଲେ ବି ପିଲାଦିନୁ ଭାରି ଅଲଅଳରେ ବଢ଼ିଛି । ଘରେ ବଳକଟେ ବୋଲି ଛୁଆ—ବାପ, ଦାଦି, ମା, ମାଉସୀ, ଆଦର ଯତ୍ନରେ ଟେକି ଧରିଥାନ୍ତି । ମାଇକିନିଆ ଝିଅଟେ, ପାଠ ପଢ଼ି କ'ଣ ଚାକିରି କରିବ ? ପୁଣି ମାଷ୍ଟରର ଗାଳି ମାଡ଼ ଅଛି । 'କ' 'ଖ', ଧାଡ଼ି ନ ଡେଉଁଣୁ ତାରି ପୋଥିରେ ଡୋରି ବନ୍ଧା ହେଲା । ଖାଲି ଭୋଗ, ବିଳାସର କୋଳରେ—ମା' ବୁଢ଼ୀ ମା'ଙ୍କ ଗେହ୍ଲେଇ କଥା ଭିତରେ ସେ ବଢ଼ି ଉଠିଲା ଫାପୁଲା ଜାପାମା କଣ୍ଢେଇ ଭଳି । ଆଉ ସମସ୍ତଙ୍କ ମୁହଁ ପାଇ ସେ ହେଲା ବଡ଼ ମନମୋଟି, ଉପରମୁହାଁ, କଳିହୁଡ଼ି । ଅନ୍ଧ ବାପ ମା ପୁଣି ତାକୁ ଛାଡ଼ିଦେଲେ ଜଣେ

ଅଧାପାଠୁଆ, ମାଡ଼୍ରୁଆଲୀ ଗୋଦାମର ଗୁମାସ୍ତା ହାତରେ । ଗୁମାସ୍ତା ହେଲେ ବ ଦ ଅକ୍ଷର ପାଠ ପଢ଼ି ସେ ଭାବୁଥିଲା ସରଳିଆ ସୁନାର ସଂସାରଟିଏ ଗଢ଼ିବ । "ମାନସୀ"ର ଭରା ଯୌବନର ଉଚ୍ଛୁଳା ହସକୁ ଚାହିଁ ଚାହିଁ ସେ ଗୁଣ୍ଡୁଚିମୂଷା ଭଳି ତା ଟିକି ଦେହରେ ଧୂଳି ନେଇ ବାଲି-ବନ୍ଧରେ ଝାଡ଼ିବ, କରିବ ଟିକିଏ ପର ପାଇଁ କାମ, ପୋଛିଦେବ ଟିକିଏ କାନ୍ଦିଲା ଆଖିର ଲୁହ । କିନ୍ତୁ ଏତେ ଉଚ୍ଚ ଆଶା ତାର ଦିନ ଦି' ଟାରେ ଆଷାଢ଼ ମାସର ପାଣିଫୋଟକା ଭଳି ମିଳେଇଗଲା ।

"ଲିଲିରାମ" ମାଡ଼୍ରୁଆଲୀର ୮ ଅର ଗଣା ୩୦ଟି ଟଙ୍କା ଧରି ଯେତେବେଳେ ସେ ମାସ ଶେଷରେ ଘରକୁ ଫେରେ, ଗୃହିଣୀଙ୍କର ଆରମ୍ଭ ହୁଏ କେତେ ଗାଇଜଛଡ଼ା ବରାଦ—ଶାଢ଼ୀ, ବ୍ଲାଉଜ, ଟୟଲେଟ, ଏମିତି କେତେ କ'ଣ । ସେଥିରେ ପୁଣି ଟିକିଏ ପ୍ରତିବାଦ କଲେ କେତେ ଘୋଷା, କଜିଆ, ମୁହଁ ଫଣ ଫଣା । ସେ ବୁଝେ ନାହିଁ ସ୍ୱାମୀର ଅଭାବ, ସେ ବୁଝେନାହିଁ ସ୍ୱାମୀର ଦୁଃଖ—ଖାଲି ଦେଖେ ନିଜକଥା, ନିଜ ସୁଖ ଭୋଗ । ସ୍ୱାମୀର ରୁଢ଼ ବଲବଲ ମୁହଁ ଉପରୁ ଶୁଖିଲା ହସ ଟିକିକ ମିଳେଇ ଯାଏ । ତା'ର ଲଗାମଛଡ଼ା ଆଦର୍ଶ ବାନ୍ଧି ହୋଇଯାଏ ଏବଂ ନିତିଦିନିଆ ବାସ୍ତବତାର ମୋଟା ଚକରେ । ତା'ର ମନେ ହୁଏ, ସେ ଚାକିରି କରିଛି ଖାଲି ବେଠିଆଙ୍କ ଭଳି ଗଧ ଖଟଣୀ ଖଟି ଖଟି ସ୍ନୋ, ପାଉଡ଼ର, ସେମିଜ, ସାୟାରେ ଦେବୀଙ୍କୁ ଖୁସି କରିବା ପାଇଁ । ସେ ତାହାର ସହଧର୍ମିଣୀ ବା ସହକର୍ମିଣୀ ବା ସୁଖ ଦୁଃଖ ଭାଗିନୀ ନୁହେଁ—ସେ ତା'ର ସୁଖଶାନ୍ତି ଶୋଷଣକାରିଣୀ, ଗୃହନାଶିନୀ, ରାକ୍ଷସୀ । ସେଇଠି ତା ମନ ଭାଙ୍ଗିଗଲା । ଷୋଳବରଷିଆ ବଢ଼ିଲା ଝିଅର ଉପୁଚି ଉଠୁଥିବା ଭରା ଯୌବନକୁ ଆଡ଼ଆଖିରେ ନ ଚାହିଁ, ସେଇଠି ସେ ଅଲଗାହୋଇ ଚାଲିଗଲା ଦୂରକୁ ଦୂରକୁ ।...ତମେ ଲୁହ, କାହା ମନ ଏମିତିକା କଥାରେ ବେତାଳିଆ ହୋଇ ନ ଉଠିବ ? ନିତିନିତି ଯା' ନଣନ୍ଦଙ୍କ ସାଙ୍ଗରେ କଳିକଜିଆ, ଗରିବ ସ୍ୱାମୀକି ଅଛାକରି କେତେ ଟାଉଁ ଟାଉଁ କଥା, ଟିଁ'କ କଥାରେ ରୁଷି ଶୁଆ—କିଏ ବା ଏଥିରେ ଧୈର୍ଯ୍ୟ ଧରିବ ? କୋଉ ରୁଷି ଏଥିରେ ବାଳ ଛିଣ୍ଡାଇ ନ ମରିବ ? ବଡ଼ଲୋକ ଘରର ବାପ, ମା' କ'ଣ ଏମିତି ଅଲଅଲ, କାଚକଣ୍ଢେଇ କରି ଝିଅ ଗଢ଼ିବେ । ଏ ଆଲୁଅ ଯୁଗରେ କ'ଣ ତାଙ୍କ ଆଖି ଖୋଲିବ

ନାହିଁ ? ଆଉ ଓଡ଼ିଆ ଝିଅ ବୋହୂ, ଆଜି ବି କ'ଣ ସେହି ପୁରୁଣାକାଳିଆ ସୁନାଗହଣା ପାଇଁ ଅଳିକରି ସ୍ୱାମୀଙ୍କି ଏମିତି ହନ୍ତସନ୍ତ କରିବେ ? ସ୍ୱାମୀଙ୍କ ସୁଖରେ ସିନା ସ୍ତ୍ରୀର ସୁଖ । ସ୍ୱାମୀପାଇଁ ସିନା ସ୍ତ୍ରୀର ଶଙ୍ଖା, ସିନ୍ଦୂର ଉଜ୍ଜ୍ୱଳ ।

ଯୋଉଠି ଏମିତି ମନ ଫଟାଫଟି, ସେଠି ନ ଥାଏ ପ୍ରେମ, ନା ଥାଏ ଭଲପାଇବା । ଖାଲି ଦେହର ଭୋକ ମେଣ୍ଟାଇବାପାଇଁ ସ୍ୱାମୀ ଦିଏ ସ୍ତ୍ରୀକୁ ଚୁମା—କିନ୍ତୁ କ୍ରମେ ଏହି କଞ୍ଚାଦେହର କୁହୁକ ଭୁଟିଗଲେ, ଏହି ଉଚ୍ଛୁଳା ଯୌବନର ଜୁଆର ଛୁଡ଼ି ଆସିଲେ, ଜୀବନରେ ଆସେ ଗୋଟାଏ ମସ୍ତବଡ଼ ଭଟ୍ଟା—ଦି ଜଣ ଏକାଘରେ ରହି, ଏକା ପଲଙ୍କରେ ଦେହକୁ ଦେହ ଲଗାଇ ଶୋଉଥିଲେ ବି ତାଙ୍କ ମନ ହୋଇଯାଏ ଅଲଗା ଅଲଗା, ମୁହଁ ହୋଇଯାଏ ଏ ପାଖ ସେ ପାଖ । ଦୁଃଖ, ଅଶାନ୍ତିରେ ଜୀବନସାରା ସେମାନେ ଜଳି ପୋଡ଼ିହୋଇ ମରନ୍ତି । ସେଇଥିପାଇଁ ମୁଁ କହେ, ଜୀବନକୁ ସୁଖଶାନ୍ତିମୟ କରିବାକୁ ହେଲେ ସ୍ତ୍ରୀ ସର୍ବଦା ସ୍ୱାମୀର ଅନୁଗାମିନୀ ହେବା ଦରକାର । ଏଭଳି ଉପଦେଶରେ ପୁରୁଷର ସ୍ୱାର୍ଥପରତା ରହିଛି ବୋଲି କେତେକ କହି ପାରନ୍ତି । କିନ୍ତୁ ମୁଁ କହେ, ଏମିତି ଭାବିବା ଭୁଲ । ସ୍ତ୍ରୀ ଯଦି ସ୍ୱାମୀର ମନନେଇ ଦିନ କେଇଟା ଚଳିଯାଏ, ତା ଦୁଃଖସୁଖରେ ଭାଗୀହୋଇ ତା' ଅଭାବ, ଅସୁବିଧା, ଆପଦ ବିପଦରେ ସାହାଯ୍ୟ କରେ, ତେବେ ସେମାନଙ୍କ ବନ୍ଧନ ହୋଇଉଠେ ଘନିଷ୍ଟ—ସେମାନଙ୍କ ମନ ଟାଣି ହୋଇ ଆସେ ପାଖକୁ ପାଖକୁ । ସେଥିରେ ଏକା ପୁରୁଷ ସୁଖୀ ହୁଏନା, ସ୍ତ୍ରୀର ଭାରି ମନଟା ବି ହାଲୁକା ହୋଇଉଠେ । ଯେତେ ଦୁଃଖ, ଅଭାବରେ ଥିଲେ ବି ସେମାନେ ପାଆନ୍ତି ଶାନ୍ତି—ରଚନ୍ତି ସୁଖର ସ୍ୱର୍ଗ, ଗଢ଼ନ୍ତି ପ୍ରେମର କୋଣାର୍କ ।......

ଗୃହିଣୀ ପରିବାରର ସମସ୍ତ ସୁଖଶାନ୍ତିର ଆଶ୍ରୟସ୍ଥଳୀ—ସ୍ନେହ ପ୍ରେମର ମୂର୍ତ୍ତିମୟୀ ଦେବୀପ୍ରତିମା । ସେଥିପାଇଁ ସାରାଦିନର ଖଟଣୀ ପରେ ଶ୍ରାନ୍ତକ୍ଲାନ୍ତ ହୋଇ ସ୍ୱାମୀ ଯେତେବେଳେ ଆପଣା ଭଙ୍ଗା କୁଡ଼ିଆକୁ ଫେରି-ଆସେ, ସେତେବେଳେ ସେ ଗୃହିଣୀର ପଦିଏ କଅଁଳ କଥା ଆଉ ଟିକିଏ ମଉଳା ହସରେ ଜୀବନର ସବୁ ଦୁଃଖ, ଅବସାଦ ଘଡ଼ିକେ ଭୁଲିଯାଏ । ସ୍ତ୍ରୀର ହସ ହସ ମୁଁହକୁ ଗୁହିଁ ଗୁହିଁ କବି ଲେଖେ କବିତା, ଚିତ୍ରକର ଆଙ୍କେ ପ୍ରେମର

ନିଖୁଣ ଛବି, ଶିଳ୍ପୀ ଗଢ଼େ ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତି । ସେଇ ହସ ଟିକକ ଭିତରେ ଥାଏ କେତେ ପାରିଜାତର ସୌରଭ, ସ୍ୱର୍ଗର ସୁଧା, ଅଳକାପୁରୀର ମନଲୋଭା ସୁଖଶାନ୍ତି । କିନ୍ତୁ ଏହି ନାରୀ ଯେତେବେଳେ ବନର ନିର୍ମଳ ଝରଣାଟି ଭଳି କଳକଳ ନାଦ କରି ବହି ଚାଲିଥାଏ, ସେତେବେଳେ ଥାଏ ଶାନ୍ତି, ସେତେବେଳେ ଥାଏ ଆଶା ଆନନ୍ଦର କୁହୁକ—ଆଉ ଯେଉଁଦିନ ସେ ବର୍ଷାଦିନର ସର୍ବଗ୍ରାସୀ ନଦୀ ଭଳି ଫେନିଳ ଜିହ୍ୱା ଲହ ଲହ କରି କେତେ ପଶୁ ପକ୍ଷୀ, ଜନମାନବଙ୍କୁ ଆପଣା ଗର୍ଭକୁ ଟାଣିନିଏ, ସେଦିନ ସେ ହୋଇଉଠେ କାଳସର୍ପ ଭଳି ଭୟଙ୍କର । ସେଦିନ ତା' ମଧୁର ହସ ଭିତରେ ଅମୃତର ସତ୍ତା ଲୋପ ହୋଇ, ଫୁଟିଉଠେ କାଳାନ୍ତକ ହଳାହଳ । ସେ ମା ପରିବର୍ତ୍ତେ ହୋଇଯାଏ ରାକ୍ଷସୀ ।...ତେଣୁ ଗୃହିଣୀ ବି କୂଳଖିଆ ଭୀଷଣ ନଦୀ ଭଳି ଉଦ୍ଧତ ନ ହୋଇ ଶାନ୍ତ, ସରଳ ଝରଣାଟି ଭଳି ବିନୟୀ ହେବା ଉଚିତ । ସ୍ୱାମୀ ଓ ଅନ୍ୟାନ୍ୟ ଗୁରୁଜନମାନଙ୍କ ଉପଦେଶ ମାନି ଧୀର-ଚିତ୍ତରେ ହସ ହସ ମୁଖରେ ଦିନ କେଇଟି କଟେଇ ଦେଲେ ସେ ମର୍ତ୍ତ୍ୟରେ ଗଢ଼ିବ ସ୍ୱର୍ଗ, ତା'ର ଘର ହୋଇଉଠିବ ବୈକୁଣ୍ଠପୁର ଭଳି ଚିର ଶାନ୍ତିମୟ । ସେ ହେବ ପ୍ରକୃତ "ଗୃହଲକ୍ଷ୍ମୀ" । ଆଦର୍ଶ ନାରୀର ଆଉ କେତୋଟି ଭଲ ଭଲ ଗୁଣ ଦେଖେଇ ଦେବାକୁ ଏଠାରେ ଗୋଟିଏ କବିତା ଲେଖିଛି । ଆଶାକରେ, ଓଡ଼ିଆ ଝିଅ, ବୋହୂ ଏଥିରୁ ଅନେକ କିଛି ଶିଖିବେ ।

ଏତେ ରୂପ ଥାଉଁ ସୁନ୍ଦରୀ ବୋଲି
　　　　ଅନ୍ତରେ ତିଳେ ଗରବ ନାହିଁ,
ଫୁଲ ଭରେ ନତା ବଲ୍ଲରୀ ସମ
　　　　ଗୁଣ ଭରେ ନତା ସର୍ବଦା ହିଁ ।
ଗୃହରାଜ୍ୟର ରାଜରାଣୀ ହୋଇ
　　　　ଗୃହକିରାଣୀ ସମ ଅନବରତ,
ନିଜ ସୁଖ ଭୋଗେ ନ ଅନାଇ ତିଳେ
　　　　ପରର ସେବାରେ ବିନୟୁକତ ।
ଶାନ୍ତି ସୁଖର ପସରା ମେଲାଇ
　　　　ଦୁଃଖ କଷଣ ଫିଙ୍ଗି ଦୂରେ,
ଗୃହ ସଂସାର କଲ୍ୟାଣ ପାଇଁ
　　　　ଅନ୍ତର ତବ ସତତ ଝୁରେ ।

ଭୁଲିଛ ସକଳ ବିଳାସ ବାସନା
ବସନ ଭୂଷଣେ ଦୃଷ୍ଟି ନାହିଁ,
ହାତରେ ଶଙ୍ଖା ସିନ୍ଦୂର ମାଥେ
ତଥାପି ରୂପର ତୁଳନା କାହିଁ ?
ସାଧା ସିଧା ସେହି ରୂପର ଉହାଡ଼େ
ଖେଳେ କି ଅପାର ତୃପ୍ତି ସତେ,
ଅନାଇଲେ ଥରେ କି ମହା ପୁଲକ
ଜାଗଇ ନିମେଷେ ନିଖିଳ ଚିତ୍ତେ ।
ମଣି ମୁକୁତାର ପାଖ ମାଡ଼ ନାହିଁ
ଚୁଡ଼ି, ବାଲି ସିନା କେବଳ ଭାର,
ପତି ସିନା ଗତି ମୁକତି ନାରୀର
ସେ ଏକା ସତୀର ଅଳଙ୍କାର ।
ପତି ସମ ଆଉ ରତନ ଅଛି କି
ହୀରା, ନୀଳା, ମୋତି ନୁହେଁ ତୁଳନା,
ଧନ୍ୟ ହୋଇଛି ମୋ' ହୀନ କୁଟୀର
ତୁମରି ପରଶ ଲଭି ଲଳନା !
ଷଡ଼ ଐଶ୍ୱର୍ଯ୍ୟେ ମଣ୍ଡିତା ତୁମେ
ଦେବୀ ସମ ମୋର ଗୃହେ ବିରାଜ,
ତୁମ ପାଇଁ ସତୀ ମନ୍ଦିର ସମ
ଏ ହୀନ କୁଟୀର ହୋଇଛି ଆଜ ।
ବିପଦେ ବନ୍ଧୁ, ସମ୍ପଦେ ସଖୀ
ସେବାରେ ଶିଷ୍ୟା ତୁମେ ଗୋ ସତୀ !
ମନ୍ତ୍ରୀ ପରିଏ ମନ୍ତ୍ରଣା ଦେଇ
ଅନ୍ଧାର ଘରେ ଜାଳିଛ ବତୀ ।
ଜୀବନ ମରଣେ ରଙ୍ଗିନୀ ତୁମେ
ସଙ୍ଗିନୀ ବଳି ତୁମଠୁଁ କିଏ,
କାୟା ପଛେ ପଛେ ଛାୟା ସମ ସିନା
ଅନୁସରିବାରେ ଜୀବନ ଯାଏ ।

ସେନେହେ ଜନନୀ ସୋହାଗେ ଭଗିନୀ
ଜୀବନ ମଞ୍ଚେ ଚିର ସାଥୀ,
ବଳପ୍ରିୟା ସେନା ଜୀବନ ଯୁଦ୍ଧେ
ତୁମ ପରି ଆଉ କିଏ ଗୋ ସତୀ !

## ବଡ଼ଲୋକ

ମୁଁ ବଡ଼ଲୋକକୁ ଘୃଣା କରେ ନା, ଘୃଣା କରେ ବଡ଼ଲୋକ ମିଜାଜସବୁ । ତମେ ବଡ଼ଲୋକ ଘରର ଝିଅ—ଦୁଧ, ଘିଅ କ୍ଷୀର, ଖିରସାରେ ଭାସୁଛ, ସୁନା ଗହଣାରେ ଗୋଡ଼ଠୁ ମୁଣ୍ଡପାକେ ଗୁଡ଼ି ହୋଇଛ, ପାଟ ପୀତାମ୍ବରରେ ଗାଁ ଖଣ୍ଡିକରେ ବିଜୁଳି ଆଲୁଅ ଭଳି ଝଲମଲ କରୁଛ । ଯା' ବୋଲି କ'ଣ ସେଥିଁ ଧନ ଦଉଲତରେ ବଡ଼େଇ କରି ତମ ପଡ଼ଶା ଘରର ପିତଳ ଖଡ଼ୁ ପିନ୍ଧା, ଓଢ଼ଣାହିଆ ନୂଆ ଭୂଆସୁଣୀଟିକୁ ଥଟ୍ଟା କରିବ ? ବେଖାତିର କରିବ ? ଘୃଣା କରିବ ? ସେ ତ ତା' ଦଦରା ଗୁହଳ ତଳେ ଖୁଦ ପେଜ ଖାଇ ଭୋକ ଉପାସରେ ପଡ଼ି ରହିଛି, ତମ ଖିରି ପୁରିକୁ ତ ସେ ହାତ ପତାଇ ମାଗୁନାହିଁ । ତା' ସାତତିରି କୋଚଟ ଦରବା ଖଣ୍ଡିକରେ ସେ ମାଘ ମାସର କାଠିଆ ଶୀତରେ ଦେହ ଘୋଡ଼ାଉଛି ପଛକେ ତମ ଗରମ ବ୍ଲାଉଜ୍ କି ଓଭରକୋଟ ଆଡ଼କୁ ତ ସେ ଗୁହୁଁ ନାହିଁ । ପିତଳଖଡ଼ୁ ଭାଙ୍ଗିଗଲେ ହାତରେ କନାଧଡ଼ି ଗୁଡ଼େଇ ସେଦିନ କଟେଇ ଦେଉଛି ପଛକେ ତମ ସୁନାଚୂଡ଼ି, ବାଜୁ, ଅନ୍ତ କି ବ୍ରେସଲେଟ୍ ଆଡ଼କୁ ତ ସେ ଆଡ଼ଆଖିରେ ଅନାଉ ନାହିଁ । ତେବେ ତମେ କାହିଁକି ତାକୁ ବେଖାତିର କରି ଥଟ୍ଟା ପରିହାସ କରିବ ? ବଡ଼ଲୋକ ଘରେ ଜନ୍ମ ହୋଇଛ ବୋଲି ଯଦି ଧନ ଗର୍ବ କରି ମନମୋଟ କରୁଥାଅ, ତେବେ ବଡ଼ ଭୁଲ୍ କରୁଛ । ମୁଁ ବଡ଼, ସେ ସାନ, ମୁଁ ଧନୀ ସେ ଗରିବ, ଏ ପୁରୁଣାକାଳିଆ ମନୋଭାବ ଛାଡ଼ । ଯୋଉଗୁଡ଼ା ନପଢ଼ ମୂର୍ଖ, ପାଠଶାଠ ବିବର୍ଜିତ, କେବଳ ସେଇମାନେ ଟଙ୍କା, ପଇସା ସୁନା ରୂପାର ବଡ଼େଇ କରନ୍ତି । ଟିକିଏ ଧୀର ମନରେ କଥାଟାକୁ ଭାବ । ପ୍ରକୃତରେ ବଡ଼ଲୋକ କିଏ ?

ଯିଏ ପରତଣ୍ଟି ଚିପି, ଗରିବ ଗୁରୁବା ଖଣ୍ଡିଙ୍କର ରକ୍ତ ଶୋଷି ନିଜ ଅମାର, ଖମାର, ଟ୍ରେଜେରୀ, ବାକ୍ସ ଧନ ଧାନ, ଟଙ୍କାସୁନାରେ

ଭରତି କରୁଛି—ସିଏ ? ନା ଯିଏ ନିଜ ପେଟରୁ କାଟି, ପିଠି ଫୁଙ୍ଗୁଳା କରି ଆପଣା ଝାଳବୁହା କମଣିରୁ ଗାଁର ଦୁଃଖୀ, ରୋଗୀ ଶୋଷୀଙ୍କ ସେବାରେ ପାଞ୍ଚ ପଇସା ଲଗଉଛି—ସିଏ ? ଟଙ୍କା ପଇସା କେବେ ହେଲେ ମଣିଷକୁ ବଡ଼ କରିପାରେ ନା । ଯେତେ ଧନ ବଢ଼େ, ସେତେ ଲୋଭ ବଢ଼େ, ସେତେ ଗର୍ବ ବଢ଼େ । ପୁଣି ଧନ ବା କେତେଦିନ ରହେ ? ଆଜି ଯେ ଲକ୍ଷପତି, କାଲି ସେ ଦାଣ୍ଡର ଭିକାରି । ଖାଲି ଦିନ କେଇଟାର ମୋହ । ସେଥିରେ ଏଭଳି ଅନ୍ଧ ହୋଇଯାଇଁ ଖାଲି ନିଜ ସୁଖ ଭୋଗରେ ମାତିଲେ ଚଳିବ ନାହିଁ । ଭଗବାନ ଯଦି ତମକୁ ଧନ ଦେଇଛନ୍ତି, ତା'ର ସଦ୍‌ବ୍ୟବହାର କର । ନିଜ ପେଟକୁ ନ ଖାଇ, ପୁଅଝିଅଙ୍କୁ ପାଠଶାଠ ଦି'ଅକ୍ଷର ନ ପଢ଼ାଇ ଗାଁ ତେଲି ମହାଜନ ଭଳି କୃପଣ ହୋଇ ଖାଲି ଧନ ସଞ୍ଚିଲେ ହେବ ନାହିଁ କି ସବୁବେଳେ ଭୋଗ ବିଳାସରେ ବୁଡ଼ି ରହି ସ୍ନୋ, ସେଣ୍ଟ, ପାଉଡ଼ର ବା ସିନେମା ବାଇସ୍କୋପ, ଥିଏଟର ବା ଚପ୍, କଟ୍‌ଲେଟ୍, ପଲଉ ମାଂସରେ ଟଙ୍କା ଉଡ଼ାଇ ଦେଲେ ଚଳିବ ନାହିଁ । ମନେରଖ,—ସେ ଟଙ୍କା ମାଲିକର, ତମେ ଖାଲି ଦେଖଣାହାରି ରକ୍ଷକର ଭଳି ବୁଝାସୁଝା କରୁଛ । ତାକୁ ଏମିତି ତୋଷରପାତ କରିବାର ଅଧିକାର ତମର କେଉଁଠୁ ଆସିଲା ?

ଚକ ଘୂରୁଛି—ତମେ ଆଜି ଉପରେ ଅଛ, କାଲି ସକାଳେ ପୁଣି ଘୂରି ଘୂରି ତଳକୁ ଆସିବ । ଆଲୁଅ ପଛେ ପଛେ ଅନ୍ଧାର ଆସୁଛି—ଏ ଦି' ଦିନିଆ ମୋହରେ ଭୁଲିଯାଅ ନାହିଁ । ଯୋଉ ଗରିବ ଗୁରୁବାଙ୍କ ଝାଳବୁହା ଧନ ମାରିଆଣି ତମ ବାପଭାଇ ଆଜି ବଡ଼ଲୋକ ସାଜିଛନ୍ତି, ତାଙ୍କର ଆଡ଼କୁ ଥରେ ଫେରି ଚାହଁ । ଦେଖିବ—ତମ ଚକମକିଆ ଦାମିକା ବନାରସୀ ଶାଢ଼ୀ ତାଙ୍କ ସାତସିଆଁ ତାଳପକା ମୋଟ କନ୍ଥା ପାଖରେ କଳା ପଡ଼ିଯିବ । ତୁମ ମାଂସ, ପଲଉର ଭାତଗୁଣ୍ଡାଟି ତାଙ୍କ ତିନି ଦିନର ପଚା ପଖାଳ ଭାତ ଦେଖିଲେ ହାତରୁ ଗ୍ରାସ ଖସି ପଡ଼ିବ । କେତେ ଦୁଃଖ ଅଭାବରେ ଲୋକେ ସଡ଼ୁଛନ୍ତି । କୁକୁର ମୁହଁରୁ ଅଇଁଠା ପତର ଛଡ଼େଇ ଆଣି କିଏ ସେଥିରୁ ଭାତ ଖୁଣ୍ଟି ଖାଉଛି ତ କିଏ ପେଟ ବିକଳରେ ପଚା ନଦି ମାରୁ ମାଛି ଆଡ଼େଇ ଦେଇ ଭସି ଯାଉଥିବା ଧଳା ଭାତ କେଇଟାକୁ ଗୋଟେଇ ଗୋଟେଇ ଖାଉଛି । କିଏ କନା ପାଞ୍ଚହାତ ଅଭାବରେ ନିଜ ଫୁଲିଲା ଝିଅକୁ

ଘୋଡ଼େଇ ନ ପାରି ଲାଜ ସରମରେ ଦଉଡ଼ି ଦେଇ ମରୁଛୁ ତ, କଏ ମହାଜନ ଦାଉରେ ସର୍ବସ୍ୱାନ୍ତ ହୋଇ ଶେଷରେ ପିଲାଛୁଆଙ୍କ ବିକଳ ସହି ନ ପାରି ଯାଇଁ ରେଲ ପାହିଆରେ ଶୋଉଛୁ ।

ଏତେ ଯୋଉଠି ଅଭାବ, ଏତେ ଯୋଉଠି ଦୁଃଖ କଷ୍ଟ, ସେଠି ତମେ ଏକା ଖିରପୁରି ଖାଇ, ପାଟଶାଢ଼ୀ ପିନ୍ଧି ସୁଖୀ ହୋଇପାରିବ ? ନା, ଓହ୍ଲେଇ ଆସ ତମ ଦ'ମହଲା କୋଠା ଉପରୁ, ପାଲଟି ପକା ତମ ଭେଲ-ଭେଟ ରଙ୍ଗର ଜରିଧଡ଼ିଦିଆ ମଦୁରା ଶାଢ଼ୀ, କାଢ଼ିଦିଅ ତମ ସାତସେରି ସୁନା ଚେନ୍, ଇୟରିଂ, ଅ'ନ୍ତ, ବାଜୁ, ବ୍ରେସଲେଟ୍ ଆଉ ପୋଛି ପକାଅ ତମ ମନରୁ ସବୁ ଦମ୍ଭ, ଗର୍ବ, ଅହଙ୍କାର, ଈର୍ଷା, ଅଭିମାନ, କୁଟିଳତା ପୁଣି ମନ ସଫା କରି ସେହି ଓଢ଼ଣାଦିଆ, ପିତଳ ଖଡ଼ୁ ପିନ୍ଧା ନୂଆ ବୋହୂଟିକୁ ହସି ହସି କୋଳକୁ ଟାଣି ନିଅ; ସ୍ନେହ ଆଦର କର, ଦୁଃଖ ସୁଖ ବୁଝ; ତା' ଦୁଃଖରେ ଆଖିରୁ ଲୁହ ଗଡ଼ାଅ, ତା ସୁଖରେ ମୁହଁରେ ହସ ଖେଳାଅ— ଦେଖିବ, ତମ ମନ କେଡ଼େ ହାଲୁକା ହୋଇଯିବ । ସେ କିପରି ଭକ୍ତିରେ, କୃତଜ୍ଞତାରେ ଆଖି ଛଳ ଛଳ କରି ତୁମ ଗୋଡ଼ର ଧୂଳି ନେଇ ମଥାରେ ମାରିବ ।

ଏଣେ ଚାହଁ । ଆମ ମାଟିନେଶା ଫଟା କାନ୍ଥ ଉପରେ ଟଙ୍ଗା ହୋ'ଇଥିବା ସେହି ଦାଢ଼ିଆ, ବେଦାଢ଼ିଆ ବୁଢ଼ା ଦ' ଜଣଙ୍କ ଫଟୋ ଆଡ଼କୁ ଟିକିଏ ଅନାଅ । ସେହି ଯେ ଲମ୍ବା ଲମ୍ବା ଦାଢ଼ି ବଢ଼େଇ ମୁହଁ ଶୁଖେଇ ଚଉକି ଖଣ୍ଡିକରେ ବସିଛନ୍ତି, ସେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ, ଆଉ ତାଙ୍କ ପାଖକୁ ସେହି ଯେ ଚଶମାପିନ୍ଧା, ଚନ୍ଦାମୁଣ୍ଡିଆ ବୁଢ଼ାଜଣଙ୍କ ବସି ଆମ ଆଡ଼କୁ ଅନେଇ କରକରି ହୋଇ ହସୁଛନ୍ତି, ସେ ପରୋପକାରୀ ଭାରତ-ସେବକ ଲକ୍ଷ୍ମୀନାରାୟଣ । ଏମାନେ ପାଠ ପଢ଼ିଛନ୍ତି କାହିଁକି କ'ଣ—ମୁଣ୍ଡରେ ଅକଳନ୍ତ ବୁଦ୍ଧି, ପେଟରେ ଅସୁମାରି ପାଠ, ମନରେ ଅସାଧାରଣ ଶକ୍ତି, ସାହସ, ଧୈର୍ଯ୍ୟ । ଚାକିରିବାକିରି କରିଥିଲେ ଆଜ ଡିପୋଟୀ କଲଟରଙ୍କ ଉପରେ ଜଣେ ଜଣେ ପାଟମନ୍ତ୍ରୀ କି ଲଟସାହେବ ହୋଇ ମୋଟା ଦରମା ପାଇ ମଟର ଚଢ଼ି ବୁଲୁଥାନ୍ତେ । କିନ୍ତୁ ଧନର ମୋହ ସେମାନଙ୍କୁ ଭୁଲେଇ ପାରିବ ନାହିଁ, ଟଙ୍କା ସୁନାର ଲୋଭ ସେମାନଙ୍କୁ କାବୁ କରିପାରି ନାହିଁ । ନିଜର ସବୁ ସୁଖ ସ୍ୱାଚ୍ଛନ୍ଦ୍ୟ, ବାବୁଗିରି, ବଡ଼ଲୋକରେ ଜଳାଞ୍ଜଳି ଦେଇ

ନିଜ ଅସୀମ ତ୍ୟାଗ କରି, ଅଶେଷ ଦୁଃଖ କଷ୍ଟ ସହି ସେମାନେ କରିଛନ୍ତି ପରପାଇଁ କାମ—ଦୁନିଆର ଅଗଣିତ ଦୁଃଖୀ, ରଙ୍କୀ, ରୋଗୀ, ଶୋଷୀ, ଲୋକଙ୍କ ସେବା—ଅନାଥ, ଅସହାୟ, ଅତ୍ୟାଚାରିତ, ଗରିବଙ୍କର ଉପକାର । ପରର ଦୁଃଖ ଦେଖିଲେ ଆଖିରୁ ଟେକ୍ ଠକ ଲୁହ ଗଡ଼ାଇ ଭୋ ଭୋ କାନ୍ଦି ପକାନ୍ତି ପଣ୍ଡିତ ଗୋପବନ୍ଧୁ । ଆଉ ଏତେ ଜ୍ଞାନୀ, ଗୁଣୀ, ପଣ୍ଡିତ ହେଲେ ବି ଗାଁ ଗହଳର ମଳମୁଣ୍ଡିଆ କୁଲି, ମୂଲିଆଙ୍କ ଘରୁ ବାସି ପଖାଳ ଆଉ ପତରପୋଡ଼ା ପିତାଶୁଖୁଆ ଖାଇ ତାଙ୍କ ଦୁଃଖ ଅଭାବ ବୁଝୁଥାନ୍ତି ଏହି ସ୍ୱର ଏମ୍. ଏ. ପାସ୍ କରି ଲକ୍ଷ୍ମୀନାରାୟଣ । ପ୍ରକୃତରେ ବଡ଼ ଏହିମାନେ—

“ଆଲୋକ ବିତରେ ସଳିତା ଯଥା ନିଜକୁ ଜାଳି,
ପ୍ରାଣୀ ହିତେ ଯଥା ମାରିଦ ଦିଏ ନିଜକୁ ଢାଳି ।
ନିଜ ଶିର ପୋଡ଼ି ପାଦପ ଯଥା ଛାୟା ବିତରେ,
ବଳି ଦିଏ ପ୍ରାଣ ମହତ ତଥା ପର ହିତରେ ।”

(ବୋଉ)

ଏମାନଙ୍କ ପାଖରେ ତମେ କ’ଣ ? ଠିକ୍ ହାତୀ ପାଖରେ ପିମ୍ପୁଡ଼ି ଭଳି ବା ବୁଢ଼ା ବରଗଛ ପାଖରେ କଅଁଳିଆ ଦୁବଘାସ ଭଳି । ପାଠଶାଠ ତ ତମର କଣିକାଏ ନାହିଁ । ଖାଲି ଏହି ସୁନା ଗହଣା କେଇଟା ବା ବନାରସୀ ସିଲ୍କ ଶାଢ଼ୀ କେଇଖଣ୍ଡ ପାଇଁ ତମେ ଏତେ ଗର୍ବ କରି ମଣିଷ ଚିହ୍ନୁ ନାହଁ ? ଆଜି ମଲେ କାଲିକି ଦି’ଦିନ । ମାହାଳିଆଟାରେ ଏମିତି ଫୁଲେଇ ହେଉଛ କାହିଁକି ? ଲକ୍ଷ୍ମୀନାରାୟଣ ସାହୁଙ୍କର ସେହି କବିତାଟି ସେଦିନ ପଢ଼ି ଶୁଣାଉଥିଲି—କ’ଣ ଭୁଲିଗଲ ?

“ସୁନ୍ଦର ମାନବ ଭାଇ ଅସୁନ୍ଦର ହୁଅ ନାହିଁ,
ଦୁଇଦିନ ପାଇଁ ଦମ୍ଭ, ଅଭିମାନ, କ୍ରୋଧ, ଅହଙ୍କାର ଛାଡ଼ି ଭାଇ
ସୂର୍ଯ୍ୟସମ ଦୀପ୍ତ ହୁଅ ଶଶୀ ସମ ଶାନ୍ତ,
ସ୍ନେହ ଦିଅ ବିତରି ଜଗତ ଜନେ କରି ଦାନ୍ତ ।” (ପ୍ରବାସୀ)

ଆସ—ସେ ପୁରୁଣାକାଳିଆ ବଡ଼ଲୋକ ଛାଡ଼ । କେହି ଭୋଗ କରି ବଡ଼ ହୋଇନାହିଁ, ବଡ଼ ହେବାକୁ ହେଲେ ତ୍ୟାଗ ଲୋଡ଼ା । ଏଣେ ମନମୋଟକୁ ଲଙ୍ଗଳଦଉଡ଼ି ପାଉ ନାହିଁ, ଗର୍ବରେ ସଢ଼ି ଯାଉଛ, କୁଟିଳ ମନ

ହଳାହଳରେ ପୂର୍ଣ୍ଣ—ତେଣେ ଧୂପ ଦୀପ ଅଗୁରୁ ଚନ୍ଦନ ଦେଇ ପାଷାଣ ଘରେ ପାଷାଣ ଦିଅଁ ରାଧାମାଧବଙ୍କ ପୂଜା କରୁଛ—ଏଥିରେ ନା ଅଛି ଭକ୍ତି, ନା ଅଛି ପ୍ରେମ, ନା ଅଛି ଧର୍ମ । ଏ ଲୋକଦେଖାଣିଆ ଭଣ୍ଡାମି ଛାଡ଼ । ମନ ସଫା କର, ମନର ସବୁ ଗର୍ବ, ଅଭିମାନ ଆବିଳତା କୁଟିଳତା ପୋଛିଦେଇ ଏହି ଭଙ୍ଗା କୁଡ଼ିଆରେ ଦେବତା ଗୋପବନ୍ଧୁଙ୍କ ଶ୍ରୀଚରଣ ତଳେ ସକାଳେ ସଞ୍ଜେ ମୁଣ୍ଡ ନୁଆଁଅ । ତାଙ୍କ ଭଳି ଶାନ୍ତ, ସରଳ, ଧୀର, ବିନୟୀ ହୁଅ । ଅନ୍ତରର ସ୍ନେହ ଶ୍ରଦ୍ଧା ଦେଇ ପରକୁ ଆପଣାର କର, ଶତ୍ରୁକୁ ମିତ୍ର କର, ଦୀନ ଦୁଃଖୀଙ୍କ ସେବା କର । ଦେଖିବ, ତମେ କେଡ଼େ ସୁନ୍ଦର ହୋଇ ଉଠିବ । ଦିନ ଦି'ଟାରେ ତମେ କିପରି ଲୋକପ୍ରିୟ ହୋଇଯିବ ।

## ସରଳତା

ହଁ, ମୋ ଉପରେ ବହୁତ ରାଗିଯିବଣି । ତମ କଥା ମୁଁ ଏକାବେଳେକେ ଭୁଲି ଯାଇଛି—ଗପୁଡ଼ି ମଣିଷ କି ନା, ତମ ନହସରେ ଢିଙ୍କିଶାଳରୁ ଆସି ଢେଙ୍କାନାଳରେ ହେଲଣି । ତମ ଝରଣାଶାଢ଼ୀ ଆଉ ଦୁଲ୍ କଥା ମୁଁ ଏକାବେଳକେ ପାସୋରି ଦେଇଥିଲି । ଅଳି କରି ଗେଲବସରି ହୋଇ ତମେ ମାସେ, ପନ୍ଦରଦିନେ ଗୋଟାଏ ଅଧେ କାନଫୁଲ, ନାକ ଫୁଲ ମାଗ ଯେ, ମୁଁ ତା ଠିକ୍ ସମୟରେ ଦିଏନା, ଓଲଟି ଗୋଟାଏ ପୁରାଣ ଗାଇ ବସେ । ମୋ ଉପରେ ଖାର ଚଢ଼ିଥିବ । ଭାବୁଥିବ, ବାଲୁଆକୁ ଅଙ୍ଗୁର କୋଳି ପିଠା ଲଡ଼ିଲଦଳି ଗରିବ ଲୋକଙ୍କୁ ଗହଣାଗୁଡ଼ା ଗନ୍ଧାଏ । ସେଥିପାଇଁ କିଛି ଗୋଟାଏ ଜିନିଷ ବରାଦ ଦେଲେ ଏ ମହାଭାରତ ବାହାରେ । ଆଚ୍ଛା, ଏଇଥର ଘରକୁ ଗଲବେଳେ ତମ ଶାଢ଼ୀ, ଦୁଲ ନେଇଯିବି । ପୁଣି ଯା'ପରେ ଆଉ କ'ଣ ଦରକାର, ଆଗରୁ ଠିକ କରି ରଖ, ଯେପରି ମୁଁ ଯାଇ ପହଞ୍ଚିଲ ମାତ୍ରେ ଏ ହାତରେ ଜିନିଷ ନେଇ, ସେ ହାତରେ ଅନ୍ୟ ଦରକାରୀ ଜିନିଷର ତାଲିକା ବଢ଼ାଇ ଦେବ । ଏମିତି ସବୁ ଶନିବାର ତମେ ଦେଉଥିବ, ଆଉ ମୁଁ ସପ୍ତାହକ ପରେ ଘରକୁ ଚଲିଦିନ କଟକରୁ ସେସବୁ ନେଇ ଯାଉଥିବି । ଆଚ୍ଛା କହିପାରିବ, ଏ ସବୁର ଶେଷ କେଉଁଠି ?

ମଣିଷର ମନ ଯେତେ ପାଇଲେ ବି ଆଉ ଆଉ ପାଇବାକୁ ସବୁବେଳେ ଲାଳାୟିତ । ଯେପରି ନିଆଁରେ ଘିଅ ଢାଳିଲେ ତାର ତେଜ

କମ୍ ନ ହୋଇ ବରଂ ବେଳେବେଳେ ବଢ଼େ, ସେହିପରି ଭୋଗ ବିଳାସୀର ଭୋଗ ଇଚ୍ଛା ଯେତେ ଆମୋଦପ୍ରମୋଦ, ସୁଖ ଭୋଗରେ ବୁଡ଼ି ରହିଲେ ବି ଦିନକୁଦିନ ବଢ଼ିଚାଲେ ସିନା—କମେ ନାହିଁ । ଆଜି ଝରଣା ଶାଢ଼ୀ ଦରକାର ତ କାଲି କର୍ଣ୍ଣାଟକ ମିଲ୍‌ର ସୁପରଫାଇନ ପଦ୍ମପୁର ଶାଢ଼ୀ ଦରକାର; ପଅରଦିନ ମେଘମହ୍ଲାର ମଦୁରା ଶାଢ଼ୀ ଦେଖି ଲୋଭ କଲଣି ତ, ଦି'ଦିନ ପରେ ରକ୍ତଗୋଲାପି, ବନାରସୀ ଶିଲ୍‌କ ପାଇଁ ଅଭିମାନ କରି ଶୋଇଲଣି । ପୁଣି ଆଜି ସୁନାଚୂଡ଼ି ଭାଙ୍ଗି ବ୍ରୋଞ୍ଚ୍ କାଚ କରିବାକୁ ଅଳି କଲଣି ତ କାଲି ତା' ସାଙ୍ଗକୁ ମନେଇବା ପାଇଁ ଅନନ୍ତ, ବାଜୁ କରିବାକୁ ବିବାଦ ହେଲଣି । ସବୁ ଭାଙ୍ଗି ଗଢ଼ି ତମ କହିବା ମୁତାବକ ଆଣିଦେଲା ପରେ ଦିନ କେଇଟା ନପାରୁଣୁ ପୁଣି କାହାର ଦେଖି ଆସି ଅନନ୍ତ ଭାଙ୍ଗି ବ୍ରେସଲେଟ କରିବ ବୋଲି ସକ୍‌ସକ୍ ହେଲଣି । ତେଣୁ ମୁଁ ପଚାରୁଛି— ଏ ଆଶା ଆକାଂକ୍ଷା ଭୋଗ, ବାସନାର ଶେଷ କେଉଁଠ ?

ଏକା ତମେ ନୁହଁ—ଶାଢ଼ୀ, ଗହଣା ପାଇଁ ସକନ୍ଦକ ହେବା ବୋଧେ ଆମର ସବୁ ଓଡ଼ିଆ ଝିଅବୋହୂଙ୍କର ଗୋଟାଏ ଜନ୍ମଗତ ବଦଭ୍ୟାସ । ସେଥିରେ ପୁଣି "ପାଖରେ ନଥାଇ ଧନ, ପୁଅ ବାହାକରି ମନ ।" ନିଜର ଆର୍ଥିକ ଅବସ୍ଥାକୁ ନ ଚାହିଁ, ନିଜ ଅଭାବ, ଅସୁବିଧା ନ ବୁଝି ଅନେକ ସମୟରେ ଅପରିଣାମଦର୍ଶୀ ଓଡ଼ିଆ ଝିଅବୋହୂ ସ୍ୱାମୀ ସାଙ୍ଗରେ ଜିଦ୍ ଲଗାନ୍ତି ଗହଣା କିଣିବାକୁ । ଅଥଚ ଯୋଉ ଶାଢ଼ୀ, ଗହଣା ପାଇଁ ବେଳେ ବେଳେ ସେମାନେ ଏତେ କଳି କଜିଆ ଲଗାନ୍ତି, ଏପରିକି ରାଗ, ଧୋଷା, ଅଭିମାନ କରି କବାଟ କିଳି ଶୁଅନ୍ତି, ସେ ଯେ ନିହାତି ନହେଲେ ନ ଚଳେ ଏପରି ନୁହେଁ । ତାଙ୍କ ଟ୍ରଙ୍କ, ବାକ୍‌ସ ଖୋଲି ଦେଖ, ସେହିଭଳି ପାଞ୍ଚ ସାତ ସେଟ୍ ସାଇତା ହୋଇ ଥିଆ ହୋଇଥିବ । ଏଇଟିକି ଦିନ ଦି' ଚାରିଟା ପିନ୍ଧି ସେହିଭଳି ସାଇତି ରଖିବା କଥା । ତଥାପି ଏତେ କଳି !

ଖଡ଼ଗପୁରରେ ଥିବା ମୋର ଜଣେ ସାଙ୍ଗ ତାଙ୍କ ପ୍ରେୟସୀ ପାଇଁ ଭିନ୍ନ ଭିନ୍ନ ଡିଜାଇନ୍‌ରେ ୧୮ଟି କାନଫୁଲ ୧୮ଟି ଶନିବାରରେ ଘରକୁ ଆଣିଥିଲେ । ପ୍ରେୟସୀଙ୍କ ଇଚ୍ଛା ପୂରା ୨୦ଟି ସେ ସାଇତି ରଖିବେ । ତା' ହେଲେ ସାଇପଡ଼ିଶାର ଝିଅ ବୋହୂ ବା ଯା' ନଣନ୍ଦଙ୍କୁ ଯାନିଯାତ୍ରା ବା ପୁନେଇଁ ପର୍ବ ଦିନ ଡାକି ଆଣି ପେଡ଼ି ଫିଟେଇ ଗୋଟି ଗୋଟି କରି

ଦେଖେଇବେ—ସେଇଥିରେ ତାଙ୍କର ଆନନ୍ଦ, ସେଇଥିରେ ତାଙ୍କର ସନ୍ତୋଷ, ସେଇଥିଲେ ତାଙ୍କର ଗର୍ବ । ଦୁର୍ଭାଗ୍ୟକୁ ସ୍ୱାମୀଙ୍କର ଠକା ବୃକସୀର କାଳ ପଡ଼ିଗଲା, ବାକି ୨ଟି କାନଫୁଲ ବାକୀ । ଏଣେ ଘରଣୀଙ୍କର ଦେଖ ରାଗ, ମୁହଁ ଫଣଫଣ, ନାକକାନ୍ଦଣା । ଆଚ୍ଛା କହିଲ' ତମର ଖୁସିରେ ଖାଲି ସାଇତିବା ପାଇଁ ଏଣେ ଗହଣା ଦରକାର, ଅଥଚ ପାଣ, ବାଉଁଶ ଗରିବ-ଗୁରୁବାଙ୍କ ଘରେ ପିତଳ ଖଣ୍ଡେ ଦିପଟକୁ ବି ପଇସା ନାହିଁ । ହାତରେ କନାଧଡ଼ି ଗୁଡ଼େଇ ସେମାନେ ପୁଣି ଚଳୁଛନ୍ତି କପରି ? ତମେ କହିବ ଏହା ମୋର ଏକଦେଶଦର୍ଶିତା—ଯାହାର ନାହିଁ, ସେ ସିନା ଗହଣା ନ ପିନ୍ଧିବ, କିନ୍ତୁ ଯାହାକୁ ଭଗବାନ ଟଙ୍କାପଇସା ଦେଇଛନ୍ତି, ସିଏ କାହିଁକି ଗରିବ, କାଙ୍ଗାଳୀଙ୍କ ଭଳି ହାତ ମୁଣ୍ଡ ଲଙ୍ଗଳା କରିବ ? ସିଏ କାହିଁକି ଏ କ୍ଷଣସ୍ଥାୟୀ ଦୁନିଆରେ ଟିକିଏ ଭୋଗବିଳାସ ନ କରିବ ? "ସଂସାରେ ଥିବ ଯେତେ ଧନ, ଆନନ୍ଦ କରୁଥିବ ମନ ।" ନିଜ ସୁଖଭୋଗରେ ଜଳାଞ୍ଜଳି ଦେଇ ଏ ଅକର୍ମା କୋଢ଼ୀ, ମାଗିଖିଆ, ଗରିବଗୁଡ଼ାଙ୍କ ପାଇଁ ଆମେ ଏତେ ମୁଣ୍ଡ ଖେଳେଇବା କାହିଁକି ? "ଆପେ ମଲେ ଯୁଗ ଯାଏ, ପର ପାଇଁ କାନ୍ଦୁଥାଏ ।"

ମୁଁ ବୁଝିଛି, ତମେ ବଡ଼ଲୋକ ଘରର ଝିଅ । ହାତୀ ତମ ମୁଣ୍ଡରେ ସୁନାକଳସ ଢ଼ାଳିଛି—ତମ ବାପ ଭାଇଙ୍କର ଅମାପ ଧନ ଅଛି । କିନ୍ତୁ ତମ ସ୍ୱାମୀ ? ସେ ତ ଏତେ ତାଲବର ନୁହନ୍ତି । ତାଙ୍କ ଅବସ୍ଥାକୁ ତ ତମେ ଦେଖୁନାହଁ ? ବାପଘରେ ଯେତିକି ଧନ ଥିଲ, ସେତିକି ଧନ । ଅଛିକା ଆଉ ସେ ଧନରେ ତମର କି ଅଧିକାର ? ହେଲା ଏବେ, ତମେ ବାପ ମା'ଙ୍କର ସାତପୁଅରେ ଗୋଟିଏ ବୋଲି ଝିଅ, ତେଣୁ ସୁଖ ଶରଧାରେ ବାପ ମା' ତମକୁ କିଛି ଟଙ୍କାସୁନା ବା ସମ୍ପତ୍ତିବାଡ଼ି ଦେବେ । ତା' ବୋଲି କ'ଣ ଟଙ୍କା ଖର୍ଚ୍ଚ କରିବାର ଏହି ଉପାୟ ? ଖାଲି ନାକଫୁଲ, କାନଫୁଲ, ମୁଣ୍ଡଫୁଲ, ଗୋଡ଼ଫୁଲ ପିନ୍ଧି ଘଡ଼ିକୁ ଘଡ଼ି ଶାଢ଼ୀ ବଦଳେଇ ପ୍ରଜାପତି ଭଳି ରଙ୍ଗୀନ୍ ରୂପ ଯୌବନ ଦେଖାଇ ହେଲେ କ'ଣ ତମେ ପ୍ରକୃତ ସୁନ୍ଦର ଦିଶିବ ? ପ୍ରକୃତି-ଦତ୍ତ ସୌନ୍ଦର୍ଯ୍ୟହିଁ ଶ୍ରେଷ୍ଠ ସୌନ୍ଦର୍ଯ୍ୟ । କଣ୍ଟାଝଣ୍ଟା, ଅରମା ଜଙ୍ଗଲରେ କଣ୍ଟାଳିଆ ଡାଳ ଉପରେ ନାଲିଆ ଗୋଲାପଟି ଟହଟହ ହୋଇ ହସୁଥାଏ । ବେରସିକ ମଣିଷ ନିଷ୍ଠୁର ଭାବରେ ତାକୁ ଛିଣ୍ଡାଇ

ଆଣି ଗ୍ରିପ୍ଟ ଗଭାରେ ଖୋସିଦେଲେ, ସେ କ'ଣ ଅାଗଭଳି ସତେଜ ରହିପାରେ ? କୃଷ୍ଣବେଣୀର ଲୀଳାୟିତ ଛନ୍ଦ ଅାଉ ଇଭନିଂ ଇନ ପ୍ୟାରିସ୍‌ର ମୃଦୁମନ୍ଦ ଗନ୍ଧ ଭିତରେ ଥାଇ ବି ଗୋଲାପଟି ଆସ୍ତେ ଅାସ୍ତେ ମଉଳିଯାଏ । ତମେ ନାରୀ । ପୃଥିବୀର ସମସ୍ତ ଶ୍ରେଷ୍ଠ ସୌନ୍ଦର୍ଯ୍ୟ ଦେଇ ବିଧାତା ତୁମକୁ ସର୍ବଶ୍ରେଷ୍ଠ ସୁନ୍ଦରୀ କରି ଗଢ଼ିଛି । ତମ ମୁଖରେ ଅଛି ଲାବଣ୍ୟ, ଅଧରରେ ଅଛି ଅମୃତ, ଚକ୍ଷୁରେ ଅଛି ଲଜସଙ୍କୋଚବୋଳା ନରମ ଚାହାଣି, କୃଷ୍ଣ କେଶର ଚିକ୍‌କଣ ବେଣୀରେ ଅଛି ଏକ ତରଙ୍ଗାୟିତ ସର୍ପିଳ ଛନ୍ଦ, ଭରା ଯୌବନର ପୀବର ବକ୍ଷତଳେ ଅଛି ଶତ ମାଦକଭରା, କମନୀୟ, ଲୋଭନୀୟ ପ୍ରଣୟର ମଧୁ—ପ୍ରକୃତିର ଏତେ ସୌନ୍ଦର୍ଯ୍ୟ ତମ ଅଙ୍ଗ ପ୍ରତ୍ୟଙ୍ଗରେ ଭରି ରହିଛି । ତଥାପି ତମେ ନାକ କାନ ଖଣ୍ଡିଆ କରି ଏହି କୃତ୍ରିମ ଗହଣା ଗୁଡ଼ାଏ ନିଜ ଉପରେ ଲଦିବାକୁ କାହିଁକି ଭଲ ପାଉଛ ? ପ୍ରକୃତରେ ଏଥିରେ ତମର ସୌନ୍ଦର୍ଯ୍ୟ ଟିକିଏ ହେଲେ ବଢ଼ିବ ନାହିଁ, ବରଂ ତମ ପ୍ରକୃତିଦତ୍ତ ରୂପସମ୍ଭାର କ୍ରମେ କଦର୍ଯ୍ୟ ଓ କଦାକାର ଦେଖାଯିବ ।

ନାନାପ୍ରକାର ଶାଢ଼ୀ, ଗହଣା ପିନ୍ଧି ବେଶ୍ୟା ନିଜକୁ ନାନା ଭଙ୍ଗୀରେ ସଜାଏ ପରପୁରୁଷର ମନ ଆକର୍ଷଣ କରିବା ଲାଗି । କିନ୍ତୁ ତମେ ତା'ଠାରୁ ଶତଗୁଣ ଉଚ୍ଚରେ—ତମେ ହିନ୍ଦୁ ଘରର କୁଳବଧୂ—ସତୀ ସାଧ୍ୱୀ, ଲକ୍ଷ୍ମୀ । ତମେ ସୀତା, ସାବିତ୍ରୀ, ଶକୁନ୍ତଳା, ଦମୟନ୍ତୀଙ୍କ ଭଳି ସ୍ୱଚ୍ଛ, ସରଳ, ପବିତ୍ର । ଏହି ଅଳୀକ ସୁଖଭୋଗରେ ମାତି ଏତେବଡ଼ ବହୁମୂଲ୍ୟ ଜୀବନ ନଷ୍ଟ କରି ଦିଅ ନା । ଦି'ଅକ୍ଷର ପାଠଶାଠ ପଢ଼ି ଗୁଣିଆ ହୁଅ, ଗର୍ବ ଛାଡ଼, ମନକୁ ନିର୍ମଳ କର । ଖାଲି ସୁନା ଗହଣାରେ ଗୋଡ଼ଠୁ ମୁଣ୍ଡଯାକେ ଗୁଡ଼ି ହେଲେ ବି ତମକୁ କେହି ପଚାରିବେ ନାହିଁ ଯଦି ପେଟରେ ଗୁଣ ନ ଥାଏ । ମହାକାଳ ଫଳ ବାହାର ସୁନ୍ଦର ଭିତର ପୋଡ଼ା ଅଙ୍ଗାର । ପଳାଶ ଫୁଲ ଦେଖିବାକୁ ଏତେ କମନୀୟ, କିନ୍ତୁ ସେଥିରେ ଏତେ ଟିକିଏ ବି ବାସନା ନାହିଁ । ଏ ସବୁକୁ ଆଦର କରିବ କିଏ ? ଦୁନିଆ ଆଗେଇ ଚାଲିଛି । ଓଡ଼ିଆ ଘରର ଝିଅ ବୋହୂ ଖାଲି ସୁନା ରୂପା ଗହଣା ପିନ୍ଧି ଘରକଣରେ ପଶି ରହିଲେ ସମସ୍ତଙ୍କ ପଛରେ ପଡ଼ିଯିବେ ସିନା । ଆସ—ସେହି ପୁରୁଣାକାଳିଆ, ମରହଟିଆ, ଅନ୍ଧାର

କୋଠି ଭିତରୁ ବାହାରି ଆସ ଏଣ୍ଣ ଖୋଲି ପଡ଼ଆକୁ । ଆଉ ମୋର ଏଇ ବରଡ଼ା ଡାଳିଗଛର କୁଡ଼ଆ ପାଖରେ ଖୋଲା ପବନରେ ଟିକଏ ଚଲବୁଲ କର । ଦେଖିବ, ଘଣ୍ଣ ମନ ତମର କେତେ ହାଲୁକା ହୋଇଯିବ ।

ଆସ ! ଓ, ତମ ସୁନାଗହଣା ଆଉ ସିଲ୍କ ଶାଢ଼ୀ ଲୋଭ ଛୁଟୁଇ ପାରୁନା-ନା ? ଆଚ୍ଛା, ସବୁଦିନେ ତ ସେଣ୍ଣଗୁଡ଼ା ପିନ୍ଧୁଛ । ଆଜି ଆସ, ତମକୁ ମୁଁ ଗୋଟିଏ ନୂଆ ବେଶରେ ସଜାଇ ଦେଉଛି । ତମେ ଆଗ ବେକରୁ ଖୋଲିଦିଅ ସେଣ୍ଣ ୩ଟି ଯାକ ଗ୍ଲେଟବନ୍ତ ସୁନାହାର, କାନରୁ ବାହାର କରିଦିଅ ଇୟରିଂ ହଳକ, ଗଣ୍ଡିରୁ ଖୋଲିଦିଅ ସେହି ସୁନାର ପ୍ରଜାପତିଆ କ୍ଲିପ୍‌ସ, ହାତରୁ ଖୋଲିଦିଅ ଅ'ନ୍ତ, ବାଜୁ, ବ୍ରେସ୍‌ଲେଟ ଆଉ ସବୁଯାକ ସୁନାକାଚ, ଦି' ହାତ ଆଙ୍ଗୁଠିରୁ ଓହ୍ଲେଇ ପକା ସେ ନାଲି ନୀଳ-ପଥରବସା ପାଞ୍ଚଟିଯାକ ସୁନାମୁଦି, ଗୋଡ଼ରୁ ଖୋଲ ସେ ଶକୁନ୍ତଳା ଆଉ ତା' ସାଙ୍ଗରେ ଖୋଲ ତମର ସେ ସିଲ୍କ ବ୍ଲାଉଜ, ବ୍ରୋଷ୍ଟ୍, ଟାଇଟ୍ ଓ ଫୁଲପକା ଗୋଲାପୀ ଶାୟା । ହେଇ ନିଅ ଏ ଧଳା ସେମିଜ୍ ଆଉ ଏ ନାଲି ଧଡ଼ିଆ ସାଦା ଶାଢ଼ୀ । ତମ ମେଘମହ୍ଲାର ମଦୁରୀ ଶାଢ଼ୀ ପାଲଟି ପକାଅ । ଆଉ ସେଣ୍ଣ ଶାଢ଼ୀ, ଶାୟା, ବ୍ଲାଉଜସହ ସବୁ ଗହଣା ଏକାଠ ବାନ୍ଧ । ଏଇ ଧୀର, ଶାନ୍ତ, ଶୋଇଲା ପଡ଼ିଆଟିର ସେପାରରେ ଯେଉଁସବୁ ନଈଧାରନ୍ତି ଦେଖୁଛ, ଗ୍ଲଲ ସେଇଥିରେ ଆଖିବୁଜି ସବୁ ଫିଙ୍ଗିଦିଅ । ଆଉ ତା' ସଙ୍ଗରେ ଫିଙ୍ଗିଦିଅ ତମ ମନର ସବୁ ଗର୍ବ, ସବୁ ଅଭିମାନ, ସବୁ କୁଟିଳତା । ହଁ, ହାତରୁ ସବୁ କାଚ ଓହ୍ଲାଇ ପକେଇଲ ପରା, କାଲେ କିଏ ବିଧବା ବୋଲି ବାରିଦେବ, ଏଇ ନିଅ ଦି'ପଟ ରୁପାକାଚ । ଏ ହାତରେ ପଟେ, ସେ ହାତରେ ପଟେ ପିନ୍ଧ । କୃତ୍ରିମ ଭିତରୁ ସେତିକି ଲଦି ହୁଅ, ସେତିକି ବି ନ ହେଲେ କଣ୍ଠ ପ୍ରଣବ ଅଶୁଦ୍ଧ ହୋଇ ଯିବନାହିଁ କି ତମ ସ୍ୱାମୀ ମୁଣ୍ଡରେ ଚଡ଼କ ପଡ଼ିଯିବ ନାହିଁ । ହାତ ଫୁଙ୍ଗୁଳା କଲେ ବି ସେଥିରେ ଏତେ ଟିକଏ ଅଶୁଭର ଲକ୍ଷଣ ନାହିଁ—ଖାଲି ମନର ଦୁର୍ବଳତା । ଗୁଡ଼ ।

ହଁ, ଗଣ୍ଡି ଖୋଲି କଳାବେଣୀଟିକୁ ଲମ୍ବାଇ ଦିଅ । ଏଇ ନିଅ ଏ ଦରଫୁଟିଲା ମଲ୍ଲିକଢ଼ର ହାରଟି, ବେଣୀ ଅଗରେ ଝୁଲାଇ ଦିଅ, ଭାରି ସୁନ୍ଦର ଦିଶିବ । ଆଚ୍ଛା, ଅବକା କୁହ-ତୁମକୁ ଟିକଏ ହାଲୁକା ଲାଗୁ ନାହିଁ ?

ତମେ ତ ଆଗ ଅପେକ୍ଷା ଆହୁରି ସୁନ୍ଦର ଦିଶୁଛ । କେଡ଼େ ସରଳିଆ, କଅଁଳିଆ ମୁହଁଟି, ଧୀର ସ୍ଥିର ଚାଲି, ମୁହଁରେ ଉଛୁଳା ହସ, ସତେ ଯେପରି ସାକ୍ଷାତ ଲକ୍ଷ୍ମୀଟିଏ । ଦେଖିଲ, ତମ ବଳିଲା ବଳିଲା ଦେହକୁ ଏ ଖଦଡ଼ ଶାଢ଼ୀଖଣ୍ଡି କେଡ଼େ ମାନୁଚି, ପୁଣି ତମ ଗୋରା ତକତକ ଭରା ଯୌବନ ଉପରେ ତା'ର ନାଳ-ଧଡ଼ିଟି କପରି ସାପ ଭଳି ଗୁଡ଼େଇ ହୋଇ ଯାଇଛି । ଚାଲ, ଏହି ବରଣ୍ଡା ତାଟି ଖୋଲି ଦେଇ କୁଡ଼ିଆ ଭିତରକୁ ଯିବା । ଆଜି ତ ସୁନା-ଗହଣା ନାହିଁ ଯେ ଚୋର, ଡାକୁଇତ ନେଇଯିବ, କି ମଦୁରା ଶାଢ଼ୀ ନାହିଁ ଯେ ମାଟି ଘରେ ଘଷା ହୋଇଯିବ- ଏଣିକି ତମେ ଖୋଲା ଆକାଶର ଉଡ଼ନ୍ତା ଚଢ଼େଇ—ତମେ ଆଜି ସେ ଚେଲବସର, ଅଳିଅଳି, ରାଜଜେମା "ସିପ୍ରା" ନୁହଁ—ତମେ ଗୋଟିଏ ଗରିବ ଘରର ଶାନ୍ତ, ସରଳ, କାନ୍ତ କୋମଳ ଗାଉଁଲି ଝିଅ "ଗୀତା ।

## ସହନଶୀଳତା

ମନେ ଅଛି ନା ତମର "ଗୀତା" କଥା ? ଆମ କାହ୍ନୁ ମହାନ୍ତିଙ୍କ "ଅଦେଖାହାତ"ର ଗୀତା । ପିଲାଟି ଦିନରୁ କେତେ ଦୁଃଖ, ଅଭାବରେ ବଢ଼ିଛି, କେତେ ଭୋକ ଉପାସରେ ଦିନ କଟେଇଛି; ବିନା ଦୋଷରେ ଦୁନିଆ ଯାକର କେତେ ନିନ୍ଦା ଅପବାଦ ସହିଛି—ତଥାପି ଦୁଃଖରେ ତା' ଛାତି ଫାଟି ଯାଇଛି ପଛକେ ତୁଣ୍ଡ ଫିଟି ନାହିଁ । ଗରିବ ଘରର ବାପଛେଉଣ୍ଡ, ଅଭିଆଡ଼ୀ ଝିଅଟି ଓଳିଏ ଖାଇଲେ ତିନିଓଳି ପେଟରେ ଓଦାକନା ଦେଇ ନିଜ ଦୁଃଖରେ ପଡ଼ିଥାଏ । କେଡ଼େ ଧୀର କଥା, ଥିର ଚାଲି, ମାଟିକୁ ମ'ବୋଲି କହେ ନାହିଁ । ଗାଁ ଲୋକେ କିନ୍ତୁ ଓଲଟି ତା'ରି ଉପରେ ମନର ଝରମାନା ମେଣ୍ଟେଇଲେ । ଶେଷକୁ ତାକୁ ନେଇ ଜବରଦସ୍ତି ଛନ୍ଦ ଦେଉଥିଲେ ସେହି ଶୁଆସରୋଗୀ, ଗୁଳିଖୋର ଦରମଲା "ଜଟିଆ" ସାଙ୍ଗରେ । ଏତେ ଦୁଃଖ, ଦୁର୍ଦ୍ଦଶା, ଦୁର୍ବିପାକରେ ପଡ଼ି ବି ଦିନେ ହେଲେ ସେ ସାହି ପଡ଼ିଶା କାହାରି ସାଙ୍ଗରେ ଆଜିକା କାଲିକା ଉଦ୍ଦଣ୍ଡୀ, ଉପରମୁହାଁ ଝିଅଙ୍କ ଭଳି ମୁହଁ ଫିଟେଇ କଳିକଜିଆ କରିନାହିଁ । ଯେ ଯାହା କହିଛି, ସବୁ ଆଖିବୁଜି ସହି ଯାଇଛି । ଯେ ଯାହା କରିଛି, ସବୁ ଠାକୁରଙ୍କୁ ଡାକି ମୁଣ୍ଡ ପତାଇ ଦେଇଛି । କାରଣ ସେ ଜାଣେ, କହିବା ଲୋକ ବଡ଼ ନୁହେଁ, ସହିବା ଲୋକ ବଡ଼ । ନଇଁ ପଡ଼ିଲେ

ଲହଡ଼ି ଭାଙ୍ଗିଯାଏ । ସେ କାହିଁକି ମିଛଟାରେ ସାହି ପଡ଼ିଶା, ଗୁରୁ ଗୁରୁଜନଙ୍କ ସାଙ୍ଗେ ପାଟି ତୁଣ୍ଡ କରି ଅପଡ଼ି ହେବ ? ନିଜେ ଠିକ୍ ଥିଲେ, ପର ତମ ପାଇଁ ଯେତେ ଖାତ ଖୋଳିଲେ ବି ତମ ଦେହରେ କାଇଁଚି କାଣ୍ଡ ବାଜିବ ନାହିଁ ।

ଏହି ହୀନମାନୀ ଗାଉଁଲି ଝିଅ "ଗୀତା" ଠାରୁ ଏହି ସହିବା ଗୁଣଟି ତମେ ଶିଖି ପାରିବ କ'ଣ ? ଯିଏ ଯାହା କହୁ, ଛଳ ନ କରି ମୁଣ୍ଡପାତି ସବୁ ସହିଯିବ । ତମ ଶାଶୁ, ଯା', ନଣନ୍ଦ ବା ଗାଁଗଣ୍ଡା ସାହି ପଡ଼ିଶାରେ କେହି ଯଦି ତମ ସାଙ୍ଗରେ କଳି କରି ବସେ, ତମ ଦୋଷ ଥାଉ ବା ନ ଥାଉ, ଆଗ ହାତଯୋଡ଼ି ତା'ଠାରୁ କ୍ଷମା ମାଗିନେବ । ଯଦି ସେଥିରେ ସେ ଚୁପ ନ ହୁଏ, ତେବେ ତମେ ଏକାବେଳେ ନୀରବ ରହିଯିବ । ସେ ହୁଏତ ମନଇଚ୍ଛା ଏଣୁ ତେଣୁ ବକିବ, କିନ୍ତୁ ଗୋଟାଏ ହାତରେ କେବେ ତାଳି ବାଜେ ନା, ଘଡ଼ିଏ ପହରେ ବକିର ବକିର ହୋଇ ସେ ତମଠାରୁ ଯୁଦ୍ଧର ପ୍ରତ୍ୟାଶା ନ ପାଇଲେ ଆପଣ ଛୁଏଁ ଚୁପ୍ ହୋଇଯିବ । ତମେ କହିବ, ନିର୍ଦ୍ଦୋଷରେ ମୁଁ ତା' ଠାରୁ ଏତେ ବୋଲଣା ସହିବି କାହିଁକି ? ବିନା ଦୋଷରେ ସେ ମୋର ଚଉଦପୁରୁଷ ଉଖାଳିବ, ମୋ ପୁଅ ଘଇତାଙ୍କୁ କାଟିବ, ମୁଁ କାନରେ ତୁଳାବିଣ୍ଡା ଦେଇ ଏଗୁଡ଼ାକ ସହିବି କିପରି ? ଏଇଠି ତମର ଭୁଲ୍ । ଆଗରୁ କହିଛି—ଯେ କହେ, ସେ ବଡ଼ ନୁହେଁ । ଯେ ସହେ, ସେ ବଡ଼ । ଆଉ ତମେ ପାଠଶାଠ ପଢ଼ିଛ—ମୁଣ୍ଡରେ ବୁଦ୍ଧି ଅଛି । ସେମାନେ ନିର୍ବୁଦ୍ଧିଆ, ମୂର୍ଖ । ରାଗ ବଖତରେ କିଏ ଟିକିଏ କହିଦେଲା—ତମ ପୁଅ ମରିଯାଉ, ଯା ବୋଲି କ'ଣ ସତକୁ ସତ ତମ ପୁଅ ମରିଯାଉଛି ? ଏସବୁ ବଡ଼ କୁସଂସ୍କାର, ଅନ୍ଧବିଶ୍ୱାସ । ଋଷୀ ଗାରକ ଦେଇଥିଲେ ଗାଳି ତ ଗାଳି, ଯଦି ପୁଅକୁ ନେଇ ମହିନଈରେ କୁମ୍ଭୀର ମୁହଁକୁ ଠେଲିଦିଅ, ସେଥିରୁ ବି ସେ ସୁରୁଖୁରୁରେ ଉବୁରି ଆସିବ ।

ତମ ଶାଶୁ ତମ ସାଙ୍ଗରେ ଦିନଦିନ ହେଲା ଝଟାପଟା କଜିଆ ନଗେଇଛି । ମୁହଁରେ ବାର ବଜକତା ଗାଳି । ପାଟିରେ ତିନିସାହି ପଡ଼ୁଛି ଉଠୁଛି । କହୁଁ କହୁଁ କହି ପକାଇଲା—"ହା ତୁ ପୁତଖାଇ, ହା ତୁ କୁଳ ବୁଡ଼େଇ, ମୋ ସାଙ୍ଗରେ ନଗେଇଛୁ, ତୁ ରଣ୍ଡ ହୋଇ ବଡ଼ଦାଣ୍ଡକୁ ଯା'

ଲୋ, ତୋ ନିଅାଁଶିଆ ଡ଼ିଅରେ ପାଣି ଟିକିଏ ଦେବାକୁ କେହି ନ ରହନ୍ତୁ ।'
ଏହି କଥାଟିକୁ ଟିକିଏ ଧୀରମନରେ ଭାବ । ଏ ଗାଳିର ମାନେ କ'ଣ ?
ତମ ବାଣ୍ଡ ହେବ ଅର୍ଥାତ୍ ତା ନିଜ ପୁଅ ମରିବ; ପୁଣି ତମର ନିଅାଁଶିଆ
ଡ଼ିଅରେ ପାଣି ଟିକିଏ ଦେବାକୁ କେହି ରହିବେ ନାହିଁ; ଅର୍ଥାତ୍ ତା ନିଜ
ବଂଶ ନିର୍ବଂଶ ହେବ । ଏକଥା ଯିଏ ଉବଡ଼ବ ହୋଇ କହି ଯାଉଛି; ସେ
କ'ଣ ବୁଝିସୁଝି ଆଗ ପଛ ବିଚାରି କହୁଛି ? ନା, ସେ ରାଗରେ ଟମଟମ
ହୋଇ ପାଟିକି ଯାହା ଆସୁଛି ବକି ଯାଉଛି । ସେ ମରହଟିଆ ମଫସଲିଆ
ଲୋକ । ନା ଅଛି ତାର ପାଠଶାଠ, ନା ଅଛି ତାର ବୁଦ୍ଧି ଶୁଦ୍ଧି ।
ମୁଣ୍ଡରେ କଡ଼ାକର ଅକଲ ଥିଲେ ସେ ନିଜେ ନିଜେ ଆପଣା ଗୋହି
ଖୋଳନ୍ତା ନାହିଁ । ଯାହା କହନ୍ତି—"ଢଇତା ପଛକେ ମରୁ, ସଉତୁଣୀ
ବାଣ୍ଡ ହେଉ ।" ସେ ଖାଲି ତମ ଉପରେ ରକ୍ତଚଉଳ ଗୈଦେଇ ଏଣୁ
ତେଣୁ ଭଣ୍ଡ ଅଭଣ୍ଡ ଓପି ଯାଉଛି । ତମେ ଯଦି ପାଠଶାଠ ପଢ଼ି ତା'ର
ସେହି କଥାକୁ ସବୁ ଧରି ବସ, ଆଉ ସେଇଥିରେ ଛଳ କରି ତା'କୁ ଦି' ପଦ
ଟାଉଁଟାଉଁ ଜବାବ ଦିଅ, ତେବେ ଖଣ୍ଡମଚ ରାମ ରାବଣ ଯୁଦ୍ଧ ଲାଗିଯିବ ।
ହେଲି ଏବେ ବିନା ଦୋଷରେ, ବିନା କାରଣରେ ସେ ତମ ଉପରେ
ରବେଇ ଖବେଇ ହେଉଛି—ସେଥିରେ ତମର ତ ଦିହ ଛିଣ୍ଡି ଯିବ ନାହିଁ ।
ଗାଁ ଗଣ୍ଡାରେ ତମ ନାଁରେ ସେ ପଦକୁ ଦି' ପଦ ଲଗେଇ ବାରକଥା
କହି ବୁଲୁଛି; ହୁଏତ ଭାଇ ଭଗାରି ସେଥିରେ ତମକୁ ଛି ଛାକରି କରୁଛନ୍ତି
—କରନ୍ତୁ; ନିଜେ ଭଲଥିଲେ ଦୁନିଆ ଭଲ, ଆଉ କେହି ନ ଜାଣନ୍ତୁ,
ଉପରେ ତ ଜଣେ ଦେଖୁଛି—ତମେ ଭଲ କି ଭେଲ । ଦିନ ଦି'ଟା
ମୁହଁମାଡ଼ି ପଡ଼ିଗଲେ ବଳେ ଦିନ ଆସିବ ଯୋଉଦିନ ଲୋକେ ତମକୁ
ଚିହ୍ନିବେ, ନିନ୍ଦା ପରିବର୍ତ୍ତେ ତମର ପ୍ରଶଂସା ଗାଇ ବୁଲିବେ ।

ଖାଲି ଟିକିଏ ଧୈର୍ଯ୍ୟ ଲୋଡ଼ା—ସବୁଦିନ ସମାନ ଯାଏ ନାହିଁ ।
ଦୁଃଖ ପରେ ସୁଖ ଆସୁଛି । ସେହି ଶାଶୁ ବି ତମ ଉଦାର ହୃଦୟ ପାଖରେ
ନଇଁ ପଡ଼ିବ । ସାହି ପଡ଼ିଶାଙ୍କ ଆଗରେ ତମ ଦୋଷ ଘୋଡ଼େଇ ଗୁଣ
ବଖାଣିବ । ନାହିଁ ଯଦି ତମେ ସହି ନ ଯାଇ ଓଲଟି ତା' ସାଙ୍ଗରେ
ଝିଟାପଟା ଲଗାଅ—ତେବେ ତମ ପାଠଶାଠର ମୂଲ୍ୟ ରହିଲା କ'ଣ ?
ଗାଁ ଗହଳର ଗୁଣା ବସଣୀ ପିନ୍ଧା ଅନ୍ଧ, ଅଶିକ୍ଷିତ ଝିଅ ବୋହୂଙ୍କଠାରୁ

ତମେ କୋଉ ଗୁଣରେ ବଡ଼ ? ତମ ଶାଶୁ ଯେତେ କଳେଇ ଝ୍ୱାଟେଇ ହେଲେ ବି ତମର ଗୁରୁଜନ । ସେ ସିନା ବୁଝୁନାହାନ୍ତି, ତମେ ତ ବୁଝୁଛ, ଆଜି ସେ ତମର ଶାଶୁ ନ ହୋଇ ମା ହୋଇଥାନ୍ତା ! ମା'ର ଦୋଷ, ଅବଗୁଣ କ'ଣ ପୁଅ ଝିଅ ଧରି ବସିଲେ ଦାଣ୍ଡକୁ ସୁନ୍ଦର ଦିଶିବ ? ଦାଣ୍ଡ-ମଝିରେ ହାଣ୍ଡି ଭାଙ୍ଗିଲେ ନିଜକୁ ଗନ୍ଧ ହେବ ସିନା ।

ତମେ କହିବ ଶାଶୁ, ଶଶୁର ସିନା ଗୁରୁଜନ, ତାଙ୍କର ସହିବି, ଏ ସାତପର ଭାଇ ଭଗାରି, ଯା, ନଣନ୍ଦଙ୍କର ସହିବି କାହିଁକି ? ଦେଖ, ପାଠୋଇ ଝିଅ ତମେ ! ଏମିତି ଅବୁଝା ହେଲେ ଚଳିବ ? ପର କିଏ ଆଉ ଆପଣାର ବା କିଏ ? ତମେ ଯେ ଏତେ ଲୋଭ କରି ଏ ମୋର ପୁଅ, ଏ ମୋର ଗେରସ୍ତ, ଏ ମୋର ଘରଦୁଆର. ଏମୋର ଧନ ସମ୍ପତ୍ତି ବୋଲି ମୋର ମୋର କହି ପାଣି ପିଉନାହଁ, ସେ ସବୁ କେହି ଭଲା ଶେଷବେଳେ ତମ ସାଙ୍ଗରେ ଯିବେ ? ଏତେ ସ୍ନେହ ଶରଧା, ଆଦର, ଯତ୍ନକରି ଯୋଉ ପୁଅକୁ ବଢ଼ାଉଛ, ସେ ଶେଷରେ ନିଷ୍ଠୁର ହୃଦୟରେ ତମ ଗୋଲପୀ ମୁଖରେ ନିଆଁ ଦେଇ ଫେରି ଆସିବ ଘରକୁ । ଆଉ ଯାହାକୁ ଆଜି ପର ବୋଲି କହୁଛ, ତାଙ୍କରି ମୁହଁରେହିଁ ତମ ଭଲ ଭଲ ପରୀକ୍ଷା କରିଯିବ । ଭାଗବତରେ ଅଛି—

"ପ୍ରାଣୀର ଭଲମନ୍ଦ ବାଣୀ
ମରଣ କାଳେ ତାହା ଜାଣି ।"

ଗାଁ ଗଣ୍ଡାର ସାହି ପଡ଼ିଶା, ଭାଇ ବନ୍ଧୁ ସେତେବେଳେ ତମକୁ ଯୋଉ ସାର୍ଟିଫିକେଟ ଦେବେ, ସେଇ ହେବ ତମ ଜୀବନର ଚରମ ପନ୍ଥ, ପରମ ନିଷ୍ପତ୍ତି । ସେମାନେ ଯଦି ତମପାଇଁ ହାୟ ହାୟ କରନ୍ତି, ତେବେ ଲୋକେ ବୁଝିବେ ତମେ ଥିଲ ଜଣେ ଭଲ ମଣିଷ । ଆଉ ଯଦି ସେମାନେ ତୁମକୁ ଛି'ଛାକର କରନ୍ତି, ତେବେ ଦୁନିଆସାରା ତମକୁ ଘୃଣା କରିବ ।

ବର୍ତ୍ତମାନ କୁହ—ତମର ପର କିଏ, ଆପଣାର କିଏ ? ତମେ କହୁଛ—ତମ ସ୍ୱାମୀ ଖଟକଷ୍ଟ କରି ରୋଜଗାର କରୁଛନ୍ତି, ତେଣୁ ତମର ପୁଅ ଏକା ଭଲ ଖାଇବ, ଭଲ ପିନ୍ଧିବ, ଭଲ ଖେଳନା ନେଇ ଖେଳିବ । ଆଉ ତମ ଦେଢ଼ଶୁର ଘରେ ବସି ଗୃହ ଧନ୍ଦା ବୁଝୁଛନ୍ତି—ତାଙ୍କ ପୁଅ ଆବୁରି

ଜାବୁରା ଖାଇବ, ଛିଣ୍ଡା ଗଇଣ୍ଠା ପିନ୍ଧିବ । କାରଣ ତମ ପୁଅ ଆପଣାର ଆଉ ସିଏ ଭଗାରିର । ଆଚ୍ଛା ଧର, କିଛିଦିନ ପରେ ହଠାତ୍ ଦିନେ ଗାଁରେ ହଇଜା ଧରିଲା; ଗୋଟାକରେ ତମ ସ୍ୱାମୀ, ପୁଅ ଦି'ଜଣଙ୍କୁ ଆଗ ପଛ କରି ପିଟିଦେଲା । ଦଇବ ଯୋଗ—କାହାର ହାତ ଅଛି, ଯାହାକୁ ବନ୍ଦ କରିବ ? ଅବକା କୁହ, ତମ ଅବସ୍ଥା କ'ଣ ? ଅବକା କାହାନ୍ତି ତମ ଆପଣାର ଲୋକ ? ତମେ ମୁଣ୍ଡ ବାଡ଼େଇ କାନ୍ଦ କରୁଛ, ହାତରୁ ଶଙ୍ଖା କାଢ଼ି, ମୁଣ୍ଡରୁ ସିନ୍ଦୂର ପୋଛି ଫେରି ଆସିଲ ସେହି ସାତପର, ଭାଇ ଭଗାରି, ଯା' ଦେଢ଼ଶୁରଙ୍କ ପାଖକୁ । ଆଗରୁ ଯଦି ତାଙ୍କ ସାଙ୍ଗରୁ ଛିଣ୍ଡିଥାଅ କି ସ୍ୱାମୀ କଞ୍ଚା ପଇସା କମଉଛି ବୋଲି ଗର୍ବ କରି ପିଲା ଛୁଆଙ୍କ ଭିତରେ ଖାଇବା ପିଇବା ବା ଲୁଗାପଟାରେ ପାତର ଅନ୍ତର କରିଥାଅ, ତେବେ ଅବକା ତାଙ୍କ ମନ କାହିଁକି ତମ ଉପରେ ବଗିଡ଼ି ନ ଯିବ ? ଶେଷରେ ତମେ ନିଜେ ହୀନମାନ ହେବ ନାହିଁକି ?

ମଣିଷ ଅନ୍ଧ—"ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଟାଣଇ ତେଣିକି ଯାଇ ।" କେତେବେଳେ କ'ଣ ହେବ, କିଏ କହିବ ? ତେଣୁ ଇଏ ପର, ସିଏ ଭଗାରି, ସିଏ ଶତ୍ରୁ ଏପରି ଭାବିବା ମୂର୍ଖତା । ଯଦି ଯା' ନଣନ୍ଦ ବା ସାହି ପଡ଼ିଶାରେ କେହି ତମ ସାଙ୍ଗରେ କଳି ଲଗାଏ, ତା ଗୋଡ଼ ଧରି କୁହ—"ଭଉଣୀ ! ଦିନ ଦି'ଟା ପାଇଁ ଆମେ ଏଠିକି କୁଣିଆ ଭଳି ଆସିଛେ । ନିଜ ନିଜ ଭିତରେ କାହିଁକି କଳି କରି ମନ ଫଟାଫଟି ହେବା । ସବୁ ଦୋଷ ମୋର, ମୋତେ ମାଫି ଦିଅ ।" ଦୋଷ ଥାଉ ବା ନ ଥାଉ, ଜଣେ ନଇଁ ପଡ଼ିଲେ କଜିଆ ଗୁଡ଼ିଏ ଛୁଟିଯିବ । ତମେ ଟିକିଏ ନରମି ଯାଅ, ଦେଖିବ—ସିଏ କଣ୍ଟାବାଡ଼ରେ ଲୁଗା ପକାଇ କଳି ଲଗଉଛି ସିଏ ବି ତା' ଦୋଷ ବୁଝି ପାରିବ । ସିଏ ବି ଆପଣା ଛୁଏଁ ଲାଜ ସରମରେ ଝାଉଁଳି ପଡ଼ିବ ।

## ଆଲସ୍ୟହୀନତା

ଆଉ ଗୋଟିଏ କଥା—ଏ କଳିକଜିଆ ଆରମ୍ଭ ହୁଏ କେବଳ ଆମର ଅଲସୁଆ ପଣରୁ । ଆମ ଓଡ଼ିଆ ଝିଅ, ବୋହୂ ଖାଲି ଦିନକୁ ୩ ବଖତ ପଖାଳ ଠୁଙ୍କି ବାଆଁ ଛୁଆଁ ଘରକାମ ଟିକିଏ କରିଦେଇ ଯାଇଁ ରୁଣ୍ଡ

ହୁଅନ୍ତି ପୋଖରୀ ତୁଠରେ, ନଇଲେ ପଡ଼ିଆର ଚୌତାରେ । ଖାଲି ପର ନିନ୍ଦା, ପର ଚର୍ଚ୍ଚା । ଦଳେ ସ୍ତ୍ରୀ ଲୋକ ଅଛନ୍ତି—ସେମାନେ ଟିକିଏ ମୁ ରୁଖା, ଟିକିଏ ମୁରବୀ ଧରଣର । ସେମାନେ ନୂଆ ନୂଆ ବୋହୂ ଭୂଆସୁଣୀଙ୍କର ଦୋଷଗୁଣ ଗୁଡ଼ିକୁ ଗାଳି କରି ଅନ୍ୟ ଆଗରେ ନ କହିବା ପର୍ଯ୍ୟନ୍ତ ତାଙ୍କ ଭାତ ହଜମ ହୁଏ ନାହିଁ । କିଏ ପାଉଁଲା, କିଏ ଛିଙ୍କିଲା, କିଏ ଦିନବେଳା ଟିକିଏ ସ୍ୱାମୀ ସାଙ୍ଗରେ କଥା କହିଦେଲା; କିଏ ଛୁଆକୁ ଦୁଧ ଦେଉ ଦେଉ ଖଟବେଳେ ଟିକିଏ ଘାଲେଇ ପଡ଼ିଲା—ଏମିତି କେତେ କ'ଣ । ଖାଲି ଏଠି ଫୁ ଫୁଟୁ ସେଠି ଫୁସ୍‌ଫୁସ୍, ଏଠି ଯିଏ ନାଁରେ ଉବଡ଼ବ ନାଗରୀ ତ ସେଠି ତା' ନାଁରେ ହାଟ ବସିଲାଣି । ନିଜେ ଗୋଟିଏ ଗୋଟିଏ ଗୃହିଣୀ ଅଥଚ "ଝିଅ" ଦୋଷ ଖୋଜି ଖୋଜି ତାଙ୍କ ଆଖିକୁ ନିଦ ହୁଏ ନାହିଁ ।

ଆଉ ଏହି ଛୁଆମାନେ ବି ସହଜ ଜନ୍ତୁ ନୁହନ୍ତି । ଛୁଆ କ'ଣ ବୁଝିଛ ତ ? ତମରି ଭଳି କଣ୍ଢା ବୟସର ୧୬, ୧୭ ବରଷିଆ ଟୋକାଦଳ । ଯାଇ-ତାଇ କାମ ପାଇଁ ଦି'ଟା ବଢ଼େଇ ଦେଇ ବା'ର ନ ବାଜୁଣୁ ପଞ୍ଚାଏ ଏକାଠି ହୋଇ ଆରମ୍ଭ ହୁଏ ତା'ସ, କଉଡ଼ି ନଇଲେ ବାଘମଞ୍ଜାରୀ । ଆଉ ତମ ଭଳି ଟିକିଏ ଅଧାପାଠୋଇ ହୋଇଥିଲେ ଲୁଡ଼ୁ ନଇଲେ ନଭେଲ ପଢ଼ା । ସେଇଠି ବସିଲେ ବାର ରକମର ବାଜେ ଗପ, ଛେଳିଙ୍କ ଭଳି ପାନ ଖାଇବା, ହେଁ ହେଁ ଫେଁ ଫେଁ—ପୁଣି ସେହି ଝିମିଟି ଖେଳରୁ ବି ମଝିରେ ମଝିରେ ମହାଭାରତ ଆରମ୍ଭ ହୋଇଯାଏ । ଖେଳ ଖେଳୁ ଖେଳୁ ଚାଲ ବାହାରେ । କିଏ କାହାକୁ ଟିକିଏ ଖେଳରେ କ'ଣ କହିଦିଏ । କିନ୍ତୁ ଆରଜଣଙ୍କ ଦେହରେ ଖେଳ ଯାଏ ନାହିଁ । ସେ ସେହି ଫେଳିଆ କଥାକୁ ଧରି ବସେ । "ସୂତା ମାଜିଲେ ଫେଳ, କଥା ମାଜିଲେ ମୋଟ ।" ଶେଷରେ ସେହି ସାମାନ୍ୟ ଖେଳ କଥା ଏକ ଭୁମୁଳ କଳି କଜିଆରେ ପରିଣତ ହୁଏ । ଏ ସବୁ ସେହି ଅଳସୁଆ ପଣିଆର ଫଳ ।

ଯାହାର କିଛି କାମ ଧନ୍ଦା ନଥାଏ, ସେ ସବୁବେଳେ ଖରାପ ଚିନ୍ତା କରେ, ସେ ସବୁବେଳେ ପରର ଛିଦ୍ର ଖୋଜି ବୁଲୁଥାଏ । ସେଇଥିପାଇଁ ଅଳସୁଆ, ଥୋଲିବାଲା ଜମିଦାର, ମହାଜନମାନେ ପେଟ ଫୁଲେଇ, ଆରାମ ଚଉକିରେ ଶୋଇ ଶୋଇ କେମିତି ଜାଲ, ଜୁଆଚୋରି କରି ରଣ୍ଡୀ ଖଣ୍ଡିଙ୍କ

ତଣ୍ଡି ଚିପିବେ, ସବୁବେଳେ ତା'ର ଚିନ୍ତା କରୁଥାଆନ୍ତି । କିନ୍ତୁ ଦୁଃଖୀର ତହିଁକି ସମୟ କାହିଁ ? ସେ ଟିକିଏ ଅଳସୁଆ ହୋଇ ବସିଗଲେ ଯେ ତା' ପିଲାଛୁଆ ଭୋକ ଉପାସରେ ଗଡ଼ି ମରିବେ । ତେଣୁ ସବୁବେଳେ ଶ୍ରେଷ୍ଠ ବଡ଼ କାମରେ ନିଜକୁ ବୁଡ଼ାଇ ରଖେ । ଅଳସୁଆ ହୋଇ ବସି ରହିଲେ ଦେହ ସାଙ୍ଗେ ସାଙ୍ଗେ ମନ ବି ଅଳସୁଆ ହୋଇଯାଏ । ଖାଲି ସ୍ୱାମୀ ଶଶୁରଙ୍କ ପାଇଁ ଭାତ ଦି'ଟା ରାନ୍ଧିଦେଲେ କାମ ଶେଷ ହୋଇଗଲା ନାହିଁ । ଧାନ ଉଷୁନା, ଶୁଖା, କୁଟା । ଭାତରନ୍ଧା କି ଶାଶୁ ଶଶୁରଙ୍କୁ ଖାଇବାକୁ ଦେବା କି ଗୁହାଳ ଗୋବର ପୋଛି ଗାଈ ବାଛୁରି ସେବା କରିବା—ଏଗୁଡ଼ା ତ ଘରର ଛୁଟିନ୍‌ବନ୍ଧା କାମ । ଏହି ଛଡ଼ା ଆହୁରି କେତେଗୁଡ଼ିଏ ଦରକାରୀ କାମ ଅଭ୍ୟାସ କରି ପ୍ରତିଦିନ କରିବାକୁ ହେବ ।

ଯେପରି ସୂତାକଟା—ଏହା ଗୋଟାଏ ଅତି ଶ୍ରେଷ୍ଠ କାମ, କିନ୍ତୁ ଏଥିରୁ ଅନେକ ଉପକାର ମିଳେ । ଅଭ୍ୟାସ କରି ନିୟମିତ ଭାବରେ ପ୍ରତିଦିନ କିଛି କିଛି ସମୟ ସୂତା କାଟିଲେ, କେବଳ ଯେ ତହିଁରୁ କିଛି ଆର୍ଥିକ ସାହାଯ୍ୟ ମିଳେ, ତା ନୁହେଁ, ମନରେ ବଳ ଆସେ, ହୃଦୟରେ ପବିତ୍ରତା ଆସେ, ନିଜର ଶକ୍ତି ଉପରେ ବିଶ୍ୱାସ ଆସେ । ତମକୁ ମୁଁ ସେଦିନ କହୁଥିଲି, ସେହି ୭୯ ବରଷର ବୁଢ଼ା ଗାନ୍ଧୀ ମହାତ୍ମାଙ୍କ କଥା ! ସ୍ୱୟଂ ଭଗବାନଙ୍କ କଳା ନେଇ ସେ ଏହି ପବିତ୍ର, ଦେବଭୂମି ଭାରତବର୍ଷରେ ଜନ୍ମ ହୋଇଥିଲେ । ସାରା ପୃଥିବୀର ଲୋକେ ତାଙ୍କୁ ଦେବତା ଭଳି ପୂଜା କରନ୍ତି । ତାଙ୍କର ନିର୍ଦ୍ଦେଶ, ତାଙ୍କର ଉପଦେଶ, ତାଙ୍କର ଆଶୀର୍ବାଦ ପାଇ ଆଜି ୨୦୦ ବର୍ଷର ଏ ପରାଧୀନ ଦେଶ ସ୍ୱାଧୀନ ହୋଇଛି ।

ସେହି ମହାପୁରୁଷ ଆମର ଏହି ନିଃସ୍ୱ, ନିରନ୍ନ, ଦରିଦ୍ର ଦେଶରେ ମୁକ୍ତି ଆଣିବାକୁ ଓ ଅଶିକ୍ଷିତ, ଅନ୍ଧକାର ଗାଁ ଗହଳରେ ଆଲୋକ ଜାଳି ଦେବାକୁ ପ୍ରଥମେ ଆରମ୍ଭ କରିଥିଲେ ଏହି ଶ୍ରେଷ୍ଠିଆ କାମ—ସୂତାକଟା । ସେ କହିଥିଲେ ବିଲାତି ଲୁଗା ପିନ୍ଧି ଆମ ଦେଶର କେତେ କୋଟି କୋଟି ଟଙ୍କା ନିତିପ୍ରତି ଗୁଣି ହୋଇ ଚାଲି ଯାଉଛି ସେହି ସାତ ସମୁଦ୍ର ତେର ନଈ ପାରର ଇଂଲଣ୍ଡ, ଆମେରିକା ଦେଶକୁ । ଆମେ କାହିଁକି କପାଚାଷ କରି ସୂତାକାଟି ହାତରେ ଲୁଗାବୁଣି ନ ପିନ୍ଧିବୁ ?

ତାହାହେଲେ ତ ଆମ ଦେଶ ପଇସା ଆମ ଦେଶ ଭିତରେ ରହିବ । ତାଙ୍କର ଏହି ଉପଦେଶ ଆମ ଦେଶର ବଡ଼ବଡ଼ ମଥାବାଲା ନେତାମାନେ ମାନଥିଲେ । ସେହିଦିନୁ ଗାଁ ଗହଳରେ ବଡ଼ସାନ ସଭିଙ୍କ ଘରେ ଅରଟ । ପୁଅଝିଅ, ପୁରୁଷ ସ୍ତ୍ରୀ, ବୁଢ଼ା ବୁଢ଼ୀ, ସମସ୍ତେ ହାତରେ ସୂତାକାଟି ଲୁଗା ପିନ୍ଧୁଛନ୍ତି । ଅବଶ୍ୟ ଆମ ଓଡ଼ିଶା ପ୍ରଦେଶଟା ସମସ୍ତଙ୍କଠୁ ସବୁଦିନେ ପଛରେ ପଡ଼ିଥାଏ । ଏ ବିଷୟରେ ବି ଅନ୍ୟ ପଡ଼ୋଶୀ ପ୍ରଦେଶ ସମକକ୍ଷରେ ଅନେକ ପଛରେ ଯାଇଛି । ତେଣୁ ଆମ ଓଡ଼ିଆ ପୁଅଝିଅଙ୍କୁ ଏଥିପାଇଁ ଅଣ୍ଟାଭିଡ଼ି ନିୟମିତ ଭାବେ କାମ କରିବାକୁ ହେବ । ପରଉପରେ ନିର୍ଭର ନ କରି ମିଲଲୁଗା ପାଇଁ ଆଜକାଲି ବଜାରରେ ପଇସାକ ଜିନିଷ ଉପରେ ପାଞ୍ଚ ପଇସା କଳାପୋତେଇ ନ ଦେଇ ଆମେ ହାତରେ ସୂତାକାଟି ଲୁଗା ପିନ୍ଧିଲେ ଆମେ ପାଇବା କେତେ ଶାନ୍ତି, କେତେ ସନ୍ତୋଷ । ଆଉ ଓଡ଼ିଆ ଝିଅ ବୋହୂମାନେ ଯଦି ନିୟମିତ ଭାବେ ସୂତା କାଟନ୍ତି, ତେବେ ଆଉ ଅଳସୁଆ ହୋଇ ବସି ତା'ସ, କଉଡ଼ି ଖେଳିବାକୁ ବେଳ ନ ଥିବ କି ପରନିନ୍ଦା, ପର ଚର୍ଚ୍ଚା କରି ବାରରକମ କଳିକଜିଆ ବାହାର କରିବାକୁ ସମୟ ବା ସୁଯୋଗ ନଥିବ ।

ହଁ, ତମେ ହୁଏତ ମନକଷ୍ଟ କରିଥିବ, ତମ ନଭେଲ ପଢ଼ିବା ଅଭ୍ୟାସଟାକୁ ମୁଁ ପଦାରେ ପକାଇ ଦେଲି । ଅବଶ୍ୟ ନଭେଲ ପଢ଼ିବା କେବେ ଖରାପ କଥା ନୁହେଁ । ଯିଏ ଯାହା କହୁ ପଛକେ, ନଭେଲରେ ଝିଅ ବୋହୂଙ୍କ ଶିଖିବା ପାଇଁ ମଧ୍ୟ ଅନେକ ଜିନିଷ ଅଛି । କିନ୍ତୁ ଅନେକ ବୁଢ଼ା ବୁଢ଼ୀ ନାକ ଟେକନ୍ତି ଯେ ନଭେଲ ପଢ଼ି ବୋହୂମାନେ ଉଦ୍ଧତ, ଉପରମୁହାଁ ଓ ଚରିତ୍ରହୀନା ହୋଇଗଲେ । ସେମାନେ ବଙ୍ଗାଳୀ ଫେସନରେ ଲୁଗା ପିନ୍ଧିଲେ, ହାଇହିଲ୍ ଜୋତା ମାଡ଼ିଲେ, ମଫସଲିଆ ଶାଶୁ ଶଶୁରଙ୍କୁ ମାନିଲେ ନାହିଁ । କଥାଟା ଯେ ନିହାତି ମିଛ ବା ମନଗଢ଼ା, ତା' ନୁହେଁ, ଆମ ଝିଅ ବୋହୂଙ୍କ ଭିତରେ ଶତକଡ଼ା ଯେଉଁ ୧୦, ୧୨ ପାଠ ପଢ଼ିଛନ୍ତି, ତାଙ୍କ ଭିତରୁ ଜଣେ ଦି' ଜଣ ମାଇନର ଡେଇଁ ଥିବେ କି ନାହିଁ ସନ୍ଦେହ । ସମସ୍ତଙ୍କ ପାଠ ଗାଁ ଚାଟଶାଳୀର "କମଳ ଲୋଚନ" ବା "କେଶବ କୋଇଲି, ପାଖରେ ଶେଷ ହୋଇଛି । ତେଣୁ ଏହି ଅଧାପାଠୋଇ ବୋହୂଗୁଡ଼ିକ ଯେତେବେଳେ ତାଙ୍କ ମାଟ୍ରିକ୍ ପାଶ କରିଥିବା ବା ଗୋଟିଏ ଦୁଇଟି କ୍ଲାସ୍

ମାଡ଼ିଥିବା ସ୍ୱାମୀଙ୍କ ପାଖରେ କେତେ ଗୁଡ଼ାଏ ଏଣୁ ତେଣୁ ସହଜ, ସରଳ, ରସରସିଆ ନଭେଲ ଦେଖନ୍ତି, ସେତେବେଳେ ସେ ଭୋକ ଶୋଷ ଭୁଲିଯାଇ, ଧନ୍ଦା ପାଇଟି ପକେଇ ଦେଇ ଖଟ ଉପରେ ବସି ଏକା ନିଃଶ୍ୱାସରେ ସେଗୁଡ଼ିକ ପଢ଼ି ବସନ୍ତି । ବେଶୀ ଗମ୍ଭୀରକୁ ତ ରୁଷ ନାହିଁ । ମୂଳରୁ ଶେଷ ଯାଏ ବହିଟି ପଢ଼ିସାରି ସେଥିରେ ଭଲ ଗୁଣଗୁଡ଼ିକ ନ ଶିଖି ଖାଲି ଉପରେ ଭାସି ଯାଇଁ ଖରାପ ଗୁଣଗୁଡ଼ିକ ଅନୁକରଣ କରି ବସନ୍ତି । "ଅଳ୍ପ ବିଦ୍ୟା ଭୟଙ୍କରୀ" । ତାଙ୍କର ଯେତିକି ଦୂର ପାଠଶାଠ ଯେତିକି ଦୂର ବୁଦ୍ଧି ବୃତ୍ତି ସେହି ଅନୁସାରେ ସେ ବହିଟିକୁ ବିଚାର କରନ୍ତି । କଥାଟାକୁ ଗୋଟିଏ ଉଦାହରଣ ଦେଇ ବୁଝେଇ ଦିଏଁ ।

ଗରିବ ଘରର ଦୁଃଖିନୀ ଝିଅଟିଏ 'ସୁମୀ'—ଦିନ ଦ'ଟା ଶାଶୁଘରେ ସୁଖଭୋଗ କରି ନଚକ୍ରୁଣୁ ତା' ମୁଣ୍ଡରେ ପଡ଼ିଲା ଚଡ଼କ । ସ୍ୱାମୀ ତାର ବସନ୍ତରେ ୨ଟି ଯାକ ଆଖି ହରାଇଲା । ସେତେବେଳକୁ ତା'ର ସାତମାସ ଗର୍ଭ । ବାର ଗୋବରୁ ଗୋବେ ନାହିଁ । ଗରିବ ସ୍ୱାମୀ ତା'ର ପର ଦୁଆରେ ମୂଲ ଲାଗି ଗୌଣୀଏ, ପାଞ୍ଚସେର ଆଣି ଦୁଃଖ କଷ୍ଟ ଗୁଜୁରାଣ ମେଣ୍ଟାଉ ଥିଲା, ଅବକା ତା' ଦୁଃଖ ଗାଆଣୀ ଗାଇଲେ ସରୁ ନାହିଁ । ବିଚରା ହତାକପାଳି ଝିଅଟି ଭାଗ୍ୟକୁ ଆଦରି ଅନ୍ଧସ୍ୱାମୀର ହାତ ଧରି ବାରଦୁଆର ବୁଲି ବୁଲି ଭିକ ମାଗୁଛି ।...ଏଣେ ଜମିଦାର ଘରର ଅଲିଅଳି ରାଜଦୁଲଣୀ ଲକ୍ଷପତିର ଗୋଟିଏ ବୋଲି ଝିଅ—"କୁମାରୀ" ପିନ୍ଧିଛି ଖଣ୍ଡେ ନାରଙ୍ଗୀ ରଙ୍ଗର ଦାମିକା, ବନାରସୀ ସିଲ୍‌କଶାଢ଼ୀ, ଯାହାର ସୁନାର ବର୍ଡରେ ବୁଡ଼ିଯାଉଥିବା ସୂର୍ଯ୍ୟର ସୁନା-ଆଲୁଅରେ ଝରି ଝରି ମିଶେଇ ଯାଇଛି । ତିନମହଲା କୋଠା ଉପରେ ଡ୍ରେସିଂ ଟେବୁଲ ପାଖରେ ଠିଆ ହୋଇ ବଡ଼ ଦର୍ପଣକୁ ଚାହିଁ ଚାହିଁ ସେ ଚିକ୍କଣ ଚିବୁକରେ ଲେପୁଛି ଅଜନ୍ତା ସ୍ନୋ । ଲୁଚିଲୁଚି ପଛରୁ ଆସିଛି ତା' ଲଭର—'କୁମାର ।' କୃଷ୍ଣ-କେଶର ମସୃଣ ଗଭାରେ ଆଦର କରି ଖୋସି ଦେଇଛି ଗୋଟିଏ ସଜ ଗୋଲାପ ଗୁଚ୍ଛ । କୁମାରୀ ଲାଜ ସଙ୍କୋଚରେ ଥରି ଥରି ଢଳି ପଡ଼ୁଛି ତା'ର କୋଳରେ, ଆଉ କୁମାର ଥରି ଥରି ଭୋକିଲା ଓଠରେ ଦେଇଛି ତା' ରକ୍ତ ଚିବୁକରେ ଗୋଟିଏ ଗାଢ଼ ଚୁମା ।

ତା'ପରେ ଦୁହେଁ ହାତ ଧରାଧରି ହୋଇ ବାହାରିଛନ୍ତି ମଟର ନେଇ ସିନେମା ଦେଖି । ଫାଷ୍ଟ ସୋ । "ପ୍ରଭାତ"କୁ "କିସ୍‌ମତ୍‌" ନୂଆ

ହୋଇ ଆସିଥାଏ । ଘରି ଲୋକ ଭିଡ଼ । କୁମାରୀ ରିଷ୍ଟୱାଚକୁ ଚାହିଁ ଦେଖିଲେ ଖେଳ ଆରମ୍ଭକୁ ଆଉ ମାତ୍ର ୧୦ ମିନିଟ ବାକି, ପୁଣି ଗ୍ୟାଲେରିରେ ବକ୍ସ ରିଜର୍ଭ କରିବାକୁ ଟିକିଏ ଟାଇମ୍ ଲାଗିପାରେ । କୁମାରକୁ ଇଙ୍ଗିତ ଦେଲେ ଟିକିଏ ଶୀଘ୍ର ଡ୍ରାଇଭିଂ କରିବାକୁ । କୁମାର ମଧ୍ୟ **alright** କହି ଟିକିଏ ଦ୍ରୁତଗତିରେ ମଟର ଛୁଟାଇ ଦେଲେ । ସେତେ-ବେଳକୁ ସୂର୍ଯ୍ୟ ବୁଡ଼ିଗଲେଣି କିନ୍ତୁ ଅନ୍ଧାର ହୋଇନାହିଁ । ବିରାଟ ଜନତା ଦାମୀ ପୋଷାକ, ପରିଚ୍ଛଦରେ ସଭ୍ୟ ସହରକୁ ଆଲୋକିତ କରି ଚାଲିଛି ସିନେମା ଅଭିମୁଖରେ । ବାଙ୍କ ଭାଙ୍ଗି ଭାଙ୍ଗି ହର୍ଣ୍ଣ ଦେଇ ଦେଇ କୁମାର, କୁମାରୀଙ୍କର ବେବି ଅଷ୍ଟିନ୍‌ଟି ବିଜୟୀ ଦର୍ପରେ କ୍ଷିପ୍ର ବେଗରେ ଛୁଟିଛି । ଆଗରେ ଗୋଟାଏ ମୋଡ଼, ଟିକିଏ ବେଶୀ ଲୋକଗହଳି । ତାକୁ ଡେଇଁଗଲେ ସିନେମା ହାଉସର ନାଲି, ନୀଳ ହେଡ଼ ଲାଇଟ ସବୁ ଦେଖାଯାଏ । ଆଉ ମାତ୍ର ୩ ମିନିଟ ବାକି । କୁମାର ଉଦ୍‌ଗ୍ରୀବ ହୋଇ ମଟର ଛୁଟାଉଛନ୍ତି । ସେହି ମୋଡ଼ ଉପରେ··· । ହଠାତ୍ ଇଲେକ୍‌ଟ୍ରିକ୍ ହର୍ଣ୍ଣ ଚିତ୍କାର କରି ବାଜି ଉଠିଲା—କିନ୍ତୁ ଗାଡ଼ିଟା ଏତେ ସ୍ପିଡ୍ ଥିଲା ଯେ ହଠାତ୍ ଡେଡ଼୍ ଷ୍ଟପ ହୋଇ ପାରିଲା ନାହିଁ । ଲୋକଟି ହାତରୁ ବାଡ଼ିଟା ଖସିଗଲା । ଦାମୀ ଅଷ୍ଟିନ୍ ତଳେ ଗଡ଼ି ପଡ଼ିବା ଆଗରୁ ସେ ଚିତ୍କାର କରି ଉଠିଲା—"ସୁମୀ," ବାସ୍ ସେତିକି ।······

ଭ୍ୟାନିଟି ବ୍ୟାଗ୍‌ଟା ସିଟ୍ ଉପରେ ଥୋଇ ଦେଇ କୁମାରୀ ତଳକୁ ଓହ୍ଲାଇ ଆସି ଦେଖିଲେ ଗୋଟିଏ ଅନ୍ଧ ଭିକାରୀ ଲୋଟି ଯାଇଛି ତାଙ୍କ ମଟର ଚକର ଚରଣ ତଳେ । ତା' ରକ୍ତ ବଳବଳ ଅନ୍ତବୁଜୁଳା ପିଚିକି ଆସି ମିଶିଯାଇଛି ସଡ଼କର ନାଳଧୂଳି ଦେହରେ । ଆଗରେ ଠିଆ ହୋଇଛି ଗୋଟିଏ ରୁକ୍ଷ କେଶ, ଶୁଖିଲା ମୁହଁ, କୋଟରି ପିନ୍ଧା ସତର ଅଠର ବରଷର ଭିକାରୁଣୀ—ତା' ଆଖିରୁ ଗଡ଼ୁଛି ଧାରି ଶ୍ରାବଣ—ସେ ସେହି ହୀନକପାଳୀ ଦୁଃଖିନୀ ଝିଅ "ସୁମୀ" । ତା' ମ ସ ଗଡ଼ିବାର ଆଜିକି ଆଠ ପୁରି ନଅ ପଶିଲାଣି । ଦୟାର ଅବତାର (?) "କୁମାରୀ" ଶିଲ୍‌କି ସୁଟ୍‌ରୁ ମନିବ୍ୟାଗ୍‌ଟା ବାହାର କରି ପାଞ୍ଚୋଟି ଟଙ୍କା ତା ହାତରେ ଗୁଞ୍ଜି ଦେଲେ । କିନ୍ତୁ ସେ ଟଙ୍କାକୁ ମଟର ଆଗକୁ ଫିଙ୍ଗି ଦେଇ ଭେ ଭେ ଡାକପାରି ଲୋଟି ପଡ଼ିଲା ମଲାସ୍ୱାମୀର ଶବ ଉପରେ । ଏଣେ ବେଶୀ ଡେରି କଲେ ବିପଦର

ଆଶଙ୍କା ଦେଖି କୁମାର ଗାଡ଼ିରେ ଷ୍ଟାର୍ଟ ଦେଲେ । ପୁଲିସ ଆସିବା ଆଗରୁ କାର୍‌ଟି ଲୁଚି ଯାଇଥିଲା ଜନଗହଳି ଭିତରେ । × ×

ଏମିତିକା ଗୋଟିଏ ଷ୍ଟ୍ରେଟ ଗପରୁ ଆମ ଅଧାପାଠୋଈ ଓଡ଼ିଆ ବୋହୂମାନେ କ'ଣ ଶିଖନ୍ତି ଜାଣ ? କେମିତି 'କୁମାରୀ' ଭଳି ଭଲ ଶାଢ଼ୀ, ଗହଣା ପିନ୍ଧି, ସ୍ନୋ, ପାଉଡ଼ର ମାଖି ଭୋଗବିଳାସରେ ବୁଡ଼ି ରହି ନିଜକୁ ତରଳ ତଳତଳ କାଚ-କଣ୍ଢେଇ କରି ଗଢ଼ିବେ । ତାଙ୍କ ଆଖିରେ ପଡ଼େ ନାହିଁ 'ସୁମୀ'ର ଛାତିଫଟା ଦୁଃଖ, ଅନ୍ଧସ୍ୱାମୀର ହାତ ଧରି ଧରି ଯୁବତୀ ସ୍ତ୍ରୀର ବାରଘର ବୁଲି ଭିକ ମାଗିବାର ଧୈର୍ଯ୍ୟ, କି ଗରିବ ଭିକାରି ଉପରେ ଧନିକ ଜମିଦାରର ନିର୍ମମ ଅତ୍ୟାଚାର । ନଭେଲ ପଢ଼ି ଯଦି ବୋହୂମାନେ ଏହି ଅସଲ କଥା ନ ବୁଝି ଖାଲି ଗୁଡ଼ାଏ ଏଣୁ ତେଣୁ ବଦ୍‌ଗୁଣ ଶିଖନ୍ତି, ତେବେ ପ୍ରକୃତରେ ସେମାନେ ଦିନକୁଦିନ ଖରାପ ହୋଇଯିବେ ନାହିଁକି ? ଆଉ ସେହି ବୁଢ଼ାମାନେ ତମ ନଭେଲ ପଢ଼ା ଦେଖି ନାକ ଟେକିଲେ ତାଙ୍କୁ ତମେ ଦୋଷ ଦେବ କାହିଁକି ? ଏତ ଗଲା ଅଧାପାଠେଈଙ୍କ କଥା--ଆଉ କେତେ ବୋହୂ ଅଛନ୍ତି—ଯେଉଁମାନେ ଟିକିଏ ବୁଝନ୍ତି, କିନ୍ତୁ ସେମାନଙ୍କର ନଭେଲ ପଢ଼ା ଏତେ ଝୁଙ୍କ ଯେ ଘରର କାମ ଧନ୍ଦା ପକେଇ ଦେଇ ଦିନ ରାତି ଚବିଶଘଣ୍ଟା ନଭେଲ ଧରି ବସିଥିବେ । ମୁଁ ଆଖିରେ ଦେଖିଛି— ଗୋଟିଏ ଝିଅ ମାଇନର ପାଶ୍ କରି ମାଟ୍ରିକ୍ ଦୁଇଟି କ୍ଲାସ ମାଡ଼ିଥିଲେ । ସେ ବାହା ହେଲେ ଟିକିଏ ବଡ଼ଲୋକର ଘରେ । ତାଙ୍କର ଖାଲି ଘଡ଼ି ଘଡ଼ି ବେଶ ବଦଳେଇବା, କେଶ ସଜେଇବା ଆଉ ନଭେଲ ପଢ଼ିବା—ଏଇ ଏକମାତ୍ର ପେଶା । ଏପରିକି ତାଙ୍କ ବୁଢ଼ୀଶାଶୁ ପାଠୋଈ ବୋହୂକୁ କିଛି କହିବାକୁ ସାହସ କରନ୍ତି ନାହିଁ । ଷାଠିଏ ବରଷରେ ନିଜେ ଚୁଲ୍ଲିମୁଣ୍ଡରେ ନଳା ଧରି ହେଁସେଇ କରନ୍ତି ଆଉ ଭାତ, ତରକାରି ରାନ୍ଧି ଓଲଟି ବୋହୂ ସା'ନ୍ତାଣୀଙ୍କୁ ପରିଷନ୍ତି । ନଭେଲ ପଢ଼ା ସାଙ୍ଗରେ କେତେ 'ଲଭ୍‌ଲେଟର' ଲେଖା । ନାଲି ନେଳି କାଗଜରେ କେତେ ଗୋପନ ବ୍ୟଥା ଫୁଟେଇ କେତେ କରୁଣ ଭାଷା ଦେଇ ରାତି ରାତି ଅନିଦ୍ରା ହୋଇ ବିଦେଶୀ ପ୍ରିୟଙ୍କ ପାଖକୁ ଲଭ୍‌ଲେଟର ଲେଖା ଚାଲିଥିବ । ସପ୍ତାହକ ୭ ଦିନରୁ ଅନ୍ତତଃ ୫-୬ ଦିନ ଗାଁ ଡାକ ମୁନ୍‌ସିବାବୁଙ୍କୁ ଏହି ଚକଚକା ନେଳିଆ ଲଫାଫା ଉପରେ ମୋହର ବାଡ଼େଇବାକୁ ପଡ଼େ । ଅଥଚ ରବିବାରକୁ ରବିବାର ନିୟମିତ ଭାବରେ

ସ୍ୱାମୀ ଆସି ପ୍ରିୟାଙ୍କ କୋଳରେ ହାଜର । ତଥାପି ଏତେ ବିରହ—ତଥାପି ଏତେ ଅକୁହା ବ୍ୟଥାର କରୁଣ ରାଗିଣୀ ।...କିନ୍ତୁ ଏସବୁ ସିନା ବଡ଼ଲୋକଙ୍କ ଘରକୁ ସାଜେ, ଆମ ଭଳିଆ ଗରିବ ଘରେ ସାଜିବ କି ?

ଆଉ ଯୋଉ ବୋହୂ ନିଜେ ଖଟ ପଲଙ୍କରେ ଶୋଇ ବସି ୬୦ ବରଷର ଶାଶୁ ବୁଢ଼ୀ ହାତରେ ଘରକାମ କରାଏ, ସେ କ'ଣ ପ୍ରକୃତରେ ପାଠୋଇ ? ସେ କ'ଣ ମଣିଷ ? ଧିକ୍ ତା' ନଭେଲ ପଢ଼ା, ଧିକ୍ ତା' ଲଭ୍‌ଲେଟର ଲେଖା, ଧିକ୍ ତା ବଡ଼ଲୋକ । ମୁଁ ତମ ଉପରେ ଏଥିପାଇଁ ଚିଡ଼େ । ଘରକାମ ମାରି କରି କେବେ ନଭେଲ ପଢ଼ ନାହିଁ; ଆଉ କାମ ଧନ୍ଦା ତୁଟେଇ ଯଦି ଫୁର୍‌ସତ୍ ବେଳେ ପଢୁଛ, ତେବେ ସେଥିରୁ ଭଲ ଭଲ ଗୁଣ ସବୁ ଶିକ୍ଷା କରିବା ପାଇଁ ପଢ଼—ଖାଲି ସୁଖ ଶରଧାରେ ଗଳ୍ପ ପଢ଼ିଲି ଭଳି ପଢ଼ ନାହିଁ ବା ନାୟକ, ନାୟିକାଙ୍କର ବେମାଞ୍ଚକର ଲଭ୍‌ରେ ନିଜକୁ ବୁଡ଼େଇ ଦେଇ କଳ୍ପନା ରାଜ୍ୟରେ ଭାସିଯାଅ ନାହିଁ । ନଭେଲ ଅର୍ଥ ମନଗଢ଼ା, କାଳ୍ପନିକ ଗଳ୍ପ । ସେହି କଳ୍ପନାରୁ ଆମେ ଯେତିକି ଶିଖି, ଯେତିକି ଆପଣାର କରି ନେଇ ବାସ୍ତବ ଜୀବନରେ ଲଗାଉ, ସେତିକି ମାତ୍ର ଲାଭ । ପୁଣି ଏଭଳି ଅନେକ ନଭେଲ୍ ଅଛି, ଯୋଉଗୁଡ଼ିକ ଅତିଶୟ ଶିକ୍ଷାପ୍ରଦ ।

ଯେପରି କାଳିନ୍ଦୀ ପାଣିଗ୍ରାହୀଙ୍କର "ମାଟିର ମଣିଷ" । ପ୍ରତ୍ୟେକ ଝିଅ, ବୋହୂ ଏହି ବହିଟିକୁ ଖାଲି ଯେ ପଢ଼ିବେ ତା' ନୁହେଁ ସାଇତି ରଖି ପୂଜା କରିବା ଉଚିତ । ତମକୁ ଆଗରୁ ମୁଁ ଯେଉଁ 'ସହିବା' କଥା କହୁଥିଲି, ଦେଖିବ—ଏଥିରେ କିପରି "ହାରିବୋଉ" କେତେ ସହିଛି, କେତେ ଲୋଭ ଛାଡ଼ିଛି, କେତେ ବଡ଼ ସ୍ୱାର୍ଥ ତ୍ୟାଗ କରି ଆପଣା ଘରୁ ବାହାରି ଆସିଛି । ପିଲାଟିଆଙ୍କ ହାତ ଧରି ସେ ଭିକାରୁଣୀ ବେଶରେ ବଡ଼ଦାଣ୍ଡରେ ଠିଆ ହୋଇଛି ପଛକେ, ସ୍ୱାମୀର କଥା ତଳେ ପକାଇ ଦେଇନାହିଁ । ତମେ ଯାହାକୁ ସାତପର, ଭାଇଭଗାରି କହୁଛ, ତାଙ୍କର ହାତରେ ବାପ ଅଜା ବୁନିୟାଦିର ସବୁ ଘରଦୁଆର, ଜମି ବାଡ଼ି ଛାଡ଼ିଦେଇ କୁଟା ଖଣ୍ଡିକ ବି ଲୋଭ ନ କରି ଶେଷରେ ଗେରସ୍ତ, ଘରଯା, ପିଲା ପିଚିକାଙ୍କୁ ନେଇ ଗାଁ ଛାଡ଼ି ଚାଲି ଆସିଛନ୍ତି—କିନ୍ତୁ ଦିନେ ହେଲେ ତୁଣ୍ଡ ଖୋଲି କଜିଆ କରି ନାହାନ୍ତି । ସବୁ ଧନ ସମ୍ପତ୍ତି ନେଇ ଭରଣ ଭରଣ ଧାନ ମୁଗ ଅମଳ କରି ଶେଷରେ ତରଜୁ ବଟକରା ପକେଇ ଦୋକାନ ଛାଡ଼ି ମୁଠା ମୁଠା କଞ୍ଚା

ପଇସା କମେଇ ବି "ଛକଡ଼ି" "ନେଡମଣୀ" ସୁଖୀ ହୋଇ ପାର ନାହାନ୍ତି । ଅଥଚ ପର ଘରେ ମୁଣ୍ଡ ଗୁଞ୍ଜି ପରର ହାଡ଼ି ହାଣି ମାଟି ବୋହି ଆଉ ଆଉ ପାଞ୍ଚ ପାଇଟି କରି ଶାଗ ପଖାଳ ଖାଇ ସୁଖ ଶାନ୍ତି ପାଇଛନ୍ତି "ବରଜୁ" ଆଉ "ହାଗବୋଉ" । ଏଇଠି ପ୍ରମାଣ ହୋଇଛି—ଯେ କହେ ସେ ବଡ଼ ନୁହେଁ; ଯେ ସହେ ସେ ବଡ଼ ।

ନଭେଲ୍ ଭିତରେ ଏମିତି ଆହୁରି କେତେ କେତେ ଶିକ୍ଷଣୀୟ ପୁସ୍ତକ ଅଛି । ଫୁର୍‌ସତ୍ ବେଳେ ସବୁ ପଢ଼—ସେଥିରୁ ଭଲ ଭଲ ଗୁଣପାକ ହାସଲ କର । ପୁଣି ଖାଲି ନଭେଲ୍ ପଢ଼ିଲେ ହେବ ନାହିଁ, ଅବଶ୍ୟ ନଭେଲ୍ ଗୁଡ଼ିକ ତମ ବୁଝିବା ଭଳି ସରଳ ଭାଷାରେ, ଗପ ଆକାରରେ ଲେଖା ହୋଇଛି । ପଢ଼ିବାକୁ ଭଲ ଲାଗିବ । ଆଉ ଆଉ ବହି ଟିକିଏ କଡ଼ା । ପଢ଼ିଲେ କିଛି ବୁଝି ହେବ ନାହିଁ—ଟିକିଏ କଟିମିଟିଆ ଲାଗିବ । ତଥାପି ନିଜର ସାଧାରଣ ଜ୍ଞାନ ପାଇଁ ଅନ୍ୟାନ୍ୟ ଇତିହାସ, ଭୂଗୋଳ, କବିତା, ନାଟକ, ପୁରାଣ, ଭାଗବତରୁ ବି ଟିକିଏ ଟିକିଏ ପଢ଼ । ଆଉ ନିୟମିତ ଭାବେ ଅଭ୍ୟାସ କରି ପ୍ରତିଦିନ ଖବରକାଗଜ ପଢ଼ । ତମ ଛୋଟ ମୁଣ୍ଡରେ ଯେତିକି ମନେ ରଖି ପାରୁଛ ମନେ ରଖ । କେତେ ଦେଶକଥା ଜାଣିବ, ତମ ଓଡ଼ିଆ ଭାଇ କିଏ କେଉଁଠି ବିପଦରେ ପଡ଼ୁଛି, କୋଉଠି ନଈବଢ଼ିରେ କାହାର ଘର ଦୁଆର ଭାସି ଯାଇଛି, କୋଉଠି ଦୁର୍ଭିକ୍ଷରେ ଲୋକେ ଭାତ ମୁଠାଏ ନ ପାଇ ଦିନ ଦି'ପହରେ ପୋକ ମାଛି ଭଳି ମରୁଛନ୍ତି ବା କୋଉଠି ତମ ଭଉଣୀ—ଓଡ଼ିଆ ଝିଅ କୃତିତ୍ୱର ସହ ବି. ଏ., ଏମ୍. ଏ. ପାଶ କରୁଛନ୍ତି ସବୁ ଏହି ଖବରକାଗଜରୁ ଜାଣିବ । ନିତି ସୂତା କାଟିବା ଯେମିତି ଗୋଟିଏ ବଡ଼ କାମ, ତା' ସାଙ୍ଗକୁ ଏ ଖବରକାଗଜ ପଢ଼ିବା ଓ ଅନ୍ୟାନ୍ୟ ବହି ପଢ଼ିବା ସେହିଭଳି ଆଉ ଗୋଟିଏ କାମ । ଆଠକାଳ ବାରମାସି ସବୁଦିନେ ନିୟମିତ ଭାବରେ ଏଗୁଡ଼ିକ କରିବା ଉଚିତ ।

ଆଉ ଗୋଟିଏ ଛୋଟ କଥା କରିବାକୁ କହିବି । ଲାଜ କରିବ ନାହିଁ କି ତମ ଦୋଷଯାକ ଦାଣ୍ଡରେ ପକେଇ ଦେଉଛି ବୋଲି ମୋ ଉପରେ ରାଗ କରିବ ନାହିଁ । ନିୟମିତ ଭାବରେ ପ୍ରତିଦିନ ହସ୍ତାକ୍ଷର ଲେଖ । ଏକା ଯେ ତମରି ଅକ୍ଷର ଖରାପ ତା' ନୁହେଁ—ଶତକଡ଼ା ଯୋଉ ୧୦, ୧୨ ଜଣ ଓଡ଼ିଆ

ଝିଅ ବୋହୂ ଟିକିଏ ଲେଖିପଢ଼ି ଜାଣନ୍ତି, ସେମାନଙ୍କ ଭିତରୁ ପ୍ରାୟ ୧୧ ଜଣଙ୍କର ଅକ୍ଷର ଅତି କଦର୍ଯ୍ୟ । ମୁଁ ମୋର ଯେତେ ଘନିଷ୍ଠ ବନ୍ଧୁଙ୍କ ସଂସ୍ପର୍ଶରେ ଆସିଛି ଏବଂ ସେମାନଙ୍କ ଅଙ୍କଶାୟିନୀ ପ୍ରିୟାଙ୍କର ସ୍ୱହସ୍ତ ଲିଖିତ ପତ୍ରମାନ ଦେଖିବାକୁ ପାଇଛି, ସବୁଗୁଡ଼ିକର ଅକ୍ଷର ଅତି କୁତ୍ସିତ । ବନାନ ଶୁଦ୍ଧି ଅଗରୁ ମୂଳଯାକେ ସବୁ ଭୁଲ । ଶୀତଦିନରେ ପିଲାମାନେ ଜାକିଜୁକି ହୋଇ ବସିବା ଭଳି ଚିଠିରେ ସବୁ ଶବ୍ଦଗୁଡ଼ିକ ଗୋଟିଏ ଧାଡ଼ିରେ ଲଗାଲଗି ହୋଇ ଥୁଆ ହୋଇଛନ୍ତି । କୋଉଠି ଗୋଟିଏ ଅକ୍ଷର ତିନିଥର ଲେଖା ହୋଇଛି ତ କୋଉଠି ବିଲ୍‌କୁଲ୍ ସେ ଅକ୍ଷରର ଦେଖା ଦର୍ଶନ ନାହିଁ । ଏସବୁ ପୁଣି ନବବିବାହିତା ପ୍ରିୟାଙ୍କର ନାଲି ନେଳି ରାଇଟିଂ ପ୍ୟାଡ଼ରେ ଲେଖା ଲଭ୍‌ଲେଟର୍ । ଚିଠିର ଭାବ ବା ଭାଷା କଥା ମୁଁ କିଛି କହୁନାହିଁ । "କେଶବ-କୋଇଲି" ଠେଇଁ ଯାହାଙ୍କ ପୋଥିରେ ଡୋର, ତାଙ୍କ ଭାବ ଆଉ ଭାଷା ଏତେ ଦୂରକୁ ଯିବ, ତା' ଆମେ ବେଶ୍ ବୁଝିପାରୁ । ତେବେ ଏ ବିଚାରିଇ ଗୁହ ଅକ୍ଷରକୁ ଟିକିଏ ସଜାଡ଼ ଭଲା ! ଦାମିକା ରାଇଟିଂ ପ୍ୟାଡ଼୍‌ଗୁଡ଼ା ନଷ୍ଟ ନ କରି ଆଗ ସିଲଟ, ପେନ୍‌ସିଲ ନେଇ ବା ସାଦା କାଗଜ, କଲମ ନେଇ ରୀତିମତ ଅଭ୍ୟାସ କର ଅନ୍ତତଃ ଦିନକୁ ପୃଷ୍ଠାଏ କରି ହସ୍ତାକ୍ଷର ଲେଖ । ଦେଖିବ ମାସ ଦି'ଟାରେ ଅକ୍ଷର ଟିକିଏ ବଦଳି ଯିବ । ବନାନଶୁଦ୍ଧି ବି ଆଉ ଏତେ ଭୁଲ ହେବ ନାହିଁ । ଏଥିରେ ଲାଜ କରିବାର କିଛି ନାହିଁ, ତମରି ଭଲ ପାଇଁ ମୁଁ କହୁଛି ।

ଆଉ ଯେଉଁମାନେ ମୋଟେ ଲେଖିପଢ଼ି ନ ଜାଣନ୍ତି, ସେମାନେ ତାଙ୍କ ସ୍ୱାମୀ ବା ଅନ୍ୟାନ୍ୟ ଗୁରୁଜନ ବା ସମବୟସୀଙ୍କ ଠାରୁ ଅନ୍ତତଃ ନିତିଦିନିଆ କାମ ଚଳିବା ଭଳି ଦି'ଅକ୍ଷର ଲେଖିପଢ଼ି ଶିଖନ୍ତୁ । ଅନ୍ତତଃ ଯେପରି ଚିଠିଖଣ୍ଡେ ଲେଖିପଢ଼ି ପାରିବେ ବା ସଞ୍ଜବେଳେ ଘରେ ଭାଗବତ ଅଧ୍ୟାୟ ବୋଲି ପାରିବେ । ଯାହାଙ୍କ ସ୍ୱାମୀ ଘର ଛାଡ଼ି ପେଟ ପାଇଁ ବିଦେଶରେ ପଡ଼ିଥାଏ, ତା' ସ୍ତ୍ରୀ ଯଦି ର, ଠ କରି ଦି'ଧାଡ଼ି ଲେଖି ନ ଜାଣେ, ତା'ହେଲେ ସେ ତା' ମନକଥା, ଦୁଃଖସୁଖ, ଭଲମନ୍ଦ କିଛି ସ୍ୱାମୀଙ୍କୁ ଜଣେଇ ପାରିବ ନାହିଁ । ଏଥିରେ ତା' ମନ ଯେମିତି ହାଇଁପାଇଁ ହେବ, ଦୂର ବିଦେଶରେ ବିରହ ବିଧୂର ସ୍ୱାମୀ ମନ ସେମିତି ଉହଳ ବିକଳ ହେବ । କେହି ସୁଖଶାନ୍ତି ପାଇବେ ନାହିଁ । ତେଣୁ ଯେତେ

ବୟସ ହେଉ ପଛକେ, ଲଜ ସରମ ନ କରି ପ୍ରତ୍ୟେକ ବୋହୂ ଆପଣା ଯା', ନଣନ୍ଦ କି ସାହି ପଡ଼ିଶାଙ୍କଠାରୁ ବଧାଡ଼ି ଲେଖାପଢ଼ା ଶିଖିବା ଉଚିତ ।

## ସ୍ୱାର୍ଥପରତା

ଏହି ଯୋଉ ଅପାଠେଇ ଅଧାପାଠେଇ ଝିଅ ବୋହୂଙ୍କ କଥା କହିଲି, ସେମାନଙ୍କ ପେଟରେ ଯିନା କିଛି ମସଲ ନାହିଁ, ମନ ଭିତରେ କିନ୍ତୁ ଭରି ଗଡ଼ୁ । ପାଠଶାଠ ତ ବେଶୀ ପଢ଼ିନାହାନ୍ତି, ତାଙ୍କ କୁଟିଳ ମନ ସରଳ ହେବ କିପରି ? ସଙ୍କୀର୍ଣ୍ଣ ହୃଦୟ ଉଦାର ହେବ କିପରି ? ପାଠ ଯିନା ମଣିଷକୁ ଧୀର, ସ୍ଥିର, ବିନୟୀ କରେ । ଅଥଳ ପାଣିରେ ଥାଇଁ ବି ରୋହି ମାଛର ସୋର ଶବଦ ନ ଥାଏ, କିନ୍ତୁ ଦଣ୍ଡିକର ମାଛ ଆଣ୍ଠିଏ ପାଣିରେ ଫୁ କୁରୁ ଫୁ କୁରୁ ଡେଉଁଥାଏ । ଆମର ଏ ଅନ୍ଧ, ଅଶିକ୍ଷିତ ଝିଅ ବୋହୂଙ୍କର ଅବସ୍ଥା ଠିକ୍ ସେଇଆ । ପୁଣି ତାଙ୍କୁ ଭଲକଥା ଯେତେ ବୁଝାଅ, ପୋଥି ପୁରାଣ ଯେତେ ଶୁଣାଅ—କିଛି ବୁଝିବେ ନାହିଁ, ଖାଲି ଏ କାନରେ ପୂରେଇ ସେ କାନରେ ବାହାର କରିଦେବେ । କିଛି ଭଲଗୁଣ ଶିଖିବା ବା ଭଲକାମ କରିବା ତ ତାଙ୍କ ଜାତକରେ ନାହିଁ । ଓଲଟି ବସି ବସି ବୁଢ଼ିଆଣୀ ଦେହରୁ ଖିଅ ବାହାର କଲି ଯା', ନଣନ୍ଦଙ୍କ ସାଙ୍ଗରେ ଭୁଚ୍ଛାଟାକୁ ଝଟର ଝଟର ଲଗାଇଥିବେ । ଖାଲି ନିଜେ ଭଲ ଖାଇବେ, ଭଲ ପିନ୍ଧିବେ, ନିଜ ପୁଅଝିଅଙ୍କ ଭଲ ଖୁଆଇବେ, ଭଲ ପିନ୍ଧାଇବେ, ଆଉ କାହାରି ସୁଖ ତାଙ୍କ ଆଖିରେ ଯିବ ନାହିଁ । ଆପଣା ପିଲାଝିଲାଙ୍କ ଦେହ ଟିକିଏ ଶିଶିକିନା ହେଲେ କେତେ ଡାକ୍ତର ବଇଦଙ୍କୁ ଡାକରା ପଡ଼ିଯିବ ଅଥଚ ଆରି ଘରେ ଦେଢ଼ଶୁର ପୁଅକୁ ସାତ ତାଳେ ଜର ହୋଇଥିଲେ ବି ତା'କୁ ଆଉ ଆଖିରେ ଅନେଇବେ ନାହିଁ । ନିଜେ ସୁଖ ଶରଧାରେ ସରବତ ଖାଇବାକୁ ସେରେ ସେରେ ଚେନି ଆସୁଥିବ, ଅଥଚ ସେ ଘରେ ଜରୁଆ ଛୁଆଟିର ଶୋଷରେ ହଂସା ଉଡ଼ିଗଲେ ବି ତା' ପାଖରେ କଂସାଏ କଞ୍ଚା ପାଣି ଥୋଇଦେବେ ପଛକେ ଧାପେ ଚେନି ଦେବେ ନାହିଁ । ସହି ନ ପାରି ଯା' ଟିକିଏ କ'ଣ କହିଦେଲେ ଓଲଟି ତା' ସାଙ୍ଗରେ ଝଟାପଟା କଜିଆ ।

କଥାରେ କହନ୍ତି, ମାଇକିନିଆଙ୍କ ଲାଗି ଘର ଭଙ୍ଗେ । ସତକୁ ସତ ଏମିତିକା ଆପଣା ସୁଆର୍ଥୀ ଝିଅ ବୋହୂଙ୍କ ଜାଲାରେ ଦିନ ଦି'ଟାରେ

ଭାଇରେ ଭାଇରେ ମନ ଫଟାଫଟି ହୋଇଯାଏ—ଭଲ ଲୋକ ବସେଇ ଭେନେ ନ ହେବା ଯାକେ ତର ସହେ ନାହିଁ । ତେଣିକି ହାଣ୍ଡି ଭାଙ୍ଗିଲେ ଖପର । ଅଢ଼େଇ ମାଣିଆ, ତିନମାଣିଆ ବଡ଼ ବଡ଼ ଧାନ କିଆରି ସବୁ ପୁରୁଷକୁ ପୁରୁଷ ଏମିତି ଭାଇ ବଣ୍ଟୁରାରେ ଚଳନା ନେନା ହୋଇ ଶେଷକୁ ଗୁଣ୍ଠେ ଅଧଗୁଣ୍ଠରେ ଆସି ରହେ । ଢିଅ ବାଡ଼ ବାଣ୍ଟୁରାରେ କୋଉଠି ବିଣ୍ଟାଏ ଅଧେ ଏପାଖ ସେପାଖ ହୋଇଗଲେ କି ଜେଷ୍ଠା ଅଂଶରେ କାଣିଚାଏ ବେଶୀ କମି ହୋଇଗଲେ କେତେ ମାଡ଼ ଫଉଦାରି, ମୁଣ୍ଡ ଫଟାଫଟି । ଶେଷରେ "ଢୋଲ ଖାଏ ମାଡ଼, ପାଣ ଖାଏ ପଇସା ।" ଭାଇରେ ଭାଇରେ ବାଡ଼ଆ ପିଠା ହୋଇ ଚାଲେ ମାଲି ମକଦ୍ଦମା । ନାଲିପଗଡ଼ିଆ ପୁଲିସଠଉଁ ଗାଁ ମାମଲତକାରିଆ ଟାଉଟର, ଓକିଲ ମୋହରିର ଏପରି କି କଚେରି ହାକିମଙ୍କ ଚପରାସୀ, ଅର୍ଦ୍ଦଳୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପଇସା ଦେଇ ଦେଇ ଶେଷରେ ବିଚରା ନିରୀହ ଗାଉଁଲି ଲୋକଗୁଡ଼ିକ ତଳିତଳାନ୍ତ ହୁଅନ୍ତି, ଘରେ କଳାକନା ବୁଲିଯାଏ, ଭିଟାମାଟି ଉଚ୍ଛନ୍ନ ହୋଇଉଠେ । ଏ ସବୁର ମୂଳରେ କିଏ ଜାଣ ? ସେହି ସାତହାତ ଓଡ଼ଣୀଦିଆ ମଉନମୁହିଁ କଳିହୁଡ଼ି ବୋହୂଗୁଡ଼ିକ । "ଘର ପଛକେ ପୋଡ଼ିଯାଉ, ମୂଷା କେଞ୍ଚେ ଯାଉ ।" ଭାତ ମୁଠାକ ପାଇଁ ଶେଷରେ ନିଜେ ପଛକେ ଯାଇଁ ଛତରରେ ପଶନ୍ତୁ, ଭାଇ ଭଗାରିଙ୍କ ଶିରୀ କେବେ ଦେଖି ପାରିବେ ନାହିଁ । ବାପ ଗୋସାବାପଙ୍କର ସାତପୁରୁଷର ଖାନ୍‌ଦାନ୍ ଘର ପଛକେ ନିଲାମ, କୋରକ ହୋଇ ଖିନଭିନ ହୋଇଯାଉ, କି ପୁଲିସ ଆସି ଯା' ଦେଢ଼ଶୁର, ଝିଆରି, ପୁତୁରାଙ୍କୁ ପଛକେ ହଟ ଦାଣ୍ଡରେ ବେଇଜତ କରୁ, ତଥାପି ସେ ଓରମାନ ନ ନବାଯାକେ ଛାଡ଼ିବେ ନାହିଁ । ଗେରସ୍ତ କାନରେ ସତ ମିଛ ଲଗେଇ ବାର ଚଗୁଲି ପୋଡ଼ୁଥିବେ । ···ଶୁଣିବ ଗୋଟିଏ ଆଖିଦେଖା ଘଟଣା ?

ଆମ ଗାଁରେ ସପନା ଗୋଛେଇର ପୁଅ ବାଲା, ମାଲା । ବାଲା ପାଠଶାଠ ପଢ଼ିନାହିଁ, ମୂରୁଖ—କଲିକତାରେ ସାହାବ କମ୍ପାନୀର ଝୋଟ କଲରେ ମୂଲକାମ କରେ । ହାଡ଼ ଭାଙ୍ଗି, ପେଟ ଶୁଖେଇ, ମୁଣ୍ଡ ଝାଳ ତୁଣ୍ଡରେ ମାରି ମୋଉ ଦି' ପଇସା ଆଣେ, ସେଥିରେ ସେ କଷ୍ଟେମଷ୍ଟେ ଶାଗ, ପଖାଳ ଖାଇ, ଚିରା ଦଦରା ପିନ୍ଧି ନିଜେ ଚଳେ, ଆଉ ଗାଁରେ ପିଲା ଛୁଆ, ମା' ବୁଢ଼ୀ ଆଉ ଭାଇକି ଚଳାଏ । 'ସପନା ଥେଲା ଭାରି ଗରିବ । ତା, ଭଦାନ୍ତଯାକ

ଦୁଃଖ କରି କରି ଖାଙ୍କଡ଼ା ପେଟରେ, ନଙ୍ଗଳା ପିଠିରେ ସେ ଶେଷକୁ ମରିଛି, ସୁଖ ବୋଲି କ'ଣ ଜାଣି ନାହିଁ । ଜମିବାଡ଼ି ତ ବିଶ୍ୱାଏ ହେଲେ ନାହିଁ, ସ୍ୱା' ତା ଦୁଆରେ ମୂଲପାଣି ଲାଗି ଖୁଦ ମକୁଆରେ ସେ ପିଲା ଦୋ'ଟିଙ୍କୁ ଜେଇ ବଞ୍ଚେଇ ମଣିଷ କରିଛି । ନିଜେ ପେଜ ତୋରାଣୀ ପିଇ, ଭୋକ ଉପାସରେ ରହି ଛୁଆଙ୍କ ମୁହଁରେ ଆହାର ଦେଇ ଏତ୍ତିଟିରୁ ଏତ୍ତିଟିଏ କରିଛି । ସପନା ମଲାବେଳକୁ ବାଳା ମୁଣ୍ଡକୁ ଟିକିଏ ହାତ ପାଇ ଯାଇଥିଲା, ମାଳା କିନ୍ତୁ ଅତି ପିଲା ମୋଟେ ଦେଢ଼ ବରଷର । ବାଳା ହାତରେ ମାଳାକୁ ସମର୍ପି ଦେଇ ବୁଢ଼ା ଆଖି ବୁଜିଲା । ସେଦିନଠୁ ବାଳା ମାଳାକୁ ଖାଲି ଭାଇ ବୋଲି ଦେଖେ ନାହିଁ, ପୁଅଠୁ ଅଧିକ କରିଥାଏ । ତା' ଆଗରେ ସିଏ ଏତ୍ତେ ବକଟେ ନଙ୍ଗଳା ଛୁଆ, ପୁଣି ତାକୁ ମଣିଷ କରିବାର ଭାର ବାପ ତା' ମୁଣ୍ଡରେ ଦେଇ ଯାଇଛି । ସେ କେମିତି ତାକୁ ଅଣଦେଖା କରିବ ? ନିଜ ପେଟରୁ କାଟି, ପିଠି ନଙ୍ଗଳା କରି ଓଳିଏ ଖାଇ ଓଳିଏ ଉପାସ ରହି ଶାଗ ପେଜରେ ସେ ମାଳାକୁ ବଢ଼େଇଲା । କିନ୍ତୁ ବାପ ଆଖି ବୁଜିବାର ଦିନ କେଇଟା ପରେ ଘରେ ଠ ଠା ଠି । ବାପ ଶୁଦ୍ଧି ପାଇଁ ମହାଜନ ଦୁଆରୁ କୋଡ଼ିଏଟି ଟଙ୍କା କରଜ ଆଣିଥିଲା ସେ ଦିନକୁ ଦିନ ତାର ସୁଧ ବଢ଼ି ଚାଲିଛି । ପର ଦୁଆରେ ମୂଲ ଲାଗି ଓଳିଏ ୬ ସେର ଧାନ ମୂଲ ଆଣି କୁଟୁମ୍ବ ପୋଷିବ, ପୁଣି ସେଥିରୁ ବଞ୍ଚେଇ ମହାଜନ ଦେଣା ଶୁଝିବ । ଏଇଟା ତା ମନକୁ ପାଇଲା ନାହିଁ ।

ଶେଷରେ ଦିନେ ମା' ବୁଢ଼ୀକୁ ବୁଝେଇ, ମାଳାକୁ ବୋଧ ଶୋଧ ଦେଇ ସେ ମଦନାବାଦ ସାଙ୍ଗରେ ବାହାରିଲା କଲିକତା । କମ୍ପାନୀ ଘରର ବଡ଼ ବାବୁଙ୍କୁ କେତେ ନେହୁରା ନମସ୍କାର କରି, କେତେ ପାନଖିଆ ଦେଇ ପରିଲେ ସେ ଭରତି ହେଲା କୁଲିରେ । ଆସ୍ତେ ଆସ୍ତେ ଭଲ କାମ ଦେଖେଇ ସେ ହେଲା ସର୍ଦ୍ଦାର । ତା କିଛିଦିନ ପରେ ମିସ୍ତ୍ରୀ । ଏଣିକି ଆଉ ତାକୁ ବୋଝ ବୋହିବାକୁ ପଡ଼ିଲା ନାହିଁ । ଖାସ୍ କଳ ପାଖରେ ବୁଣିଟ କାମ କଲା । ଦରମା ବି ଦିନକୁ ଦିନ ବଢ଼ିଲା । ଏଣେ ମାଳା ବଢ଼ି ଚାଲିଛି । ବାଳା ଘରକୁ ଗଲା ଦିନ ତା' ପାଇଁ କେତେ ନୂଆ ନୂଆ ପ୍ୟାଣ୍ଟ, କୁରୁତା, ଛତା, ଜୋତା, ମିଠେଇ, ଜଲଜି ନେଇଯାଏ । ନିଜେ ମୋଟାସୋଟା ପିନ୍ଧି ତାକୁ ଜାମାଜୋଡ଼ି ବାବୁ କରି ଭାରି ସଉକରେ ରଖିଥାଏ । କ୍ରମେ ତାକୁ ଧୂଳିଖେଳରୁ ନେଇ ବସେଇଲା ଗାଁ ଚାଟଶାଳୀରେ । ମାଳା ପଢ଼ି ଚାଲିଲା । ଭାଇର ଇଚ୍ଛା, ସେ ସତେ

ପଇସା ଖରଚ ହେଉ ବା ଯେତେ ଦୁଃଖ କଷ୍ଟ ପଡୁ ପଛକେ ସେ ମାଳାକୁ ଇଂରେଜୀ ପଢ଼େଇବ । ତାଙ୍କ ବଡ଼ ବାବୁ ଯେତିକ ପଢ଼ିଛି, ଅନ୍ତତଃ ସେତିକ ପଢ଼େଇବ । ମାଳା ବାବୁ ହୋଇ ସରକାର ଘରେ ଚାକରୀ କରିବ—ତାଙ୍କ ଦୁଃଖ ତୁଟିବ । ସେଥିପାଇଁ ବାଳା ଆହୁରି କାଣ୍ଡି କୁଣ୍ଡି ଚଳେ । କଳଘରେ ସକାଳୁ ଦୁ'ପହର ଯାଏ ଖଟି ଖଟି ଭୋକ ଶୋଷରେ ପାଟି ଅଠା ହୋଇଯିବ ପଛକେ, ସେ ପଇସାଟିକର ମୁଢ଼ି କିଣି ଖାଇବ ନାହିଁ । ସେଥି ଯାତଚଗି କୋଚଟ ଗାମୁଛା । ଭଲକରି ଲୁଗା ଖଣ୍ଡେ ପିନ୍ଧେ ନାହିଁ । ଭଲ ମନ୍ଦ, ସୁଖ ଶରଧାରେ ଗୁଡ଼ିଆ ଦୋକାନରେ ବସି ପାଞ୍ଚ ପଇସାର ଖାଇବାରେ ତାକୁ କେବେ କାଲେ କେହି ଦେଖିନାହିଁ । ପାଟି ବୁଜି, ମାଟି କାମୁଡ଼ି ସେ ଯୋଉ ଦୁ'ପଇସା କମାଏ, ସବୁ ପଠେଇ ଦିଏ ମା' ବୁଢ଼ୀ ପାଖକୁ । ମାଳାପାଇଁ ସ୍ଲେଟ, ପେନ୍‌ସିଲ୍, ଖାତା ବହି କିଣା ହେବ । ପୁଣି ମାଷ୍ଟରର ଦରମା ଅଛି, ମାଳାର ଲୁଗା ଜାମା ଅଛି, ମା' ବୁଢ଼ୀର ଅଫିମ ଖର୍ଚ୍ଚ ଅଛି, ସେଥିରେ ପୁଣି ବୁଢ଼ୀର ଏକ ଜିଦ୍ ଯେ ଏଇ ମଗୁଶିରରେ ବାଳାକୁ ହାତକୁ ଦୁ'ହାତ କରିବ, ସେଥିପାଇଁ ପାଞ୍ଚ ଦଶ ସଞ୍ଚି ରଖିବାକୁ ହେବ । ଏଥିରେ ବାଳା ବଦ୍‌ଖର୍ଚ୍ଚ କରିବ କେମିତି ? ଯାହାହେଉ, କ୍ରମେ ମାଳା ବଢ଼ି ଚାଲିଲା । ଭାଇ ଦୋଳମୁକୁଟ ପିନ୍ଧିବା ଆଗରୁ ମାଳାର ଗାଁ ଚାଟଶାଳୀର ପାଠ ସରି ଆସିଥିଲା । ତାକୁ ମାଇନର ଇସ୍କୁଲରେ ନାଁ ଲେଖେଇ ଦେଇ, ନୂଆ ବୋହୂଟିକୁ ମା' ଗୋଡ଼ତଳକୁ ଖଞ୍ଜେଇ ଦେଇ ବାଳା କଲିକତା ଫେରିଲା ।

ଏଣିକି ସେ ଆଉ ତାକୁ ମାଳା ମାଳା ଡାକେ ନାହିଁ, ଭାରି ଶରଧାରେ, ଗେଲବସରେ ଡାକେ —ମାଳମଣି । ମାସକୁ ମାସ ତା' ପାଖକୁ ଚିଠି ଦିଏ, ଟଙ୍କା ପଠାଏ । ଦୋଳ, ଦଶହରେ ନିଜେ ନ ଆସିପାରିଲେ ମଦନାବାଦ ହାଟରେ ତା' ପାଇଁ କେତେ ଶାନ୍ତିପୁରୀ ଧୋତି, ଶିଲ୍‌କ ପଞ୍ଜାବି ଆଉ ଚଢ଼ଉ ଜୋତା ପଠାଏ । ତା'ର ଇଚ୍ଛା, ତାକୁ ଯେପରି କେହି ଗରିବ ଘରର ପିଲା ବୋଲି ଖିଣ୍ଡି ନ ଦେଉ । ମାଳ ବି ଭାଇକି ଭାରି ମାନ ଥାନ କରେ । ତା' ବାପକୁ ସେ ଦେଖି ନାହିଁ । ଭାଇ ତା'ର ସତରଟା ବାପଠୁ ବଳି । ଶନ୍ତା, ଅଭାବରୁ ଦୂରରେ ରହି ପିଲାଟି ଭଲ ପଢ଼ିଲା— କ୍ଲାସରେ ଫାଷ୍ଟ ହେଲା । ସେ ଯୋଉବର୍ଷ ବୃତ୍ତି ପାଇ ଇସ୍କୁଲର ଗୌରବ

ବଢ଼େଇ ମାଇନର ପାସ୍ କରେ, ସେଇବର୍ଷ ବାଳାର ହୁଏ ଗୋଟିଏ ଝିଅ ।

ବାଳାର ଗୋଡ଼ ଆନନ୍ଦରେ ତଳେ ଲାଗୁ ନ ଥାଏ—ତା' ମା' ବୁଢ଼ୀ କେତେ କଗେଇଲା, ପଇଲା ପୋରୁହିଁ ଝୁଆଟା—ତା' ପାଇଁ ଭଲ କରି ଏକୋଇଶିଆ କର, ସତ୍ୟନାରାୟଣ ପାଲା କର । ବାଳା କିନ୍ତୁ କୋଉକଥା କାନକୁ ନେଲା ନାହିଁ । ତା'ର ଏକା ଝୁଙ୍କ, ଆଗ ମିଳର ପଢ଼ା, ତା'ପରେ ଯାଇଁ ଅନ୍ୟ ପୋଉ କଥା । ଯେଉଁ ପଇସାରେ ଏକୋଇଶିଆ ହେବ, ସେଇଥିରେ ଆଗ ମିଳର ହାଇସ୍କୁଲରେ ନାଁ ଲେଖା ହେଉ, ତା ନୂଆ ବହି କଲମ କିଣା ହେଉ । ସେ ଯୋଉଦିନ ପାଠ ପଢ଼ି ସାର ବାବୁ ହେବ, ସେଇଦିନ କେବଳ ଆମର ସବୁ ଏକୋଇଶିଆ, ସବୁ ବାହାଘର, ସବୁ ଆନନ୍ଦ । ମା' ଚୁପ ରହେ । ଭରସା କହେ—"ହେଲା ଏବେ, ଏ ପାଣିହାଣ୍ଡି ଝୁଆଟା ପାଇଁ କାହିଁକି ଏତେ ଚିନ୍ତା ? ମିଳ ଆମର ବାବୁ ହେଲେ ଆମକୁ ଆଉ କୋଉ କଥା ଅପୂରୁବ ?

ଦିନ ପରେ ଦିନ ଗଡ଼ିଚାଲେ । ଘରେ ଝିଅ ବଢ଼େ, କଟକରେ ଭାଇ ବଢ଼େ । ବରିଷ୍ଟ ସଭ୍ୟନଗରୀ କଲିକତାର କେଉଁ ଏକ ଅଣଓସାରିଆ, ଅନ୍ଧାରିଆ ଗଳିର ନୁଆଁଣିଆ ଚାଳଘରେ ବସି ବସି ଚୂନ ପଚର ମକୁ ମକୁ ବାଳା ଭବିଷ୍ୟତର ସୁଖ ସ୍ୱପ୍ନ ଦେଖୁଥାଏ । ମିଳ କଲେଜରେ ପଢ଼ିବ, ବି. ଏ. ପାଶ୍ କରିବ, ଶହ ଶହ ଟଙ୍କା କମେଇବ । ତାକୁ ଆଉ ଝାଳନାଳ ଆଣ୍ଠିଏ ହୋଇ ଏ କଳଘରର କଳା କଳା ଧୂଆଁ ଭିତରେ ସଢ଼ିବାକୁ ହେବ ନାହିଁ, ତା ଦୁଃଖ ଫେରିଯିବ । ଦିନକୁ ଦିନ ଆହୁରି ଟାଣିଟୁଣି ହୋଇ ଚଳେ । ଚିମୁଟି ଚିମିଟି ଦି' ପଇସା ନ ଜମେଇଲେ ଭାଇର କଟକ ଖର୍ଚ୍ଚ ପାଇଁ ମାସକୁ ମାସ ୨୦, ୨୫ ପଠେଇବ କେମିତି ? ତା' ଛଡ଼ା ଘରେ ମା' ବୁଢ଼ୀ, ଝିଅ, ମାଇପ ସମସ୍ତେ ତ ଯା'ର ହାତକୁ ଚାହିଁଛନ୍ତି । ବାଳା ଯେତେ ଦୁଃଖ କଷ୍ଟରେ, ଭୋକ ଉପାସରେ ଚଳୁ ପଛକେ, ଦିନେ ହେଲେ ଭାଇକୁ ତା' ଦୁଃଖ ଅଭାବ ଜଣାଇ ଦେଇନି । ସେ କହେ—ଆମର ତ ଏମିତି ବିଡ଼ଳକ ଗଲା—ପିଲାଟାକୁ କାହିଁକି ଆଜଠୁ ହନ୍ତସନ୍ତ କରି ତା' ପିଲା ମନର ସବୁଗ ଭାଙ୍ଗି ଦେବି ?

ସତକୁ ସତ ମାଳ ଘରର ଦୁଃଖ, ଅଭାବ କଥା କିଛି ଜାଣେ ନା —"ଗୁଡ଼ଲ ସେରକ କେତେ ନା ମୁଁ ମଠରେ ଖାଏ ।" ଭାଇ ଯେ ଏତେ ଦୁଃଖ କଷ୍ଟ କରି, ରକ୍ତ ଶପୁଡ଼ି, ରସ ନିଗାଡ଼ି, ପେଟରେ ଓଦାକନା ଦେଇ ମାଳର ଇସ୍କୁଲ ଦରମା, ବସା ଖର୍ଚ୍ଚ ଓ ବାବୁଗିରି ପାଇଁ ଛତା, ଜୋତା, ଧୋତି ପଞ୍ଜାବୀ ମାସକୁ ମାସ ଯୋଗାଏ, ଏକଥା ମାଳ ଜାଣିବ କେମିତି ? ଏଣେ ଭାଉଜ ତ ମା'ଠୁ ବଳି । ମାଳ ଚିରା ଜାମା ପିନ୍ଧିଛି ଦେଖିଲେ ସେ ନିଜ ଦେହରୁ ନୋଥ ବସଣୀ ବନ୍ଧା ପକାଇ ମାଳକୁ ଆଣି ଟଙ୍କା ଦେବେ ନୂଆ ଜାମା କିଣିବାକୁ । କିଛି ପ୍ରତିବାଦ କଲେ ହସି ହସି କହିବେ—ମଲ, ଆମେ ତ ଘର ଭିତରେ ମଇଳା କୋଚଡ଼ା ପିନ୍ଧି ଚିରାଦଦରାରେ କୌଣସି ମତେ ଚଳିଯିବୁ—କିଏ କ'ଣ ଏଠି ଦେଖିଛି ? ତମେ ପରା ସହର ଯାଗାରେ କେତେ ବାବୁଭୟାଙ୍କ ମେଳରେ ଅଛ, ଏମିତି ଅଭେକ ହେଲେ ସେମାନେ କ'ଣ ଭାବିବେ ? "ଝିଅ ପାଇଁ ଦେଶୀ ହଳଦୀ କିଣିବା ପାଇଁ ଯୋଉ ଅଧଲ ପଇସାଏ ଘରଖର୍ଚ୍ଚରୁ କମେଇ ଟେକି ଭିତରେ ସାଇତି ରଖିଥାନ୍ତି, ମାଳ ଘରୁ ଆସିବା ବେଳକୁ ତାଙ୍କ ବାଟ ଖର୍ଚ୍ଚ ପାଇଁ ସେଇଥିରୁ ଦଅଣା, ଚାରଣା ଗଣି ଦିଅନ୍ତି । ଆପଣା ନାହିକଟା ଝିଅ "ସୁନା" ଠାରୁ ସେ ବେଶୀ ଦେଖି ପାରନ୍ତି ମାଳକୁ । ଏକଥା ଆଉ କିଏ ଜାଣୁ ନ ଜାଣୁ ଜାଣେ ଘର ଭିତରେ ଶାଶୁ ବୁଢ଼ୀ, ଆଉ ଦେଖେ ଉପରେ ଧର୍ମ । ଏମିତି ଦୁଃଖେ କଷ୍ଟେ ବର୍ଷ ବର୍ଷ ହୋଇ ଚାରି ବର୍ଷ କଟି ଯାଇଛି ।

ବୁଢ଼ୀ ଦେହ ଟିକିଏ ଖରାପ—ଚିଠି ପାଇ ବାଳା ଘରକୁ ଆସିଛି, ମାଳ ବି ପରୀକ୍ଷା ଦେଇ ଘରେ । ଭାଉଜ ତତଲା ଭାତ, ମୁଗ ଡାଲି, ଶାଗ ଖରଡ଼ା ବାଢ଼ି ଦେଲେ । ଏକା ଥାଳରେ ଦି' ଭାଇ ବସି ଖାଉଛନ୍ତି, ଏହି ସମୟରେ ସୁନା କୋଉଠି ଝିଅଙ୍କ ସାଙ୍ଗରେ ଦାଣ୍ଡରେ ଖେଳୁଥିଲା, ହଠାତ୍ ଦଉଡ଼ି ଆସି ବାପ ପାଖରେ ହାଜର—"ବାପା; ବୁଲପା କହିଲ ଦାଦା ପାଶ୍ କଲିଛି ।" ସମସ୍ତେ କଥାଟା ବୁଝିନେଲେ । ଦାଣ୍ଡକୁ ଯାଇଁ ଦେଖନ୍ତି, ମଦନା-ବାଦ ପରଚମ୍ପୁ ନଗେଇ ଖବରକାଗଜ ଦେଖୁଛନ୍ତି । ମାଳ ଫାଷ୍ଟ ଡିଭିଜନରେ ପାଶ୍ କରିଛି । ବାଳାର ଆନନ୍ଦ ଦେଖିଛି କିଏ ? ଗାଁ ଯାକ କହି ବୁଲୁଛି —"ମାଇପ ହାତରୁ ଖଡୁ ପଛକେ ବନ୍ଧା ପକେଇବି, ଏ ଘରଡ଼ିହ ପଛକେ ବିକିବି, ମାଳକୁ ମୋର କଲେଜରେ ପଢ଼ାଇବି ।" ସତକୁସତ ଭାଉଜ

କାନର ନୋଳ, ଫାସିଆ ଆଉ "ସୁନା"ର ଏକୋଇଶିଆକୁ ତା' ମାମୁଁ-ଘରୁ ଆସିଥିବା ସୁନାଖଣ୍ଡ୍ ବନ୍ଧା ପକାଇ ଟଙ୍କା ଆଣି ବାଳା କଲେଜରେ ଯାଇର ନାଁ ଲେଖେଇ ଦେଲା । ଏଣିକ ମାସିକାମାସି ଖର୍ଚ୍ଚ ପାଇଁ ଠାକୁରେ ଯାହା ଅଛନ୍ତି, ନହେଲେ ବେଳକୁ ମାଗିଯାଚି, କରଜ ଦାମ କରି ପଚ୍ଛକେ ପଢ଼େଇବ, ଏମିତିକା ଭଲ ପିଲାଟାକୁ ଘରେ ବସେଇ ମାଟି କରିବ ନାହିଁ ।

ମାଳ ଫାଷ୍ଟ ଇୟର୍‌ରେ ପଢ଼ୁଥାଏ । ଭାଇ ଘରୁ ଫେରି କାମରେ ଜଇନ୍ ଦେଲା । ଏଣିକି ସିଏ ମାମୁଲି ଆଠ ଘଣ୍ଟା କାମ କରି ସାରି ପଇସା ଲୋଭରେ ଆଉ ଦି' ଦି' ଘଣ୍ଟା ଅଧିକା ଖଟିଲା । କଳଘର କଥା —ବାହାପିଟି ଯେତେ ଖଟିବ ସେତେ ଅଧିକା ପାଇବ । ବାଳା ଦହପା'କୁ ନଜର ଦେଲା ନାହିଁ, ଗାଁରେ ପିଲା ଛୁଆଙ୍କୁ ଅନେଇଲା ନାହିଁ, ଭୋକ ଶୋଷ ଭୁଲିଗଲା । ତା ଆଖିରେ ଖାଲି ଦୁଇଟା କଥା—ଖଟିବ, ପଇସା କମେଇବ, ଆଉ ମାଳ ପାଖକୁ ଖିଆଲମତ ପନ୍ଦର କୋଡ଼ିଏ ଟଙ୍କା ପଠେଇବ । ଦିନକର ବାରଟା ବାଜିଗଲାଣି, ବାହାରେ ଦୁମ୍‌ଦୁମିଆ ଖରା—କଳଘର ଭିତରେ ଧୂଧୂ ନିଆଁ —ଭୋକରେ ପେଟ ହୁ ହୁ ଜଳୁଛି । ତଥାପି ବାଳା କାମ ଛାଡ଼ୁ ନାହିଁ । ବ୍ରହ୍ମରାକ୍ଷସ ଭଳି ଲୁହାର କଳଟା ସାଇଁ ସାଇଁ ଗର୍ଜୁଛି । ତା'ର ଭିତରେ ହାତ ଚଲେଇ ଚଲେଇ କାମ କରି ଯାଉଛି—ହଠାତ୍ ଟିକିଏ ବାହାରକୁ ଅନେଇ ଦେଲା—ତା'ପରେ ? ତା'ପରେ ସବୁ ଅନ୍ଧାର··· । ଆଖିରୁ ଜଳ୍‌ଜଳିଆ ପୋକ ବାହାରି ଯାଇଛି, ଡାହାଣ ହାତରୁ ବାହାଯାକେ କଳ ଭିତରେ ଖୋଷି ସାଙ୍ଗେ ପେଶିହୋଇ ଛତରଛାଉଳ ହୋଇ ଯାଇଛି । ହଠାତ୍ ତା' ଯୋଡ଼ିଦାର ଦେଖିପାରି କଳ ବନ୍ଦ କରିଦେଲା । ନଚେତ୍ ସିଏ ବି ସେଇଠି ଶେଷ ହୋଇ ଯାଇଥାନ୍ତା ।

ତା'ପରେ ଡାକ୍ତରଖାନାରେ ତା'ର ଯେତେବେଳେ ଚେତା ଆସେ, ଡାକବାଲା ଆସି ତାକୁ ଗୋଟିଏ ତାର ଦିଏ—"ମା ବୁଢ଼ୀ କାଲିଠୁ ହୋ'ଟି ଝାଡ଼ାରେ ଆଖି ବୁଜିଛି ।" ବାଳାର ମୁଣ୍ଡ ଘୂରିଗଲା । ସେ ପୁଣି ବେଚେତା ହୋଇ ପଡ଼ିଲା । ଏହା ମଧ୍ୟରେ ଟଙ୍କା ନ ପାଇ ମାଳ କଲେଜ ଛାଡ଼ି ଗାଁକୁ ଯାଇ ମା' ବୁଢ଼ୀର ଶୁଦ୍ଧି କରିଛି । ଭଉଜ, ଝିଆସାଙ୍କୁ ଘେନି କଲିକତା ଆସିଚି ଭାଇ ପାଖକୁ । ଡାକ୍ତରଖାନାରେ ୩ ମାସ ପଡ଼ି ପଡ଼ି ବନ୍ଧୁ

କଷ୍ଟରେ ବାଳାର ଘା' ଶୁଖିଲା । କିନ୍ତୁ ସେ ଏକାବେଳକେ ଅକର୍ମା, କଟିଛି ବାଁ ହାତ ନୁହେଁ, ଡାହାଣ ହାତ । ଆଉ କଳରେ କାମ କରିବ କେମିତି ? ଭାଇ ଭାରିଯା କେତେ ବୁଝେଇ ସୁଝେଇ ଶେଷରେ ତାକୁ ଘରକୁ ଆଣିଲେ । ସେହିଦିନୁ ମାଳାର ପଢ଼ା ବନ୍ଦ । ଆଉ ପଢ଼ିବ କାହାଧନ ? ରୋଜଗାରିଆ ପୋଷଣାହାରୀ ଭାଇ ତ ଘରେ ବସିଲା । ଏଣିକି ନିଜେ ଚାକିରି କରି ଭାଇ ଭାଉଜଙ୍କୁ ନ ପୋଷିଲେ ତ କୁଟୁମ୍ବ ଅଚଳ ।

ଏଠି ସେଠି ବହୁତ ଚେଷ୍ଟା କଲା ସେ ଚାକିରି ପାଇଁ, ଠାକୁରଙ୍କ ଦୟାରେ ଶେଷକୁ ପାଇଗଲା ଗୋଟିଏ ଠିକା ଚାକିରି । ସରକାର ଘରେ କଣ୍ଟ୍ରୋଲ ଡିପାର୍ଟମେଣ୍ଟରେ ସପ୍ଲାଇ ସୁପରଭାଇଜର । ଦରମା ଟ ୭୦ଙ୍କା ଉପୁରି ବି ବେଶ୍ ଦି' ପଇସା ଅଛି । ଦିନ କେଇଟାରେ ସତକୁ ସତ ଘରର ଅବସ୍ଥା ବଦଳିଗଲା । ହାତରେ ବି ଦି' ପଇସା ଜମିଗଲା । ବାଳା ଏଠି ସେଠି ଆଖି ପକେଇଲା—ଭାଇକି ବାହା ଦେବ । ନିଜେ ସିନା ମୂରୁଖ, ଯେଉଁଠି ସେଠି ବାହା ହୋଇ ପଡ଼ିଲା, କିନ୍ତୁ ମାଳ ଯେ କଲେଜ ପାଠ ପଢ଼ିଛି, ତା' ପାଇଁ ଟିକିଏ ଖାନ୍‌ଦାନ୍ ଘରୁ ବାଛି ବାଛି ଗୁଣର ବୋହୂଟିଏ ନ ଆଣିଲେ ଦାଣ୍ଡକୁ ସୁନ୍ଦର ଦିଶିବ ନାହିଁ । ବହୁତ ଆଡ଼େ ବୁଲି ବୁଲି ଶେଷରେ ଗଣିପୁର ଗାଁ'ର ତହସିଲଦାରଙ୍କର ଗୋଟିଏ ମାତ୍ର ଗେଲବସରର ଝିଅ ''ଉର୍ମିଳା''କୁ ବୋହୂ କରିବାକୁ ସ୍ଥିର କଲା । ଭାଇ ବାପ ଭୁଲି, ତାଙ୍କ କଥା କି'ଣ ମାଳ ଅମାନ୍ୟ କରିବ ? ଶେଷରେ ବହୁ ଆଡ଼ମ୍ବରରେ ବାହାଘର ହୋଇଗଲା । ଘଣ୍ଟା, ସାଇକଲ, ଚେନ୍, ମୁଦି—ଆଉ ଆଉ କେତେ ଯାନ ଯୌତୁକ ମିଳିଲା । ବୋହୂଟି ବେଶୀ ପାଠ ପଢ଼ି ନଥିଲେ ବି ଦି' ଅକ୍ଷର ଲେଖିପଢ଼ି ଜାଣେ । ବାପ ମା'ଙ୍କର ଗୋଟିଏ ବୋଲି ଝିଅ, କେତେ ଗେହ୍ଲାରେ ବଢ଼ାଇ ଥାନ୍ତି । ମାଇକିନିଆ ଝିଅ ତ, ଏତେ କଷ୍ଟ କରି କି'ଣ ପଢ଼ିବ ?

ଅକ୍ଷର ଦି' ଧାଡ଼ି ଶିଖି ''ଉର'' ଗପ ବହି ପଢ଼େ । ବାପାଙ୍କ ଆରାମ ଚୌକିରେ ଶୋଇ ଶୋଇ ନଭେଲ ପଢ଼େ । ଶାଶୁଘରେ ଆସି ଯାଇତାଇ ଦି'ଟା ଫ୍ରଟେଇ ଦେଢ଼ଶୁରଙ୍କୁ ବାଢ଼ି ଦିଏ । ସ୍ୱାମୀ ତ ବିଦେଶରେ ଚାକିରି କରନ୍ତି, ଆଉ ଘରେ କି କାମ ? ମସିଣା ଖଣ୍ଡେ ପକେଇଦେଇ ସଦାବେଳେ ନଭେଲ୍ ପଢ଼େ ନଚେତ୍ କାଗଜ କଲମ ଧରି ଦିନେ, ଦି' ଦିନେ ସ୍ୱାମୀଙ୍କ ପାଖକୁ ଚିଠି ଲେଖେ । ସୁନାବୋଉ ଏସବୁ ଦେଖି ଦେଖି ପ୍ରମାଦ ଗଣନ୍ତି,

କିନ୍ତୁ ମୁହଁ ଫିଟାଇ କିଛି କହନ୍ତି ନାହିଁ । ବାଲା କହେ—"ବୁଝିଲ ସୁନାବୋଉ, ମା'ଟା ମୋର ପିଲାଦିନରୁ ଅଲଅଲରେ ବଢ଼ି ଆସିଛି । ବଅସ ହେଲେ ବଳେ ତାର ଘରକରଣା ବୁଦ୍ଧି ହୋଇଯିବ ଯେ । ତାକୁ କିଛି ନ କହି ଘର ପାଇଁ ଟି ତମେ ନିଜେ କରି ନେବ—ସେ ପରା ଆମ ଝିଅ ଭଳି । ଦେଖ୍ନା, ଆମ ସୁନା ଆଉ ସିଏ କେମିତି ସାନ ବଡ଼ ଦି' ଭଉଣୀ ଭଳିଆ ଦେଖାଯାନ୍ତି ।" ସୁନାବୋଉ ସବୁ ବୁଝେ, ପିଲାଦିନୁ ତା' ମନ ସଫା । ଆଜି କ'ଣ ସିଏ କାହା ସାଙ୍ଗରେ ବାଦବୁଦିଆ ନଗେଇବ ? ହେଲେ ମନଟା କାହିଁକି ତା'ର ଗୋଳେଇ ପୋଳେଇ ହୁଏ । ଏ ତ ବଡ଼ଲୋକ ଘରର ଝିଅ, ଆମ ଦୁଃଖ କଷ୍ଟ କ'ଣ ବୁଝିବ ? ସିଏ ତ ଅକାମୀ ହୋଇ ଘରେ ବସିଲେ । ମାଳ ଯଦି ନାହିଁ ନାହିଁ ଯୁ। କଥାରେ ପଡ଼ଯାଏ, ତେବେ ଆମ ଅବସ୍ଥା କଣ ହେବ ? ସିଏ କଲକତାରେ ଡାକ୍ତରଖାନରେ ପଢ଼ୁଥିବା ବେଳେ ଟିପ ଦେଇ ମହାଜନ ଘରୁ ମାଳବୋଉ ଟ୫୦ଙ୍କା କରଜ ଆଣି ବୁଡ଼ୀ କାମ କରିଥିଲେ, ବାଟ ଖର୍ଚ୍ଚ କରି କଲକତା ଯାଇଥିଲେ । ତା' ଆଜି ପର୍ଯ୍ୟନ୍ତ ସୁଝା ହୋଇନାହିଁ । ଚକ୍ରବୃଦ୍ଧି ଦରରେ ସୁଧ ଉପରେ ସୁଧ ବଢ଼ି ବଢ଼ି ମୂଳକୁ ଟପିଗଲାଣି ।

ପୁଣି ପର ମୁହୂର୍ତ୍ତରେ ତା' ମନ ବଦଳିଯାଏ । ନା, ମାଳକୁ ଆମେ ଏତେ କରି କୋଳରେ କାଖରେ ବଢ଼େଇ ମଣିଷ କଲୁ, ସେ କଣ ଏତେବେଳେ ଆମକୁ ପକେଇ ଦେବ ? କିନ୍ତୁ କିଏ ଜାଣେ, ମଣିଷର ମନ—ପାଞ୍ଚ ମନ ପଚଶ ପ୍ରକୃତି, କେତେବେଳେ କୋଉ କଥା ?

"ଭଉ" ଦେଖିଲା—ଭଉଜଟା ନପଟ ମଫସଲିଆଣୀ । ସାୟା, ବ୍ଲାଉଜ ତ ନାହିଁ, ଲୁଗା ଖଣ୍ଡେ ବି ବାଗେଇ କରି ପିନ୍ଧି ଜାଣେନା । ପାଠଶାଠ ବିବର୍ଜିତ; ଖାଲି ତେଲ ହଳଦି ମେଞ୍ଚାଏ ମେଞ୍ଚାଏ ବୋଳି ହୋଇ ତା' ଚକଆ, ମସିଣା ଘଷା କରୁଛି । ଟିକିଏ ଭଦ୍ରତା ଜାଣି ନାହିଁ, ଖାଲି ସବୁବେଳେ କାମ କାମ । ଟିକିଏ ପଢ଼ି ବସିଲା ବେଳକୁ ବାର କାମର ବରାଦ । ପୁଣି ଏଇ ମରହଟିଆ, ମଫସଲିଆଣୀ ପାଖରେ ଘରର ସବୁ ସିନ୍ଦୁକ ବାକ୍ସର ଚାବି । ମନଇଚ୍ଛା ପାଞ୍ଚ ପଇସା ଖର୍ଚ୍ଚ କରିବାର ଚାରା ନାହିଁ । ଅଥଚ ଏଇ ହାତଖଣ୍ଡିଆ ଦେଢ଼ଶୁର ଘରେ ବସି ବସି ସକାଳୁ ଚା'ପାଣି ତା ସାଙ୍ଗକୁ ବାରରକମ୍ ଚାଟ୍ । ଦିନେ ଗୋଟାଏ ଦୋହରା ନ ହେଲେ ଘର

କମ୍ପୋଇବ । ୯ୁଅଷ୍ଟା ପୁଣି ଏମିତି ରଙ୍କଣୀ—ଦିନେ କାଳେ ତ ଦେଖିନାହିଁ; ଟିକଏ ବାସନା ତେଲ କି ସ୍ନୋ ପାଉଡର କ'ଣ ଲଗାଇ ଦେବ ? ଏମିତି ପୁଣି ଡାହାଣୀ ଯେ ଟିକଏ ମିଠା ସିଠା ଖାଇଲା ବେଳକୁ ଅନେଇ ଅନେଇ ଅଧେ ପେଟରେ ପଶିଯିବ । ଗୋଟାଏ ଅଧେ ଆମ୍ବ କି ଖଜୁରିକୋଳି ଦେଲେ ତାକୁ ଟ୍ରେବେଇ ଟ୍ରେବେଇ ତା' ମଞ୍ଜି ସହିତ ଖାଇଯିବ । ଯାହା କହନ୍ତି, "ରଙ୍କ ପାଟିକି ପାନ ଗଲା ନା ପାନ କହିଲା ମୋ ଜୀବ ଗଲା ।" ଛି, ଛି, ଏଡ଼େ କାଙ୍ଗାଳିଆ ଗୁଡ଼ାକ !

ମନ ତା'ର ବିଗିଡ଼ିଯାଏ । ବେଶୀ ରାଗ ହୁଏ ସେହି ନବୁଁଢିଆ ମାଇଚିଆ ସ୍ୱାମୀଙ୍କ ଉପରେ । ଏତେ କମେଇ ଦମେଇ ଖାଲି ଏହି ଭଗାରି ଗୁଡ଼ାଙ୍କୁ ପୋଷୁଛି । କାଲି ସକାଳେ ସୁନାର ବାହାଘର, ସୁଅପର ପଇସା ବୋହିଯିବ—ଯୁଆଙ୍କର କ'ଣ ନିଦ ଭାଙ୍ଗୁଛି ? ମାଳ ଶନିବାରକୁ ଶନିବାର ଘରକୁ ଆସେ । ପହିଲେ ପହିଲେ ସେ ଏଗୁଡ଼ାକ ଶୁଣି ଏ କାନରେ ପୂରେଇ ସେ କାନରେ ବାହାର କରି ଦେଉଥିଲା । ଭାଇ ବାପଭୁଲା—ନିଜେ ନ ଖାଇ ନ ପିଇ ଏତେ କଷ୍ଟକରି ମୋତେ ମଣିଷ କଲେ—ଭାଉଜ ସୁନାକୁ ପଛ କଲେ ମୋତେ ଆଗ କରନ୍ତି । କଟକରେ ପଢ଼ିବା ଯାକେ ମୋତେ ନିଜ ହାତରେ ଖୋଇ ଦେଇଛନ୍ତି । ଏତେ ସ୍ନେହ, ଶ୍ରଦ୍ଧା ଭୁଲି ଯାଇଁ ସ୍ତ୍ରୀ କଥାରେ କ'ଣ ସେ ଭାଇ ଭାଉଜଙ୍କୁ ପର କରିବ ? "ଉର" ଦେଖିଲା—ସ୍ୱାମୀ ଚାରି ପାଠ ପଢ଼ିଛି ସିନା, ସେତେ ଗୃହକ ଚଭୁର ନୁହେଁ । ତା' ବାପ ଭଳି ନଅକୁ ଛ' ଛ'କୁ ନଅ କରି ପରଠଉଁ ପାଞ୍ଚ ପଇସା ଆଣିବାରେ ସେତେ ଧୂରନ୍ଧର ନୁହେଁ । ଓଲଟି ଯାହା ଦି'ପଇସା କମଉଛି, ସେଥିରେ ନିଜେ ସୁଖ ନକରି ଘରେ ତିନ ତିନଟା ଭଗାରଙ୍କି ପୋଷୁଛି । ଏତେ ନଗେଇ ନଗେଇ ନିଜ ସ୍ତ୍ରୀ ପାଇଁ ଖଣ୍ଡେ ଭଲ ଶାଢ଼ୀ କି ହଲେ ଇୟରିଂ କି ଦି'ଖଣ୍ଡ ଭଲ ନଭେଲ ବହିତ ଆଣିବେ ନାହିଁ, ଖାଲି ନା'କୁ କହୁ କହୁ ଭାଉଜ, ଝିଅଆସିପେଇଁ ଶୁଆପକ୍ଷିଆ କସ୍ତାଠଉଁ ଝିଲମିଲ ଛିଟ ପର୍ଯ୍ୟନ୍ତ ବୋହୁଥିବେ । ଏଡ଼କି ଅମଣିଷିଆ—ଦୁଧ ଦେଇ କିଏ ସାପ ପାଳେ ? ଅବିକା ମନରେ ପଶି ନାହିଁ, ଦିନେ ବୁଝିବେ ଯେ...

ସେଦିନ ହୋଇଥାଏ ପହିଲି ରଜ । ୩ ଜଣଙ୍କ ପାଇଁ ୩ ଖଣ୍ଡ ଶାଢ଼ୀ ଦେନ ସକାଳେ ଆସି ପହଞ୍ଚିଲା ମାଳ । ଭାଉଜ ପାଇଁ ଖଣ୍ଡେ ସାଦା

ଫୁଲ ଧଡ଼ିଆ, ଆଉ ଉର, ସୁନା ପାଇଁ ଦି'ଖଣ୍ଡ ନେଳିଆ ମଦୁରା ଶାଢ଼ୀ । ଉରର ଏକା ଜିଦ୍ ଦି'ଖଣ୍ଡ ଯାକ ମଦୁରା ଶାଢୀ ସେ ଏକା ରଖିବ । ଭଲ ଖଣ୍ଡିକ ଘରସାରି କରି ସାଇତି ରଖିବ, ଆଉ ଖଣ୍ଡିକ ପିନ୍ଧି ରଜ ପାଳିବ । ସୁନା ପାଇଁ ହାଲି ନୂଆ ଲୁଗା ଆସିଛି, ଭାଉଜ ସେଇଟା ପେଡ଼ିରୁ ବାହାର କରି ଦିଅ, ନାହିଁ ତ ଯଦି ଏତେ ଶରଧା ନିଜ ଶାଢ଼ୀ ଖଣ୍ଡିକ ଦିଅ । ଆସି ଦରବୁଢ଼ୀ ହେଲେଣି—ସିଏ କ'ଣ ଏଦିନେ ନୂଆ ଲୁଗା ପିନ୍ଧି ରଜ ପାଳିବେ ? ମାଳ ଯେତେ ବୁଝାଇଲା, ସିଏ କୋଉଥିରେ ମାନିବା ଜନ୍ତୁ ନୁହେଁ । ସେହି ଏକା ଜିଦ୍—ପର ପାଇଁ କାହିଁକି ତମେ ଏତେ ଉଜାଡ଼ିବ ? ଘର କଥା କାହିଁକି ତମ ମନରେ ଧରୁନାହିଁ ? ସିଏ ଯେତେ ହେଲେ ଭାଇ ଭାଉଜ—ତମେ ଯେତେବେଳେ ପିଲା ଥିଲ, ସେ ଅଲଗା କଥା । ଆଜି ବାହାସାହା ହେଲ; ନିଜ ଘର ନିଜେ କରିବ ସିନା । କେଇଟା ଭାଇ ଭାଉଜ ଭଲା ଘର କରି ଦେଲେଣି ? ଓଲଟି ୩ ଜଣଯାକ ତମରି ବେକରେ ବନ୍ଧା । ଭାଇ ତ କୋଢ଼ିଆଙ୍କ ଭଳି ଘରେ ବସିଛି, ଅଧଲାଟିଏ କମେଇବାର ଶକ୍ତି ନାହିଁ । ତମେ ଖାଲି ବେଠିଆଙ୍କ ଭଳି ଖଟଣିରେ ଖଟି ଏହିଗୁଡ଼ାଙ୍କୁ ପୋଷୁଥିବ ନା ? ଆମରି ତ ପୁଣି ପିଲାଛୁଆ ହେବେ, ତାଙ୍କ ପାଇଁ ଏଇଆଡ଼ୁ କିଛି ସଞ୍ଚି ନ ରଖିଲେ ଆଉ କ'ଣ ବଳି ବଅସ ନଇଁଲେ ସଞ୍ଚିବ ?

ସବୁବେଳେ ଏହି କଥାଗୁଡ଼ାକ ଶୁଣି ଶୁଣି ମାଳର ସଫା ମନଟା ବି ଗୋଳିଆ ହୋଇଯାଏ । ଯେତେ ବୁଝେଇଲେ ବି ଆଖର ସେଦିନ ସେ ଶାଢ଼ୀଟାକୁ ସୁନାକୁ ଦେଲା ନାହିଁ । ସୁନା ୧୦।୧୧ ବରଷର ଝିଅ, ଭଲ ଶାଢ଼ୀ ଖଣ୍ଡେ ଦେଖିଲେ ହାଇଁପାଇଁ ହେବା ସ୍ୱାଭାବିକ୍ । ସହଜେ ପୁଣି ସେଦିନ ପହିଲି ରଜ । କେତେ କାକୁତି ମିନତି ହୋଇ ଯେତେବେଳେ ଖଡ଼ି ଶାଢ଼ୀ ଖଣ୍ଡିକ ଦେଲାନାହିଁ, ଓଲଟି ଟ୍ରଙ୍କରେ ରଖି ଗୁହି ଦେଇ ଟାଉଁ ଟାଉଁ ଦି'ପଦ ବକିଲା, ସେତେବେଳେ କଣଶୋଷି-ସୁନାର ମନ ମରିଗଲା । ସେ ଆଉ ପୋଡ଼ପିଠା ଖାଇଲା ନାହିଁ । କାନ୍ଦି କାନ୍ଦି ମୁହଁ ଫୁଲେଇ ଯାଇଁ ଶୋଇଲା । ମା' ମନ ସହେ କେତେକେ ? ସାନବୋହୂକୁ ଟିକିଏ ଟାଣ କରି କହି ଦେଲା —"ଦି' ଦିନ ପାଇଁ ଆସି ଆଜି ତୁ ହେଲୁ, ମୋ ସୁନା ହେଲାନାହିଁ । କଲେ କା' ଲାଗି ମାଳ ଆଜି ମଣିଷ !" ଏତିକିରେ ଆଉ ଯାଏ କୁଆଡ଼େ ?

ମୁହେଁ ମୁହେଁ ଠାଇଁ ଠାଇଁ ଜବାବ, ପାହାଡ଼ତୋଡ଼ ପାଟି—ଗାଁ ସାରା ଆସି ଜମା ହୋଇଗଲେ । କାଲି ସକାଳର ଏ ମେଞ୍ଚଡ଼ ଟୋକା ଖଣ୍ଡେ, ଗାଲ ଚିପିଦେଲେ ଦୁଧ ବାହାରି ପଡ଼ବ—ଏ ପୁଣି ସୁନାବୋଉ ସାଙ୍ଗରେ କଜିଆ ନଗେଇ ତାକୁ ମାରି ନମାରି । ସମସ୍ତେ ଛି, ଛି କରି କଲେ । ହେଲେ "ଉରି" ଡରିବା ଜନ୍ତୁ ନୁହେଁ, ଏ ବାଟରେ ନପାରି ବାହୁନା ଆରମ୍ଭ କରିଦେଲା । ଯୁଦ୍ଧ ଜୟ କରିବାକୁ ଏହି ନାକକାନ୍ଦଣାଟା ହେଉଛି ସ୍ତ୍ରୀ ଲୋକମାନଙ୍କର ଅମୋଘ ଅସ୍ତ୍ର । କାନ୍ଦି କାନ୍ଦି ଲୁହ ଶିଙ୍ଘାଣି ଏକଖଣ୍ଡ ହୋଇ କବାଟ କିଳି ଘରେ ମୁହଁମାଡ଼ି ଶୋଇଲା ।

ମାଳି ମନଟା ଏକାବେଳେ ବିଗିଡ଼ିଗଲା । ସେ କଟକରୁ ଏତେଦିନେ ଛୁଟି ନେଇ ରଜକୁ ଘରକୁ ଆସିଥିଲା ଟିକିଏ ସୁଖଭୋଗ କରିବାକୁ ନା ଏମିତି ଦୁଃଖ ଅଶାନ୍ତିରେ ଦହଗଞ୍ଜ ହେବାକୁ ? ଶୋଇବା ଘରକୁ ଯାଇଁ ଦେଖେ ଉରି ଖାଲି ମାଟି ଉପରେ ଗଡ଼ୁଛି । କାନ୍ଦି କାନ୍ଦି ରକ୍ତ ଚହଟହ ଗୋଲାପୀ ମୁହଁ ତା'ର ଶୁଖି କଳାକାଠ ପଡ଼ିଗଲାଣି । ହାତରେ ଧରିଛି ଟେଳାଏ ଅଫିମ ।...ମାଳି ଚମକି ପଡ଼ିଲା । ଯେତେହେଲେ ଉରି ତା'ର ଅଙ୍କଶାୟିନୀ ପ୍ରେୟସୀ । ପ୍ରେମରେ କେତେଥର ତାକୁ ଆଲିଙ୍ଗନ କରିଛି, ରକ୍ତ ଅଧରରେ ଚୁମା ଦେଇଛି । ତା'ର ଏ ଅବସ୍ଥା ଦେଖି ସେ ସବୁ ଭୁଲିଗଲା । ଭୁଲିଗଲା ଭାଇ ଭାଉଜଙ୍କ ଦୁଃଖକଷ୍ଟ । ଭୁଲିଗଲା ଭାଇର କଳାଘରର ହାଡ଼ଭଙ୍ଗା ପରିଶ୍ରମ, ଛାତିଫଟା ଦୁଃଖ । ଭୁଲିଗଲା ଭାଇର ଆଖିର ଲୁହ, ଭାଉଜର ପେଟର ସ୍ନେହ, ପୁଣି ଭୁଲିଗଲା ସୁନାର ସ୍ନେହ ଶରଧାର କଅଁଳିଆ "ଦାଦା' ଡାକ । ତା' ଆରଦିନ ଭାଉଜ ଆଗରେ ଅଡ଼ି ବସିଲା ଭିନେ ହେବ ।

ଭଲଲୋକ ବସିଲେ । ଭାଇ କେଷ୍ଟା ଗୁହାଁ ନାହାଁ । ସୁନାବୋଉ ପାଟି ଫିଟେଇ ନାହାଁ—ଖାଲି ସୁନା କାନ୍ଦି କାନ୍ଦି ଦାଦାକୁ ଆଉ ଥରେ ମାଗିଥିଲା ସେହି ଶାଢ଼ୀ ଖଣ୍ଡକ । ଦାଦା କିନ୍ତୁ ମୁହଁ ଫଣଫଣ କରି ତାକୁ ପେଲି ଦେଇଥିଲେ । ସେହିଦିନୁ ହାତଖଣ୍ଡି ବାଳା ଝିଅ, ମାଇପକୁ ଧରି ତା' ବଖରିକ ଘରେ ପଡ଼ିଛି । ସୁନାବୋଉ ଗାଁରେ ପାଞ୍ଚଲୋକଙ୍କ ଧାନ କୁଟି ଖୁଦ ମକୁଖ ଆଣେ । ସୁନା ବାଇରୁ ସଜନାଶାଗ ତୋଳେ । ରାତି ଦି' ପହରକୁ ଚୁଲିରେ କୁହୁଳା ପଡ଼େ । ଏଣେ ମାଳି "ଉରି"କୁ ନେଇ କଟକରେ ଅଛି ।

ଆଜିକାଲି ବେଶ୍ ଦି' ପଇସା ଜମେଇ ଗାଁରେ ପ୍ରତିବର୍ଷ ମାଣେ ଦି'ପା କଣୁଛି···

ଏଇତ ଦୁନିଆ—ଏଇତ ତମ ଆଧୁନିକା, ପାଠୋଇ ଝିଅ ? ପରଘରେ ଗୋଡ଼ ନ ଦେଉଣୁ ଏମିତି କେତେ ଘର ଭାଙ୍ଗେ, କେତେ ଭାଇଙ୍କର ମନ ଫଟାଫଟି ହୁଏ, ଏମିତିକା ଯୋଉ ଝିଅ, ସିଏ ଲୋକସେବା କରିବେ କ'ଣ ? ଦୁଃଖୀ କାଙ୍ଗାଳଙ୍କ ପେଟ ଚିହ୍ନିବେ କ'ଣ ? ନାରୀ ଜାତି ସମସ୍ତଙ୍କର ମା' ! ସ୍ନେହ ଶରଧା ଦେଇ ସାରା ସୃଷ୍ଟିକୁ ବଞ୍ଚାଇ ରଖିଛନ୍ତି, କିନ୍ତୁ ଏଇ ଆଧୁନିକା ଗୁଡ଼ିକ ମା' ନୁହନ୍ତି କି ଦେବୀ ନୁହନ୍ତି । ଦିନରେ ବେଶ୍ ଚକ୍‌ଚକ୍ ରୂପ ଦେଖାଇ ମନ ମୋହୁଥିବେ, କିନ୍ତୁ ରାତିରେ ଗେରସ୍ତଙ୍କୁ କାନେକାନେ ଶିଖେଇ ତା' ମନର ସବୁ ଦୟା, କରୁଣା, ସରଳତା, ଉଦାରତା ଘଡ଼ିକେ ଶୋଷି ନେବେ । ଯାହା କହନ୍ତି, "ପାଖରେ ଶୁଏ, କାନରେ କୁହେ, ତା' କଥା କି ଅସତ ହୁଏ ।" ତିଳକୁ ତାଳ କରି, ମିଛକୁ ସତ କରି ଫୁସୁ ଫୁସୁ ହୋଇ ଏମିତି ଭାବରେ ଗେରସ୍ତ ଆଗରେ କଥାଟି କହିବେ ଯେ, ତାହାମିଛ କଥାଟା ବି ସତଭଳି ଜଣା ପଡ଼ିବ । ଯେତେ ଋଷି ହେଲେ ବି ମାଇକିନିଆଙ୍କର ଏ ଫୁସୁଫୁସୁ କଥାରେ ଟଳି ପଡ଼ିବ । ଭାଇ ଭାଉଜଙ୍କ ଶିରୀ ନ ଦେଖିବା ତ ଦେହସହା କଥା, ଏପରି କି ୬୦ ବରଷର ବୁଢ଼ାବାପ, ବୁଢ଼ୀମା'ଙ୍କୁ ବି ରୋଜଗାରିଆ ପୁଅମାନେ ଅଲଗା କରି ଦେଇଛନ୍ତି କେବଳ ଏଇ ମାଇକିନିଆଙ୍କ କଥାରେ ପଡ଼ି ।

ଆଚ୍ଛା ତମେ କ'ଣ ସେଇ ଭଳି ହେବ ? ତମକୁ କେତେ ସ୍ନେହ, ଶରଧା ଦେଇ ମୁଁ ବଡ଼ଉଛି, କେତେ ପାଠଶାଠ ପଢ଼େଇ ଗୁଣିଆ କରଉଛି, ତମେ କ'ଣ ଶେଷରେ ମୋ ମୁହଁରେ ଚୂନକାଳି ଦେବ ?···ଓ, ନାହିଁ କରୁଛ—ନା ଖାଲି ମୁହଁରେ ମନାକଲେ ହେବ ନାହିଁ, ସ୍ତ୍ରୀ ଜାତିକୁ କୋଉ ବିଶ୍ୱାସ ? ତମେ ମୋ ଦେହ ଛୁଇଁ କୁହ, କେବେ ଏମିତି କଳିହୁଡ଼ି, ଉପର-ମୁହିଁ, ଆପଣା ସ୍ୱାର୍ଥୀ ହେବ ନାହିଁ ।

## ସୁଖ ଦୁଃଖରେ ସମଭାବ

ବଡ଼େବଡ଼େ କହିଯାଇଛନ୍ତି—"ସମ୍ପଦରେ ଗୃତର କରିବ ନାହିଁ କି ବିପଦରେ କାତର ହେବ ନାହିଁ ।" ଆଜ ତମର ପ୍ରଚୁର ଧନ, ସମ୍ପତ୍ତି

ଅଛୁ, ସ୍ୱାମୀ ମାସକୁ ହଜାର ହଜାର କମଉଛୁ, ଗଣ୍ଡା ଗଣ୍ଡା ପୋଇଲି ପରିବାରି ଖଟୁଛନ୍ତି, ସ୍ତ୍ରୀ' ବୋଲି ଏହି ଦି'ଦିନିଆ ସୁଖଭୋଗରେ ଅନ୍ଧ ହୋଇଯାଇଁ ଗର୍ବ କରନାହିଁ । ଭଗବାନଙ୍କର ଗର୍ବଗଞ୍ଜନ ବାନା । ସେ କାହାର ଗର୍ବ ସହି ପାରନ୍ତି ନାହିଁ । ଘଡ଼ିକେ ଧନୀକୁ ଦରିଦ୍ର କରନ୍ତି, ପଣ୍ଡିତକୁ ମୂର୍ଖ କରନ୍ତି, ନବତଳ ପ୍ରାସାଦର କୋଠିପନ୍ତିକୁ ରସାତଳକୁ ଫିଙ୍ଗି ଦିଅନ୍ତି । "ମୁଁ ବଡ଼ଘରର ବୋହୂ—ମୋ ସ୍ୱାମୀ ବଡ଼ ଗୃହଲକ୍ଷ୍ମୀ ଚତୁର ଲୋକ, ରୋଜ ମୁଠା ମୁଠା କଞ୍ଚା ପଇସା ଆଣି ଘରେ ପୂରାଉଛନ୍ତି—ଆମର ବାଡିବାଡି ସମ୍ପତ୍ତି, ଟଙ୍କା ପଇସା, ସୁନାରୂପା, ଗାଡ଼ି ଘୋଡ଼ା, କାହିଁରେ କ'ଣ—ଏମିତିକା ମାନବଂଶ, ଖାନ୍‌ଦାନ୍ ଘର ଏ ଖଣ୍ଡମଣ୍ଡଳରେ ନ ଥିବ । ଏହି ମେଲେଚ୍ଛ, ଗେଣ୍ଡା କୋଟଆଖିଆ ପାଣ କଣ୍ଡରଗୁଡ଼ାକ ଆମର ବାଇତଳ ପରଜା, ଆଉ ଏହି ଓଡ଼ସାହିଟା ଯାକ ଆମର ଘରୁ ଧାନ ଦାଦନ ନେଇ ବରଷର ଅନ୍ନଧନ ଚଳନ୍ତି । ଆମେ ଟିକିଏ ମୁହଁ ମୋଡ଼ି ଦେଲେ ଏଗୁଡ଼ା ଠକ୍‌ଠାକ୍ ମରିଯିବେ ।" ଏମିତିକା ଯୋଉ ଭାବ, ସେଇଆକୁ କହନ୍ତି ଗର୍ବ ।

ତମ ସ୍ୱାମୀର ଧନ ଅଛି, ହେଲେ ସେ ତାର ମାଲିକ ନୁହେଁ—ଚାକର ମାତ୍ର । ଧନ ଭଗବାନଙ୍କର । ଆଜି ତାଙ୍କର ଇଚ୍ଛା ହୋଇଛି, ତମ ସ୍ୱାମୀ ହାତରେ ଦେଇଛନ୍ତି ଦେଖାଶୁଣା କରିବାକୁ । କାଲି ଇଚ୍ଛା ହେବ, ତାଠୁ ନେଇ ଆଉ କାହା ହାତରେ ଦେବେ । ଲକ୍ଷ୍ମୀ ଚଞ୍ଚଳା, ସେ କୋଉଠି ସ୍ଥିର ହୋଇ ରହନ୍ତି ନାହିଁ । ତମେ ଦଶ ପଇସାଟିଏ ସତ୍‌କାର୍ଯ୍ୟରେ ନ ଦିଅ କି ଯୋଗୀ, ଭିକାରି, ଦୁଃଖୀ, ରଙ୍କିଙ୍କୁ ଦାନ ଖଇରାତ ନ କର—ଖାଲି ସବୁ ନିଜ ସୁଖଭୋଗରେ ଲଗାଅ, ତେବେ ସେ ପଇସା ଅଳପ ଦିନ । ପୁଣି ତମେ ଦେଖଣାହାରି ଚାକର ହୋଇ ମାଲିକର ଧନରୁ କାହାକୁ ଅଭାବ ବେଳେ ପାଞ୍ଚ ଦଶ ଟଙ୍କା କରଜ ଦେଲେ କି ଧାନ ଦି' ଚାରି ଗୌଣୀ ଦାଦନ ଦେଲେ, ଏଥିପାଇଁ ଗର୍ବ କର ନାହିଁ କି ନିଜେ ଗୋଟାଏ ବଡ଼ ଦାନୀ ବୋଲି ଦାଣ୍ଡ ଘାଟରେ ବାଡ଼େଇ ହୁଅ ନାହିଁ । ଏ ଗର୍ବ ବେଶୀଦିନ ରହିବନାହିଁ, କାହାର ରହି ନାହିଁ । ଅନେକ ସମ୍ପଦରେ ଭୋଳ ହୋଇ ମଣିଷ ଚିହ୍ନନ୍ତି ନାହିଁ—ଧରାକୁ ସରା ଜ୍ଞାନ କରନ୍ତି ।

ତମେ ମହାଭାରତ ପଢ଼ିଛ—ଦୁର୍ଯ୍ୟୋଧନ, ଦୁଃଶାସନ ଧନ ଐଶ୍ୱର୍ଯ୍ୟରେ ମତ୍ତ ହୋଇ ହିତାହିତ ଜ୍ଞାନ ଭୁଲି ସତୀଶିରୋମଣି କୁଳବଧୂ

ଦ୍ରୌପଦୀଙ୍କୁ କୁରୁସଭାରେ ଅତି ନୃଶଂସ ଭାବରେ ଉଲଗ୍ନ କରିଥିଲେ । ଏତେ ଅହଙ୍କାର କିନ୍ତୁ ଧର୍ମ ସହିଲା ନାହିଁ । ଦିନ କେଇଟାରେ ମହାଭାରତ ଯୁଦ୍ଧରେ ଏହି ଦାମ୍ଭିକ ଦୁର୍ଯ୍ୟୋଧନ, ଦୁଃଶାସନଙ୍କ ସହ ସମସ୍ତ କୌରବ ବଂଶ ପୃଥିବୀ ପୃଷ୍ଠରୁ ଲୋପ ପାଇଲା । ତାଙ୍କ ଧନ, ମାନ, ରାଜ୍ୟ, ସମ୍ପଦ, ଗର୍ବ, ଅହଙ୍କାର ସବୁ ଦି' ଦିନେ ହସ୍ତିନାପୁରର ଧୂଳିମାଟି ଦେହରେ ମିଶିଗଲା । ଗର୍ବ କରି କେହି କେବେ ବଡ଼ ହୋଇ ନାହିଁ । କେତେ କେତେ ମହାରଥୀମାନେ ଟଳି ପଡ଼ିଛନ୍ତି ।

ଏଇ ଅଢ଼େଇଦିନିଆ ଧନ ସମ୍ପଦରେ ବଡ଼େଇ କରିବା ଯେମିତି ଅମଣିଷିଆ, କ୍ଷଣସ୍ଥାୟୀ ଦୁଃଖ ବିପଦରେ ଭାଙ୍ଗି ପଡ଼ିବା ସେମିତି ଭୀରୁତା । କଥାରେ କହନ୍ତି—"ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି ।" ଆଜି ତମର ଦୁଃଖ ହୋଇଛି, ମେଣ୍ଢାମୁଣ୍ଡିଆ ବାତ ଧରି ସ୍ୱାମୀ ତମର ବର୍ଷେହେଲା ନିଷ୍କର୍ମା ହୋଇ ଘରେ ବସିଛନ୍ତି, ଖଜଣା ଦେଇ ନ ପାରିବାରୁ ଭଲ ଭଲ ଜଳଜମି ସବୁ ନିଲାମ ହୋଇଯାଉଛି, ଘରେ ଠ ଠା ଠି; ତିନି ଦିନେ ଚୂଲିକି ହାଣ୍ଡି ଯିବା କଷ୍ଟ; ସେଥିରେ ପୁଣି ତିନି ତିନିଟା ଛୁଆ କେଁ କାଁ କରି ଖାଇ ଯାଉଛନ୍ତି । ଏତେବେଳେ ଯଦି ଟିକିଏ ଟାଣ ନ ହୁଅ ତେବେ ଲୋକେ ଭିଗାରି ହସିବେ । "ପଥର ପରି ହେଲେ କରିବୁ ଘର; ପତର ପରି ହେଲେ ହସିବେ ପର ।" ପତର ହୁଅ ନାହିଁ, ଛାତିକି ପଥର କର । ଗୋଟିଏ କଥା ମନେ ରଖ—"ଭଗବାନ ଯାହା କରନ୍ତି ମଙ୍ଗଳ ପାଇଁ ।" ଯେତେ ଦୁଃଖ କଷ୍ଟ ଆସୁ, ରୋଗ ବଇରାଗ ହେଉ, ବିପଦ ଆପଦ ପଡ଼ୁ—ସବୁ ସେହି ମଙ୍ଗଳମୟ ବିଧାତାଙ୍କର ମଙ୍ଗଳ ଇଚ୍ଛା ବୋଲି ମନେ ରଖ । ଆଖି ଥାଇଁ ବି ଆମେ ସବୁ ଅନ୍ଧ—କୋଉଟା ଭଲ, କୋଉଟା ମନ୍ଦ, କୋଉଟା ଭବିଷ୍ୟତରେ ଶୁଭଜନକ ବା କୋଉଟା କ୍ଷତିକାରକ ତା' ଆମର ଏହି ସ୍ଥୂଳ ବୁଦ୍ଧିରେ ଜାଣି ପାରୁନାହୁଁ । ଉପରେ କିନ୍ତୁ ଗୋଟିଏ ଅଦେଖା ହାତ ଲୁଚି ଲୁଚି ଆମର ଭଲ ପାଇଁ କାମ କରି କରି ଚାଲିଛି ।

ଆଜି ତମର ପୁଅ ମରିଗଲା ବୋଲି କାନ୍ଦୁଛ; କିଏ ଜାଣେ, ଏହି ପୁଅ ବଡ଼ ହୋଇଥିଲେ ଏକ ଦୁର୍ଦ୍ଦାନ୍ତ, ଅତ୍ୟାଚାରୀ, ପାଷାଣ୍ଡ ହୋଇ ଦୁନିଆର କେତେ ଅନିଷ୍ଟ କରିଥାନ୍ତା; ଆଜି ତମର ଘର ପୋଡ଼ିଯାଇଁ ସବୁ

ଟଙ୍କା, ସୁନା, ଧନ, ରତ୍ନ ଘରଖାର ହୋଇଗଲା ବୋଲି ଲୁହ ଗଡ଼ାଉଛ, କିଏ ଜାଣେ, ଘର ପୋଡ଼ି ଯାଇ ନ ଥିଲେ ଏହି ଟଙ୍କା ସୁନା ଲୋଭରେ କାଲି ଚୋର, ଡକେଇତ ପଶି ତମ ସ୍ୱାମୀଙ୍କ ହତ୍ୟା କରିଥାନ୍ତେ ବା ତମ ଉପରେ ପାଶବିକ ଅତ୍ୟାଚାର କରିଥାନ୍ତେ; ନଈବଢ଼ି ପାଣି ପଶି ତମ ଘରର ମୂଳଦୁଆ ବତୁରି ବତୁରି କାନ୍ଥ ସବୁ ଭୁଷୁଡ଼ି ପଡ଼ୁଛି, ମଥାନ ଚାଳ ଭାଙ୍ଗି ମାଟିରେ ଲାଗିଛି । ତମେ ଏଥିପାଇଁ ପିଲାଛୁଆଙ୍କୁ ଧରି, ପେଡ଼ି ପେଟେରା କାଖେଇ ବାର ଦୁଆର ଶୁଣି ପିଣ୍ଡା ହେଉଛ । କିନ୍ତୁ କିଏ ଜାଣେ, ଏହି ଘର ଆଉ ଦି' ଦିନ ରହିଥିଲେ ହୁଏତ ତା'ର ଘୁଣଖିଆ, ପୋରଆ ରୁଅ ସବୁ ଟିକକ ପବନରେ ଦୋହଲି ଯାଇଁ ତମ କଅଁଳିଆ ନୂଆପୁଅ ଉପରେ ଅଜାଡ଼ି ହୋଇ ପଡ଼ିଥାନ୍ତା ଏବଂ ତମେ ଯେ କେତେ ଶିବ ପୂଜା ପୂଜି ତିନି ତିନିଟା ବାହୁଡ଼ିବା ପରେ ଏଇଟିକୁ ପାଇଥିଲ, ତା'କୁ ବି ହରେଇ ବସିଥାନ୍ତ । ବିଧିର ବିଧାନ ସମସ୍ତଙ୍କୁ ଅଗୋଚର, ତେଣୁ ବିପଦରେ ଭାଙ୍ଗି ପଡ଼ ନାହିଁ । ଧୈର୍ଯ୍ୟ ଧର—ମନକୁ ସ୍ଥିର କର ।

ପୁଣି ଏ ଦୁଃଖ ବିପଦ ଯେ ଏକା ତମେ ଭୋଗୁଛ, ଏପରି ନୁହେଁ । ବିଶାଳ ବିଭବଶାଳୀ ରାଜା, ମହାରାଜାଙ୍କଠାରୁ ଆରମ୍ଭ କରି ଜ୍ଞାନୀ, ଗୁଣି, ମହା ମହା ପଣ୍ଡିତମାନେ ବି କେହି ଏଥିରୁ ଉଦ୍ଧାର ନାହାନ୍ତି । ପଲ୍ଲୀକବି ନନ୍ଦକିଶୋର ଲେଖିଛନ୍ତି—"ସୁଖ ଦୁଃଖ ମିଶାମିଶି ଏ ବିଶ୍ୱ ସଂସାରେ, କିଏ କେଉଁଠାରେ ବେଶୀ ଭାଗ୍ୟ ଅନୁସାରେ" । ସମସ୍ତଙ୍କୁ ଦୁଃଖ ଭୋଗିବାକୁ ପଡ଼ୁଛି । ନିୟତିର ନିଷ୍ଠୁର ଅଭିଶାପରେ ସମସ୍ତଙ୍କୁ ରୋଗ, ଶୋକ ବିପଦରେ ଘାଣ୍ଟି ହେବାକୁ ହେଉଛି—ହୁଏତ କାହାଠି ଟିକିଏ ବେଶୀ, ଆଉ କାହାଠି ଟିକିଏ କମ୍ । ଏଥିରେ ଦବିଯାଇଁ ନଇଁପଡ଼ ନାହିଁ । ନରମି ଗଲେ ଦୁଃଖ ବଢ଼ିଯିବ ପଛକେ କମିବ ନାହିଁ । ସେହି ଦୁଃଖହାରୀ, ବିପଦବନ୍ଧୁ ଭଗବାନଙ୍କୁ ଡାକ । ଯିଏ ଦୁଃଖ ଦେଇଛି, ସେଇ କେବଳ ଦୁଃଖ ହରିବ । ଛାର ମଣିଷ ହାତରେ କ'ଣ ଅଛି ? ମଲା କଙ୍କଡ଼ା ନେଉଟେଇବାର ଯୁ' ବି ଆମର ନାହିଁ । ବିପଦ ବେଳେ ଧୈର୍ଯ୍ୟ ଧରିବା ବୁଦ୍ଧିମାନର କାର୍ଯ୍ୟ ।

ଧର, ତମ ସ୍ନେହ ଆଦରର ଧନ, ଆଶା ଭରସାର ସ୍ଥଳ ପୋଷଣାହାରୀ ଭେଣ୍ଡା ପୁଅ ତମକୁ ଦାଣ୍ଡରେ ବସାଇ ଦେଇ, ତମ ତଣ୍ଟି କାଟି ଦେଇ ଚାଲିଗଲା । ତମେ ଯଦି ତା' ପାଇଁ କାନ୍ଦି କାନ୍ଦି ମାଟିରେ ମିଶିଯାଅ

କି ଦୁଃଖ ଶୋକରେ ଅଧୀର ହୋଇ ତା' ସାଙ୍ଗରେ ଜଳନ୍ତା ଜୁଇକୁ ଡେଇଁପଡ଼ି, ତେବେ ବି ସେ କ'ଣ ଫେରି ଆସିବ ? ଯିଏ ଯାଏ ସେ ଫେରେ ନାହିଁ । କାନ୍ଦକାଟି, ମୁଣ୍ଡ କଚୁଡ଼ି, ପୁଅ ପାଇଁ ଝୁରି ଝୁରି ଯଦି ତମ ପ୍ରାଣବାୟୁ ଉଡ଼ିଯାଏ, ତେବେ ତମେ ସେହି ଏକା କୋକେଇରେ ବନ୍ଧା ହୋଇ ମଶାଣିକି ଯିବ ପଛକେ, ପୁଅ ଆଉ ଲେଉଟିବ ନାହିଁ । ମଣିଷ ଏ ସନ୍ଧି ବୁଝି ବୁଝେନା । ନିତି ନିତି ଏ ସବୁ ଦେଖୁଥିଲେ ବି ଅଳୀକ ମୋହରେ କାନ୍ଦି କାଟି ଧୂଳିରେ ଗଡ଼େ । ଏଥିରେ ଖାଲି "ଧନ ହାନି ପ୍ରାଣ ପୀଡ଼ା"—ଛଦାମକର ଲାଭ ନାହିଁ ।

ଜଣଙ୍କର ସ୍ତ୍ରୀ ଷୋଡ଼ଶୀ, ରୂପସୀ, ଦେଖିବାକୁ ଭାରି ସୁନ୍ଦରୀ । କଅଁଳ ଛନଛନ ଗୋଲାପ ଫୁଲ ଭଳି ସରଳ, ତରଳ, ତଳତଳ । ଭାରି ଗୁଣର ବି । ହସହସ ମୁହଁରେ ସମସ୍ତଙ୍କୁ ସ୍ନେହ, ଆଦର କରି ଘଡ଼ିକେ ପରକୁ ଆପଣାର କରିନିଏ । ରୂପ ଗୁଣରେ ସାକ୍ଷାତ ଲକ୍ଷ୍ମୀଟିଏ—ଦିନ କେଇଟାରେ ସେ ତା'ର ସ୍ୱାମୀର ନୀରସ ନିଃସଙ୍ଗ ଜୀବନକୁ କରିଥିଲା ସରସ, ସୁନ୍ଦର, କୋଳାହଳମୟ । ଦୁଃଖ ନୈରାଶ୍ୟରେ ଆଣି ଦେଇଥିଲା ଆଶା, ଆନନ୍ଦ । ଜଞ୍ଜାଳଭରା ଦୁନିଆର ଶତ କୁଟିଳତା ଭିତରେ ଆଣି ଦେଇଥିଲା ସ୍ନେହ, ପ୍ରେମ, ଶାନ୍ତି, ସ୍ଫୂର୍ତ୍ତି । କିନ୍ତୁ ଫୁଲଟି ପୂର୍ଣ୍ଣ ବିକଶିତ ହୋଇ ତା' ସୌରଭରେ ଚଉଦିଗ ମହକାଇବା ପୂର୍ବରୁ ଅକାଳରେ ଝରି ପଡ଼ିଲା । ସ୍ୱାମୀର ଅଧା ରହିଗଲା କବିତା, ଅଧା ରହିଗଲା ଯୌବନର ରଙ୍ଗୀନ ସ୍ୱପ୍ନ, ଅଧା ରହିଗଲା ଜୀବନର କେତେ ଆଶା, ଆକାଂକ୍ଷା, ବାସନା, କାମନା । ଦୁଃଖିନୀ ପୁଣି ଦାଣ୍ଡଧୂଳିରେ ଗଡ଼ିଗଲା ହତଭାଗ୍ୟ କଅଁଳା ଶିଶୁଟିଏ—ଯିଏ ବିକଳ ହୋଇ ମା' ମା' ଡାକି କଠିନ ପଥରକୁ ବି ତରଳେଇ ଦେଲା । ଆଜି ଯଦି ସ୍ୱାମୀ ତା'ର ସେହି ତରୁଣୀ ପ୍ରିୟାର ବିରହରେ ଝୁରି ଝୁରି ଦୁଃଖ ଶୋକରେ ଭାଙ୍ଗି ପଡ଼େ, କି ତା'ର ଗୁଣ ଗୁଣି ଗୁଣି ପାଗଳ ହୋଇଯାଏ, ତେବେ ସେ ପ୍ରିୟା ତ ଫେରିବ ନାହିଁ, ବରଂ ଏ ହିନିକପାଳିଆ, ମା ଛେଉଣ୍ଡ ଛୁଆଟିର କି ଅବସ୍ଥା ହେବ କହିଲ ? ବାପ ମା'ଙ୍କୁ ହରାଇ ସେ ଯାଇଁ ଶେଷରେ କାହା ଦୁଆରେ, କାହା ଓଳିତଳେ ହାତପତାଇ ଛିଡ଼ା ହେବ ସିନା ! ସେଇଥିପାଇଁ ମୁଁ କହେ, ଶୋକରେ ଅଧୀର ହୋଇ ଆଗପଛ, ଭଲମନ୍ଦ ଭୁଲ ଯାଅ ନାହିଁ । ଜୀବନରେ ଥରକୁଥର

ଯେତେ ଧକ୍‌କା ଆସୁଛି, ସବୁ ସେହି ଅଦେଖାହାତର ନିର୍ଦ୍ଦେଶ ବୋଲି ମୁଣ୍ଡ ପତେଇ ସହି ଯାଅ । ମହାମତି, ପଣ୍ଡିତ ଗୋପବନ୍ଧୁ ଲେଖିଛନ୍ତି—

"ସୁଖଦୁଃଖ ତେଣୁ ମୋର ସମ ସହଚର,
ଜନମେ ମରଣେ ନାହିଁ ହରଷ ବିଷାଦ,
ଆହ୍ଲାଦେ ଆପଦେ ମୋର ସମାନ ଆଦର,
ସବୁ ଶୁଭ ବିଧାତାଙ୍କ ଶୁଭ ଆଶୀର୍ବାଦ ।" (କାରା-କବିତା)

ଏ ଦୁନିଆ ଗୋଟାଏ ମସ୍ତବଡ଼ ପରୀକ୍ଷା ହଲ୍ । ଜୀବନରେ ପ୍ରତି ମୁହୂର୍ତ୍ତରେ, ପ୍ରତି କ୍ଷେତ୍ରରେ ଆମକୁ ସାନବଡ଼ କେତେ ପରୀକ୍ଷାର ସମ୍ମୁଖୀନ ହେବାକୁ ହେବ । ଖେଳଓ୍ୱାଡ଼ ଯେପରି ଜିତିଲେ ବଡ଼େଇ କରେ ନାହିଁ କି ହାରିଗଲେ ମନ ମାରିଦିଏ ନାହିଁ, ଆମକୁ ସେହିଭଳି ଧୀର ମନରେ, ସ୍ଥିର ଚିତ୍ତରେ ସବୁ ଦୁଃଖ ସୁଖ ଅଙ୍ଗେ ନିଭେଇବାକୁ ହେବ । ଧନରତ୍ନ ସବୁରି ଅଛି, ଦୁଃଖ ବିପଦ ସମସ୍ତଙ୍କୁ ଅଳପ ବହୁତେ ଲାଗିଛି, କିନ୍ତୁ ଯିଏ ଏସବୁ ଜଞ୍ଜାଳରେ ଘାରି ନ ହୋଇ ଆଗେଇ ଚାଲିଛି, ସେହି ଏକା ମଣିଷ । ତମର ଯଦି ମନେ ହୁଏ ଯେ ତମେ ଭାରି ଗରିବ, ଖୁବ୍ ଅଭାବ ତମର, ବଡ଼ ଦୁଃଖ ବିପଦରେ ତମେ ପଡ଼ିଛ, ତେବେ ଥରେ ତଳଆଡ଼କୁ ଅନାଇଁ ଦିଅ— ଦେଖିବ ତମଠୁ ବଳି କେତେ ଲୋକ ଦୁଃଖ ଅଭାବରେ ସଡ଼ୁଛନ୍ତି, ରୋଗ ଶୋକରେ ଘାଣ୍ଟି ହେଉଛନ୍ତି । ପୁଣି ଯଦି ତମର ଭଲ ଅବସ୍ଥାରେ ଗର୍ବ ହୁଏ, ତେବେ ଥରେ ଉପରକୁ ଅନାଅ, ଦେଖିବ ତାଠୁଁ ବଡ଼ା, ତାଠୁଁ ବଡ଼ା । ତମେ କେତେ ତଳେ ପଡ଼ିଛ ।

## କାମନାହୀନ କର୍ମ

ହଁ, ତମେ ପରା ସବୁଦିନେ ସକାଳେ ଗାଧୋଇ ସାରି ସଫାସୁତୁରା ହୋଇ ମନ ପବିତ୍ର କରି ଫୁଲ ଚନ୍ଦନରେ ଭଗବତ-ଗାଦିକୁ ପୂଜା କର; ଆଉ କଦଳୀ, ଉଖୁଡ଼ା ଭୋଗ କରି କେତେ ମାନସିକ ଜଣାଇ ସବୁଦିନେ ଖଟୁଲି ତଳେ ମୁଣ୍ଡିଆ ମାର ? ପୁଣି ଶୁଣିଲି—ପୂଜାଉଜା ସାରି ତମେ କୁଆଡ଼େ ରୋଜ ଅଧ୍ୟାୟେ ଲେଖା ଗୀତା ପଢ଼ୁଛ । ଗୀତା ପାଠ ନ ସରିଲେ ତମେ କୁଆଡ଼େ ମୁହଁରେ ପାଣି ଦିଅ ନାହିଁ । ଆଚ୍ଛା, ଏତେ ଜପତପ, ଦିଅଁ

ଦେବତା ପୂଜା, ଗୀତା ପଢ଼ା ଏଥିରୁ କିଛି ଶିଖୁଛ ଭଲି ? ନା, ଏ ଠିକ ହରିବୋଲିଆ ବାବାଜୀଙ୍କ ଭଳି ଝୁଲି ଭିତରେ ମାଳି ଗଡ଼େଇ ୧୦୮ ହରିନାମ ନେଉ ନେଉ ଏଣେ ମନ ଭିତରେ ନାନା ଛନ୍ଦ କପଟ, ଜାଲି, ଜୁଆଚୋରି କଥା ଭାବୁଛ ? କଥାରେ ଅଛି—"ଦୃଢ଼େ ତରନ୍ତି କି ମୂଢ଼େ ତରନ୍ତି, ମଝିମଝିକିଆ ବୁଡ଼ି ମରନ୍ତି ।" ତମେ ଏହା ଭିତରୁ କ'ଣ ? ମୂଢ଼ ତ ନୁହଁ, କାରଣ ରୋଜ ଗୀତା, ଭାଗବତ ପଢ଼ୁଛ, ପୁରାଣ ଶାସ୍ତ୍ର ଶୁଣୁଛ । ଆଉ ଦୃଢ଼ ବି ତ ନୁହେଁ, କାରଣ ଭଗବାନଙ୍କଠାରେ ପୂର୍ଣ୍ଣ ବିଶ୍ୱାସ ଥିଲେ ଏ ମୋର ଘର, ଏ ମୋର ଦୁଆର, ଏ ମୋର ପୁଅ, ଏ ମୋର ଧନ ସମ୍ପତ୍ତି—ଏମିତି ଦୁନିଆଟାଯାକ ମୋର ମୋର କହି ବିଷୟ ଭୋଗରେ ଘାଣ୍ଟି ହେଉ ନ ଥାନ୍ତ । ତେବେ କ'ଣ ମଝିମଝିକିଆ ? ଯଦି ତା' ହୋଇ-ଥାଅ ତେବେ ଫଳ କ'ଣ ହେବ; ତା ହାଟରେ ପଡ଼ି ବାଟରେ ଗଡ଼ଗଡ଼-ଉଛି; ମୁଁ ବୁଝେଇବା ଦରକାର ନାହିଁ । ଭାଗବତରେ ଅଛି—

"ଦୁର୍ଗମ ପଥ ଏ ଭଜନ,
ଭୟେ ଭାଜିଲେ ଯୋଗୀଜନ ।"

ଏହି ବଡ଼ ବଡ଼ ଋଷି ମହାଋଷିଙ୍କ ପାଖରେ ଆମେ ବା କି ଛାର ! ଏମାନେ ଜୀବନର ସବୁ ସୁଖ ସ୍ୱାଚ୍ଛନ୍ଦ୍ୟରେ ଜଳାଞ୍ଜଳି ଦେଇ ଜଟାବକଳ ପିନ୍ଧି ବଣ ଜଙ୍ଗଲରେ ଯୁଗ ଯୁଗ ଧରି ତପସ୍ୟା କରିଛନ୍ତି ଭଗବାନଙ୍କୁ ପାଇବା ପାଇଁ । କିନ୍ତୁ ଶେଷରେ ବସି ବସି ହୁଙ୍କା ପାଲଟି ଯାଇଛନ୍ତି ପଛକେ ଭଗବାନଙ୍କର ଦେଖା ଦର୍ଶନ ପାଇ ନାହାନ୍ତି । ଆଉ ଯୋଉମାନେ ସତ ହେଉ ମିଛ ହେଉ ଭଗବାନଙ୍କୁ ପାଇଛନ୍ତି ବୋଲି କହନ୍ତି ବା ଏ ଜୀବନ ଅନ୍ତେ ଆଉ ଏ ଦୁଃଖ କଷ୍ଟମୟ ପୃଥିବୀରେ ଜନ୍ମ ନ ହୋଇ ଭଗବାନଙ୍କ ଅନନ୍ତ ସତ୍ତାରେ ଲୀନ ହୋଇ ମୁକ୍ତି ପାଇଯିବେ ବୋଲି ଗର୍ବ କରନ୍ତି, ସେମାନେ ଯେ ସେମିତି କିଛି ଗୋଟାଏ ବାହାଦୁରୀର କାମ କଲେ ଏହା ମୋର ମନେହୁଏ ନାହିଁ । ବରଂ ଏ ନିହାତି ଆପଣା ସ୍ୱାର୍ଥ କାମ । ନିପଟ ମୂର୍ଖ, ନିର୍ବୁଦ୍ଧିଆ ଲୋକ ଯେମିତି କହେ—"ମୋ କାମ ସରିଗଲା, ମୁଁ ଯାଉଛି, ତୁ ଦୁଃଖ ବିପଦରେ ପଡ଼ି କଲବଲ ହେଉଥା—ମୋତେ କି ଲଗା ।" ଏ ଠିକ୍, ସେମିତିକା କଥା । ଯଦି ପ୍ରକୃତରେ ସେମାନଙ୍କର ମୁକ୍ତି ହେଉଥାଏ, ତେବେ କେବଳ ସେହିମାନେ ବ୍ୟକ୍ତିଗତ ଭାବରେ ସେହି କଳ୍ପିତ

ସୁଖଶାନ୍ତିର ଅଧିକାରୀ ହେବେ ସିନା, ସର୍ବସାଧାରଣଙ୍କର କିଛି ଉପକାର ହେବ ନାହିଁ । ତମେ କୁହ, ବଡ଼ କିଏ ? ସିଏ ସ୍ୱାର୍ଥପର ହୋଇ କେବଳ ନିଜର ମୁକ୍ତି ପାଇଁ ଘରଦୁଆର, ଜନମାନବଙ୍କଠାରୁ ଦୂରରେ ରହି ହିମାଳୟ ଉପରେ ବସି ବସି କେଉଁ ଏକ ଅଦେଖା ମନଗଢ଼ା ଈଶ୍ୱରଙ୍କୁ ଡାକୁଛି, ସିଏ ? ନା ସିଏ ଏହି ମାଟିଗୋଡ଼ର ଦୁନିଆରେ ଶତ ଅଭାବ ଅସୁବିଧା ବିରୁଦ୍ଧରେ ଯୁଦ୍ଧ କରି କରି ଦେଶ ପାଇଁ, ଜାତି ପାଇଁ, ମାନବ ସମାଜ ପାଇଁ ତିଳେ ତିଳେ ଜୀବନ ଦାନ କରୁଛି, ଆଉ ଆପଣାର ସବୁ ସୁଖ, ଶାନ୍ତି, ମୁକ୍ତି ଭୁଲି ଯାଇଁ ଏହି କଥାକୁହା ଦରିଦ୍ର ନାରାୟଣଙ୍କର ସେବାରେ ମନ ପ୍ରାଣ ଢ଼ାଳି ଦେଉଛି, ସିଏ ? ନିଜର ମୁକ୍ତି ବଡ଼ ନୁହେଁ । ପରର ସେବା ବଡ଼ । ପୁଣି ଏ ମୁକ୍ତି ଅପେକ୍ଷା ସାଧନାରେ ବେଶୀ ବାହାଦୁରୀ ଅବଶ୍ୟ ସାଧନା ଅର୍ଥ ଆଖି ବୁଜି ତପସ୍ୟା ନୁହେଁ—ଆଖି ଖୋଲି ଦୀନ ଦୁଃଖୀଙ୍କ ସେବା—ରୋଗ ଶୋକରେ ସାହାଯ୍ୟ—ସାନ ବଡ଼, ଆପଣା ପର ବାଛ ବିଚାର ନ ରଖି ପରୋପକାର ।

ତମେ ପଚାରୁଛ—"ମୁକ୍ତି ଅପେକ୍ଷା ସାଧନାରେ କପରି ବେଶୀ ବାହାଦୁରୀ ?" କହୁଛି ଶୁଣ । ଜଣେ ଲୋକ ପାହାଡ଼ର ଶିଖ ଉପରେ ଯାଇଁ ଆରାମରେ ବସିଛି, ଆଉ ଜଣେ ତଳୁ ପାହାଡ଼ ଉପରକୁ ଚଢ଼ିବାକୁ ଚେଷ୍ଟା କରୁଛି । ଉଠୁଛି, ପଡ଼ୁଛି, ଟିକିଏ ଉପରକୁ ଚଢ଼ି ଯାଉଛି, ଟିକିଏ ତଳକୁ ଖସି ପଡ଼ୁଛି, ପୁଣି ଦମ୍ ନେଇ, ପାଇକପରି ଭିଡ଼, ଖୋଲି ସନ୍ଧିରେ ଗୋଡ଼ ଦେଇ, ଆଉ ଦି ହାତ ଉପରକୁ ଯାଉଛି । ଅଥଚ ପର ମୁହୂର୍ତ୍ତରେ ନଟା ପଥରରେ ଗୋଡ଼ ଛନ୍ଦି ହୋଇ ଯାଇଁ ଆସି ପାଞ୍ଚହାତ ତଳେ ପଡ଼ୁଛି—ଦେହ ହାତ ମାଙ୍କଡ଼ା ପଥରରେ ଆଞ୍ଚୁଡ଼ି ହୋଇ ଲହୁଲୁହାଣ ହୋଇ ଯାଉଛି—ତଥାପି ସେ ଚେଷ୍ଟା ଛାଡ଼ୁନାହିଁ । ଶିଖ ଉପରକୁ ଚାହୁଁଛି, ପୁଣି ଚଢ଼ୁଛି; ଲକ୍ଷ୍ୟକୁ ଆଖି ଆଗରେ ରଖି ସେ ବାରମ୍ବାର କରୁଛି ସାଧନା । ଭାବି ଦେଖ, ବାହାଦୁରୀ କାହାର ? ସିଏ ତ ଯାଇ ଉପରେ ଆରାମରେ ହାତ ଗୋଡ଼ ଲମ୍ବାଇ ହାଓ୍ୱା ଖାଉଛି, କିନ୍ତୁ ଇଏ ଯେ ବାଧା ବିପଦ, ଉତ୍ଥାନ, ପତନ, ଜୁଆର ଭଙ୍ଗା ଭିତରେ ନଟା ପଥର ଶିକୁଳି କାଟି କାଟି, ଖଣ୍ଡିଆ ଯାଗାରେ ଲହୁ ପୋଛି ପୋଛି ଥରକୁ ଥର ଉଠିବାକୁ ଚେଷ୍ଟା କରୁଛି—ତା'

ଦେଖିବାର କଥା—ତା'ର ଧୈର୍ଯ୍ୟ, ତାର ସାହସ, ତା'ର ଚେଷ୍ଟା ତା'ର ସାଧନା—ବାସ୍ତବିକ ପ୍ରଶଂସନୀୟ, ବାସ୍ତବିକ୍ ବାହାଦୁରୀର ଯୋଗ୍ୟ ।

ସିଏ ଯାହାହେଉ, ମୋର କହିବା କଥା ତମେ ଏ ଖଟୁଲି ଉପରେ ଲୁଗା ପକାଇ ତା' ଉପରେ ପୋଥି, ପୁରାଣ, ଗୀତା, ଭାଗବତ ରଖି ଖାଲି ତୁଳସୀ, ଚନ୍ଦନ ଦେଇ ପୂଜା କର ନାହିଁ, ତାକୁ ମନଦେଇ ପଢ଼, ସେ ବିଷୟରେ ଚର୍ଚ୍ଚା କର ଆଉ ସେଥିରୁ ଭଲ ଭଲ ଗୁଣ ସବୁ ଶିଖି ସେହି ଅନୁସାରେ ନିଜ ଜୀବନକୁ ଗଢ଼ । ଗୋଟିଏ ଛୋଟ କଥା କହେ—ଗୀତାରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଛନ୍ତି—"କର୍ମଣ୍ୟେ ବାଧିକାରସ୍ତେ ମାଫଲେଷୁ କଦାଚନ" ଅର୍ଥାତ୍ "ତୁମେ କାମ କରଯାଅ । ଫଳକୁ ଆଶା ରଖନାହିଁ ।" କାମ କରିବା ଆମର କର୍ତ୍ତବ୍ୟ, ଏଇଆ ଭାବି, ଫଳାଫଳ ନ ଚାହିଁ, ଭଲ ମନ୍ଦକୁ ଅପେକ୍ଷା ନକରି କାମ କରିଯିବା । ପୁଣି ଫଳ ଭଲ ହେଲେ ଆନନ୍ଦିତ ହୁଅ ନାହିଁ କି ମନ୍ଦ ହେଲେ ଦୁଃଖିତ ହୁଅ ନାହିଁ । ଉପରେ ଜଣେ ଆମର ସବୁ କାମକୁ ଠିକଣାଠି କରି ତଦାରଖ କରୁଛି । ଆମେ ଯେମିତି ପରୀକ୍ଷା ଖାତାରେ ଉତ୍ତର ଲେଖି ଦେଇ ଆସୁ; କିନ୍ତୁ ପରୀକ୍ଷକ ସେଥିରୁ କେଉଁଟା ଭୁଲ, କେଉଁଟା ଠିକ୍ ଦେଖି ଦେଖି ନମ୍ବର ଦିଅନ୍ତି, ସେହିଭଳି ଏହି ବିରାଟ ପରୀକ୍ଷା ହଲ ଭିତରେ ଆମେ କାମ କରିଯିବା । ଉପରେ ନିକିତି ଧରି, ଚଶମା ପିନ୍ଧି ବୁଢ଼ା ପରୀକ୍ଷକ ବସିଛି, ସେ ଏ କାମରୁ ଭଲ ଭେଲ, ଭୁଲ ଠିକ୍, ସରସା ନରସା ବାଛି, ନିକିତିରେ ତଉଲି ଆମର ଉଚିତ ପାଉଣା ଦେବ । ଦାଢ଼େ ବି ଏପାଖ ସେପାଖ ହେବ ନାହିଁ । ପରୀକ୍ଷା ଦେଇ ସାରି ଠିକ୍ ତା ପରଦିନ ଫଳ ଶୁଣିବାକୁ ଯଦି ତମେ ଉଚ୍ଛନ୍ନ ହୁଅ, ତେବେ କୌଣସି ମତେ ତମେ ତା' ପାଇ ପାରିବ କି ? ସେହିଭଳି କାମଟିଏ ଯଥାକଥା ସାରି ଦେଇ ସାଙ୍ଗେ ସାଙ୍ଗେ ତମେ ଯଦି ତା'ର ଭଲମନ୍ଦ, ହାନିଲାଭ ଦେଖିବାକୁ ଚାହିଁବ, ତେବେ ପାଇବ କେଉଁଠୁ ? ଏହି ଜଟିଳ କଥାଟିକୁ ଗୋଟିଏ ସରଳ ଉଦାହରଣ ଦେଇ ବୁଝାଇ ଦିଏ ।

"ଆରତି" ମେଡ଼ିକାଲର୍ ଜଣେ ଲେଡ଼ି ଷ୍ଟୁଡ଼େଣ୍ଟ । ଦେଖିବାକୁ ସେପରି ଅନିନ୍ଦ୍ୟ ସୁନ୍ଦରୀ ଦେବୀ ପ୍ରତିମା ନ ହେଲେ ବି ଅସୁନ୍ଦରୀ ବୋଲି କହି ହେବନାହିଁ । ଶ୍ୟାମଳ ବର୍ଣ୍ଣ, ଉଜ୍ଜ୍ୱଳ ଡାଉଳ ଚେହେରା, ବଳିଷ୍ଠ ବଳିଷ୍ଠ ଦେହ । ସାଦା ବ୍ଲାଉଜ ଉପରେ ପିନ୍ଧିଥାଏ ଖଣ୍ଡିଏ ବମ୍ବେଇ ପ୍ରିଣ୍ଟେଡ଼ର କଳା

ଫୁଲପକା ଗୁପାଶାଢ଼ୀ । ପଛପଟେ ପିଠି ଉପରେ ଝୁଲୁ ଥାଏ ଫୁଲଖୋସା ଲମ୍ବା ବେଣୀ । ଆଗପଟେ ବେକ ସନ୍ଧରେ ସାପଭଳି ଗୁଡ଼େଇ ହୋଇଥାଏ ଡାକ୍ତର ଯନ୍ତ୍ର ଷ୍ଟେଥିସ୍କୋପ । ରୋଗୀ ଦେଖୁ ଦେଖୁ ଟାଇଫଏଡ଼ ଓ୍ୱାର୍ଡ଼ରେ ହଠାତ୍ ତା'ର ଦେଖାହୁଏ "ଅଶୋକ" ସାଥିରେ । ଅଶୋକ କଲେଜ ଷ୍ଟୁଡେ଼ଣ୍ଟ—ଫୋର୍ଥ ଇୟରରେ ଓଡ଼ିଆ ଅନର୍ସ ନେଇ ବି.ଏ. ପଢ଼ୁଛି । ମୁହଁରେ ନିଶଦାଢ଼ୀ, ମୁଣ୍ଡ ଫୁରୁଫୁରୁ, ପୋଷାକରେ ସେତିକି କିଛି ଚାକଚକ୍ୟ ନାହିଁ । ଶିରି ହାପ୍‌ସାର୍ଟଟାରେ ବୋତାମ ନାହିଁ ଯେ ଚଉଡ଼ା ଛାତିର ଅଧେ ଆଧୁନିକ ସଭ୍ୟତାକୁ ପରିହାସ କରି ବାହାରକୁ ପିଚକି ଦିଶୁଛି । ଗୋଡ଼ରେ ହଳେ ଛିଣ୍ଡା ଚଟି । ତା'ର ଜଣେ ବନ୍ଧୁ ୧୨ ଦିନ ହେଲା ଟାଇଫଏଡ଼ ଭୋଗୁଛି, ସେଇଆକୁ ଦେଖିବାକୁ ଅଶୋକ ଆସିଛି ହସ୍‌ପିଟାଲ । ସେହି ରୋଗୀକୁ "ଗ୍ଲୁକୋଜ୍" ଇଞ୍ଜେକ୍‌ସନ୍ ଦେଉଁ ଦେଉଁ ଟିକିଏ ଅନ୍ୟମନସ୍କ ହୋଇ ଆରତି ଚାହିଁ ଦେଇଛି ଅଶୋକକୁ । ତାର ଅବହେଳିତ ରୁକ୍ଷ କେଶ ଓ ନିଶଦାଢ଼ୀବେଷ୍ଟିତ ମୁଖମଣ୍ଡଳ ଭିତରେ ସେ ଦେଖିଛି ଏକ ଶାନ୍ତ, ସରଳ, ସୌମ୍ୟ ମୂର୍ତ୍ତି । ଏଣେ ରୋଗଶଯ୍ୟାରେ ବନ୍ଧୁକୁ କମଳା ଖୋଇ ଦେଉଁ ଦେଉଁ ଅଶୋକ ଲକ୍ଷ୍ୟ କରିଛି ଆରତିର ସଲଜ୍ଜ ନରମ ଚାହାଣି, ତା'ର ସରଳ ବେଶର ପରିପାଟୀ ଆଉ ରୋଗୀ ପାଇଁ ତା'ର ଅନ୍ତରଭରା ସ୍ନେହ, ସହାନୁଭୂତି, ସମବେଦନା । ସେହିଦିନୁ ଚୁମ୍ବକ ଲୁହାକୁ ଟାଣିଛି । ଦି' ଜଣଙ୍କ ଭିତରେ ଆରମ୍ଭ ହୋଇଛି ଲଭ୍, ତା'ର କିଛିଦିନ ପରେ ବିବାହ । ବର୍ତ୍ତମାନ ଦୁହେଁ ସହର ଛାଡ଼ି ଏକ ମଫସଲ ଗାଁରେ ଯୌବନର ସ୍ୱପ୍ନକୁ ବାସ୍ତବତାର ରୂପ ଦେଇ କରୁଛନ୍ତି ଏକ ବିରାଟ ସାଧନା ।

ଏହା ଭିତରେ ଆରତିର ନାମ ବଦଳାଇ ଅଶୋକ ବାଛି ବାଛି ନାଁଟିଏ ଦେଇଛି "ସେବା" । ଆରତି ବଡ଼ଘରର ନାଁ । ପାଣି କାଦୁଅଭରା ମାଟି ଗୋଡ଼ର ମଫସଲ ଗାଁ ଭିତରେ ଏ ନାଁ ମୋଟେ ସୁନ୍ଦର ଦିଶେ ନାହିଁ । ଏଥିରେ ତେଜ ଅଛି, ଶୀତଳତା ନାହିଁ, ମହମହ ବାସ ନାହିଁ । ପୁଣି ଅଶୋକ ଚାହୁଁଥିଲା ତାକୁ ସେବା ଭାବରେ ଘଷିତ କରି ଦୁନିଆର ଶତସହସ୍ର ରୋଗୀ, ଶୋଷୀ, ଭୋକି, ହୀନ ଦରିଦ୍ରଙ୍କର ସେବାରେ ଅନୁପ୍ରାଣିତ କରିବାକୁ । ସେଇଥିପାଇଁ ଯୋଉଦିନ ସେମାନେ ଗାଡ଼ିରୁ ଓହ୍ଲେଇ କେତେ ନଈ, ନାଳ,

ଯୋର ପାର ହୋଇ ଜନମ ମାଟି ଛୁଇଁଲେ, ସେହ୍ନବନ୍ଦୁ ଆରତିକୁ ସ୍ନେହ, ଶରଧାରେ ଅଶୋକ ଡାକେ "ସେବା" ।

ଆରତି ବ ଠିକ୍ ସେବାର ଗୋଟିଏ ମୂର୍ତ୍ତିମୟୀ କ୍ଷୁଦ୍ର ଦେବୀ । ଦିନ କେଇଟାରେ ଗାଁଟା ସାରା ବୁଲିଆସି କାହାକୁ ମାଉସୀ କାହାକୁ ପିଉସୀ କାହାକୁ ଆଈ, କାହାକୁ ନାନୀ ଡାକଦେଇ ହସ ହସ ମିଠା କଥାରେ ସମସ୍ତଙ୍କୁ ଆପଣାର କରିନେଲା । ଏତେ ବଡ଼ ପାଠୋଇ ଝିଅଟା, ହେଲେ, ମନରେ ଟିକିଏ ହେଲେ ଗର୍ବ ନାହିଁ । ଖାଇ ବସିଛି, କିଏ ଗରିବ ଭିକାରି-ଟାଏ ଦୁଆର ମୁହଁରେ ମା' ବୋଲି ଡାକ ଦେଲାତ ଖାଇବା ପତ୍ରରୁ ଉଠି-ଯାଇ ଆଗ ତାକୁ ଭୁଜା, ଭାତ ଦେଇ ବୋଧ କରିବ । ନିଜେ ପିନ୍ଧିବା ପାଇଁ ଷ୍ଟାଣ୍ଡାର୍ଡ଼ କନାରେ ବ୍ଲାଉଜଖଣ୍ଡେ ସିଲେଇ କରୁଛି—ଭିକାରୁଣୀଟିଏ ଜାଡ଼ରେ ଥରି ଥରି ଛୁଆଟାକୁ ଜାକି ବିକଳ ହୋଇ ତା' ଆଡ଼କୁ ଚାହିଁଲା, ସେ ସାଙ୍ଗେ ସାଙ୍ଗେ ଆଗ ପଛ ନ ଭାବି ବ୍ଲାଉଜଟିକୁ ତା' ହାତକୁ ବଢ଼ାଇ ଦେବ । ନିଜେ ଜଣେ ଡାକ୍ତର—ସାହିରେ କାହା ଘରେ ରୋଗୀ ପଡ଼ିଛି, କାହା ଛୁଆକୁ ଗରି ଧରିଛି, କୋଉ ବୁଢ଼ା ପେଟକୁ ମାରୁଛି, ସେ ସକାଳୁ ସଞ୍ଜଯାଏ ଗାଁଟା ସାରା ବୁଲି ବୁଲି ସମସ୍ତଙ୍କ ବାଟନ ବୁଝିଥିବ । ଅନ୍ଧାର କଟିକଟି ରାତି, ମେଘ ଗୁଡ଼ୁ ଗୁଡ଼ୁ ଗାଜୁଛି— ପାଞ୍ଚକୋଶ ଦୂରରୁ ଲୋକ ଆସିଛନ୍ତି ଡାକିବାକୁ ହଇଜା ମଳୁ ଦେଖିଯିବ—ସେ ସାଙ୍ଗେ ସାଙ୍ଗେ ସେହି ରାତି ତିନି ପହରରେ ଘରର ବୁଢ଼ା ମକଆ ବାଉରିକି ସାଙ୍ଗରେ ନେଇ ବାହାରି ପଡ଼ିବ । ଏତେ ରୋଗୀ ସେବା ପରେ ଗାଁରେ ଦି'ହଟା ଇସ୍କୁଲ ଖୋଲିଛି । ସକାଳେ ସଞ୍ଜେ ଘଡ଼ିଏ ଘଡ଼ିଏ ଗାଆଁର ଛୋଟ ଛୋଟ ପୁଅ ଝିଅକୁ ପଢ଼ାଇବ । ପୁଣି ରାତିରେ ଆଧାବଅସୀ ମାଇପିମାନଙ୍କୁ ବର୍ଣ୍ଣବୋଧ ଧରି ଅକ୍ଷର ଚହ୍ନାଇବ ।

ପର ପାଇଁ ଗତର ଖଟେଇ, ଦୁଃଖ କଷ୍ଟ ସହି ଏତେ ଖଟିଲେ ବି ସେ ନିନ୍ଦା ପରିବର୍ତ୍ତେ କୋଉଠୁ ପ୍ରଶଂସା ପଦେ ପାଏ ନାହିଁ । ଗାଁର ମରହଟିଆ ମାମଲତକାରିଆ ବୁଢ଼ାଯାକ ଏ କୁଳଭୁଆସୁଣୀ ଝିଅଟାର ଏମିତିକା ଅଣ୍ଡିରାଚଣ୍ଡି ଖୋଇ ଦେଖିଛ' ଗ୍ଭକର କରନ୍ତି । ବୁଢ଼ୀଯାକ ହାତେ ଜିଭକାମୁଡ଼ ପକାଇ କହନ୍ତି—"କଳିଯୁଗ ଶେଷ ହେଲା ଲୋ ମା, ଆମ ବଅସ ବେଳେ ଆମ ଘରଭିତରେ କାହାକୁ ମୁଣ୍ଡ ଟେକି ଚାହୁଁ ନ ଥିଲୁ, ଆଉ ଏ ଝିଅଟା ଓଢ଼ଣା ନଦେଇ, ଲାଜ ସରମ ଛାଡ଼ ଘୋଡ଼ାଙ୍କ ଭଳିଆ ଦାଣ୍ଡ

ଘାଟରେ ବୁଲୁଛି" । କଲିକତା ଫେରନ୍ତି ବଜାର, ଲଫଙ୍ଗା, ଟୋକା ପଞ୍ଝାଏ ଥାନ୍ତି—ଆରତିର ଛାଇ ପଡ଼ିଗଲେ ତାଙ୍କର ନାହିଁ ତେଇଁ ଉଠେ । ଦେଖେଇ ଶିଖେଇ, ଛୁଗୁଚାଲିଇ ବଗୁଲେଇ ତା ନାଁରେ କେତେଅସଭ୍ୟ ଚଉପଦୀ ଗାଇ ବୁଲନ୍ତି । ଘରେ ଶାଶୁ ଶଶୁରଙ୍କ ଟାଉଁଟାଉଁ କଥା ସମସ୍ତଙ୍କଠୁ ବଳିପଡ଼େ । ଘରେ, ବାହାରେ, ଦାଣ୍ଡରେ ଘାଟରେ—ସବୁଠେଇଁ ତାର ଉପରମୁହାଁ କଥା, ଉଦ୍ଧତ ସ୍ୱଭାବ, ଅଣ୍ଡିରିଚଣ୍ଡୀ ଖୋଇ କହିବୁଲନ୍ତି । ଖାଲି ପୁଅ ଡରେ ମନା କରି ପାରନ୍ତି ନାହିଁ । ହେଲେ ଟି'କ କଥାକୁ ଖୁଣ୍ଟା । ନିତି ନିତି ଶାଶୁ ଶଶୁରଙ୍କର ଏ ଗଞ୍ଜଣା ଆଉ ସାହିଯାକଙ୍କର ଏ ଟୁପୁଟୁପୁ ଫୁସୁଫୁସୁ କଥା ଶୁଣି ଶୁଣି ଆରତିର ପଥରଭଳି ଟାଣ ମନ ବି ବେଳେ ବେଳେ ନଇଁପଡ଼େ ।

ଅଶୋକ କିନ୍ତୁ ଏସବୁ ଦେଖି ନ ଦେଖିଲା ଭଳି । ସେ ଟିକିଏ ଆଉଁପାଗଲିଆ ଲୋକ । କିନ୍ତୁ ଅଶୋକ ଜଣେ ବିରାଟ ଶିଳ୍ପୀ । ଏକାଧାରରେ ଭାବୁକ, ଲେଖକ, କବି, ଚିତ୍ରକର । ତେବେ ସେ ବେଶୀ ଭଲ ପାଏ ଚିତ୍ର ଆଙ୍କିବାକୁ । ଆରତି ସବୁଦିନେ ସକାଳେ ନିତ୍ୟକର୍ମ ସାରି ବଗିଚା ଭିତରେ ଯୋଡ଼ ଘରେ ବସି ଘଣ୍ଟାଏକାଳ ସୂତାକାଟେ, ତାର ପାଖକୁ ଲାଗି ଆଉ ଗୋଟିଏ ବଡ଼ ଚୁଲଘର । ଆରତି ସୂତାକାଟି ସାରି ଲଟେଇ, ବଳଣା ଥୋଇ ଦେଇ ଚାଲି ଆସିବା ପରେ ସେ ଘର ଦୁଇଟି ଶୂନ୍‌ଶାନ୍ । ଅଶୋକ ସେହି ବଡ଼ ଚୁଲଘରେ ବସି ମନ ଲଗେଇ ପ୍ରତିଦିନ ସୁନ୍ଦର ସୁନ୍ଦର ଛବି ଆଙ୍କେ । ଦିନକର ଆରତି ରୋଗୀ ଦେଖିସାରି ଉଦଉଦିଆ ଦି' ପହରେ ଏକାକୀ ଘରକୁ ଫେରୁଛି, ମନରେ ଭାରି ଦୁଃଖ । ସେ ଦୀର୍ଘ ବର୍ଷେକାଳ ଏହି ମଫସଲ ଗାଁରେ ମନ ପ୍ରାଣ ଲଗେଇ ଏହି ନିରୀହ, ସରଳ, ଗାଉଁଲି ଲୋକଗୁଡ଼ିକଙ୍କର ସେବା କରିଛି, ଘୃଣା ନ କରି ନିଜ ହାତରେ ସେମାନଙ୍କର ଘାଅ, ମୂତ କାଢ଼ିଛି, ସେମାନଙ୍କର ନିରକ୍ଷର ନଙ୍ଗଳା ଛୁଆଗୁଡ଼ିକୁ ମଣିଷ କରିବା ପାଇଁ ସେ କେତେ ଦୁଃଖ କଷ୍ଟ ସହି ଇସ୍କୁଲ ବସାଇ ସେମାନଙ୍କୁ ପାଠ ପଢ଼େଇଛି । ମୋଟ ଉପରେ ଏହିମାନଙ୍କର ସୁଖ ଶାନ୍ତି ପାଇଁ ସେ ନିଜ ସୁଖ ଶାନ୍ତି ପଳ ପଳ ବିସର୍ଜନ କରି ଦେଇଛି । ତଥାପି ଏତେକରି ବି ତାକୁ କେହି କେବେ ପଦେ ପ୍ରଶଂସା ତ କରିନାହାଁନ୍ତି, ବରଂ ସେ ପଦେ ପଦେ ପାଇଛି ନିନ୍ଦା, ଅପମାନ, ଘୃଣା । ଏପରିକି ତା'ର ନିଜ ସ୍ୱାମୀ, ଯିଏ

ଜଣେ ଏତେବଡ଼ ଉଚ୍ଚ ଶିକ୍ଷିତ, ସିଏ ପ୍ରଥମେ ତାଙ୍କୁ ଶିଖେଇଥିଲେ ଏଣ୍ଟ ଦୀନ, ଦୁଃଖୀ ସେବା କରିବାକୁ, ସିଏ ବି କେବେ ମୁହଁ ଫିଟେଇ ତା' କାମକୁ ଭଲ ବୋଲି କହନ୍ତି ନାହିଁ । ଏହି କଥା ଯେତେବେଳେ ସେ ଭାବେ ତା'ର ବାର ବରଷର ତପ ଶୁଖୁଆ ଝୋଲରେ ବୋହିଯାଏ । ସବୁ ବାହାର କାମ ଛାଡ଼ିଦେଇ ଗାଁର ପାଞ୍ଚ ସାତଙ୍କ ଭଳି ନିଜେ ସୁଖ ଭୋଗ କରି ଘରେ ବସିବ ବୋଲି ମନ ହୁଏ ।

ସେଦିନ ସେ ଏଇଭଳି ଚିନ୍ତାକୁଳ ହୃଦୟରେ ଘରକୁ ଫେରୁଛି, ହଠାତ୍ ଆଖି ପଡ଼ିଗଲା ସେହି ବଗିଚା ଘର ଉପରେ । ଅଶୋକ ଗୋଟିଏ ୧୬, ୧୭ ବରଷର ଝିଅଟିର ହାତ ଧରି ତରତର କରି ପଶି ଯାଉଛି ସେହି ବଡ଼ଘର ଭିତରେ । ଆରତି ଚମକି ପଡ଼ିଲା । ନିଜ ଆଖିକୁ ବିଶ୍ୱାସ କରି ପାରିଲା ନାହିଁ । ଔଷଧ ବାକ୍ସଟା "ମକଆ" ହାତକୁ ବଢ଼ାଇ ଦେଇ ସେ ଧୀରେ ଧୀରେ ଯାଇଛି ବାରିଆଡ଼େ । ଗୋଡ଼ ଚିପି ଚିପି ଯାଇଁ ଦୁଆର ମୁହଁରେ ପହଞ୍ଚି ଦେଖେ, କବାଟଟା ଭିତରୁ କିଳା ହୋଇଛି । ତା'ର କୌତୂହଳ ଖୁବ୍ ବଢ଼ିଗଲା, ମନରେ ବି ଭାରି ସନ୍ଦେହ ହେଲା । ଆସ୍ତେ ଆସ୍ତେ କବାଟରେ ଧକା ମାରିଛି । ଭିତରୁ ଖ୍‌ଡ଼ଖାଡ଼, ରୁଣଝୁଣ ଶବ୍ଦ ଶୁଣାଗଲା । ଧୀର ପଦବିକ୍ଷେପରେ ଆସି କବାଟ ଖୋଲିଛି ଆଶୋକ । ମୁହଁରେ ଉଜ୍ଜ୍ୱଳ ହସ, ମନରେ ଶାନ୍ତ ଭାବ, ଆଖିରେ ଅକୁହା ଭାଷା । ଆରତି କିଛି ନ କହି ପଶି ଯାଇଛି ଘର ଭିତରକୁ । ଆଗନ୍ତୁକା ଯୁବତୀଟି ତରତର କରି ବ୍ରେଷ୍ଟହାଇଟ୍ ଉପରେ ଶାଢ଼ୀଟା ଘୋଡ଼ାଇ ପକାଇ ଭିତରଘରୁ ବାହାରି ଆସୁଛି । ଦୁଃଖ, ରାଗ, ଅପମାନରେ ଆରତିର ଗୋଲାପୀ ମୁହଁ ରଙ୍ଗା ପଡ଼ିଯାଇଛି । ସେ ଭଲକରି ଯୁବତୀ ଆଡ଼କୁ ଚାହିଁ ପାରିନାହିଁ । କାହାକୁ କିଛି ନ କହି ସେ ଧୀରେ ଧୀରେ ମୁହଁ ଲେଉଟାଇଛି ଫେରିବ ବୋଲି ।

ଅଶୋକ କିନ୍ତୁ ହାତ ଦେଇ ବାଧା ଦେଇଛି । ହସି ହସି ହାତ ଧରି ଟାଣି ନେଇଛି ତାଙ୍କୁ ଭିତରର ସେହି ଚିତ୍ରଅଙ୍କା ଜାଗା ପାଖକୁ । ଝିଅଟି ବି ପଛେ ପଛେ ଗ୍ଲଲିଛି । ଭିତରେ ଯାଇଁ ଆରତି ଦେଖିଛି କେତେ-ଗୁଡ଼ିଏ ନାଲି, ନେଳି, ସବୁଜ, ବାଇଗଣୀ ରଙ୍ଗର ପାତ୍ର ପାଖରେ ତୁଳୀ-ଗୁଡ଼ିକ ଏଣେ ତେଣେ ବିକ୍ଷିପ୍ତ ହୋଇ ପଡ଼ିଛି । କାହିଁକୁ ଡ଼େରି ହୋଇଛି

ଗୋଟିଏ ମସ୍ତବଡ଼ ଚିତ୍ରପଟ । ତା' ମଧ୍ୟରେ ଗୋଟିଏ ଯୁବତୀନାରୀର ନିଖୁଣ ଛବି । ନାରୀର ଅଧର ଜବାକୁସୁମ ଭଳି ରକ୍ତାଭ, ଚିବୁକ ପୂର୍ଣ୍ଣିମା ଚନ୍ଦ୍ର ଭଳି ଉଜ୍ଜ୍ୱଳ, ଚିକ୍କଣ କେଶଗୁଚ୍ଛର ଗୋଟିଏ କଳାବେଣୀ ନିତମ୍ବ ଚୁମ୍ବୁଛି । ବାମ ହସ୍ତରେ ଗୋଟିଏ ଅମୃତର ପାତ୍ର, ଦକ୍ଷିଣ ହସ୍ତରେ ଗୋଟିଏ ଲେଖନୀ, ପିନ୍ଧିଛି ଗୋଟିଏ ସବୁଜ ରଙ୍ଗର ସାନ ଶାଢ଼ୀ ।

ଅଶୋକ ଧୀରେ ଧୀରେ କହିଲା—'ଯୌବନର ପବିଳ ପ୍ରଭାତରେ ତମେ ମୋତେ ଚହ୍ନିଛ,ଆଜି ଏ ଦ' ପନ୍ଦର ଝାଞ୍ଜିରେ ମୋତେ ଭୁଲ୍ ବୁଝିବ ନାହିଁ ସେବା । ମୁଁ କାମୁକ ନୁହେଁ କେବଳ ଏହି ଝିଅଟିର ସାହାଯ୍ୟରେ ମୁଁ ମୋର ଏହି ବହୁଦିନର ଇପ୍‌ସିତ ସ୍ନେହ ଆଦରର ଚିତ୍ରପଟରେ ଟାଣୁଥିଲି ଶେଷ ତୁଳୀରେଖା । ଏହା ପୂର୍ଣ୍ଣ ହୋଇନାହିଁ । ଭଲ ରୂପେ ଲକ୍ଷ୍ୟ କର, ଦେଖିବ ବାମ ସ୍ତନର ଅଗ୍ର ଭାଗରେ ଦିଆ ହୋଇନାହିଁ ଶେଷ ତୁଳୀବିନ୍ଦୁ । ଦେବୀ ମୋର ଅପୂର୍ଣ୍ଣ । ଆଉ ମୂହୂର୍ତ୍ତେ ଅପେକ୍ଷା କରିଥିଲେ ଏହା ହୋଇଥାନ୍ତା ନିଖଣ, କଳଙ୍କହୀନ, ପରିପୂର୍ଣ୍ଣ । ପୁଣି ଦେଖୁଛ ଏ କାହାର ଛବି ? ଏ ସେହି ଦୀନ ସେବିକା, ପର-ଦୁଃଖତତ୍ପରା, ସୁଖଶାନ୍ତି-ଦାୟିନୀ "ସେବା" ଦେବୀ । ସବୁଜ ଶାଢ଼ୀଟି ତାଙ୍କ ଜୀବନର ଶାନ୍ତ ସ୍ୱଭାବର ପରିଚୟ ଦିଏ । ବାମ ହାତର ଅମୃତ ପାତ୍ର ସୂଚାଇ ଦିଏ ଯେ ଅମୃତ ଖାଇ ମଲା ଲୋକ ଯେପରି ଜୀଇ ବଞ୍ଚି ଉଠେ, ସେହିଭଳି ଦୁନିଆର ଶତ ସହସ୍ର ରୋଗୀଙ୍କର ସେବା କରି ତାଙ୍କ ହତାଶ ପ୍ରାଣରେ ଆଶା, ଆନନ୍ଦ ସୃଷ୍ଟି କରିବାକୁ ଔଷଧ ବାକ୍ସରୂପକ ଅମୃତ-ପାତ୍ର ଧରି ସେବା ଦେବୀ ଦୀନ ଦୁଃଖୀଙ୍କ ଦୁଆରେ ବୁଲୁଥାନ୍ତି । ଡାହାଣ ହାତରେ ଲେଖନୀ ଅର୍ଥାତ୍‌, ଶିକ୍ଷା ସଭ୍ୟତାର ଆଲୋକରେ ଏ ଅନ୍ଧକାରମୟ ପଲ୍ଲୀକୁ ଆଲୋକିତ କରିବାକୁ ସେ ଲେଖନୀ ଧରି ଗାଁର ପିଲାଠାରୁ ବୁଢ଼ାଯାଏ ସମସ୍ତଙ୍କୁ ଶିକ୍ଷା ଦେବାରେ ବ୍ୟସ୍ତ ।

ମୁଁ ଜାଣେ ସେବା ! ତମେ ଅଭିମାନ କରିଛ । ତମର ଏତେ ନିଃସ୍ୱାର୍ଥପର କାମକୁ କେହି ଆଦର କରୁନାହାନ୍ତି ବୋଲି ମନରେ ଦୁଃଖ କରିଛ । କିନ୍ତୁ ଅଭିମାନ ! ପୁଣି ଗୀତାର ସେହି ନିଗୂଢ଼ ତଥ୍ୟ ଭୁଲିଗଲ—"କାମ କରିବାରେ କେବଳ ଆମର ଅଧିକାର, ଫଳରେ ନୁହେଁ" । ଆଜି

ତମକୁ ସମସ୍ତେ ନିନ୍ଦା କରୁଛନ୍ତି, କିନ୍ତୁ ଦେଖିବ, ଦିନ କେଇଟା ପରେ ଏହି ନିନ୍ଦୁକମାନେ ତମର ପ୍ରଶଂସା ଗାଇ ବୁଲିବେ । ଟିକିଏ ଧୈର୍ଯ୍ୟଧର । ଏହି ଲୋକ ଅପବାଦକୁ ଡର ସାଧନାରେ ତମେ ପୂର୍ଣ୍ଣଚ୍ଛେଦ ଟାଣିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବ କିପରି ? ପୁଣି ତମ କାମକୁ କିଏ ଆଦର କରୁଛି କି ନାହିଁ ତା' ତମେ ଜାଣିଲ ବା କିପରି ? ଏଇତ ଆଖି ଆଗରେ, ତମ ସୌଜନ୍ୟମୁଗ୍ଧ ଜଣେ ଧାନ ଧୂଜାଖିର ଦେବୀ-ପୂଜାରେ ତମେ ବାଧା ଘଟାଇଲ । ଆରତି ଲାଜରେ ଝାଉଁଳି ପଡ଼ିଲା । ସ୍ୱାମୀ ମୁଖରେ ଏତେ ପ୍ରଶଂସା ଶୁଣି ତା ରଙ୍ଗା ମୁହଁରେ ହସ, ଆନନ୍ଦ ଉକୁଟି ଉଠିଲା । ପଛକୁ ଫେରି ଭଲକରି ସେ ଝିଅଟି ଆଡ଼କୁ ଚାହିଁଲା—ଆରେ, ଏତ ଅମିତା ! ଆରତିର ମାମୁଁ ଝିଅ, ସାନ ଭଉଣୀ । ଦୋଷୀ ଭଳି ଅମିତା କହିଲା— "ମୁଁ ଏଠାକୁ ସୂତା କାଟିବାକୁ ଆସିଥିଲି, ଅଶୋକ ଭାଇ ମୋତେ···" ଆରତି ଅଶୋକ ଆଡ଼େ ଚାହିଁ ଦେଖିଲା ସେ ମୁରୁକି ମୁରୁକି ହସୁଛନ୍ତି । × ×

କ'ଣ, ଏହି ଛୋଟ ଗପଟିରୁ କିଛି ଶିଖିଲ ? ନିନ୍ଦା, ଅପବାଦକୁ ଡରି କାମ କରୁ କରୁ ଅଟକି ଯାଅ ନାହିଁ କି ଅଧାପନ୍ତରିଆ କରି ଛାଡ଼ି ଦିଅ ନାହିଁ । ନିଷ୍ଠାର ସହିତ ଜଗି ଗୋଟିଏ କାମରେ ଲାଗିଥିଲେ ଫଳ ଦିନେ ନା ଦିନେ ପାଇବ । ଖାଲି ସବୁବେଳେ ଫଳକୁ ଅନାଇ କରି ବସିଲେ କାମରେ ଆଗେଇ ହୁଏ ନାହିଁ । ଯେଉଁ ସୈନ୍ୟମାନେ ଗୁଳି, ବନ୍ଧୁକ ଧରି ଯୁଦ୍ଧକ୍ଷେତ୍ରରେ ଶତ୍ରୁ ସାଙ୍ଗରେ ଯୁଦ୍ଧ କରନ୍ତି, ସେମାନଙ୍କ ପକ୍ଷ ଯୁଦ୍ଧରେ ହାରୁଛନ୍ତି କି ଜିତୁଛନ୍ତି, ସେମାନେ ନିଜେ ଜାଣନ୍ତି ନାହିଁ । ଖାଲି ସେନାପତିର ଆଦେଶରେ ସେମାନେ ଜୀବନମୂର୍ଚ୍ଛା ଲଢ଼ୁଥାନ୍ତି । ଏ ହାରଜିତ୍ ଖବର ସେମାନଙ୍କୁ ଜଣେଇ ନ ଦେବାର କାରଣ କ'ଣ ଜାଣ ? ତାଙ୍କ ପକ୍ଷ ହାରି ଯାଉଛନ୍ତି ଶୁଣିଲେ, ସେମାନେ ହତାଶ ହୋଇ ପଡ଼ିବେ ଏବଂ ଜିତୁଛନ୍ତି ଶୁଣିଲେ ଗର୍ବ କରି ଯୁଦ୍ଧ ଶିଥିଳ କରିଦେବେ । ଆମେ ସେହିଭଳି ନିତି ନିତି ଏ ଦୁନିଆର ନାନା ଦୁଃଖ ଦୁର୍ଦ୍ଦଶାର ଲହଡ଼ି ବିରୁଦ୍ଧରେ ମୁଣ୍ଡ ଟେକିଛୁ ଲଢ଼ୁଛେ । ଯଦି ହାରିଗଲେ ବୋଲି ଭାବିବା, ତେବେ ଘଡ଼ିକେ ଭାଙ୍ଗି ପଡ଼ିବା; ଆଉ ଯଦି ଜିତିଗଲେ ବୋଲି ଗର୍ବ କରି ଅସାବଧାନ ହେବା, ତେବେ ହୁଏତ ଲୁଚି ଲୁଚି ଆଉ ଗୋଟିଏ ବଡ଼ ଲହଡ଼ି କେତେବେଳେ ଆସି ଆମକୁ ଆଣି କୂଳର ପଥର ଉପରେ ବାଡ଼େଇ ଦେବ । ତେଣୁ ହାରଜିତକୁ ଅନାଇ

ନକରି, ଫଳାଫଳ ପାଇଁ ଲାଳାୟିତ ନ ହୋଇ ଆମେ କରିଯିବା ଆମର କର୍ତ୍ତବ୍ୟ । ଫଳ ସେହି ବିଶ୍ୱପିତାଙ୍କ ହାତରେ ।

## ଲଜ୍ଜାଶୀଳତା

ମୋର ଏହି ଉପର ଗପଟି ପଢ଼ି ହୁଏତ ତମେ ଅଡ଼ୁଆରେ ପଡ଼ିଥିବ । ଭାବୁଥିବ, ଆରତି ଘରକଣରେ ଲୁଚି ନ ରହି ବାଣ୍ଡବାଟରେ ବୁଲି ଏତେ ଗରିବ, ଦୁଃଖୀ, ରୋଗୀଙ୍କ ସେବା କଲା । ତଥାପି ସେହି ଲୋକମାନେ ତାକୁ ଉପରମୁହାଁ, ଅଣ୍ଡିରଚଣ୍ଡୀ ବୋଲି କହି ପରିହାସ କଲେ କାହିଁକି ? ତମେ ଜାଣ, ଆରତି ଜଣେ ବଡ଼ଲୋକର ଝିଅ, ପିଲାଦିନୁ ସହରରେ ପଢ଼ିଛି, ସହଜେ ପୁଣି ଉଚ୍ଚଶିକ୍ଷିତା । ଲାଜ ସରମ କ'ଣ ମୋଟେ ଜାଣିନାହିଁ । ଓଢ଼ଣା ଦେବା ତା' ଜାତକରେ ନାହିଁ । ସେ ସହରରେ ସାଇକେଲ ଚଢ଼ିପଢ଼ିବାକୁ ସ୍କୁଲକୁ ଯାଏ । ପଞ୍ଜାବୀ ଝିଅଙ୍କ ଭଳି ପାଇଜାମା ପିନ୍ଧି ବ୍ୟାଡ଼ମିଣ୍ଟନ୍ ଖେଳେ, ସ୍କୁଲ କଲେଜରେ ଥିଏଟର ହେଲେ ସେଥିରେ ପାର୍ଟ ନିଏ । ମଫସଲକୁ ଯାଇଁ ବି ସେ କେବେ ମୁଣ୍ଡରେ ଓଢ଼ଣା ଦେଇ ନାହିଁ । ବେଶୀ ଦୂର ଜାଗାରୁ ରୋଗୀ ଦେଖିବା ପାଇଁ ଡାକରା ଆସିଲେ ସେ ପଞ୍ଜାବୀ, ପାଇଜାମା ପିନ୍ଧି ସାଇକେଲରେ ଯାଏ । ହାରମନିୟମ୍ ଧରି ଗୀତ ବୋଲୁଥିଲେ ଯଦି ଗାଁର କେହି ବୁଢ଼ା ବୁଢ଼ୀ ଆସି ପହଞ୍ଚିଯାନ୍ତି, ତେବେ ସେ ହାରମନିୟମ୍ ଛାଡ଼ି ଦେଇ ଆଡ଼ ହୋଇଯାଏ ନାହିଁ । ଏସବୁ କ'ଣ ମଫସଲରେ ଚଳିବ ? ଆମ ଗାଁ ଗହଳର ମଫସଲି ଲୋକେ କ'ଣ ପାଠ ଶାଠ ପଢ଼ି ଏତେ ଉପରକୁ ଉଠିଲେଣି ଯେ ଏସବୁ ଧରଣକୁ ଆଦର କରିବେ ? ଅବଶ୍ୟ ମୁଁ କହୁନାହିଁ ଯେ ଏସବୁ ଖରାପ ଗୁଣ । ଖାଲି ୩ ହାତ ଓଢ଼ଣା ଦେଇ କବାଟ କଣରେ ମୁହଁ ଲୁଚାଇ ଚୁ ଚୁ କଥା କହିଲେ ସାଣୁଣା ହେଲା ନାହିଁ । ତଥାପି ଦେଶକାଳପାତ୍ରକୁ ଚାହିଁ, ବୁଢ଼ା ବୁଢ଼ା ଗୁରୁ ଗୁରୁଜନଙ୍କୁ ମାନ ଥାନ କରି, ଟିକିଏ ଲାଜସରମ ରଖି ଚଳିବା ଉଚିତ । ଲଜ୍ଜା ସ୍ତ୍ରୀ ଲୋକମାନଙ୍କର ଭୂଷଣ । ନାରୀ ଯେତେ ସୁନା ରୂପା ଗହଣାରେ ଛାଇ ହୋଇଥାଉ ପଛକେ ଯଦି ଟିକିଏ ଲାଜ ସରମ ନ ଥାଏ, ତେବେ ସେ କେବେ ମନଲୋଭା ହୋଇ ପାରେନା ବରଂ ସମାଜରେ ପଦେ ପଦେ ଘୃଣିତା ଓ ଅପଦସ୍ଥା ହୋଇଥାଏ । ଲଜ୍ଜାହୀନା ନାରୀ ଯେତେ ବଡ଼ ଅପୂର୍ବ ସୁନ୍ଦରୀ

ହୋଇଥିଲେ ବି କେବଳ ଲଜ୍ଜାର ଅଭାବରେ ତା'ର ସମସ୍ତ ସୌନ୍ଦର୍ଯ୍ୟ ବଡ଼ ଶୁଷ୍କ, ନୀରସ ଓ ପ୍ରାଣହୀନ ବୋଧହୁଏ ।

ତମେ କୁଳଭୂଆସୁଣୀ ହୋଇ ଯଦି ଗଳି ଅଇଲି ଦାଣ୍ଡ ଲୋକଙ୍କ ସାଙ୍ଗରେ ହେଁ ହେଁ ଫେଁ ଫେଁ ହୋଇ କଥା କୁହ କି ଶଶୁର ଦେଢ଼ଶୁରଙ୍କୁ ମାନ ଥାନ ନ କରି ନିର୍ଲଜ୍ଜୀଙ୍କ ଭଳି ସେମାନଙ୍କ ଆଗରେ ବସି ଦିନ ଦି' ପହରେ ଗୀତ ଗାଅ, କିମ୍ବା ଗାଁର ମୁଖିଆ ମୁଖିଆ ବୁଢ଼ାମାନଙ୍କୁ ଦାଣ୍ଡ ଘାଟରେ ଦେଖିଲେ ଆଡ଼ ହୋଇ ନ ଯାଇଁ ଓଲଟି ସେମାନଙ୍କୁ ରଗେଇବା ପାଇଁ ଯତ୍ନବନ୍ତ ହୋଇ ତାଙ୍କ ଆଗରେ ଚଟି ଘୋଷାରି ଘୋଷାରି ବେଖାତିର କରି ଚାଲିଯାଅ, ତେବେ ତମ ରୂପ ଗୁଣ ବଢ଼ିବ କି କମିବ ତମେ ନିଜେ ଭାବି ଦେଖ । ଗୁରୁଜନମାନଙ୍କୁ ମାନ୍ୟ କରିବା କି ବିନୟ, ନମ୍ରଭାବରେ ସେମାନଙ୍କ ସହିତ ବ୍ୟବହାର କରିବା ଦ୍ୱାରା ସେମାନଙ୍କ ସମ୍ମାନ ବଢ଼େ ନାହିଁ, ବଢ଼େ ତମରି ।

ହିନ୍ଦୁଘରର କୁଳବଧୂ ଆଉ ସହସ୍ର ଶଯ୍ୟାର ନାୟିକା ବେଶ୍ୟା ଭିତରେ ତଫାତ୍ ଏଇଠି । ବେଶ୍ୟା ଦିନକୁ ଦିନ ନାନାପ୍ରକାରର ଦାମୀ ପୋଷାକ ପିନ୍ଧି ନୂଆ ନୂଆ ଫେସନରେ ରୂପ ଯୌବନ ସଜେଇ, ସ୍ନୋ, ସେଣ୍ଟ, ପାଉଡ଼ରରେ ଦିଗ ମହକାଇ ହସି ହସି ଅଧ ବାଟରୁ ଅଭିନନ୍ଦନ କରେ ପୁରୁଷକୁ । ଏପରିକି ବେଳେବେଳେ ତା'ର ପଡ଼ୋଶୀ ସାଙ୍ଗରେ କଳିକଜିଆ କରି ବଜାର ଭିତରୁ ଟାଣି ଓଟାରି ଧରି ଆଣେ ଅପରିଚିତ ଯୁବକକୁ । ଦେହ ବିକିବାର ବହୁତ ଆଗରୁ ସେ ବିକି ଦେଇଥାଏ ତା'ର ସମସ୍ତ ନାରୀସୁଲଭ ଲାଜ ସରମ, ମାନ ମହତ, ବିନୟ ନମ୍ରଭାବ । କିନ୍ତୁ ପଲ୍ଲୀକୋଳର ଅଶିକ୍ଷିତା କୁଳବଧୂ ଅତି ନିର୍ମାୟା, ସରଳା, ଆଡ଼ମ୍ବରହୀନା । ନା ଜାଣେ ସେ ଚକମକିଆ ବେଶ ପୋଷାକରେ ରୂପ ସଜ୍ଜା, ନା ଜାଣେ ସ୍ନୋ ପାଉଡ଼ରର ବ୍ୟବହାର । ସରଳ ମନଟି ତା'ର ଲାଜ ସଙ୍କୋଚରେ ଏଭଳି ଆକୁଞ୍ଚିତ ଯେ ବିରହ ବେଦନାରେ ତା'ଛାତି ଫାଟିଯିବ ପଛକେ ତୁଣ୍ଡ ଖୋଲି ପଦେ କଥା ବାହାରିବ ନାହିଁ । ସୁନ୍ଦର କିଏ ? ସରଗ ରାଇଜର ପରୀଟି ଭଳି ଯିଏ ଫରଫର ହୋଇ ଏଣେ ତେଣେ ଉଡ଼ି ବୁଲୁଛି ସିଏ, ନା ସବୁଜ ବନର ଶୁଭ୍ର ରଜନୀଗନ୍ଧା ଭଳି ଯିଏ ଲତା ଉହାଡ଼ରେ ଲୁଚି ରହି ଅନ୍ତରର ମୃଦୁ ସୁବାସରେ ଚତୁର୍ଦ୍ଦିଗ ମହକାଉଛି, ସିଏ ? ଶାନ୍ତି କୋଉଠି ? ଏହି

ଲଜ୍ଜାଶୀଳା, ବାରବନିତାର ସ୍ନୋ ମଖା, ହସ ହସ ରକ୍ତ ଅଧରରେ; ନା ସେହି ଗାଉଁଲଝିଅର ଲଜ ସରମବୋଳା, ଓଢ଼ଣାଢ଼ିଆ ମୁଖମଣ୍ଡଳରେ ?

ତମେ କହିବ, "ମୁଁ ହ' ଆଉ କହୁଛି । ଏଣେ ହାତେ ଲମ୍ବର ଓଢ଼ଣା ଦେଇ କବାଟ ସନ୍ଧିରେ ଲୁଚି ରହି ବୋହୂ ଭୂଆସୁଣୀଙ୍କର ଚୁ ଚୁ କଥା କହିବାକୁ ପସନ୍ଦ କରୁ ନାହିଁ, ତେଣେ ଲଜ ସରମ ଛାଡ଼ି ଦେଇ ଟିକଏ ଆଧୁନିକା (Forword) ହେଲାବେଳକୁ ତାଙ୍କ ଦୋଷ ଅବଗୁଣ ବାର ବସୁଛି । କୋଉଟା ଏବେ ମଣିଷ କରିବ ?" ଜନସଠା ବ ବାସ୍ତବିକ୍ ବଡ଼ କଟିମିଟିଆ । ଏଣେ ଘରକଣରେ ଲୁଚି ରହିଲେ ଦୋଷ, ତେଣେ ଦାଣ୍ଡକୁ ବାହାରିଲେ ଦୋଷ । ଏଣେ ପାଣିକି ଗଲେ କୁମ୍ଭୀର ଖାଇବ, ତେଣେ ଶୁଖିଲାରେ ରହିଲେ ବାଘ ଖାଇବ । କ'ଣ କରିବା ? ନା ଆସ୍ତେ ଆସ୍ତେ ଗୋଡ଼ ପକାଇ ଏହି ଖଣ୍ଡାଧାରରେ ଆମକୁ ଯେ କୌଣସିମତେ ଚାଲିବାକୁ ହେବ । ଯେପରି ଗାଈ ଚରିବ, ଘଣ୍ଟ ବାଜିବ । ଯେପରି ମରହଟିଆ ମଫସଲିଆ ବୋଲି କେହି ଥଟ୍ଟା କରିବେ ନାହିଁ କି ଉପରମୁହାଁ, ଅଣ୍ଡିରାଚଣ୍ଡୀ ବୋଲି କହି ତାଳି ମାରିବେ ନାହିଁ । କେମିତି ଦେଖ—

ତମେ ରେଲଗାଡ଼ିରେ କୌଣସି ଏକ ଦୂରସ୍ଥାନକୁ ଯାଉଛ । ତମ ଡବାରେ କେତେ ଓଡ଼ିଆ, ବଙ୍ଗାଳୀ, ତେଲୁଗୁ, ପଶ୍ଚିମା, ପଞ୍ଜାବୀ—ଭିନ୍ନ ଭିନ୍ନ ଜାତିର ପୁରୁଷ, ସ୍ତ୍ରୀ, ପିଲା, ବୁଢ଼ା ବସିଛନ୍ତି । ବଙ୍ଗାଳୀ ଝିଅମାନେ ବେଶ୍ ସଫା ସୁତୁରା ପୋଷାକ ପିନ୍ଧିଛନ୍ତି । ଗୁଡ଼ାଏ ଏଣୁତେଣୁ ସୁନା ରୂପା ଅଳଙ୍କାରରେ ଲଦି ନ ହୋଇ ହ' ହ'ପଟ ସୁନାକାଚ ବା ଅଡିବଡ଼ି ଇଅରିଂ ହେଲେ ବା ସୁନା ମୁଦିଟାରେ ନିଜକୁ ଅତି ସରଳ ଅଥଚ ସୁନ୍ଦର ଭାବରେ ସଜାଇଛନ୍ତି । ମୁହଁରେ ସଦାବେଳେ ଉଚ୍ଛୁଳା ହସ । ପାଖରେ ବସିଥିବା ସାଙ୍ଗ, ସାଥୀ, ଭାଇ ବନ୍ଧୁ ବା ଆତ୍ମୀୟସ୍ୱଜନଙ୍କ ସହିତ ଅବାଧରେ ମିଳିମିଶି ସ୍ୱଚ୍ଛନ୍ଦରେ ନାନା ପ୍ରସଙ୍ଗର ଆଲୋଚନା କରୁଛନ୍ତି । ବେଳେ ବେଳେ ତାଙ୍କ ଭିତରୁ ପହିଲ ଯୌବନର କାଉଁରୀ ପରଶରେ ଛନ ଛନ ହେଉଥିବା ଝିଅଟିଏ କଲ କଲ ହୋଇ ହସି ଉଠି ଚଳନ୍ତା ଗାଡ଼ିକୁ କମ୍ପାଇ ଦେଉଛି ।

ଦକ୍ଷିଣୀ ଝିଅ ହଉଚି ତେଲ ସରସର ମୁଣ୍ଡରେ ଦକ୍ଷିଣୀ ସୁନ୍ଦା ପାଟ ପଚ ପଟେ ସାପ ଭଳି ଦୁଇଟି କଳା ବେଣୀ ଓହଳାଇଛନ୍ତି । ତା ଅଗରେ ନାନା ଜାତିକା କେତେ ଫୁଲ ବନ୍ଧା ହୋଇ ବାସନାରେ ଗୁରୁଆଡ଼ ମହକ ଉଠୁଛି । ସ୍ୱାମୀ ଖବରକାଗଜ ପଢ଼ିବାରେ ବ୍ୟସ୍ତ । ହୁଏତ ବହୁତଦୂର ଯିବେ ସେଇଥିପାଇଁ ସ୍ତ୍ରୀ ସ୍ୱାମୀଙ୍କୁ ଅପେକ୍ଷା ନ କରି ବେଡ଼ିଂ ନେଇ ଉପରେ ବିଛଣା ହଗୁଉଛି । ଟିଫିନ୍ କାରସ୍ପର ଖୋଲି ସ୍ୱାମୀ ପାଇଁ ଖାଇବା ବାଢ଼ି ବସୁଛି । ପୁଣି ଷ୍ଟେସନ ଆସିଗଲେ ପାଣି ପାଣ୍ଡେଙ୍କୁ ଡାକି ସୋରେଇ ନୋଟାରେ ପାଣି ରଖି ହକରଠାରୁ ସ୍ୱାମୀପାଇଁ ସିଗାରେଟ୍ କିଣୁଛି...... ।

ଏଣେ ପଞ୍ଜାବୀ ସ୍ତ୍ରୀ ଲୋକମାନଙ୍କ ମଧ୍ୟରୁ ଦୁଇଜଣ ଆଖିରେ ଚଷମା ଦେଇ ଗୁରୁମୁଖୀ ଭାଷାରେ ଖବରକାଗଜ ନିରିଖି ନିରିଖି ଏକ ଲୟରେ ପଢ଼ୁଛନ୍ତି । ଜଣେ ପିଲାଟିକୁ କୋଳରେ ଶୋଇ ପକାଇ ରେସମୀ ସୂତାରେ ଗୋଟିଏ କମ୍ପଟ ବୁଣୁଛି । ବେଳେ ବେଳେ ସେହି ବଙ୍ଗାଳୀ ଝିଅମାନଙ୍କ ହସ କୋଳାହଳରେ ଅନ୍ୟମନସ୍କ ହୋଇ ସେମାନଙ୍କ ଆଡ଼କୁ ମୁହଁ ଟେକି ଟିକିଏ ଚାହୁଁଛି, ପୁଣି କାମରେ ମନ ଦେଉଛି ।...ହଠାତ୍ ଗୋଟିଏ ନଈ ପୋଲ ପଡ଼ିଲା । ପଶ୍ଚିମା ଝିଅ ବୋହୂଗୁଡ଼ାକ ହୋ ହୋ ପାଟିକରି ଉଠି "ଜଗନ୍ନାଥଜୀ କି ଜୟ" "ଲିଙ୍ଗରାଜ ମହାପ୍ରଭୁ କି ଜୟ", "ବିରଜା ମାଈକି ଜୟ" କହି କହି ଘଡ଼ିଏ କାଳ କାନଅତରା ପକାଇ ଦେଲେ । ଏହି ଗୋଳମାଳ ଭିତରେ କିଏ ଗୋଟାଏ ଲଫଙ୍ଗା, ଛତରା ଟୋକା ଗୋଟିଏ ବଙ୍ଗାଳୀ ଝିଅର ଲୁଗା କାନି ଓଟାରି ଦେଲା । ଏତିକରେ ଯାଏ କୁଆଡ଼େ ? ଗୋଖର ସାପ ଲାଙ୍ଗୁଡ଼ରେ ହାତ ମାରିଦେଲେ ସେ ଯେପରି ଫଁାଇ କରି ଉଠେ, ବଙ୍ଗାଳୀ ଝିଅଗୁଡିକ ସେହିଭଳି ଚିତ୍କାର କରି ଉଠି ଏକ ସାଙ୍ଗରେ ତାକୁ ଆକ୍ରମଣ କଲେ । ଗାଡ଼ିର ଅନ୍ୟ ସମସ୍ତେ ବି ତାଙ୍କ ସାଙ୍ଗରେ ମିଳିପାଇଁ ଲୋକଟାକୁ ଛି' ଛାକର କଲେ । ଲଜ୍ଜା, ଅପମାନରେ ବିଚରା ରସିକଶେଖର ଅଣ୍ଡିରି ପୁଅଟିର ମୁହଁ ଶୁଖି କଳାକାଠ ପଡ଼ିଗଲା । ହାତ ଓଠ ଧରି ଦୋଷ ନ ମାଗିବା ପର୍ଯ୍ୟନ୍ତ ତା'ର ସହଳ ନାହିଁ ।

ଡବାର ଶେଷ ମୁଣ୍ଡରେ ଗୋଟିଏ ପାଖିକିଆ ହୋଇ କେତେକ ଓଡ଼ିଆ ସ୍ତ୍ରୀ ହାତେ ଲମ୍ବର ଓଢ଼ଣା ଦେଇ ବସିଥିଲେ । କିନ୍ତୁ ଆଗରୁ ଡବା

ଲୋକଙ୍କର ଏତେ ହସ, କୌତୁକ, କାମ ଦାମ ବା ସୁଖ ଦୁଃଖ କଥା— କୋଉ ଆଡ଼କୁ ତାଙ୍କର ନଜର ନ ଥିଲା । ଓଢ଼ଣାକୁ ବେଳକୁବେଳ ତଳକୁ ଖସେଇ ମୁହଁକୁ ତଳକୁ ପୋତି ନଖ ଅଗରେ ଗାଡ଼ିରେ ପଡ଼ିଥିବା ଚନା-ବାଦାମ ଚୋପାକୁ ଏପାଖ ସେପାଖ କରୁଥିଲେ ବା ଗାଡ଼ି ଅଟକିବା ବେଳ ହେଲେ ଜୁକୁଜୁକୁ କରି ଆଖି ଦୋ'ଟିରେ ଥରେ ଥରେ ବାହାରକୁ ଚାହୁଁ-ଥିଲେ । କେମିତି ଗାଁ ଇଷ୍ଟେସନ ଆସିଲେ ଓହ୍ଲେଇ ପଡ଼ିବେ । ଝୁଲବୁଲ ଶାଢ଼ୀର ଓଢ଼ଣାଟି ଟେକି ବାହାରକୁ ଚାହିଁ ଦେଲାବେଳେ ତାଙ୍କ ନାକର ଗୁଣା, ବସଣୀ, ନୋଥ, ଦଣ୍ଡୀ, କାନର ନୋଳି, ଫାସିଆ, ବେକର ଚମ୍ପସରି, ମଲ୍ଲି କାକଡ଼, ହରଡ଼ଫାଳ, ବଣ୍ଠ ଆଉ ମୁଣ୍ଡର ଟୀକା, ମଥାମଣି ଓ ତା' ସାଙ୍ଗକୁ ବେଲପତ୍ର ଭଳିଆ ଛନଛନିଆ ରୂପା ବେଣୀ ତାଙ୍କ ଅଜାଣତରେ ବାହାରକୁ ଦୁଶିଯାଏ । ପଞ୍ଜାବୀ ଓ ବଙ୍ଗାଳୀ ଝିଅଗୁଡ଼ାକ ଯୁବାଙ୍କର ଏ ଅପୂର୍ବ ରୂପ ଓ ବେଶଭୂଷା ଦେଖି ବେଶ୍ କୌତୁକ ଅନୁଭବ କରନ୍ତି । ଲାଜରେ ଜଡ଼ସଡ଼ ହୋଇ ବିଚରା ଗୁଣମଣି ଓଡ଼ିଆଣୀ ଗୁଡ଼ିକ ଓଢ଼ଣା ଆଉ ଟିକିଏ ତଳକୁ ଓହଳେଇ ଦେଇ ଟେକାଟାକି ହୋଇ ଯେତେବେଳେ ବେଞ୍ଚ ଉପରେ ଗୋଡ଼ ରଖି ବସନ୍ତି, ସେତେବେଳେ ଗୋଡ଼ର ପାଉଁଜି, ପଇଞ୍ଜି ଆଉ ରୂପା ମୁଦିଯାକ ଯାହା ଟିକିଏ ତଳେ ଲୁଚି ରହିଥାଏ, ତା'ଉପରକୁ ଆସି ବେଶ୍ ଜନମନ ଆକର୍ଷଣ କରେ । ପଶ୍ଚିମା ଝିଅ ବୋହୂମାନେ ହସ ସମ୍ଭାଳି ପାରନ୍ତି ନାହିଁ । ଅଧାବଅସୀ ଦରବୁଢ଼ୀ ଓଡ଼ିଆ ବୋହୂଗୁଡ଼ିକ ଏମିତିକା ହସରେ ବଡ଼ ବ୍ୟସ୍ତବ୍ୟସ୍ତ ହୋଇ, ଓଢ଼ଣା ସନ୍ଧିରୁ ହାତକାଢ଼ି ଗୋଡ଼ରେ ଲୁଗାକୁ ଟାଣିଟୁଣି ପାଦ ଲୁଚେଇ ପକାନ୍ତି । ହେଲେ ଗୋଟିକୁ ଲୁଚେଇବାକୁ ଯାଇଁ ଆଉ ଗୋଟିକୁ ପଦାରେ ପକାନ୍ତି । ହାତରେ ଚୂଡ଼ି, ବଟଫଳ, କମ, ତାଡ଼ ପୁଣି ବଡ଼ ବଡ଼ ଥୋପା ଗେଣ୍ଡୁ ଭଳିଆ ପାଞ୍ଚଆଙ୍ଗୁଠି ଯାକର ରୂପାମୁଦି ସବୁ ବାହାରେ ପଡ଼ିଯାଏ । ବିଚରା ଏହି ମାଇପି ଗୁଡ଼ାଙ୍କର ଏ ଲଣ୍ଡଭଣ୍ଡ କାଣ୍ଡ ଦେଖି କିଏ ବା କେମିତି ହସ ସମ୍ଭାଳିବ କୁହ ? ପଞ୍ଜାବୀ ପୌଢ଼ା ଦୁ'ଜଣ ଆଖିରୁ ଚଶମା ଟେକି ଏ ଅଦ୍ଭୁତ ଜନ୍ତୁଙ୍କୁ ଘଡ଼ିଏ କାଳ ଚାହାନ୍ତି । କିନ୍ତୁ ଏତେ ଥଟ୍ଟା ପରିହାସ ଶୁଣି ସୁଦ୍ଧା କଛୁ ଭୁଣ୍ଡ ମୁଣ୍ଡ ନ ଫିଟେଇ ସ୍ତ୍ରୀଲୋକଗୁଡ଼ିକ ଆଉ ଟିକିଏ ଓଢ଼ଣା ଲମ୍ବେଇ ଲାଜରେ ଝାଳନାଳ ଆଣ୍ଠିଏ ହୋଇ ବେଞ୍ଚ ସନ୍ଧିରେ କାଦୁଅ ମେଞ୍ଚାଏ ଭଳି ପଡ଼ି ରହନ୍ତି ।

ଇଏତ ଗଳ୍ପ ଗୋଟାଏ ପାଖ—ଆଉ ପାଖକୁ ଚାହାଁ । ସିଏ ବି ଓଡ଼ିଆ । ଗେରସ୍ତ ତାର କାଳମାଟିରେ କଳଘରେ ସର୍ଦ୍ଦାର କାମ କରେ । ପିଲାଛୁଆଙ୍କୁ ଧରି ୩ବର୍ଷ ପରେ ଆଜି ଗାଁକୁ ଫେରୁଛି । ଫୁଲପକା ଛାପା ଶାଢ଼ୀ ଖଣ୍ଡେ ପିନ୍ଧି, କଳରେ କଳେ ପାନ ଜାକି, ସ୍ତ୍ରୀ ଲୋକଟି ଏରିକାଚ ମେଲେଇ ବେଞ୍ଚର ଅଧେ ମାଡ଼ି ବସିଛି । ବୟସ କୋଡ଼ିଏ, ଏକୋଇଶ ଭିତରେ । ଚରଚର ପାନପିକ ପକାଇ ଡବାର ଗୋଟାଏ କଣ ଭରତି କରି ଦେଲାଣି । ଡବାର ଏ ସବୁ ରଙ୍ଗରସ ଆଡ଼କୁ ତା'ର ବିଶେଷ ମନ ନାହିଁ । ସେ ଖାଲି ଗେରସ୍ତ ସାଙ୍ଗରେ ଏଡ଼େ ପାଟିରେ ଭିଟର ଭିଟର ନଗେଇଛି—"ତମେ ଏକା ସୁଖ କରିବ, ଆଉ କାହା ସୁଖ ତମ ଦିହରେ ସିବ ନାହିଁ । ତମ ରଙ୍କ ଫୁଲେଇ, ଶ୍ଚେପଗ୍ସ ମା' ବାଧିକଛି ତ ତମେ ନିଜେ ରହି ତା' ସେବା କର । ମୁଁ ଏତେ ଗୁହମୂତରେ ଘାଣ୍ଟି ହୋଇ ପାରିବି ନାହିଁ । ତେହିଁକି ପୁଣି କାଦୁଅ ପଚପଚ ମଫସଲ ଗାଁ—ବାଉଁଶ ବଣ, ମଶା ମାଛି ଭଣଭଣ । ଦି' ଦି'ଟା ଛୁଆଙ୍କୁ ଧରି ମୁଁ ଏକା ସନ୍ତୁଳ ହୋଇ ମରିବି ତମେ ଏଣେ ଗୋଡ଼ ଉପରେ ଗୋଡ଼ ପକେଇ ପକାଘରେ ବସି ଚିଲମ ଟାଣିବ । କାହିଁକି ? ମତେ ହାତ ଧରି ବାହା ହୋଇଥିଲ କି'ଣ ଏମିତି ମଫସଲ ଗାଁରେ ଦହଗଞ୍ଜ କରି ମାରିବାକୁ ?"

କଥା କି'ଣ କି, ତା ଶାଶୁ ଦେହ ଅତିଶସ୍ତ । ଘର ପାଖରୁ ତବଲ ତାର ଆସିଥିଲା । କିନ୍ତୁ ଗେରସ୍ତକୁ ବେଶୀ ଦିନ ଛୁଟି ମିଳିଲା ନାହିଁ, ତେଣୁ ବୁଢ଼ୀକୁ ଦେଖାଚାହାଁ କରିବାକୁ ସେ ପିଲାଛୁଆଙ୍କୁ ନେଇ ଘରେ ଛାଡ଼ି ଦେବାକୁ ଯାଉଛି । ମାଇପିଟି ସେହି କାଦୁଅ ପଚପଚ ଗାଁରେ ଅସନା, ମାଟିଘରେ ପିଲାଟିଦିନୁ ଚଳି ଆସିଛି । ଅଥଚ ୩ଟା ବରଷ କାଳମାଟିରେ ରହି ଯାଇଁ ଭଡ଼ାଟିଆ ଖପର ଟାଇଲ ଘରର ସିମେଣ୍ଟ ପଲସ୍ତରା, ତଲେଇଦେଗ୍ର ପାଇଖାନା, ବିଜୁଳିବତ୍ତି, ପାଣିକଳ ତାକୁ ଏମିତି ଆଗେଇ ଗଲାଣି ଯେ ସେ ଆଉ ମଫସଲ ଗାଁକୁ ଯିବାକୁ ନାରାଜ । ସେଥିପାଇଁ ଆଜି ଗାଡ଼ି ଭିତରଟାରେ ଥାନ ଅଥାନ ନ ବାରି ସ୍ୱାମୀ ସଙ୍ଗରେ ଝିଟା ପଟା ନଗେଇଛି । ଏତିକି ପୁଣି ବେଲଜ୍ୟା ଲୋକଟା, ମୁଗା ପଟାରେ ଟିକିଏ ବାଇସ ନାହିଁ । ଏତେଗୁଡ଼ାଏ ଲୋକ ଭରତି ହୋଇଛନ୍ତି, ପୁଣି ରାତି ନୁହେଁ ଦିନ ଦି'ପହର । ଛାତି ଉପରୁ ଲୁଗାଟା କାଢ଼ି ସାନ ଛୁଆଟାକୁ ଦୁଧ ଖୋଉଛି ଯେ ଫୁଲିଲା

ଘୁଣ୍ଟିର ତିନି ପା' ବାହାରକୁ ଫୁଟି ଦିଶୁଛି । ଟିକିଏ ଭଲ ଲଜ ସରମ ଥା'ନ୍ତା—ଗାଡ଼ିର ଅନ୍ୟ ଭଦ୍ର ଲୋକଗୁଡ଼ାକ ନାକ ଟେକି ଅନ୍ୟ ଆଡ଼କୁ ମୁହଁ ଫେରାଇଲେ ।

ତମେ ଏ ସବୁ ଦେଖିଲ ତ ? ଏବେ କୁହ, ଆମ ଓଡ଼ିଆ ଝିଅ ଆଉ ବଙ୍ଗାଳୀ, ତେଲଗୁ, ପଞ୍ଜାବୀ ଝିଅମାନଙ୍କ ଭିତରେ ତଫାତ୍ କେଉଁଠି ? ସେମାନଙ୍କର ତ ଲଜ ସରମ ଅଛି, ମାନଥାନ ଅଛି । ସେମାନେ ତ ଆଉ ଏ କାଳମାଟି ବୋହୂ ଭଳିଆ ଦେହରୁ ମୁଣ୍ଡରୁ ଲୁଗା ଗାଡ଼ି ଗାଡ଼ି ଭିତରୁଟାରେ ଏତେ ଗୁଡ଼ାଏ ଅପରିଚିତ ଭଦ୍ରଲୋକଙ୍କ ଆଗରେ ବେହିଆଙ୍କ ପରି ଛୁଆକୁ ଦୁଧ ଦେଉ ନାହାନ୍ତି କି ଥାନ ଅଥାନ ନ ବାରି ସ୍ୱାମୀ ସାଙ୍ଗରେ କଜିଆ ଲଗେଇ ତା' ରକ୍ତ ମାଉଁସ ଝୁଣ୍ଟି ଖାଉ ନାହାନ୍ତି । ପୁଣି ସାଧାରଣ ଭାବରେ ଲଜ୍ଜା, ସଙ୍କୋଚ, ମାନ ସମ୍ଭ୍ରମ ରକ୍ଷାକରି ସେମାନେ କେତେ ହସ ଖୁସି କଥାଭାଷା ହେଉଛନ୍ତି, ଖବର କାଗଜ ବା ବହି ପଢ଼ୁଛନ୍ତି କିମ୍ବା ସ୍ୱାମୀ ବା ପିଲାଙ୍କର ଖାଇବା ଶୋଇବାର ଯତ୍ନ ନେଉଛନ୍ତି । କେଡେ ଆଧୁନିକା (Fowrad) ସେମାନେ ! କେହି ଟିକିଏ ବଦମାସୀ କରିବାକୁ ଆରମ୍ଭ କଲେ ବା ମୁହଁହୁଡ଼ି କହି ଦେଲେ ସାଙ୍ଗେ ସାଙ୍ଗେ ତା'କୁ ଜବାବ । ଏପରି କି ଗାଡ଼ିର ବିପଦ ସୂଚକ ଚେନ୍ ଟାଣିବାଠାରୁ ଗାର୍ଡ଼କୁ ଡାକି ଲୋକଟିର ଅନ୍ୟାୟ ଆଚରଣ ବିରୁଦ୍ଧରେ ଜବାବ ସୁଆଲ କରିବାକୁ ତିଆରି । ଆଉ ଆମ ଓଡ଼ିଆ ଝିଅ ଖାଲି ହାତେ ଓଢ଼ଣା ଦେଇ, ଝାଳ ନାଳରେ ଆଣ୍ଠିଏ ହୋଇ ମେଦ ଭଳିଆ ବେଞ୍ଚ୍ ସନ୍ଧିରେ ପଡ଼ିଥିବେ । ବାସ୍ତବିକ୍ ସେହି ଅଣଓଡ଼ିଆ ଝିଅମାନଙ୍କଠାରୁ ଆମର ଯଥେଷ୍ଟ ଶିଖିବାର ଅଛି । ଆମେ ସେମାନଙ୍କଠାରୁ ଅନେକ ପଛରେ ପଡ଼ିଛେଁ । ନିର୍ଲଜ୍ଜୀଙ୍କ ଭଳି ବେହିଆମି କରିବାକୁ ମୁଁ କହୁନାହିଁ, କି ହାତେ ଲମ୍ବର ଓଢ଼ଣା ଦେଇ ଚୂ ଚୂ କଥା କହିବାକୁ ବି ମୁଁ କହୁନାହିଁ । ଟିକିଏ ଲଜ ସରମ ରଖ, ଗୁରୁ ଗୁରୁଜନମାନଙ୍କୁ ମାନଥାନ କର—କିନ୍ତୁ ପଞ୍ଜାବୀ, ବଙ୍ଗାଳୀ, ତେଲୁଗୁ ଝିଅଙ୍କ ଭଳି ଆଧୁନିକା (Forward) ହୁଅ, ସାହସୀ ହୁଅ, କାମିକା ହୁଅ—ହସି ଖେଳି ରଙ୍ଗରସ କରି ନିଜେ ଖୁସି ହୁଅ, ଅନ୍ୟମାନଙ୍କୁ ଖୁସି କରାଅ ।

ଏଇଠି ଆଉ ଗୋଟିଏ ବଡ଼କଥା ଲକ୍ଷ୍ୟ କର । ଏହି କେଇଜଣ ଓଡ଼ିଆ ଝିଅ ବୋହୂଙ୍କର ଚାଲିଚଳନ ହାବଭାବ ଦେଖି ସେହି ଯେ ବଙ୍ଗାଳୀ,

ତେଲୁଗୁ, ପଶ୍ଚିମା, ପଞ୍ଜାବୀ ସ୍ତ୍ରୀ ଲୋକଗୁଡ଼ିକ ଥଟ୍ଟା କରି ହସି ଉଠିଲେ ସେଥିପାଇଁ ସେମାନଙ୍କ ଦୋଷ ଦେଲେ ଚଳିବ ନାହିଁ । ସେମାନେ ବିଦେଶୀ । ବିଦେଶ ଅଧେ ବିଅଁ_ ଦେଖିବାକୁ ପୁରୀ, ଭୁବନେଶ୍ୱର ଆସିଲେ, ତମଠେଇଁ ଯାହା ଦେଖିଲେ, ସେଇଆ କହିଲେ । ସେମାନଙ୍କର କ'ଣ ଦୋଷ ? ବରଂ ସବୁ ଦୋଷ ତୁମ୍ଭମାନଙ୍କର । ତମର ହାତେ ଲମ୍ବର ଓଢ଼ଣା, ପାହୁଡ଼, ଗଣ୍ଡିଆ, ନୋଳି, ଫାସିଆର ବୋଝେ ଗହଣା, ଚରଚର ପାନପିକ ଆଉ ଲାଜ ସରମରେ ସଡ଼ିଯାଇ ସମସ୍ତଙ୍କଠାରୁ ଅଲଗା ରହି ତଳକୁ ମୁହଁ ମାଡ଼ି ବସିବା ପ୍ରଭୃତି କେଇଟି ବଦ୍‌ଗୁଣ ଦେଖି ସେମାନେ ସମସ୍ତ ଓଡ଼ିଆ ଜାତିକୁ ଘୃଣା କଲେ, ଥଟ୍ଟା କଲେ, ଅପମାନ ଦେଲେ । ତମକୁ ଦେଖି ସେମାନେ ଧାରଣା କଲେ ଯେ, ଓଡ଼ିଆ ଗୋଟିଏ ଏହିଭଳି କିମ୍ଭୂତକିମାକାର ଅସଭ୍ୟ ଅଶିକ୍ଷିତ ଜାତି । ସାରା ଓଡ଼ିଆ ଜାତି ପ୍ରତି ଏ ଯେ ନିନ୍ଦା, ଅପମାନ, ଏଥିପାଇଁ ଦାୟୀ କେବଳ ତୁମ୍ଭେମାନେ । ମୋ କଥା ଖଙ୍ଗ୍ସ ବୁଝି ନାହିଁ । କଥାଟା ନିହାତି ଅପ୍ରିୟ ହେଲେ ବି ନିରାଟ ସତ୍ୟ । ଗୋଟିଏ ବଡ଼ ଏମିତି କେତେ ଘଟଣା ନିତି ଆଖି ଆଗରେ ପଡ଼ୁଛି । ଏ ଅପମାନ କେବଳ ତମକୁ ନୁହେଁ —ଏ ନିନ୍ଦା କେବଳ ତମ ସ୍ୱାମୀ, ଶଶୁର, ବାପ, ଭାଇଙ୍କୁ ନୁହେଁ—ଏ ଅପମାନ ସମଗ୍ର ଓଡ଼ିଆ ଜାତିକୁ, ଏ କଳଙ୍କ ସାରା ଓଡ଼ିଶା ଦେଶକୁ । ଓଡ଼ିଆ ଝିଅଙ୍କର ଏଭଳି ବ୍ୟବହାରରେ ବାସ୍ତବିକ୍ ମୁଣ୍ଡ ଲଜ୍ଜାରେ ତଳକୁ ନଇଁ-ପଡ଼େ । ସେମାନେ କେବେ ଆଉ ଶିଖିବେ ? କେବେ ଆଉ ମଣିଷ ହେବେ ? ଏତେ ପାଠଶାଠ ପଢ଼ି ତମେ କ'ଣ ସେହିମାନଙ୍କ ଭଳି ହେବ ? ଦାଣ୍ଡକୁ ସୁନ୍ଦର ଦିଶିବା ଭଳି ଟିକିଏ ଲାଜ ସରମ ରଖି ମାନ ମହତ ଜଗି ତମେ କ'ଣ ଆଧୁନିକା ନାରୀଙ୍କ ଭଳି ସାହସୀ, କର୍ମତତ୍ପର ହୋଇ ପାରିବ ନାହିଁ ?

## ଘରକାମ

ହଁ, ଆଉ ଗୋଟିଏ କଥା ମନେ ରଖିବ । ଖାଲି ଉପରେ ଧୋବ ଫରଫର ଶାଢ଼ୀ, ବ୍ଲାଉଜ୍ ପିନ୍ଧି, ବାସନା ତେଲରେ ସାତଥର ମୁଣ୍ଡ କୁଣ୍ଡେଇଲେ ଆଧୁନିକା ହୋଇଯିବ ନାହିଁ । ସେଥିପାଇଁ ପେଟ ଭିତରେ ଗୁଣଥିବା ଦରକାର, ନଚେତ୍ ଚାଣକ୍ୟଙ୍କ ଭାଷାରେ "ଦୂରତଃ ଶୋଭତେ ମୂର୍ଖ,

ଯାବତ୍ କଣ୍ଟକମୟସଭାଷତେ" । ମହାକାଳ ଫଳଭଳି ଉପର ନାଲି ଟହଟହ—ଭିତର କିନ୍ତୁ କଳା କଟିକଟି ପୋଡ଼ା ଅଙ୍ଗାର । ଆଜିକାଲିକାର ନବ୍ୟ ଶିକ୍ଷିତା, ତଥାକଥିତ ଆଧୁନିକାଙ୍କର ଅବସ୍ଥା ଠିକ୍ ଏଇଆ । ଉପରେ ବେଶ୍ ଚକଚକିଆ ଦାମୀକା ଶାଢ଼ୀ, ପୁରା ହାତ ବ୍ଲାଉଜ୍‌ରେ ସୁନା କାଚ ଡାଙ୍କି ହୋଇ ପଡ଼ିଥିବ, ବାଁ ହାତରେ ରିଷ୍ଟୱାଚ, ଡାହାଣ ହାତରେ ଭ୍ୟାନିଟି ବ୍ୟାଗ୍ ସହ ରେଶମୀ ରୁମାଲ, ଆଖିରେ ସୁନାଫ୍ରେମର ଚଷମା—ଡିଲି ସ୍ଲିପର ଘୋଷାରି ଘୋଷାରି ସାଙ୍ଗ ସାଥୀମାନଙ୍କ ସହ ନଈକୂଳରେ ହାୱା ଖାଉଥିବେ । ଅଥଚ ଘରର ହାନି ଲାଭ, ଭଲ ମନ୍ଦ କିଛି ଜାଣନ୍ତି ନାହିଁ । ମା' ହାତରୁ ଛଡ଼େଇ ନେଇ ଘରର ପାଞ୍ଚ ପାଇଟି କରିବା କି ସ୍ୱାମୀ ଶାଶୁ ଭଉଣୀ, ଦିଅର, ନଣନ୍ଦଙ୍କ ଖାଇବା ପିଇବା ତତ୍ତ୍ୱ ବୁଝିବା କି ବଡ଼ସକାଳୁ ଉଠି ଦାଣ୍ଡ ଘାଟ ଓଳେଇ ଆଳେଇ ଝୋଟି ଦେଇ ସଫା ସୁତୁରା ରଖିବା, କୌଣସି କାମ ତାଙ୍କ ଦେଇ ହେବ ନାହିଁ । ସ୍ତ୍ରୀଲୋକମାନଙ୍କର ନିତିଦିନିଆ ଦେହଘଷିଆ କାମ ରୋଷେଇବାସ ହାଣ୍ଡି ବାସନ ମଜା ରୁଚି ରୁଚିରେ ତାଙ୍କ ହାତରେ ହୋଇ ପାରିବ ନାହିଁ ଆଜି ତରକାରି ଅଲଣା ତ କାଲି ଡାଲି ଅସିଝା, ପଅରଦିନ ଭାତ ପୋଡ଼ିଗଲାଣି ତ ତା' ତହିଁଆରଦିନ ମାଛ ଲଙ୍କା ଗରଗର । ଲୁଗାପଟାରେ କଳା ଲାଗିଯିବ ବୋଲି କେତେକ ରୋଷେଇ ଘରର ଏରୁଣ୍ଡି ବନ୍ଧ ବି ଡିଅନ୍ତି ନାହିଁ । ଚଉକି ଉପରେ ବସି ବସି ଚାକର, ଚାକରାଣୀଙ୍କ ଉପରେ ହାକିମି କରୁଥାନ୍ତି । ତାଙ୍କ ହାରମୋନିୟମ୍, ନଭେଲ୍ ବହି ଭଲ ତ ସିଏ ଭଲ । ଏଣେ ପଛକେ ଘର ଅଇର ଖପର ବଇରି ବାଆ ହୋଇଯାଉ କି ଗଦା ଗଦା ନଡ଼ା, ଧାନ ଗୋରୁ ଖାଇ ଉଜୁଡ଼ି ଯାଉ, କି ନଖାଇ ନପିଇ କୁଟୁମ୍ବ ଗଡ଼ ମରନ୍ତୁ, କୁଆଡ଼କୁ ତାଙ୍କର ନିଘା ନ ଥିବ । ଏଇଆକୁ କ'ଣ କହନ୍ତି ଆଧୁନିକା ? ନା, ଏମାନେ କାଚ-କଣ୍ଢେଇ ଭଳି ଉପରେ ଚକଣ ଚାକଣ, ଭିତରେ ଗୁଣହୀନ, ପ୍ରାଣହୀନ, ନୀରସ, ଶୁଷ୍କ, ଅପଦାର୍ଥ ? ମୁଁ କିନ୍ତୁ ତୁମକୁ ଗଢ଼ିବାକୁ ଚାହେଁ ସୁନ୍ଦର କରି, ସରସ କରି, ଜୀବନ୍ତ କରି । ତମ ଭିତରେ ଥିବ ପ୍ରାଣଭରା ଉତ୍ସାହ, ଅଦମ୍ୟ କର୍ମପ୍ରେରଣା, ଅଦ୍ଭୁତ ଶକ୍ତି । ଦୁନିଆର ଶତ ବାଧାବିଘ୍ନ ଏଡ଼ି, କର୍ମମୟ ଜୀବନର ସହସ୍ର କର୍ମ ଭିତରେ ସର୍ବଦା ନିଜକୁ ବୁଡ଼ାଇ ରଖି ତମେ ଆଗେଇ ଚାଲିଥିବ ସ୍ନେହ, ପ୍ରେମ, ସୁଖ, ଶାନ୍ତିର ନିର୍ମଳ କଳକଳ ଝରଣାଟି ଭଳି ।

ଓଡ଼ିଆ ଜାତିର ମଉଡ଼ମଣି ପଣ୍ଡିତ ଗୋପବନ୍ଧୁ ଲେଖିଛନ୍ତି—

ମାନବ ଜୀବନ ନୁହଁଇ କେବଳ
ବର୍ଷ ମାସ ଦିନ ଦଣ୍ଡ,
କର୍ମେ ଜୀଏଁ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ । (ଧର୍ମପଦ)

ମୁଁ ତ ପହିଲୁ କହୁଛି—ଖାଲି ଖାଇବା, ପିନ୍ଧିବା, ସୁଖ କରିବାରେ ମଣିଷ ଜୀବନର ସାର୍ଥକତା ନାହିଁ, ସେଥିପାଇଁ କାମ କରିବା ଦରକାର । ପୁଣି ନାଁ କରିବା ପାଇଁ ସେମିତିକା ଭଲ ଭଲ କାମ କରିବା ପୂର୍ବରୁ ଆଗ ନିତିଦିନିଆ ରୁଟିନିବନ୍ଧା, ସାନ ବଡ଼ ଘରକାମ ସବୁ ପର ଉପରେ ପକେଇ ନ ଦେଇ ନିଜେ କରିବା ଉଚିତ୍ । ଯିଏ ନିଜ କାମ କରିବାକୁ କୁଣ୍ଠାବୋଧ କରେ ବା ଅପମାନଜନକ ମନେ କରେ, ସିଏ ପରକାମ ବା ଲୋକସେବା କରିବ କିପରି ? ଆଗ ଘର କରଣା କାମସବୁ ହାସଲ କରି ନିଜ ଗୋଡ଼ରେ ନିଜେ ଠିଆ ହୁଅ, ତା'ପରେ ଦାଣ୍ଡକୁ ବାହାରିବ ଆଉ ଟିକିଏ ଉଚ୍ଚ, ଉଦାର ମହତ୍ କାମ କରିବାକୁ ।

ଆଗରୁ ମୁଁ ଦୁଇଟି ବଡ଼ ଦରକାରୀ କାମ କଥା କହିଛି, ଯଥା—ନିୟମିତ ଭାବେ ସୂତା କାଟିବା ଓ ଖବରକାଗଜ ଏବଂ ଅନ୍ୟାନ୍ୟ ବହି ପଢ଼ିବା । ଅବିକା ତା' ସାଙ୍ଗକୁ ଆଉ କେଇଟି ମିଶଉଛି । ଯେପରି ସିଲେଇ କରିବା, ଗୀତ ବୋଲିବା, ରୋଗୀ ସେବା କରିବା, ପିଲା ଛୁଆଙ୍କୁ ପାଠ ପଢ଼େଇବା, ଘର ଦୁଆର ପରିଷ୍କାର ପରିଚ୍ଛନ୍ନ ରଖିବା ଇତ୍ୟାଦି······

ଗୀତ ବୋଲିବା ବା ସିଲେଇ କରିବାକୁ ଯେପରି ଆମର ଆଜି କାଲିକାର କଲେଜ ପଢ଼ୁଆ ଝିଅମାନେ ଖାଲି ଫେସନ ଦୃଷ୍ଟିରୁ ଦେଖନ୍ତି ବା ଅନ୍ୟାନ୍ୟ ସବୁ କାମ ଧନ୍ଦା ପକାଇ ଦେଇ ଖାଲି ସଉକ କରିବା ପାଇଁ ସବୁବେଳେ ହାରମୋନିୟମ ଧରି ବସିଥାନ୍ତି, ସେପରି ନ କରି ଏହାକୁ ଶିକ୍ଷା ଦୃଷ୍ଟିରୁ ଦେଖିଲେ ପାରିବାରିକ ଜୀବନରେ ବାସ୍ତବିକ୍ ଏଗୁଡ଼ିକ ବଡ଼ ଦରକାରୀ । ଏହି ତେଲ ଲୁଣ ସଂସାରର ବିକଟ ବାସ୍ତବତା ବିରୁଦ୍ଧରେ ଲଢ଼ି ଲଢ଼ି ଯେତେବେଳେ ମଣିଷ ହାଲିଆ ହୋଇପଡ଼େ, ସେତେବେଳେ ମାନସୀର ଲଳିତ, ମଧୁର ସଙ୍ଗୀତର ମୃଦୁ ପରଶରେ ସେ ପାଏ ଟିକିଏ ଶାନ୍ତି, ଟିକିଏ

ଆଶ୍ୱାସନା । ଦୁଃଖ, ବିପଦରେ ଝିର୍ଙ୍ଗି ପଡ଼ି ଯେତେବେଳେ ସେ ବାଟବଣା ହୋଇ ଅନ୍ଧାରରେ ଅଣ୍ଡାଳି ହୁଏ, ସେତେବେଳେ ଏହି ସଙ୍ଗୀତର ଗୋଟିଏ କରୁଣ ମୂର୍ଚ୍ଛନାରେ ସେ ପାଏ କେତେ ସାନ୍ତ୍ୱନା, କେତେ ସମବେଦନା । ନୀରସ ଜୀବନ ହୋଇ ଉଠେ ସରସ, ହତାଶ ପ୍ରାଣରେ ଫେରି ଆସେ ଆଶା, ଆନନ୍ଦ, ନବବଳ ଆଉ ଶୁଷ୍କ ହୃଦୟରେ ବହିଯାଏ ପ୍ରେମର ଅସରନ୍ତି ଝରଣା । ମନରେ ଯେତେ ଦୁଃଖ ଥାଉ, ବିରହୀ ପ୍ରିୟାର ଏହି ଲଜ ସଙ୍କୋଚବୋଳା ଥରଥର କଣ୍ଠର କୋମଳ ରାଗିଣୀଟିଏ ଶୁଣିଲେ ଘଡ଼ିକ ପାଇଁ ମଣିଷ ସବୁ ଭୁଲିଯାଏ । ଜୀବନକୁ ସୁଖଶାନ୍ତିମୟ କରିବାକୁ ଏହା ବୋଧେ ଭଗବାନଙ୍କର ସର୍ବଶ୍ରେଷ୍ଠ ଦାନ ।

ଦୁନିଆରେ ଏଭଳି କୌଣସି ଲୋକ ନାହିଁ, ଯିଏ ଗୀତ ନ ବୋଲେ ବା ଗୀତ ଶୁଣିବାକୁ ଭଲ ନ ପାଏ । ତେବେ ସମସ୍ତେ ଯଦି ଗୀତ ବୋଲନ୍ତି ଆଉ ତମେ ବି ଯଦି ଏଠୁ ସେଠୁ ଶୁଣି ବେଳେ ବେଳେ ମନଖୁସିରେ ପଦେ ଅଧେ ଗୁଣୁଗୁଣୁ ହୁଅ, ତା' ହେଲେ ସେଇଆକୁ କାହିଁକି ଟିକିଏ ରାଗ ରାଗିଣୀ ଦେଇ, ତାଳ ରଖି ସୁନ୍ଦର କରି ନ ବୋଲିବ ? ସେଥିରେ ତମେ ବେଶୀ ପାଇବ ଆନନ୍ଦ, ବେଶୀ ପାଇବ ଶାନ୍ତି । ଆଉ ତମର ସେହି କୋମଳ କଣ୍ଠର କୋମଳ ଗୀତ ଶୁଣି ଆନନ୍ଦିତ ହେବେ କେତେ ସାହି ପଡ଼ିଶା, ଭାଇବନ୍ଧୁ ଓ ଗାଁର ଆଉ ଆଉ ପାଞ୍ଚଜଣ । କିନ୍ତୁ ଏଇଠି ଗୋଟିଏ ବଡ଼କଥା ବରାବର ମନେ ରଖିବ । ଗୀତ ବୋଲିବା ଭଲ, କିନ୍ତୁ ସବୁବେଳେ ନୁହେଁ କି କାମଧନ୍ଦା ମାରି କରି ନୁହେଁ, କେବଳ ଫୁରୁସତ ବେଳେ । ଆଉ ଶାଶୁ ଶଶୁର ବା ଅନ୍ୟାନ୍ୟ ଗୁରୁ ଗୁରୁଜନମାନଙ୍କୁ ମାନଥାନ କରି, ଦେଶକାଳ-ପାତ୍ରକୁ ଚାହିଁ, ଟିକିଏ ଲଜ ସଙ୍କୋଚ ରଖି ଗୀତ ବୋଲିବା ଉଚିତ । ତା' ନ ହେଲେ ଗାଁଗହଳର ପୁରୁଣାକାଳିଆ ଲୋକେ ହଠାତ୍ ବାରିଦେବେ ।

ସେହିଭଳି ସିଲେଇ—ବଡ଼ ଘରର ଝିଅ ବୋହୂମାନେ ଖାଲି ଅପୁସ୍ କରିବା ପାଇଁ ରୁମାଲରେ ନାଲି,ନେଳି ଫୁଲ ପକେଇ କି ରେଶମୀ ସୂତାରେ ସୁଏଟର, ମଫଲର ବୁଣି ଦିନ ରାତି ଚବିଶଘଣ୍ଟା ସେଇଥିରେ ଲାଗିଥାନ୍ତି । ଅବଶ୍ୟ ସୁଏଟର, ମଫଲର ତିଆରି କରିବା ଖରାପ ବୋଲି ମୁଁ କହୁ ନାହିଁ, କିନ୍ତୁ ସବୁ ଜିନଷର ଗୋଟାଏ ସୀମା ଅଛି । ଏଣେ ପୁଅ କାଦ ଧୂଳିରେ ଗଡ଼ୁଛି; ସ୍ୱାମୀ ଅଫିସ ଯିବ ବୋଲି ତରତର ହେଉଛି, ଗାଈ ପଶି

ବାଇର କୋଣିଲା, ନେଉଟିଆ କଆଖି ଚକଟି ଖିନ୍ ଖରାପ କରୁଛି, ଅଥଚ ତୁମେ କୁଆଡକୁ ନଘା ନ ଦେଇ ଖଟ ଉପରେ ବସି ଏକ ମନରେ ଗୋଟିଏ ଟେବୁଲ କ୍ଳଥ୍‌ରେ ଗୋଲପ ଫୁଲଟିଏ ତିଆରି କରୁଛ । କହିଲ, ଏଥିରେ ସ୍ୱାମୀ ନ ବଗିଡ଼ିବ କାହିଁକି ? ଗାଁ ଲୋକେ ଉପରମୁହାଁ ମନମୋଟି ବୋଲି ନ କହିବେ କାହିଁକି ? ସେସବୁ ତରି ଥୋଇବେଳେ ବା ସ୍ୱାମୀ, ଶ୍ୱଶୁର କାମକୁ ବାହାରି ଯିବା ପରେ ।

କିନ୍ତୁ ତମେ ଯଦି ଏହାକୁ ଗୋଟିଏ ବେଉସା ଦୃଷ୍ଟିରେ ଦେଖ ତେବେ ଅବଶ୍ୟ ସ୍ୱାମୀଙ୍କୁ କହି ବୋଲି ଶାଶୁ ନଣନ୍ଦଙ୍କୁ ବୁଝେଇ ସୁଝେଇ ଏଥିପାଇଁ ବେଶୀ ସମୟ ଦେଇପାର । ସୂଚୀକର୍ମ ଭଲ ସିଲେଇ କରିବା ନାରୀ ଜୀବନର ଗୋଟିଏ ଅତି ବଡ଼ ଜରୁରୀ ଓ ଦରକାରୀ କାମ । ସେତିକ ଗୁଣ ଥିଲେ ଘରର ଚିରାଫଟା ଶାଢ଼ୀ ଧୋତି ବା ସେମିଜ୍ ସାୟା ରଫୁ କରିବାଠାରୁ ନିଜ ପିଲାପିଲିଙ୍କର ପ୍ୟାଣ୍ଟ କୁରୁତା ବା ଗଞ୍ଜି ପ୍ରଭୃତି ତିଆରି କରିବା ପାଇଁ ପରଦୁଆରେ ଗୋଡ ଭାଙ୍ଗି ଠିଆ ହେବାକୁ ପଡ଼ିବ ନାହିଁ, ନିଜେ ସବୁ କରିପାରିବ । ଖାଲି ସେତିକି ନୁହେଁ, ଭଲ ସିଲେଇ ଜାଣିଥିଲେ ତମ ସ୍ୱାମୀଙ୍କ ଜରିଆରେ ବାହାର ଲୋକଙ୍କର ଜାମା, ପଞ୍ଜାବୀ, ଗଞ୍ଜି, ତକିଆଖୋଳ ପ୍ରଭୃତି ସିଲାଇ କରି ବେଶ୍ ଦି' ପଇସା କମେଇ ବି ପାରିବ ।

ମୋର ଜଣେ ବଙ୍ଗାଳୀ ବନ୍ଧୁଙ୍କ ସ୍ତ୍ରୀ ଘରେ ସବୁ କାମ ଧନ୍ଦା କରନ୍ତି, ପିଲାଛୁଆଙ୍କ ଖବର ବୁଝନ୍ତି, ଗଲା ଆଇଲା କୁଣିଆ ମଇତ୍ରଙ୍କର ଯଥାବିଧି ଚର୍ଚ୍ଚା କରନ୍ତି ଅଥଚ ଏ ସବୁ କାମ ସାରି ଫୁରୁସତ ବଖତରେ 'ସିଙ୍ଗର' ମେସିନଟିଏ ଧରି ସିଲେଇ କରି ବସନ୍ତି । ତାଙ୍କ ସ୍ୱାମୀ ଯେଉଁ ଅଫିସରେ କାମ କରନ୍ତି, ସେହି ଅଫିସରେ ତାଙ୍କର ସମସ୍ତ ସହକର୍ମୀ, ବନ୍ଧୁ ଓ ଅନ୍ୟାନ୍ୟ ବାହାରର ଜଣାଶୁଣା ଲୋକଙ୍କଠାରୁ ଜାମା, ଗଞ୍ଜି, ଅଣ୍ଡରୱ୍ୟାର, ତକିଆଖୋଳ ବା ସେମାନଙ୍କ ପିଲା ପାଇଁ ଛୋଟ ଛୋଟ ପ୍ୟାଣ୍ଟ, ଜାମା ପ୍ରଭୃତିର ବରାଦ ନେଇ ଆସନ୍ତି । ଝିଅଟିକୁ ଏ ଭଲ କାର୍ଯ୍ୟରେ ଉତ୍ସାହିତ କରିବା ପାଇଁ ଓ ବନ୍ଧୁଙ୍କୁ ସାହାଯ୍ୟ ସହାନୁଭୂତି ଦେଖାଇବା ପାଇଁ ସମସ୍ତେ ଅକୁଣ୍ଠିତ ଚିତ୍ତରେ ତାଙ୍କୁ ସବୁ କାମର ବରାଦ ଦିଅନ୍ତି । ସେମାନେ ବି ବଜାରର

ସାଧାରଣ ଦରଜୀଙ୍କଠାରୁ ଟିକିଏ କମ୍ ଦର ଦିଅନ୍ତି ଏବଂ ଖୁବ୍ ଶୀଘ୍ର ତିଆରି କରି କହିଥିବା ମୁତାବକ ନିର୍ଦ୍ଧାରିତ ଦିନରେ ଦିଅନ୍ତି । ପ୍ରଥମେ ପ୍ରଥମେ ତାଙ୍କ ସ୍ତ୍ରୀ ଟିକିଏ ଭଲ ଫେସନ୍‌ରେ ଜାମା, ପଞ୍ଜାବୀ କାଟି ପାରୁ ନ ଥିଲେ । କିନ୍ତୁ ଅନବରତ ଅଭ୍ୟାସ ଫଳରେ ଏବେ ସେ ବେଶ୍ ଆଧୁନିକ ଡ଼ିଜାଇନ୍‌ରେ କଣ୍ଟା କଟି କରୁଛନ୍ତି । ଏଣିକି ଡବଲ୍‌କଫ୍ ସାର୍ଟ ଠାରୁ ବଡ଼ ଫୁଲପ୍ୟାଣ୍ଟ, ହ୍ୟାପ ପ୍ୟାଣ୍ଟ, ସାୟା, ବ୍ଲାଉଜ୍ ପ୍ରଭୃତି ବେଶ୍ ସୁନ୍ଦର ଭାବରେ ତିଆରି କରି ପାରୁଛନ୍ତି । ଲୋକମାନେ ବି ହକ୍ ପଇସା ଦେଇ ବଜାରର ଦରଜୀଙ୍କ ପାଖକୁ ୧୦ ଥର ଦଉଡ଼ିବା ଅପେକ୍ଷା ଶୀଘ୍ର ପାଇବା ପାଇଁ ତାଙ୍କୁ ଦେବାକୁ ଶ୍ରେୟଃ ମଣୁଛନ୍ତି । ଏହିଭଳି ଭାବରେ ଘରେ ବସି ସେ ଆଖିଦୃଶିଆ ବେଶ୍ ଦି’ ପଇସା ରୋଜଗାର କରନ୍ତି ଏବଂ ଘରଖର୍ଚ୍ଚରେ ସ୍ୱାମୀଙ୍କୁ ସାହାଯ୍ୟ କରନ୍ତି ।

ଏଥିରେ ଲାଜ କରିବାର କିଛି ନାହିଁ । ବରଂ ନିଜେ ସ୍ୱାଧୀନ ଭାବରେ ପାଞ୍ଚ ପଇସା କମେଇ ପାରୁଛ ଦେଖିଲେ ମନରେ କେତେ ଶାନ୍ତି ଆସିବ, ସନ୍ତୋଷ ଆସିବ, ବଳ ଆସିବ । ଅବଶ୍ୟ ଭଗବାନ ନ କରନ୍ତୁ, କିନ୍ତୁ ଯଦି ତମ ସ୍ୱାମୀ କୌଣସି କଠିନ ରୋଗରେ ଆକ୍ରାନ୍ତ ହୋଇ ବହୁଦିନ ଧରି ଶଯ୍ୟାଶାୟୀ ହୁଅନ୍ତି ବା କୌଣସି ଦୈବୀ ଦୁର୍ଘଟଣାରେ ହାତ, ଗୋଡ଼ ବା ଆଖି ପ୍ରଭୃତି କୌଣସି ପ୍ରଧାନ ଅଙ୍ଗ ହରାଇ ଅକାମୀ ହୋଇ ଘରେ ବସନ୍ତି, ତେବେ ଏହିଭଳି କିଛି ରୋଜଗାରର ପନ୍ଥା ଜାଣିଥିଲେ ସ୍ୱାମୀର ସେହି ଦୁର୍ଦ୍ଦିନରେ ତମେ ପ୍ରକୃତ ସହଧର୍ମିଣୀ ରୂପେ ସାହା ହୋଇ ତାଙ୍କୁ ଆହା ବୋଲି ପଦେ କହି ପାରିବ । ତା’ ନ ହେଲେ ତାଙ୍କର ସାଙ୍ଗରେ ତମେ ଛୋଟ ଛୋଟ ପିଲା ଛୁଆଗୁଡ଼ିଙ୍କୁ ଧରି ପେଟ ବିକଳରେ ହା ହା କରି ଅପନ୍ତରାରେ ପଡ଼ି ମରିଯିବ । ପୁଣି ଏହି ଗୁଣଟି ଭଲ ଭାବରେ ହାସଲ କରିଥିଲେ ସ୍ୱାମୀଙ୍କ ଅନ୍ତେ ବି ତମେ ବେଶ୍ ପାଞ୍ଚ ପଇସା କମେଇ ନିଜ ଗୋଡ଼ରେ ନିଜେ ଠିଆ ହୋଇ ପାରିବ । ପିଲାଛୁଆଙ୍କୁ ମଣିଷ କରି ବେଶ୍ ସୁରୁଖୁରୁରେ ଘର ଚଳାଇ ପାରିବ । ସେଥିପାଇଁ ସାଧନା ଦରକାର, ଶକ୍ତି ଦରକାର, ଧୈର୍ଯ୍ୟ ଦରକାର ।

ଖାଲି ସୁଖ ଶରଧାରେ ଫୁଲ ପକେଇ ରୁମାଲ ବୁଣିବା ବଡ଼ଲୋକ ଘରକୁ ସାଜେ, ଆମକୁ ନୁହେଁ । ଆମ ଘରେ ଏଭଳି କରି ବସିଲେ ଲୋକ-

ହସା ହେବା ସିନା । ଆରାମ ଚେୟାରର କୋମଳ ଗଦି ଉପରେ ଶୋଇ ଶୋଇ ଲକ୍ଷପତିର ଲଳନା ତା' ମନଚୋରର, ଗୁପ୍ତ ପ୍ରେମିକକୁ ଉପହାର ଦେବାପାଇଁ ରେଶମୀ ତକିଆ ଖୋଳ ଉପରେ ସବୁଜ ରଙ୍ଗର "ଚୁମ୍ବନ" ଲେଖିବାକୁ ଯେତିକି ସମୟ ପାଏ, ତା'ର ଶତାଂଶରୁ ଏକାଂଶ ସମୟ ବି ଆମେ ପାଉନା ଆମ ସ୍ୱାମୀଙ୍କର ଚିରା ଦରବା ଉପରେ ତାଳି ପକେଇବାକୁ କି ସତର ଗଣ୍ଠି କୋଟ୍ଟା ଗାମୁଛାକୁ ଟିକିଏ ଛୁଞ୍ଚି, ସୂତାରେ ସିଲେଇ କରିବାକୁ । ଏଭଳି ଯୋଉଠି ଆକାଶ ପାତାଳ ତଫାତ୍, ସେଠି ତାଙ୍କ ସାଙ୍ଗରେ ଆମକୁ ତୁଳନା କଲେ ଚଳିବ ? ସିଲେଇ ଶିଖ, କିନ୍ତୁ ଏହିଭଳି ବେଡ୍‌ସିଟ୍, ତକିଆ ଖୋଳ ବା ଟେବଲ୍ କ୍ଲଥ, ରୁମାଲରେ ଫୁଲ ପକାଇ ଅପୈସ କରିବା ପାଇଁ ନୁହେଁ, ଦି'ଦଇସା କମେଇ ଆପଣାର ଗୁଜୁରାଣ ମେଣ୍ଟାଇବା ପାଇଁ କିମ୍ବା ଏତେ ବେଶୀ ନ କରି ପାରିଲେ ଖାଲି ଛୁଞ୍ଚି ସୂତା ଧରି ନିଜ ପିଲା ଛୁଆ, ଘେରସ୍ତଙ୍କର ଚିରାଫଟା ଲୁଗା, ଜାମା ରଫୁ କରିବା ପାଇଁ ବା ଛୁଆଙ୍କର ଛୋଟ ଛୋଟ ଗଞ୍ଜି, ଜାମା ତିଆରି କରିବା ପାଇଁ । ଏହାଦ୍ୱାରା ଖାଲି ଯେ ତମେ ତମ ନିଜର ଉପକାର କରିବ, ତା ନୁହେଁ— ସାହି, ପଡ଼ିଶା, ଗରିବଗୁରୁବା, ନିଆଶ୍ରୀ ଲୋକଙ୍କ ପିଲାମାନଙ୍କ ପାଇଁ ଜାଡ଼ ଦିନର ଜାମା ଖଣ୍ଡିଏ ଖଣ୍ଡିଏ କରିଦେଇ ସେମାନଙ୍କର ବି ଅଶେଷ ଉପକାର କରିପାରିବ । ସେମାନଙ୍କୁ ଏତିକି ସାହାଯ୍ୟ, ସହାନୁଭୂତି ଦେଇ ପାରିଲେ ସେମାନେ ତମକୁ କେଡ଼େ ଭଲ ପାଇବେ, ତମ ପିଲାମାନଙ୍କୁ କେତେ ଆଶୀର୍ବାଦ କରିବେ ।

କିନ୍ତୁ ଏହିଭଳି ଉପକାର ଅପେକ୍ଷା ତମେ ସେମାନଙ୍କର ଆହୁରି ଯଥେଷ୍ଟ ବେଶୀ ଉପକାର କରିପାରିବ, ଯଦି ତାଙ୍କ ପିଲା ଛୁଆଙ୍କୁ ଦି'ଅକ୍ଷର ପାଠ ପଢ଼େଇ ପାରି ବା କେହି ରୋଗ ବାଧିକାରେ ପଡ଼ି ଛଟପଟ ହେଉଥିଲା ବେଳେ ତାକୁ ପାନେ, ଦି'ପାନେ ଗୁଟିକା ଗୁଟିକ ଔଷଧ ଦେଇ ତା' ଦୁଃଖ, ଯନ୍ତ୍ରଣା ଟିକିଏ କମେଇ ପାରି ।······ମା' ପିଲାର ପ୍ରଥମ ଶିକ୍ଷକ । ତମ ଛୋଟ ପୁଅ ଝିଅଙ୍କୁ ବାହାର ଲୋକେ ହଜାର କଥା କହିଲେ ସିଏ ଯାହା ନ ଶିଖିବେ, ତା' ଠାରୁ ବେଶୀ ଶିଖିବେ ତମର ପଦିଏ କଥାରୁ । ମାଷ୍ଟର ପଢ଼େଇ ପଢ଼େଇ ଫାଟିଫୁଟି ଗଲେ ବି ଯୋଉକଥା ପିଲାଏ ଖାଲି ଏ କାନରେ ପୂରେଇ ସେ କାନରେ ବାହାର କରିଦେବେ, ତା'କୁ ମା' ଥରେ ବୁଝେଇ

ଦେଲେ ତାହା ବେତର ଗାରଭଳି ପିଲଙ୍କ ମନରେ ଚିରଦିନ ରହିଯିବ । ପିଲାମାନେ ସହଜେ ଖେଳପ୍ରିୟ ପୁଣି ଏତେ ଗୁଡ଼ାଏ ସମୟ ନିଜର ଅତିପ୍ରିୟ ବାପ ମା' ଓ ଖେଳସାଙ୍ଗମାନଙ୍କୁ ଛାଡ଼ି ଚାଟଶାଳୀରେ ଯମ ଭଳିଆ ଅବଧାନଙ୍କର ବେତ ଆଗରେ ବସି "ଅ", "ଆ", "କ", "ଖ" ପଢ଼େଇବାକୁ ସେମାନଙ୍କର ମୋଟେ ଧୈର୍ଯ୍ୟ ରହେ ନାହିଁ । ସେଥିରେ ପୁଣି ଟିକିଏ ଭୁଲଭାଲ୍ ହେଲେ ଗୋଟାଗୋଟା ବାଡ଼ିଆ ପାହାର । ଖାସ୍ ଅବଧାନଙ୍କର ସେହି ମାଡ଼ ଡରେ ଅଧେ ପିଲା "ମ" "ଯ" ଧାଡ଼ି ଶେଷ ନ ହେଉଣୁ ଚାଟଶାଳୀ ଛାଡ଼ନ୍ତି । ଧରି ବାନ୍ଧି ଜୋର ଜବରଦସ୍ତି କରି ସେତେବେଳେ ଯାହାଙ୍କୁ ଚାଟଶାଳୀରେ ବସାଯାଏ, ସେମାନଙ୍କ ମନରେ ସଦାବେଳେ ଡର ରହୁଥିବାରୁ ବଡ଼ ଦିନକୁ ସେମାନେ ବଡ଼ ଡରକୁଳା ହୋଇଯା'ନ୍ତି । ସେଇଥିପାଇଁ ଅନ୍ତତଃ ପିଲାର ହେତୁ ହେବା ପର୍ଯ୍ୟନ୍ତ ତାଙ୍କୁ ଚାଟଶାଳୀରେ ନ ବସାଇ ମା'ମାନେ ତାଙ୍କ ପଢ଼ାର ଭାର ନେବା ଉଚିତ ।

ଆଜି ନିଜ ପୁଅ ଝିଅଙ୍କୁ ପାଠ ପଢ଼େଇ ମଣିଷ କରିବା ଯେପରି ଆମର କର୍ତ୍ତବ୍ୟ, ଗାଁର ଗରିବଗୁରୁବା, ଦୁଃଖୀ, ନିଆଶ୍ରା ଲୋକଙ୍କ ପିଲାପିଲିଙ୍କୁ ଦି'ଧାଡ଼ି ଅକ୍ଷର ଶିଖେଇ ସେମାନଙ୍କର ଆଖି ଖୋଲି ଦେବା ସେହିଭଳି ଆମର ଗୋଟିଏ ବଡ଼ କାମ । ଅବଶ୍ୟ ଏଥିପାଇଁ କେବଳ ସ୍ତ୍ରୀକୁ ଉପଦେଶ ଦେଇ ସ୍ୱାମୀ ନୀରବ ରହିଗଲେ ଚଳିବ ନାହିଁ । ପୂର୍ଣ୍ଣ ପ୍ରାଣରେ ସ୍ୱାମୀ, ସ୍ତ୍ରୀ ଉଭୟ ଅଣ୍ଟା ଭିଡ଼ି ଏହି ଅନ୍ଧ, ଅଶିକ୍ଷିତ ପଲ୍ଲୀ ଗାଁରେ ଆଲୋକର ଦୀପ ଶିଖା ଜାଳିଦେବା ପାଇଁ ଗୁଣ୍ଡୁଚି ମୂଷା ଭଳି ଲାଗି ପଡ଼ିବା ଉଚିତ । ଯେଉଁମାନେ ନିହାତି ଗରିବ, ଯେଉଁମାନଙ୍କ ପକ୍ଷରେ ଅବଧାନଙ୍କୁ ପଇସାଗଣି ପିଲାଙ୍କୁ ଚାଟଶାଳୀରେ ବସାଇବା ନିହାତି ଅସମ୍ଭବ ଏବଂ ଯେଉଁମାନଙ୍କ କୋମଳମତି ପୁଅ ଝିଅମାନଙ୍କର ଲଙ୍ଗଳା ହୋଇ ଗାଁ ଦାଣ୍ଡରେ ଡିଆଁ ମାରିବା ଛଡ଼ା ଅନ୍ୟ ଗତି ନାହିଁ, କେବଳ ସେହିମାନଙ୍କୁ ଅନ୍ତତଃ ଅକ୍ଷର ଚିହ୍ନାଇବା ଭଳି ଦି'ଧାଡ଼ି ପଢ଼େଇବା ଗାଁର ପ୍ରତ୍ୟେକ ଶିକ୍ଷିତ ପୁରୁଷ ସ୍ତ୍ରୀଙ୍କର ଏକ ପ୍ରଧାନ କର୍ତ୍ତବ୍ୟ ।

ଆମ୍ଭେମାନେ ଯୋଉ ଗାଁ ଗହଳର ପାଣି, ପବନରେ ମଣିଷ ହେଉ, ଯୋଉ ଅସନା ପାଣି କାଦୁଅ ଗାଁର ମଶା ଡାଆଁସ ଭିତରେ ଆମର ବାପା, ଦାଦାମାନେ ହାଡ଼ଭଙ୍ଗା, ମାଟି ତାଡ଼ି, କେତେ ଦୁଃଖ କଷ୍ଟ ସହି ଆମକୁ

ଏଡ଼ୁଟିରୁ ଏଡ଼ୁଟିଏ କରନ୍ତି, ଆମେ ଟିକିଏ ବଡ଼ ହେଲେ, ଟିକିଏ ପାଠଶାଠ ପଢ଼ି ବାବୁ ହେଲେ ସେହି ଗାଁ କଥା ଏକାବେଳକେ ଭୁଲିଯାଉ । ଆମ ଆଖିରେ ସହରର ଚହଟ ଚକଣର ଭେଳିକି ଲାଗିଯାଏ । ଆମେ ଗାଉଁଲି, ମଫସଲି ଲୋକଙ୍କୁ ଘୃଣା କରୁ । ତମେ କହିବ, "ଆମ ବାପା, ଦାଦା ନିଜେ ପଇସା କମେଇ ଆମକୁ ପାଠ ପଢ଼େଇଲେ, ଗାଁ ଲୋକେ ତ କିଛି ଆମ ଘରେ ପାଞ୍ଚ, ଦଶ ଦେଇ ଯାଇ ନ ଥିଲେ, ଆମେ କାହିଁକି ସେମାନଙ୍କ ପିଲା ଛୁଆଙ୍କ କଥା ଭାବିବୁ ?"

ମୁଁ ମାନୁଛି, ତମ ବାପା ତମକୁ ମଣିଷ କରିବା ପାଇଁ ନିଜ ସିନ୍ଦୁକ ବାକ୍ସରୁ ମୁଠା ମୁଠା କାଞ୍ଚା ପଇସା ଗଣି ଦେଇଛନ୍ତି, କିନ୍ତୁ ଥରେ ଭାବ— ସେହି ପଇସା ପ୍ରଥମେ ଆସିଛି କେଉଁଠୁ ? ତମ ବାପା ହୁଏତ ନିଜର ବୁଦ୍ଧି ବିଦ୍ୟା ବଳରେ ନାନା ଜାଲ ଜୁଆଚ୍ଚୋରି, ଦଗାବାଜି କରି ସେହି ନିରୀହ, ସରଳ, ମଲିମୁଣ୍ଡିଆ ଗାଉଁଲିଲୋକଙ୍କ ତଣ୍ଟି ଚପି ତାଙ୍କ ଧନ, ଧାନ ଆଣି ଘର ଭରନ୍ତି କରିଥିବେ । ତା ନ ହେଲେ ଗାଁଟାଯାକ ସମସ୍ତେ ଗରିବ, ଆଉ ତମ ବାପା ଏକା ମହାଜନ ହେଲେ କିପରି ? କେତେ ଗରିବ ଗୁରୁବାଙ୍କ ୨ ଗୁଣ, ୩ ଗୁଣର ଚେନା ଚେନା ଟୋକରି ମିଶି ଆଜି ତମ ୭ ମାଣିଆ କିଆରି ହସୁଛି, କେତେ ରାଣ୍ଡି ଖଣ୍ଡିଙ୍କର ନଡ଼ା, ବାଚ୍ଛୁରି ଅଡ଼େଇ ଆଣି ଆଜି ତମ ଗୁହାଳ ପୂରିଛି; କେତେ ମଲିମୁଣ୍ଡିଆଙ୍କର ଝାଳବୁହା କମାଣିରେ ଆଜି ତମ ଲୁହା ସିନ୍ଦୁକ ଭରପୂର ହୋଇଛି । ଏକଥା ଭୁଲିଗଲେ ଚଳିବ ନାହିଁ । ବାପା ସିନା ଟଙ୍କା ଲୋଭରେ ସେତେବେଳେ ସେମାନଙ୍କ ଦୁଃଖ କଷ୍ଟ ଭାବିଲେ ନାହିଁ, ଆଜି କିନ୍ତୁ ତମକୁ ଭାବିବାକୁ ହେବ । ଆମେ ପିଲାଦିନୁ ଯେଉଁ ସୁବିଧା ସୁଯୋଗ ପାଇ ପାଠ ପଢ଼ି ଆଜି ମଣିଷ ହୋଇଛେ—କିଏ ଜାଣେ, ସେହିମାନଙ୍କ ପିଲାଏ ସେହିଭଳି ଟିକିଏ ସୁବିଧା ପାଇଥିଲେ ଆମ ଭଳି କାହିଁକି, ଆମଠାରୁ ଆହୁରି କେତେ ବଡ଼ ବି ହୋଇ ପାରିଥାନ୍ତେ । ସେମାନଙ୍କୁ ସେଥିରୁ ବଞ୍ଚିତ କରିଛୁ ଆମେ । ସେମାନଙ୍କୁ ଘୋଷି କରି ରଖିଛନ୍ତି ଆମରି ବଡ଼ଲୋକିଆ ବାପ, ଦାଦମାନେ । ସେମାନଙ୍କୁ ପଙ୍ଗୁ କରି ଦେଇଛି ଆମରି ଏହି ସ୍ୱାର୍ଥସେବୀ ସମାଜ ।"

ଯଦି ତମେ କହିବ ଯେ, "ମୋ ବାପା, ଭାଇମାନେ ତ ବଡ଼ଲୋକ ନୁହନ୍ତି କି ଏଭଳି ପର ତଣ୍ଟି ଚପି ପଇସା କମେଇ ମୋତେ ପାଠ ପଢ଼େଇ

ନାହାନ୍ତି—ହକ୍ ମୁଣ୍ଡ ଝାଳ ତୁଣ୍ଡରେ ମାରି ପର ଦୁଆରେ ମୂଲ ଲାଗି ପଇସା ଅଧଲାଏ ସଞ୍ଚି କେତେ କଷ୍ଟରେ ମୋତେ ମଣିଷ କରିଛନ୍ତି—ମୁଁ କାହିଁକି ପର ପାଇଁ ଭାବିବି ? ଯୋଉ ବଡ଼ଲୋକ ପିଲାହନେ ସେମାନଙ୍କ ଧନରେ ଆଜି ମଣିଷ, ସେହିମାନେ ତାଙ୍କ ପାଇଁ ଚିନ୍ତା କରନ୍ତୁ ।'' କିନ୍ତୁ ଏଇଠି ତମେ ଭୁଲ୍ କରୁଛ, ଗରିବଙ୍କ ପାଇଁ ଯଦି ଗରିବ ନ ଭାବିବ, ଆଉ କ'ଣ ଭାବିବେ ବଡ଼ଲୋକମାନେ ? ଝଡ଼ ବରଷାରେ ଘରେ ଭାତ ନ ଥିଲେ ଯୋର ପାଣିରୁ ହ'ଆଞ୍ଜୁଳି ମୁହଁରେ ଦେଇ ଖାଉନ୍ଦ ଉପରେ ମୂଲିଆ ଯେତେବେଳେ ପଖିଆ ଧରି ବିଲକୁ ଫେରିଯାଏ, ସେତେବେଳେ ତା' ପେଟର ଜ୍ୱାଳା କ'ଣ ତିନମହଲା କୋଠାରି ଫୂଲିଲା ପେଟ ମୁନିବ ବୁଝିପାରେ ? ବରଂ ବୁଝେ ତା' ସାଙ୍ଗ ମୂଲିଆଟି—ଯିଏ ତା' ସାଙ୍ଗରେ କଳା କଳା ଜନ୍ତୁ ଭଳି କାଦୁଅ ସନ୍ଧିରେ ଆଣ୍ଠେଇ ପଡ଼ି ବିଲ ବାଛୁଥାଏ, ଆଉ ଯିଏ ତା' ପାଇଁ ଠେକା ଭିତରେ ବାନ୍ଧି ଆଣିଥାଏ କୁଞ୍ଚାଏ ପୋଡ଼ା ମୁଢ଼ି । ତେଣୁ ଯେଉଁ ଆଜନ୍ମ ଦୁଃଖୀ, ଗରିବ ଭାଇଟି ତମରି ଆଜି ସୁଦ୍ଧା ଅନ୍ଧାର ଗହ୍ୱରରେ ପଡ଼ି ଛଟପଟ ହେଉଛି, ତାକୁ ହାତ ଧରି ଉପରକୁ ଉଠେଇବା ତମରି ପ୍ରଥମ ଦାୟିତ୍ୱ ଓ ପ୍ରଧାନ କର୍ତ୍ତବ୍ୟ ।

ଆଉ ଟିକିଏ ଆଗେଇ ଚାଲ । ସହରଠାରୁ ଶହ ଶହ ମାଇଲ ଦୂରରେ କେତେ ନଈ, ନାଳ, ଯୋର, ଘାଟ, ବଣଜଙ୍ଗଲ ପାରିହୋଇ ହଜାର ହଜାର ଗାଁ ଗଣ୍ଡା ଆଦି ମାନବର ବାସସ୍ଥଳୀ ରୂପେ ମୁଣ୍ଡ ଟେକି ଆଧୁନିକ ସଭ୍ୟତାକୁ ଉପହାସ କରୁଛି, ସେଥିରେ ନାଁ ଅଛି ଶିକ୍ଷାର ଶୁଭ ମନ୍ଦିର ନାଁ ଅଛି ଦୁଃଖୀ, ରୋଗୀ, ମୁମୂର୍ଷୁ ମାନବର ଚିକିତ୍ସା ପାଇଁ ପବିତ୍ର ଅନୁଷ୍ଠାନ । ଔଷଧ ଟିକିଏ ନ ପାଇ କେତେ ଅଧା ବଅସର ଗଜାଗଜା ଭେଣ୍ଡା ନିତି ନିତି ଏହି ପଲ୍ଲୀ କୋଳରେ ଢଳି ଶୁଅନ୍ତି, କେତେ ଯୁବତୀ ନାରୀ ଜୀବନର ପ୍ରଥମ ସୋପାନରେ ପ୍ରଥମ ପିଲାଟି ପ୍ରସବ କରି ନ ପାରି ଅକାଳରେ ଆଖି ବୁଜନ୍ତି ଆଉ କେତେ କଞ୍ଚା ବଅସର ପୁଅଝିଅ ପ୍ରତିବର୍ଷ ମ୍ୟାଲେରିଆ, ମହାମାରୀ, ବସନ୍ତରେ ଶେଷ ନିଶ୍ୱାସ ପକାଇ କୋଳାହଳମୟ ଗାଁକୁ ଶୂନ୍‌ଶାନ କରି ଚାଲି ଯାଆନ୍ତି, ତା'ର ହିସାବ ରଖେ କିଏ ? ସେଇଥିପାଇଁ ଏହି ଅନ୍ଧ, ଅଶିକ୍ଷିତ, ନିଆଶ୍ରୀ ଲୋକଗୁଡ଼ାକୁ ଖାଲି ହ'ଧାଡ଼ି ଅକ୍ଷର ଚିହ୍ନେଇ ଦେଲେ ଆମରି କର୍ତ୍ତବ୍ୟ ଶେଷ ହୋଇଗଲା ନାହିଁ ।

ସେମାନଙ୍କ ଜରବାଧିକାରେ ବିପଦ ଆପଦରେ ଟିକିଏ ସାହାଯ୍ୟ କରିବାକୁ ହେବ । କାହାର ଦ'ଦିନ ହେଲା ଅଧାକପାଳ ବନ୍ଧୁଛି, କିଏ ବାତଜରରେ ଠାଇଠାଇ କମ୍ପୁଛି, କା' ଚଗଲା ପୁଅ ସାହାଡ଼ା ଗଛରେ ଚଢ଼ି ଦାନ୍ତକାଠି ଭାଙ୍ଗୁ ଭାଙ୍ଗୁ ତଳେ ଖସି ପଡ଼ି ହାତ ଗୋଡ଼ ଖଣ୍ଡିଆ ଖାବରା କରିଛି ବା କିଏ ବତା ଚିରି ବଜାକାଠି ଓଲଟ ଓଲଟ ହାତ କାଟି ପକେଇଛି, ସେତେବେଳେ ଯଦି ତମେ ତାଙ୍କୁ ଟିକିଏ ଟୁଣୁକା ଟୁଣିକି ଔଷଧ ବତେଇ ଦେଇ ହଠାତ୍ ତାଙ୍କ ଯନ୍ତ୍ରଣା ଲଘୁକରି ନ ପାର, ତା' ହେଲେ ତମେ ଆଉ ତାଙ୍କର କ'ଣ ଉପକାର କଲ ? ଖାଲି ଦାଣ୍ଡ ଲୋକଙ୍କର ନୁହେଁ, ତମ ନିଜ ଘରେ ବି ଆଜି ରୋଗ ବାଧିକା ଅଛି, ଭଲମନ୍ଦ ଅଛି, ସେଥିପାଇଁ ଆଗରୁ ସାବଧାନ ହେବା ଉଚିତ । ବଙ୍ଗଳା ଦେଶରେ ସାନବଡ଼ ସମସ୍ତଙ୍କ ଘରେ ସ୍ତ୍ରୀ ମାନେ ଅଳପେ ବହୁତେ ହୋମିଓପ୍ୟାଥି ଚିକିତ୍ସା ଜାଣନ୍ତି । ମୁଁ ବଡ଼ ବଡ଼ ଯକ୍ଷ୍ମା, କୋଷ୍ଠରୋଗ, ଟାଇଫଏଡ଼ ବା ଅପରେସନ୍ କେଶ୍ କଥା କହୁନାହିଁ । କିନ୍ତୁ ସାମାନ୍ୟ କାହାକୁ ଟିକିଏ ଜର କି ସର୍ଦ୍ଦି କି ଝାଡ଼ା, ହେଉଛି ତାକୁ ଟିକିଏ ହୋମିଓପ୍ୟାଥି ଔଷଧ ଦେଇ ବା ଭୁଟୁକା ଭୁଟୁକି ଦେଶୀ ଔଷଧରେ ସହଜରେ ଭଲ କରିହେବ । ନିଜ ପିଲାଛୁଆଙ୍କ ଦେହ ଖଣିକିନା ହେଲେ ଆଉ ଡାକ୍ତର ବଇଦଙ୍କ ପାଖକୁ ଦଉଡ଼ିବାକୁ ହେବ ନାହିଁ । ତେଣୁ ପ୍ରତ୍ୟେକ ଓଡ଼ିଆ ଝିଅ ବୋହୂ ହୋମିଓପ୍ୟାଥି ଚିକିତ୍ସା ଆଉ ତା' ସାଙ୍ଗେ ସାଙ୍ଗେ ଭୁଟୁକି ଭୁଟୁକି ଚେରମୂଳିକାର ବ୍ୟବହାର ଅଳପ ବହୁତେ ଜାଣିବା ଉଚିତ୍ । ବେଶୀ ନ ହେଲେ ବି ସାଧାରଣ ଦରକାରୀ କେଇଟି ଔଷଧର ବ୍ୟବହାର ଜାଣିବା ଏକାନ୍ତ ଆବଶ୍ୟକ । ତା' ହେଲେ ନିଜ ପିଲାଛୁଆଙ୍କ ଦେହପା'ର ତ୍ୱପାଳିତ ନେବା ସଙ୍ଗେ ସଙ୍ଗେ ପଡ଼ୋଶୀ ଲୋକଙ୍କୁ ଟିକିଏ ସାହାଯ୍ୟ କରି ପାରିବ—ଉଣା ଅଧିକେ ରୋଗୀ ସେବା କରି ସମାଜର ଟିକିଏ ମଙ୍ଗଳ କରିପାରିବ ।

ଇଏ ତ ଗଲା ବାହାରର କଥା, ଟିକିଏ ଘର ଭିତରକୁ ଆସ । ଓ, ତମର ମାଟିଘର ବୋଲି ମନକଷ୍ଟ କରୁଛ ? ହୁଣ୍ଡୀଟା, ପଚରକୁଡ଼ିଆ କାହାକୁ ମିଳୁନାହିଁ, କିଏ ମେଲା ଗଛତଳେ ଠେକିରା ବସେଇ ଝଡ଼ ବର୍ଷା-ଦିନରେ ସାଲୁବାଲୁ ଚେଲୁଣୀ ପୋକ, ଝିଙ୍କଆପୋକ ଆଡ଼େଇଦେଇ ସେଇ ଦରଫୁଟିଲା ଭାତ ଖାଇଯାଉଛି; ଆଉ କିଏ କୋଲମରି ଜାଡ଼ରେ ଛିଣ୍ଡାକନ୍ଥା

ଗୁଡ଼େଇ ହୋଇ ବସ୍ତାକଡ଼ରେ ମୁହଁ ମାଡ଼ି ରାତିସାରା କଟେଇ ଦଉଛୁ, ଆଉ ତମର ତ ହେଲେ ଭଙ୍ଗା ଭୁଟା କାଦୁଅ ମାଟିରେ ଘରଖଣ୍ଡେ ଅଛି—ସେଥି-ପାଇଁ ଦୁଃଖ କାହିଁକି ? ସେହି ଘରକୁ ଟିକିଏ ଓଳେଇ ଆଳେଇ ସଫା ସୁତୁରା ରଖ । ଦେଖିବ ସେଇଥିରେ ଲକ୍ଷ୍ମୀ ବିରାଜିବେ । ଇଚ୍ଛାପୁରର ମୂର୍ତ୍ତି ବାବୁଙ୍କ ସ୍ତ୍ରୀ ଚନ୍ଦ୍ରପ୍ରଭାକୁ ତ ତମେ ଚହ୍ନିଛ । ଦେଖିଛ, ସେ କିଭଳି ଆଠକାଳ ବାରମାସି ବଡ଼ ଝିଟିଝିଟିଆରୁ ଉଠି କାଉ କା' ନ କରୁଣୁ ଘରର ସବୁ ବାସି କାମ ସାରି ଘର ଦୁଆର ଓଳେଇ ଆଳେଇ ପରିଷ୍କାର କରେ । ପୁଣି ମା' କୋଳରୁ ସୂର୍ଯ୍ୟ ଦେବତା କଅଁଳା ବାଛୁରି ଭଳି ନାଲି ଆକାଶକୁ ଡେଇଁ ପଡ଼ିବା ଆଗରୁ ଗାଧୋଇ ପାଧୋଇ ଦାଣ୍ଡ ଅଗଣା ଗୋବରରେ ଲିପି ପୋଛି ମୁରୁଜ କାଟିଦିଏ ? ଇଏତ ଦିନେ ଅଧେ ନୁହେଁ କି ବର୍ଷେ ଛ' ମାସ ନୁହେଁ ସବୁ ତେଲଗୁ ଝିଅବୋହୂଙ୍କର ତ ଏ ଗୋଟିଏ ନିତିଦିନିଆ ରୁଟିନ୍‌ବନ୍ଧା କାମ । ପୁଣି ଖାଲି ଗରିବ ବା ମଧ୍ୟବିତ୍ତ ଶ୍ରେଣୀ ଲୋକଙ୍କ ଘରେ ଯେ କେବଳ ଏହା ଚଳନ, ତା' ତ ନୁହେଁ, ବଡ଼େ ବଡ଼େ ଜମିଦାର, ମହାଜନ, ଜଜ୍ କଲଟରଙ୍କ ଝିଅ, ବୋହୂମାନେ ବି ଏହା ଧର୍ମର ଗୋଟିଏ ଅଙ୍ଗ ବୋଲି ଅକ୍ଷରେ ଅକ୍ଷରେ ପାଳନ୍ତି । ତେବେ ଆମର ଓଡ଼ିଆ ଝିଅ, ବୋହୂ କାହିଁକି ଦିନ ଓଳକଯାକେ ବାସୀ ବିଛଣାରେ ଶୋଇ ଅଧିଷା ପାଟିରେ ବାସୀ ପାନ ଗୋଟେଇ ପାଟି ନାଲି କରୁଥିବେ ? ପ୍ରକୃତରେ ଏଭଳି ଘରୁ ଲକ୍ଷ୍ମୀ ଛାଡ଼ି ଯାଆନ୍ତି । ଇଂରେଜୀରେ ଗୋଟିଏ କଥା ଅଛି—Early to bed & Early to rise-Is the way to be healthy, wealthy and wise' ଅର୍ଥାତ୍ ଯିଏ ରାତିରେ ସହଳ ଶୁଏ ଓ ସକାଳେ ଶୀଘ୍ର ଉଠେ—ସେ ଧନୀ ଜ୍ଞାନୀ, ଓ ସ୍ୱାସ୍ଥ୍ୟବାନ୍ ହୁଏ । ତମେ କ'ଣ ଏଇ ଟିକିକ ଅଭ୍ୟାସ କରି ପାରିବ ନାହିଁ ? ଖରା ପଡ଼ିବା ଆଗରୁ ବାସୀ କାମ ସାରି ଗାଧୋଇ ପାଧୋଇ ପଡ଼ିଲେ ଦେହଟା ଖୁବ ଫୁର୍ତ୍ତି ଲାଗେ । ତେଣିକି ଦିନ ସାରା କାମ କରିବାକୁ ମନରେ ଖୁବ ଉତ୍ସାହ ଓ ଆନନ୍ଦ ଆସେ ।

ଘରକରଣାରେ ଆମର ଆଉ ଗୋଟିଏ ବଡ଼ ଦୋଷ ଯେ ଆମେ ଜିନିଷପତ୍ର ସଜେଇ ରଖୁନା, କି ଘର ଭିତର ଭଲରୂପେ ପରିଷ୍କାର କରୁନା । ଏଣେ ଖଟତଳେ ମୂଷା ଗାଳ ଜମା କଲାଣି ତ ତେଣେ ଓଳଆ ସନ୍ଧିରେ ବାହାରର ବେଙ୍ଗ ଯାଇଁ ବସା ବାନ୍ଧି ରହିଲାଣି । ଏଣେ ବୁଢ଼ିଆଣୀ ବସାରେ

ଡିବି ଧୂଆଁ ଲାଗି ଲାଗି ଅଳନ୍ଧୁ ହୋଇ ଘରଯାକ ଲେଟିଗଲାଣି ତ ତେଣେ ହାଣ୍ଡିଆଦି ପିଣ୍ଡାରେ ହୁଙ୍କା ଉଠିଲାଣି । କୁଆଡ଼କୁ ଘରଣୀଙ୍କର ନଜର ନାହିଁ । ଆଉ ବେଳେ ବେଳେ ନଜର ପଡ଼ିଲେ ବି କରିବେ କରିବେ ବୋଲି ହେଳାରେ ପିଠେଇ ଦେଉଛନ୍ତି । ପୁଣି ଜନିଷପତ୍ର ତ ଏଠି ସେଠି ଖତଗଦା ଭଳି ଜମା ହୋଇଛି । ଅଲୁଗୁଣିରେ ଘୂଅକନା ଭଳି ବୋଝେ ମଇଳା, କୋତରା ଲୁଗା ଜାମା ଖେଳେଇ ହୋଇ ପଡ଼ିଛି ତ, ଘରଯାକ ବାସନକୁସନ, ଠେକି କାଞ୍ଜୁଲି ପେଡ଼ି ପେଟେରା ବିଛେଇ ହୋଇ ପଡ଼ିଛି । ଘରେ ଗୋଡ଼ ବୁଲେଇ-ବାକୁ ବା' ନାହିଁ । ତେହିଁକି ପୁଣି ଏତେ ଅସାବଧାନ ! ପରଠଉଁ ବହି ଖଣ୍ଡିଏ ମାଗିଆଣି ପଢ଼ିବାକୁ ଦେଇଥିବ, ତାକୁ ତ ମନ ଦେଇ ଶେଷଯାଏ ପଢ଼ିବେ ନାହିଁ, ଓଲଟି ଅଧା କରି କୋଉଠି ପକେଇ ଦେବେ ଯେ ସେଥିରେ ଉଇ ଚରି ଅଧେ ଶେଷ କରିଦେବେଣି—କୁଆଡ଼କୁ ନିଘା ନାହିଁ କି କୌଣସି କଥାରେ ଖାତିର ନାହିଁ । ଏପରି ହେଲେ ଆଉ ଘର କରିବ କଣ ?

ତମେ କୁହ, ମୁଁ କ'ଣ କିଛି ଅତିରଞ୍ଜିତ କରି କହୁଛି ? ଏ ତ ଓଡ଼ିଆ ଘରେ ନିତିଦିନିଆ ଆଖିଦେଖା ଘଟଣା । ଖାଲି ସେହି ମୂଷାମାଟି ଭଣଭଣ, ଅସରପା ନଣ୍ଡି ସଣ ସଣ ଅନ୍ଧାର ଘର ଭିତରେ ଗୁରୁବାର ଖଟୁଲିଟିଏ ଥାପନା କରି ଦେଇ ଦିଟା ଗେଣ୍ଡୁଫୁଲ ପକେଇ ନାଗି ବାଡ଼ିଦେଲେ କ'ଣ ଲକ୍ଷ୍ମୀ ସାଆନ୍ତାଣୀ ସରଗରୁ ଓହ୍ଲେଇ ଅସିବେ ? ଲକ୍ଷ୍ମୀପୁରାଣ ତ ତମେ ପଢ଼ିଛ । ଦେଖିଛ କେତେ ପରିଷ୍କାର ପରିଚ୍ଛନ୍ନ ହୋଇ ମାଟି ଗୋବରରେ ଘରକୁ ୩ ପରସ୍ତ ଚିକଣଚୁକଣ କରି ଲିପି, ଝୋଟି ଦେଇ କିପରି ମା' ଲକ୍ଷ୍ମୀଙ୍କର ଆରାଧନା କରିବା ବିଧି ସେଥିରେ ଲେଖାଅଛି । ତାହା କେବଳ ସେହି ମର୍ଗୁଶିର ମାସ ୪ ପାଳି ଗୁରୁବାର ଦିନ ନୁହେଁ, ଆଠକାଳ ବାରମାସି ସବୁଦିନେ । ତା' ନ କଲେ ତମର ଅଧିକରୁ ଅଧିକ ହେବା ଦୂରେ ଥାଉ, କାନ୍ଥରୁ ଲୁଣା ଲାଗି ମାଟି ଝଡ଼େ, ଖୁଣ୍ଟରୁ ଘୁଣ ଖାଇ ରୁଅ, ବତା ଖସେ—ଆଉ ଲକ୍ଷ୍ମୀଛଡ଼ା ଘରର ଦିନକୁ ଦିନ ଶିରୀ ତୁଟି ଶେଷରେ ମଥାନ ଆସି ମାଟିରେ ମିଶେ ।

ହଁ, ଏବେ କଥାଟି ଗଲା—ତମେ କିଛି ଭଲ ରନ୍ଧାବଢ଼ା କରି ଦିନେ ମୋ ଅଜାଙ୍କୁ ପରଷିଲ ନାହିଁ ତ ? ଭଲ ପରଟା, ମାଂସ ତରକାରି

ବା ଅନ୍ୟାନ୍ୟ ପିଠାପଣା ବା ଶାଗଭଜା କି ପାଣିକଖାରୁ ଆମ୍ବିଲ ସାଙ୍ଗକୁ "ବରୂପା" ମାଛ ଝୋଲ କରି ଦିନେ ମୋ ବୁଢ଼ା ଅଜାଙ୍କୁ ଖାଇବାକୁ ଡାକି ଭଲି ? ଓ, ସିଏ ଜଣେ ବଡ଼ ମଣିଷ ବୋଲି ଡରୁଛ କି ! ନା ସେଭଳି ଭୟ କରିବାର କିଛି କାରଣ ନାହିଁ । ଭଲ ହେଉ, ମନ୍ଦ ହେଉ, ଲୁଚି, ରାଜଭୋଗ ହେଉ ବା ବଗଡ଼ା ଭାତ ମୁଗଡାଲି ହେଉ, ତାଙ୍କୁ ସ୍ନେହ ଆଦରରେ ଡାକିଦେଲେ ସେ ହାଡ଼ି ପାଣ, ବ୍ରାହ୍ମଣ, ଶୂଦ୍ର କି ମୁସଲମାନ, ଖିରସ୍ତାନ ସିଏ ହେଉ ପଛକେ ତା' ଘରକୁ ହସି ହସି ଚାଲିଯିବେ । ତମେ ତାଙ୍କୁ ଥରେ ନିମନ୍ତ୍ରଣ କର । ଆଚ୍ଛା, ତମକୁ ଭିନ୍ନ ଭିନ୍ନ ରୁଚିକର ଖାଦ୍ୟ ସବୁ ତିଆରି କରି ଆସେ ନା ? ନା ଆଧୁନିକା କଲେଜପଢ଼ୁଆ ଝିଅଙ୍କ ଭଳି ଲୁଗାରେ କଳା ଲାଗିଯିବ ବୋଲି ତମେ ବାପଘରେ ହାଣ୍ଡିଶାଳେ ପଶି ମା'ଙ୍କଠାରୁ ଏସବୁ ଶିଖିନା ! ସୁରନ୍ଧନ ନାରୀ ଜୀବନର ଗୋଟିଏ ମସ୍ତବଡ଼ ଗୁଣ । ଖାଲି ସବୁବେଳେ ନଅାଁ ପାଣିକୁ ଦୋଷ ଦେଇ ବସିଲେ ଚଳିବ ନାହିଁ । କୋଉ ତରକାରିରେ କେତେ ପାଣି, କେତେ ମସଲା ବା କି କି ପରିବା ପଡ଼ିଲେ ଭଲ ହୁଏ, ତା' ଝିଅମାନଙ୍କର ନଖ-ଦର୍ପଣରେ ରହିବା ଉଚିତ । ପୁଣି କି ଭାଗ ମାପରେ ରାନ୍ଧିଲେ ମାଂସ ଝୋଲ ଭଲ ହୁଏ ବା କି କି ପରିବା ମିଶ୍ରଣରେ ତରକାରି ସୁସ୍ୱାଦୁ ଓ ରୁଚିକର ହୁଏ—ଏସବୁ ତ ସ୍ତ୍ରୀଲୋକମାନଙ୍କର ଦେହଘଷିଆ କଥା । ବଙ୍ଗାଳି ଝିଅମାନେ ଗୋଟିଏ ଗୋଟିଏ ଜିନିଷରେ କେତେ କେତେ ପ୍ରକାରର ଖାଦ୍ୟ ଦ୍ରବ୍ୟ ତିଆରି କରି ପାରନ୍ତି । ଯୋଉ ମାଛକୁ ତମେ ବାଗେଇ କରି ଗୋଟିଏ ପ୍ରକାରରେ ରାନ୍ଧି ଜାଣିବ ନାହିଁ, ସେଇଥିରେ ସେମାନେ ଭିନ୍ନ ଭିନ୍ନ କିସମର ୫ ପ୍ରକାର ତରକାରି ରାନ୍ଧି ଘଡ଼କ ଭିତରେ ଥୋଇଦେବେ । ନାନାଦି ଜଳଖିଆ, ପିଠା ପଣା ସବୁଥିରେ ସେମାନେ ବଡ଼ ଧୁରନ୍ଧର । ରନ୍ଧନ ପ୍ରଣାଳୀ ବିଷୟରେ ତ କେତେ ବହି ଅଛି । ତମେ ଯଦି ଆଗରୁ ବାବୁଗିରି କରି ଏସବୁ ନ ଶିଖିଛ, ତେବେ ବର୍ତ୍ତମାନ ଶାଶୁ, ନଣନ୍ଦଙ୍କଠୁ ଦେଖି, ସେ ବହି ପଢ଼ି ସେସବୁ ଶିଖ । ଅମୃତହସ୍ତା ନାରୀ ଅର୍ଥାତ୍ ସୁରନ୍ଧନ ଜାଣିଥିବା ସ୍ତ୍ରୀଲୋକ ସାକ୍ଷାତ ଅନ୍ନପୂର୍ଣ୍ଣା ଲକ୍ଷ୍ମୀଙ୍କ ଭଳି । ଆଗରୁ ଜାଣି ନ ଥିଲେ ଅବିକା ଶିଖିଲେ କିଛି ଲାଜ ମାଡ଼ିବ ନାହିଁ । ବୁଦ୍ଧିଆ ଲୋକେ ଅତୀତରୁ ଶିଖି, ବର୍ତ୍ତମାନରେ ପରଖି, ଭବିଷ୍ୟତକୁ ସଳଖି ଚାଲନ୍ତି । ତମେ ଅତୀତରେ ଶିଖିନାହଁ, ହେଳା କରିଛ—ଅବିକା ଶିଖ, ଭବିଷ୍ୟତ ଉଜ୍ଜ୍ୱଳ ହେବ ।

## ବଗିଚାକାମ

ଆଚ୍ଛା, ବାନ୍ଧବ ଯେ, ସେଥିପାଇଁ ଘରେ ପରିବାପରି ଅଛି ତ ? ଆମର ତ ଆଉ ସହର ବଜାର ଜାଗା ନୁହେଁ ଯେ ରାତି ଦିନ ପାହାରେ ପଇସା ପକେଇ ଦେଲେ ଦୋକାନରୁ ଶାଗଠୁ ମୁଗ ଯାଏ ସବୁ କିଣି ଆଣିବ । ନିଜେ କରିବା, ଖାଇବା । ଯିଏ ଗଛ ଚଢ଼ି ନ ଜାଣେ, ସିଏ ସିନା କାଉ ଅଇଁଠା ଖାଏ । ସହରର ବାବୁଭୟା ଲୋକେ ସିନା ବାବୁଗିରିରେ ଆଞ୍ଚ ଆସିବ ବୋଲି ବାଡରେ ଧୂଳିମାଟିରେ ଘାଣ୍ଟି ହୋଇ ଫସଲ କରନ୍ତି ନାହିଁ ଆଉ ତା' ପରିବର୍ତ୍ତେ ବଜାରର ୭ଦିନର ବାସୀ ପନିପରିବା, ପଚାସଢ଼ା ମାଛ ଓ ଶୁଖିଲା ଶାକଶବଜୀ ଖାଇ ଉପରେ ଢ଼ଅପ ଚକ୍‌କଣ ଛଇ ଦେଖେଇ ଭିତରେ ଭିତରେ ନାନା ରୋଗ ବରଣ କରନ୍ତି । ଆମେ କାହିଁକି ସେଭଳି କରିବା ? ଆମେ ପରା ମାଟିର ମଣିଷ । ମାଟି ହାଣିବା ଆମ ବେଉସା । ଏ ଧୂଳି, ମାଟି, ପାଣି, କାଦୁଅକୁ ଡରି ଆପଣା ବାଡ଼ି ପଡ଼ିଆ ପକେଇ ପର ହାତକୁ ଅନେଇ ରହିଲେ ଆମ କରମ ଚଳିବ ? ସହଜେ ତ ହାଟ ଆମ ଗାଁ ପାଖରୁ ଅନେକ ଦୂର । ସେଥିରେ ପୁଣି ରୋଜ ରୋଜ କଞ୍ଚା ପଇସା ଗଣି ଏ ମହରଗ ଯୁଗରେ କେତେ ପରିବା କିଣିବା ? ଏ ଯେଉଁ ମୁଣ୍ଡିବୋହିଆ ଜଣେ ଅଧେ ସାରୁ ବୋଝେ କି ନକମାରିତ ଟୋକେଇଏ କି ମାଛ, ଶୁଖୁଆ ୨,୪ ଖଣ୍ଡା ଧରି ବେଳେବେଳେ ସଡ଼କ ଉପରୁ ଗଡ଼ପଡ଼ ଗାଁ-ମଝିରେ ଡାକ ଗୁଡ଼ୁଛନ୍ତି, ତାଙ୍କ ପାଖରେ ଭାଉ ଅମୂଲ ମୂଲ—ହାଟ ପାଳିକି ଦୋପଟ କି ତିନିପଟ ଦର । ତାଙ୍କ ପାଖରୁ ସଉଦା କିଣିଲେ ପେଟ ପୂରିବ ନାହିଁ କି ପାଟି ଜାଣିବ ନାହିଁ, ଖାଲି ତାଙ୍କ କୁଟୁମ୍ବ ପୋଷିବା ସାର ହେବ । ସେ ଆଶା ଗୁଡ଼ ।

ମୋ ହାତକୁ କୋଡ଼ିଟା ବଢ଼ାଇ ଦିଅ । ତମେ ନିଜେ କସ୍ତା-କାନିଟା ଅଣ୍ଟାରେ ଗୁଡ଼ାଇ ଦେଇ ଟୋକେଇଟା ଧରି ମୋ ପଛେ ପଛେ ଆସ । ହାତ ପାଆନ୍ତିଆ କେତେବଡ଼ ତଳ ବାଡ଼ିଟା ଆମର ଅକାମି ହୋଇ ପଡ଼ିଆ ପଡ଼ିଛି । ଅନାବନା ଘାସଗୁଡ଼ାଏ ଖୁଖଣ୍ଡେ ବହଳରେ ବଢ଼ିଛି ଯେ ଗାଁ । ଗୋଠିଆ ଗାଈ ଆସି ବାଡ଼ ଭାଙ୍ଗି ପଲ ପଲ ହୋଇ ପଶୁଛନ୍ତି । ଓଲିଆ ଗାଈଗୁଡ଼ାକ ତଳେ ଘାସ ଚରୁ ଚରୁ ବେଳେବେଳେ ଉପରକୁ ମୁହଁ ବଢ଼େଇ ଗଛରୁ ନଡ଼ା ଟାଣି ଫାଳେ ପଦା କରିଦେଲେଣି । ଆସ—

ମୁଁ ଗାଈଗୁଡ଼ାଙ୍କୁ ଅଡ଼େଇ ଦେଇ କୋଡ଼ରେ ଏ ଫାଳକ ହାଣୁଛି । ତମେ ମାଟି ଖାଡ଼ ଘାସ ବାଛି ପକାଅ । ଆଉ ଜଣେ ସାଙ୍ଗକୁ ମୂଲଆ କଲେ ସେ ବାଉଁଶ କାଟି ବତା ଚିରିବ—କଣି, ଅଗର ବୋଝ ଆଣି ବାଡ଼ରେ ଜମା କରିବ । କାଲି ବାବନା ଅଜାଙ୍କୁ କହି ତାଙ୍କ ତାଳଗଛରୁ ବାଉଙ୍ଗା କାଟି ନେଇ ବାହାର କରିବ । ତା'ପରେ କଣି ଅଗର ଦେଇ ଓଲଟ ମାରି ପକେଇ ଏ ବାଡ଼କୁ ନିବୁଜ କରି ବୁଜିବା । ତେଣିକି ଆସ୍ତେ ଆସ୍ତେ ଆରମ୍ଭ କରିବା ଗୋଟିଏ ଗୋଟିଏ ଫସଲ । ତମେ ଏ ପରିବା ଫସଲର ମରମ ବୁଝିନାହଁ । ବିଲରେ ତ ମୋଟା, ବଗଡ଼ା ହୋଇ ଧାନ ଗଣ୍ଡାଏ ଅମଳ ହେଉଛି, ଅଳପେ ବହୁତେ ପାଞ୍ଚ, ଦଶ ଗଉଣୀ ମୁଗ ବି ତ ଫିଁସାଲେ ଘରକୁ ଆସୁଛି । ଆଉ ବାରିରେ ଦି' ପଟାଳି ଶାଗ କି ଦି' ସିଆରି ବାଇଗଣ ପୋତିଦେଲେ ତମେ କେତେ ସୁଖରେ ଘରେ ବସି ଦି' ବେଳା ଭାତ, ଡାଲି, ତରକାରି ଖାଇ ବଡ଼ଲୋକଙ୍କ ଭଳି ଚଳନ୍ତ । କିଛି ନ ହେଲେ ନଗି ବଢ଼େଇ ସଜନା ଦି' ଡେମ୍ଫେ ତୋଳି ଆଣିଲେ, କଞ୍ଚାଲଙ୍କା ସାଙ୍ଗରେ ଉଷୁମ ଉଷୁମ ଶାଗ ଭଜା ଦେଇ ପଖାଳ ବେଲକ ତ ବେଶ୍ ଶାନ୍ତିରେ ଖାଆନ୍ତ । ହାତ ଅଳସେ ନିଶ ବଙ୍କା । ନିଜେ କିଛି କରିବ ନାହିଁ, ଖାଲି ଅମୁକ ନାହିଁ, ତମୁକ ନାହିଁ, କହି ଘରି କମ୍ପେଇବ, ଏଥିରେ ଚଳିବ କପରି ? ଖଟି ଖାଅ, କଷ୍ଟ ସହି ମାଟି ଚରି, ମା'ଙ୍କୁ ପାଇବ । ବାହା ପଟି ମୂଲ ଲଗ, ମଜୁରି ମିଳିବ । ଖାଲି କୋଠିଙ୍କ ଭଳି ଘରେ ବସି ଉପରକୁ ଅନେଇଲେ କିଛି ଶୂନ୍ୟରୁ ଗଳି ପଡ଼ିବ ନାହିଁ ।

ହଁ, ବଗିଚ୍ଛ କଥା କହୁଥିଲି ପରା, ରଜସଂକ୍ରାନ୍ତି ତ ଆସି ହେଲା, ଆଉ ପନ୍ଦରଦିନେ ଖିଡ଼ମିଡ଼ ବର୍ଷା ଆରମ୍ଭ ହୋଇଯିବ । ଆଜିଠୁ ବଗିଚ୍ଛରେ ଲାଗିପଡ଼ । ମୁଁ ମାଟି ଖୁଚେଇ ଖାସେଇ କିଆରି କରି ଦେଉଛି—ଖଡ଼ା, ନେଉଟିଆ ବୁଣିଦିଅ । ତା' ସାଙ୍ଗରେ ଓଳି ତଳେ ତଳେ ବୋଇତି କଖାରୁ, ପାଣିକଖାରୁ, ପୋଇ, ନାଉ ମଞ୍ଜି ପୋତିଦିଅ । ବାଡ଼ କଡ଼େ କଡ଼େ ଜହ୍ନି, କାକୁଡ଼ି, ସିମ୍, ବରଗଡ଼ା ମଞ୍ଜି ଲଗାଇ ଦିଅ । ଆଉ କେତେଗୁଡ଼ାଏ ଅଲଗା ଅଲଗା କିଆରି କରି ଭେଣ୍ଡି, ମକା ତା' ସାଙ୍ଗକୁ ବାଇଗଣ ଚାରା, ଲଙ୍କାମରିଚ ଚାରା ପୋତି ଦିଅ । ଦିନ କେଇଟାରେ ସବୁ ଗଛ ଛଡ଼ୁ ଭଲଆ ଉଠିଯିବ । ପବନଲେ ପବନଲେ ମେଘ ନ ହେଲେ ଦୁଏତ ଟିକିଏ ପାଣି

ଦେବାକୁ ପଡ଼ିବ । ତେଣିକି ପହିଲି ଆଷାଢ଼ର ପହିଲି ପାଣି ପାଇଲେ ଗଛ ସବୁ ହୁ ହୁ ବଢ଼ି ଚାଲିବ । ବତା ଦି'ଖଣ୍ଡ ପୋତିଦେଲେ ତହିଁରେ ନଟା ପତର ଗୁଡ଼େଇ ଗୁଡ଼େଇ ନାଉ, କଖାରୁ ଗଛ ପିଢ଼ା ଉପରକୁ ଉଠିବ । ଆଉ କଣି, ଅଗରା ପୋତି ରଞ୍ଜାଟିଏ ବାନ୍ଧିଦେଲେ ତହିଁରେ ଜହ୍ନି, କାକୁଡ଼ି ମାଡ଼ିବ । ସିମ ବରଗଡ଼ ତା' ମନକୁ ନଟେଇ ନଟେଇ ବାଡ଼ ସାରା ପତ୍ର, ଫୁଲ ମେଲି ବଢ଼େଇ ହୋଇଯିବ ।

ତେଣିକି ତମକୁ ଆଉ ବେଶୀ କଷ୍ଟ କରିବାକୁ ପଡ଼ିବ ନାହିଁ । କେବଳ ଗୋରୁ, ଛେଳିଙ୍କ ଟିକିଏ କାଇଦା କଲେ ହେଲା । ଦେଖିବ, ଦିନ କେଇଟାରେ ଏହି ପଡ଼ିଆ ଭୂଇଁଟା ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ହୋଇ ହସି ଉଠିବ । ନିତି ନିତି ଟୋକେଇ ଟୋକେଇ କଖାରୁ ଫୁଲ ଫୁଟିବ । ପାଚିଆ ପାଚିଆ ଜହ୍ନି, ଭେଣ୍ଡି, ସିମ, ବରଗଡ଼ା ବାହାରିବ । ପିଢ଼ାସାରା ନାଉ, କଖାରୁ ଶୋଇଯିବ । ଦୁଏତ ଏହି ବାଇଗଣ ଦି'ବୁଦା ଫୁଲ କସି ନଦ ହୋଇ କଳା କଳା ଭେଲୁଆ ବାଇଗଣ ପତର ସନ୍ଧିରେ ଓହଳିବ । ଏସବୁ ଦିନକୁଦିନ ଏତେ ଫଳିବ ଯେ ତମେ ଏକା ଖାଇ ପାରିବ ନାହିଁ । ପଡ଼ା, ପଡ଼ୋଶୀରେ ଦେଇ, ସାଙ୍ଗ ସୁଖରେ ବାଣ୍ଟି ଶେଷକୁ ଗାଁ ହାଟୁଆଙ୍କୁ ବିକିବ । ମୋ କଥା ଖିଆସ ବୁଝ ନାହିଁ । ଏଥିରେ ଏତେ ଲାଭ ଯେ ତମେ ଧାରଣା କରିପାରିବ ନାହିଁ । ଖାଲି କଞ୍ଚାଲଙ୍କା ତମେ ଯେତେ ବିକିବ, ବାଡ଼ ବୁଜାଠାରୁ ଆଜଯାକେ ତମର ସେତେ ଖର୍ଚ୍ଚ ହୋଇଥିବ କି ନାହିଁ ସନ୍ଦେହ । ପଇସାକୁ ପଇସା ରୋଜଗାର, ଘରେ ଜଜବଜଆ ପରିବା, ଗାଁର ମେଳା ମଉଛବରେ କଖାରୁ, କାକୁଡ଼ିଟାଏ ଦେଇ ବେଶ୍ ପାଞ୍ଚଜଣରେ ନାଆଁ, ପୁଣି ଗଲି ଆଇଲି ଦୁଃଖୀ ରଙ୍କିକି ଖଡ଼ା ଗଛେ କି ଜହ୍ନି, ଭେଣ୍ଡି ପୁଞ୍ଜାଏ ଦେଇ ତାଙ୍କଠାରୁ ଶସ୍ତା କଲ୍ୟାଣ—ସବୁ ମିଳେ ଏହି ନକୁଚୁଆ ଦରବ ପନପରିବା ଭିତରୁ । ଅଥଚ ଏଥିରେ ମେହେନତି ଭିତରେ ଖାଲି ମାଟି ଖୋଳି ମଞ୍ଜି ପୋତିବା, ଆଉ ସବୁ ପ୍ରକୃତି ହାତରେ । ଏତିକି କଷ୍ଟ କ'ଣ ଆମେ କରିପାରିବା ନାହିଁ ?

ଏଇ ଫସଲରେ ଝଡ଼ା ଚାରିମାସ ଆମେ ବେଶ୍ ସୁରୁଖୁରୁରେ ଚଳିବା । ତା'ପରେ ପରେ ଶୀତଦିନିଆ ଫସଲ ଆରମ୍ଭ । ଧନିଆ, କୋଶଳା,

ଆଳୁ, ବିଲାତିବାଇଗଣ, ବନ୍ଧାକୋବି, ଫୁଲକୋବି, ମୂଳା, ପିଆଜ, ରସୁଣ ପ୍ରଭୃତି ନାନାଦି ଫସଲରେ ବଗିଚ୍ଚ ପୁଣି ହସିବ । ଅବଶ୍ୟ ଏଗୁଡ଼ିକ ସେତେ ଶସ୍ତା ଓ ସହଜ ପରିବା ନୁହେଁ । ଆଳୁ, କୋବି, ପିଆଜ ପାଇଁ ସ୍ୱତମତ ଚୃଷ କରି ଖତ ପିଡ଼ଆ ଦେଇ ପାଣି ପକେଇ ପରିଶ୍ରମ କରିବାକୁ ହେବ । ତମ ହାତେ ଏତେ କଷ୍ଟ କାମ ହୁଏତ ସମ୍ଭବ ନୁହେଁ । କିନ୍ତୁ ଧନିଆ, କୋଶଳା, ମୂଳା, ବିଲାତିବାଇଗଣ ସହଜରେ ଓ ଅଳ୍ପ ପରିଶ୍ରମରେ କରିହେବ । ବିଲାତିବାଇଗଣ ଗୋଟିଏ ଅତି ସୁସ୍ୱାଦୁ, ପୁଷ୍ଟିକର ଓ ବଳକାରକ ଖାଦ୍ୟ । ଡାକ୍ତରମାନେ କହନ୍ତି, ଅଭ୍ୟାସ କରି ନିତି ପାଚିଲା ବିଲାତିବାଇଗଣ ରସ ଖାଇଲେ ଦେହରେ ରକ୍ତ ବଢ଼େ । ଏହା ରୋଗୀର ପଥ୍ୟ, ଦୁର୍ବଳ ବାଳକ ବାଳିକାମାନଙ୍କର ବଳକାରକ ଟନିକ୍, ଆଉ ସାଧାରଣ ସୁସ୍ଥ ମଣିଷ ପାଇଁ ଭିଟାମିନ୍‌ଭରା ଏକ ଉତ୍କୃଷ୍ଟ ଖାଦ୍ୟ । ଆମେ ଯଦି ଏଭଳି ପରିବା ସବୁ ନିଜ ବାଡ଼ିରେ ନ କରି ପରହାତକୁ ଚ୍ହିଁ ରହିବା, ତେବେ ଯେତେ ପଇସା ଖର୍ଚ୍ଚ କଲେ ବି ମଫସଲ ଜାଗାରେ ସବୁ ଦିନେ ପାଇବା କେବେ ସମ୍ଭବ ନୁହେଁ ।

ଏତ ଗଲା ଉଠା ଫସଲ । ସବୁଦିନିଆ କେଇଟି ଫସଲ କଥା ଶୁଣ । ଆମ ବାଡ଼ିର ଈଶାନ କୋଣକୁ ଯେଉଁ ଗ୍ଲେଟିଆ ଇଟା ଖାଲଟି ଦେଖୁଛ; ତାକୁ ଚଉଡ଼ା କରି ଅନ୍ତତଃ ପୁରୁଷେ ଗଭୀର ଯାଏ ଖୋଳିବାକୁ ହେବ । ସେ ମାଟି ବାଡ଼ସାରା ବିଛେଇ ହୋଇ ପଡ଼ିଲେ ଖାଲୁଆ ଜମି ଟିକିଏ ଉଞ୍ଚା ହେବ, ଆଉ ତେଣେ ପାଣି ଅଭାବ ଦୂର କରିବାକୁ ଗ୍ଲେଟିଆ ଗାଡ଼ିଆଟିଏ ବି ମିଳିବ । ସେଥିରେ ବାଉଁଶ ଦିଖଣ୍ଡ ପୋତି ଦେଇ ନୋଧା ପକେଇ ଟେଣ୍ଡା ବାନ୍ଧିଦେଲେ ସହଜରେ ପାଣି ଉଠେଇ ମାହାର ଭିତରେ ଆଣି ବଗିଚ୍ଚସାରା ମଡ଼େଇ ହେବ । ଆଉ କଷ୍ଟ କରି କୂଅରୁ ମାଠିଆ ମାଠିଆ ପାଣି ବୋହି ଶାଗ କିଆରି କି ବାଇଗଣ ପଟାଳିରେ ପକାଇବାକୁ ହେବନାହିଁ । ପ୍ରତିବର୍ଷ ଖରା ଦିନେ ପୋଖରୀରୁ କିଛି କିଛି ମାଟି ଉଠେଇ ତା' ଚ୍ଚରିପାଖ ବନ୍ଧ ଉଞ୍ଚା କରି ବାନ୍ଧିବାକୁ ହେବ । ତେଣେ ପୋଖରୀ ଟିକିଏ ଗହିରିଆ ହେଲେ ସେଥିରେ ନାନା ଜାତି ମାଛ ଜାଆଁଳ ଛାଡ଼ିବାକୁ ହେବ । ପୋଖରୀ ହୁଡ଼ାରେ କଦଳୀ ପୁଆ ପୋତିଦେଲେ ପାଣିକୂଳିଆ ଜମିରେ ଗଛ ବେଶ୍ ହୃଷ୍ଟପୁଷ୍ଟ ହୋଇ ବଡ଼ ବଡ଼ କାନ୍ଦି ପକାଏ ।

ବର୍ଷ ଦ'ଟାରେ ବେଶ୍ ଗୋଟିଏ ଆଖିଦୃଶିଆ କଦଳୀ ବଗିଚା ଠିଆ ହୋଇ କାନ୍ଧ କାନ୍ଧ କାଠିଆ ବନ୍ତଲ, ଚମ୍ପା, ଶଙ୍କରରେ ଭରତି ହୋଇଯିବ । ଘରେ ବା କେତେ ଖାଇବ ? ମାସକୁ ମାସ ଭାର ଭାର କଦଳୀ ବେପାରୀଙ୍କୁ ବିକ୍ରୀ କରିବ ।

ତେଣେ ପୋଖରୀରେ ରୋହି, ମିରକାଳି, ଭାକୁଡ଼ି ବଡ଼ ବଡ଼ ହୋଇ ନିତି ତରକାରି ଖର୍ଚ୍ଚ ତ ଚଳେଇବ—ତା'ଛଡ଼ା ସାଇ ପଡ଼ିଶାରେ ବଖ ନିମନ୍ତ୍ର ହେଲେ ୫ସେର ୧୦ସେର ବିକ୍ରୀ ବି ହେବ । ତମର ମନେ ଅଛି କି ନାହିଁ, ସେଦିନ ମୁଁ ତମକୁ ଖାତ-ପାଇଖାନା" କଥା କହୁଥିଲି । ବାଡ଼ି ଭିତରେ ଗାତ ଖୋଳି ତହିଁରେ ଝାଡ଼ା ଫେରି ଉଙ୍କାଏ ଉଙ୍କାଏ ମାଟି ପକେଇବ । ସେଇଟି ପୂର୍ଣ୍ଣ ହୋଇଗଲେ ଆଉ ଗୋଟିଏ ଖୋଳିବାକୁ ହେବ । ଏହିପରି ବାଡ଼ିସାରା ଖୋଳୁଥିବ, ପୋତୁଥିବ । ତଦ୍ଦ୍ୱାରା ମାଟି ଓଲଟ ପାଲଟ ହୋଇଯିବ, ଆଉ ସେହି ଯେଉଁ ମଇଳା ମାଟି ତଳେ ପୋତା ହେବ, ତା ହେବ ଅତି ଉତ୍କୃଷ୍ଟ ସାର । ସେହି ବାଡ଼ିରେ ଜ୍ୟେଷ୍ଠ ମାସରେ ବାଆଁ ଗୁଆଁ କଦଳୀ ପୋତି ଦେଲେ ଗଛ ମସ୍ତବଡ଼ ବଢ଼ି ତଉରସିଆ କାନ୍ଧ ଧରେ । ଖାଲି କଦଳୀ ନୁହେଁ, ଯେ କୌଣସି ଫସଲ କରିବ; ପୁରୁଶାଳିଆ ଗଛ ହେବ । ବୋଝେ ବୋଝେ ଫଳ ଫଳିବ । ଯାହା କହନ୍ତି, ଫାଳେ ପକେଇଲେ ଗୋଟାଏ । ହଜାରେ ଖତ, ପିଡ଼ିଆ ପକେଇଲେ ଯାହା ନ ହେବ, ଏହି ବାଡ଼ିରେ ଯାଇତାଇ ମଞ୍ଜି ପୋତିଦେଲେ ତା'ର ତିନି ସେତିକି ହେବ ।

ବାଡ଼ି କଡ଼େ କଡ଼େ ନଡ଼ିଆ, କଲମି ଆମ୍ବର ଚାରା ପକେଇଲେ ବି କାଗଜି, କମଳାଲେମ୍ବୁ ଡାଳ କଲମି କରି ଲଗେଇଲେ ବର୍ଷ କେଇଟାରେ ଗଛଗୁଡ଼ିକ ଗୋରଡ଼ା ଭିତରୁ ମୁଣ୍ଡ ଟେକି ଉପରକୁ ଉଠିଯାଏ । ଦେଖିକି ଅଳ୍ପଦିନ ଭିତରେ ନଡ଼ିଆ ଗଛରେ ଚଉଁର ଧରେ, ଆମ୍ବ ଗଛରେ ବଉଳ ହୁଏ, ଲେମ୍ବୁ ଗଛରେ ଫୁଲ କସି ନଦ ହୁଏ । ଡେଙ୍ଗା ନଡ଼ିଆ ଗଛର ଗହଳ ବାଉଁଗା ଭିତରେ ଚଇତାଳି, ସଞ୍ଜୁଆ ପବନ ପଶି ଷୋଳବରଷିଆ ନୂଆ ଭୂଆସୁଣୀ ଭଳି କଲକଲ ହୋଇ ହସି ପଳାଏ; ସାନ ସାନ ଟେକା କଲମି ଆମ୍ବଗଛର କଅଁଳିଆ ବଉଳ ସାଙ୍ଗରେ ବସନ୍ତର ମନମତାଣିଆ, ସ୍ୱଚ୍ଛ ମଳୟ ଆସି ଲୁଚକାଳି ଖେଳ ଲଗାଏ । ଖାଲି ଯେ ବଗିଚା ଶୋଭା

ବଢ଼େ, ତା' ନୁହେଁ, ଓଦର ଓଦର ଅମ୍ବ ନଡ଼ିଆ ଫଳ ତିନ ପୁରୁଷ ପାଇଁ ଗଛ ଛୁଡ଼ା ହୁଏ । ଗାଁ ଗହଳରେ ଲୋକମାନଙ୍କ ଭିତରେ ଗୋଟିଏ ବଡ଼ କୁସଂସ୍କାର ଅଛି ସେ ଯାହା ବାଡ଼ିରେ ଆଗରୁ ନଡ଼ିଆ ଗଛ ନାହିଁ, ସେ ନଡ଼ିଆ ଚାଡ଼ି ପକେଇଲେ ତା' ବଂଶ ନିର୍ମୂଳ ହୁଏ । ଏ ସବୁ ମାହାଳିଆ କଥା । ଧରମ କରିବାକୁ କଏ ରାସ୍ତାକଡ଼ରେ ଗଛ ଲଗାଉଛି । ଆଜି ତମେ ତ ଖାଲି ନିଜେ ନଡ଼ିଆ ଖାଇବବୋଲି ଗଛ ଲଗାଉ ନାହଁ—ତମ ଅନ୍ତେ ତମ ପୁଅ, ନାତି, କୁଟୁମ୍ବ ବାଟମ୍ବ ସାତ ପୁରୁଷକୁ ଏକ ସୁସ୍ୱାଦୁ, ସୁମିଷ୍ଟ ଖାଦ୍ୟର ବନ୍ଦୋବସ୍ତ କରି ଯାଉଛ—ଏଥିରେ ତମର କ୍ଷତି ହେବ କାହିଁକି ? ଏ ଅନ୍ଧବିଶ୍ୱାସ କୁସଂସ୍କାର ପ୍ରଥା ଭୁଲିଯାଅ ନିଜେ । କିଛି ସବୁ ପର ପାଇଁ ବୃକ୍ଷ ରୋପିଲେ ନିଜର ମଙ୍ଗଳ ହେବ ସିନା, ଅମଙ୍ଗଳ ହେବ କିପରି ?

ଆମ୍ବ, ନଡ଼ିଆ ମାନଙ୍କୁ ସଜନା ଡାଳ ଦି' ଖଣ୍ଡ ପୋତିଦିଅ । ମୁଁ ଫାରମରୁ ଅମୃତଭଣ୍ଡା ମଞ୍ଜି ଆଣି ଦେଉଛି । ତାକୁ ବି ବାଡ଼ିର ଗୋଟିଏ କଡ଼ରେ ଧାଡ଼ି କରି ଲଗାଇ ଦିଅ । ଦେଖିବ, ବର୍ଷ ଗୋଟାକରେ ଗଛ ବଡ଼ ହୋଇ ଫଳକସି ନେଣି ହୋଇଯିବ । ଶୁଖିଲା ସଜନା ଡାଳ ଟିକଏ ବର୍ଷା ଖାଇଲେ କେମା ମେଲେଇ କଅଁଳ ଉଠିବ । ସକାଳେ ବାସୀ ଚୁଲିରୁ ପାଉଁଶ କାଢ଼ି ରୋଜ ଏହି ଗଛମୂଳେ କୁଢ଼େଇ ଦେଲେ ଗଛ ଭଲ ବଢ଼େ—ମାସ ଛ'ଟାରେ ବେଡା ବେଡା ସଜନା ଛୁଇଁ ଗଳି-ପଡ଼େ । ଅମୃତଭଣ୍ଡା କଞ୍ଚା, ପାଚିଲା ଉଭୟ ଅବସ୍ଥାରେ ଖାଇ ହୁଏ । ଏହା ରୋଗୀର ପଥି, ବଡ଼ ଉପକାରୀ ଓ ବଳକାରକ । ଏ ସବୁ ବାଦେ ଆଉ ଗୋଟିଏ ଭଲ ପରିବା ଅଛି, ଯୋଉଥିପାଇଁ ଅଧଲାଟିଏ ଖର୍ଚ୍ଚ କରିବାକୁ ପଡ଼େ ନାହିଁ କି କଡ଼ାକର ମିହନତ କରିବାକୁ ପଡ଼େ ନାହିଁ—ସେ ହେଉଛି ବଡ଼ଆଳୁ । ବାଡ଼ି କଡ଼େ କଡ଼େ ହାତେ ଗହିରା ଗାତ ଖୋଳି ଅଳିଆ କୁଟାକାଠି ସାଙ୍ଗରେ ଖତ ପାଉଁଶ ଦେଇ ଗାତଟିକୁ ପୋତିଦିଅ । ସେଗୁଡ଼ିକ ବର୍ଷା ଖାଇ ପଚି ସଢ଼ି ତଳକୁ ଟିକଏ ଦବିଗଲେ ତା' ଉପରେ ସାପୁଆ କି ହାତଖୋଜିଆ କି ନାଲି ଆଳୁର ପିଣ୍ଡ ପକେଇ ଅଳପ ପାଉଁଶ ଦେଇ ମାଟି ଟେଲେଇ ଦିଅ । ବାସ୍ ସେତିକି । ଆଉ କିଛି ତମକୁ କରିବାକୁ ପଡ଼ିବ ନାହିଁ । ବାଡ଼ିରେ ଲଟା ପଡ଼ିବ ମାଡ଼ି ମାଟି ତଳେ ତଳେ ଆଳୁ

ବଢ଼ିବ । ଅନ୍ୟାନ୍ୟ ଫସଲ ଭଳି ଏଥିରେ ପାଣି ପକେଇବାକୁ ହେବ ନାହିଁ କି ଖତ ପିଡ଼ଆ ଦେବାକୁ ପଡ଼ିବ ନାହିଁ କି ଫସଲ ନଷ୍ଟ କରିବା ଭୟରେ ଟିଣ ବାଡ଼େଇ ମାଙ୍କଡ଼ ହୁରୁଡ଼େଇବାକୁ ପଡ଼ିବ ନାହିଁ । ମାଟିରୁ ରସ ଶୋଷି ଭିତରେ ଭିତରେ ଆପଣା ଛୁଏଁ ଆଳୁ ବଢ଼ିବ । ବର୍ଷ ଦୁଇ, ତିନିଟାରେ ଏହି ବାଡ଼ିରୁ ମହଣ ମହଣ ଖମ୍ବଆଳୁ ଆମଦାନୀ ହେବ ।

ଏହି ସଦାବନିଆ ଫସଲ—କଦଳୀ, ବଡ଼ଆଳୁ, ଆମ୍ବ, ନଡ଼ିଆରେ ଏତେ ଲାଭ ଯେ ଘରେ ଖାଇ ସାରି ପଡ଼ଶାରେ ବାଣ୍ଟି, ବନ୍ଧୁ ବାନ୍ଧବ କୁଣିଆ ମଇତଙ୍କ ଘରକୁ ବଣ୍ଟା ନିମିତରେ ବୋଝିଭାର ପଠେଇ ବି ତମେ ବର୍ଷକୁ ଶହଶହ ଟଙ୍କା ବିକିବ । ପାଞ୍ଚଟା ବର୍ଷରେ ତମ ମାଟିଘର ପକ୍କା ହେବ, ରୂପାଚୂଡ଼ି ବଦଳ ସୁନାକାଚ ହେବ । ପୁଣି ଦେଖ, ଏହି ଯେ ପାଣି ସାରି ସେପାଖରେ ଆମର ୨୨ ଗୁଣ୍ଠର ବଡ଼ ବାଡ଼ିଟା ବେକାଇଦା ହୋଇ ପଡ଼ିଆ ପଡ଼ିଛି, ବାଲିମାଟି ଯୋଗୁ କିଛି ଭଲ ଫସଲ ହେଉନାହିଁ, ସେଥିରେ ଏ ସାଲେ ମୂଳିଆ ଲଗେଇ ୧୦, ୧୫ ବୁଦା ବାଉଁଶ ପକେଇ ଦେବା । ଅଟେଇ ପୋତି ଘେରଉ କରିଦେଲେ ଗୋରୁଗାଈ ବାଉଁଶ ଗଜା ଭାଙ୍ଗି ପାରିବେ ନାହିଁ । ବଡ଼ ପହି ବାନ୍ଧି ଓଲଟମାରି ପକେଇ ବାରିଟାକୁ ଠିକିଏ କାଇଦା କରିବାକୁ ହେବ । ପହି କଡ଼େ କଡ଼େ ଧାଡ଼ି ଧାଡ଼ି ତାଳ, ଖଜୁରି, ଜାମୁ, ଚିଜୁଳି, ପଣସ, ଦେଶୀ ଆମ୍ବ ଲଗାଇ ଦେବା । ଆମ୍ବ, ପଣସ ଫଳିଲେ ଆମର ପୁଅ ଝିଅ ଖାଇ ବଡ଼େ ହେଲେ ଏହି ଗରିବ ବାପ, ମା'ଙ୍କୁ ମନେ ପକାଇବେ । କିଛି ନ ହେଲାବେଳକୁ ଏହି ତାଳଗଛର ବରଡ଼ା କାଟି ଆମର ହାତିଆନ୍ଧ ପିଣ୍ଡା କି ଗୁହାଳଘର ଛାଉଣି ହେବ କି ଗାଁର ପିଲାଛୁଆଏ ଏହି ଚିଜୁଳି, ଜାମୁକୋଳି ଓ ଖଜୁରି କୋଳି ଖାଇ ଖୁସି ହେବେ । ରାସ୍ତାକଡ଼ରୁ ଗ୍ଳୋଟ ଗ୍ଳୋଟ ଗୁକୁଣ୍ଡା ଗଛର ସ୍ଥୂଳ ଆଣି ବାରିର କଣମୁଣ୍ଡମାନଙ୍କରେ ଲଗାଇଦେଲେ ବର୍ଷ କେଇଟାରେ ହୁ ହୁ ହୋଇ ଗଛ ବଢ଼ିଯିବ । ଏ ଗଛରୁ ଜାଳେଣି କାଠ ଛଡ଼ା ଅନ୍ୟ କିଛି ଉପକାର ମିଳେ ନା, ହେଲେ ହାତ ଗଣନ୍ତା କେଇଟା ବର୍ଷରେ ଏଗୁଡ଼ା ଏତେ ବଢ଼ିବ ଯେ ଗୋଟାଏ ମୋଟ ଡାଳ କାଟିଲେ ଭରଣ ଭରଣ କାଠ ବାହାରିବ । ବାଉଁଶ ବୁଦା ଶିଅରେ ଅନ୍ୟ କିଛି ସିନା ହୁଏନା, କିନ୍ତୁ ସପୁରି ଭଲ ଫଳେ । ଅରମା ବାଉଁଶ ବଣର ଛାଇ ତଳେ ସପୁରି ୧୦

ମୁଣ୍ଡା ଟେକେଇ ଦେଲେ ବୃକ୍ଷଁ ଗୁଳ୍ମଁ ବର୍ଷକ ଭିତରେ ବାରିସାରି ମାଡ଼ିଯିବ । ପାଚିଲାସପୁରି ଖାଇବାକୁ ତମେ ଭଲପାଅ ପରା ? ଦେଖିବା, ସପୁରି ଫଳିଲେ କେତେ ଖାଇବ ? ଯଦି ଗୋଟାଏ ଦି'ଟା ଖାଇ ମିଠାରେ ତମ ମୁହଁ ବାନ୍ଧି ହୋଇ ନ ଯାଏ, ତେବେ ମୋ ନାଁ ଧରିବ ନାହିଁ ।

ହଁ, ତମ ବେଣୀ ଅଗରେ ଫୁଲ ବାନ୍ଧିବ ପରା ? ପୁଣି ଶୋଇଲା ଶେଯରେ ଝରାମଲ୍ଲୀ ବିଛେଇ ପଲଙ୍କ ସଜେଇବ ପରା ? ତା'ହେଲେ ବାଡ଼ରେ ପନିପରିବା ଗଛ ସାଙ୍ଗକୁ କିଛି ଫୁଲଗଛ ଲଗାଅ । ତା ନ ହେଲେ ସବୁଦିନେ ଏତେ ଜଜବଜିଆ ଫୁଲ ପାଇବ କେଉଁଠୁ ? ଆମ ଘର ଆଗରେ କୂଅ ପାଖକୁ ଯେଉଁ ଛୋଟିଆ ବାରିଟି ଅଛି, ସେଇଟିରୁ ଅନାବନା ଘାସ ବାଛି ସଫା ସୁତରା କର । ବଗିଚା ମଝିରେ ଇଟା ପୋତି ମୁଁ ଗୋଟିଏ ବଡ଼ ଗୋଲେଇ କରି ଦେଉଛି । ତା' ମଝିରେ କଅଁଳିଆ ଦୁବଘାସ ଉଠି ସବୁଜ ଗାଲିଚାଟିଏ ବିଛା ହେଲାଭଳି ଶୋଭା ପାଇବ । ତା' ଚାରି ପାଖରେ ଜାଈ, ଜୁଈ, ଟଗର, ତଗର, ଗୋଲାପ, ମଲ୍ଲୀ, ହେନା, ରଜନୀଗନ୍ଧା, ଗେଣ୍ଡୁ ପ୍ରଭୃତି ନାନା ଜାତିର ଫୁଲଗଛ ଆଣି ଧାଡ଼ି ଧାଡ଼ି କରି ସଜାଇ କରି ଲଗାଅ, ଯେପରି ସଜ ଫୁଟିଲା ମଲ୍ଲୀଫୁଲଟି ସଞ୍ଜୁଆ ପବନରେ ଦୋହଲି ଦୋହଲି ସେଇ ସବୁଜ ଗାଲିଚାର ମଥା ଚୁମିବ । କଅଁଳ ଛନ ଛନ ଗୋଲାପ ଫୁଲଟିର ମନମତାଣିଆ ସୌରଭ ପତ୍ର ଗହଳରୁ ଗାଲିଚା ଉପରେ ଝରି ପଡ଼ିବ, ଆଉ ହେନା ଫୁଲର ଗନ୍ଧ ଭାସି ଆସି ସେଇ ଶାନ୍ତ, ସବୁଜ ଶୋଇଲା ପଡ଼ିଆଟିର ସରଳ ଦେହରେ ମିଳେଇ ଯିବ । ଘରର ସବୁ କାମଧନ୍ଦା ସାରି ସଞ୍ଜବେଳେ ଆମେ ସେଇ କୋମଳ ଘାସ ବିଛଣା ଉପରେ ଆଉ ଝରା ଫୁଲର ମଉଳା ଗନ୍ଧ ଭିତରେ ଘଡ଼ିକ ପାଇଁ ବସିବା । ପ୍ରକୃତିର ଚିରଶାନ୍ତିମୟ କୋଳରେ ବସି ବସି ଆମେ ତରୁଣ, ତରୁଣୀ ଦି' ଜଣ ଭୁଲିଯିବା ଜୀବନର କେତେ ଅବସାଦ, ଦୁନିଆର କେତେ ଦୁଃଖ, ଦୈନ୍ୟ । ନୀଳ ଆକାଶର ମଥା ଚିରି ଦୂର ଦିଗ୍‌ବଳୟ କୋଳରେ ପୁନେଇ ଚନ୍ଦ୍ର ହସି ଉଠିବ; ତଳେ ଚୈତ୍ର ମଳୟର ପରଶ ପାଇ ଦରଫୁଟିଲା ମଲ୍ଲୀକଢ଼ଟି ପତର ଠେଲି, ପାଖୁଡ଼ା ମେଲି ଲାଜସରମବୋଳା ନୂଆବୋହୂଟି ଭଳି ମୁରୁକି ହସା ମାରିବ ।

ଆନନ୍ଦରେ ବିଭୋର ହୋଇ ତମେ ଗାଇବ ଗୋଟିଏ ମନ ଫୁଲୁଣିଆ ଗୀତ । ଏତିକିବେଳେ ଭ୍ରମରଟାଏ କେଉଁଆଡୁ ଉଡ଼ିଆସି ମଲ୍ଲୀ ଫୁଲଟାକୁ ହୁଏତ ଟିକିଏ ଦୋହଲାଇ ଦେବ । ଆଉ ତା' ଦେଖାଦେଖି ଆଉ ଗୋଟିଏ ଭ୍ରମର ତମକୁ ଗୁଚ୍ଛ ଉପରକୁ ଆଉଜେଇ ଆଣି ତମ ଗଭାରେ ଗୋଲାପଟିଏ ଖୋସୁ ଖୋସୁ ସେହି ଗୋଲାପଟିରେ ସ୍ନେହ, ଆଦରରେ ଆଙ୍କିଦେବ ଗୋଟିଏ ସାନ ଚୁମା । ତମେ ହୁଏତ ଲାଜେଇ ହୋଇ ଉଠି ପଳେଇବ ।.........

କଥା ନହସରେ ଅନେକ ଦୂର ଚାଲିଆସିଛି । ତମକୁ ହୁଏତ ସତକୁ ସତ ଲାଜ ମାଡ଼ିବଣି । ମନେ ମନେ ମୋ ଉପରେ ଭାରି ବିଗୁଡ଼ୁଥିବ— କେମିତିକା ମଣିଷ, ଭଲ ଲୋକକୁ ଭଣ୍ଡିବା କରିବେ । ଦାଣ୍ଡଘାଟରେ ନିଜ ପ୍ରିୟାକୁ ନେଇ ଏଭଳି ପ୍ରେମ କରନ୍ତି ନା ? ରାଗ ନାହିଁ ମୋ ଉପରେ , ଆଉ ତମେ ରାଗିଲେ ବି ମୁଁ ତମକୁ ଦୋଷ ଦେବିନାହିଁ, କାରଣ ଆମ ସମାଜରେ ଚଳନ ଏହିଭଳି । ବିବାହ ଆଗରୁ କେତେ ଗୁପ୍ତ ଚିଠି, ପ୍ରେମ ସଙ୍କେତ, ଆଖି ଠାରାଠାରି— ଆଉ ବିବାହ ବାସିଦିନ ହାତେ ଲମ୍ବର ଓଢ଼ଣା ଭିତରେ ଚୁ ଚୁ କଥା । ପୁଣି ପର ସ୍ତ୍ରୀ ପାଖକୁ ଲଭ୍‌ଲେଟର୍ ଲେଖି ତା' ପାଇଁ ବାଇଆ ହୋଇ ଦାଢ଼ି ବଢେଇ ବୁଲିଲେ ଆମ ଦେଶର ଯୁବକ ପ୍ରେମିକ-ପ୍ରବର ବୋଲି ବନ୍ଧୁମହଲରେ ଆଦର ପାଆନ୍ତି, ଆଉ ନିଜ ସ୍ତ୍ରୀ ପାଖକୁ ସପ୍ତାହରେ ଦି'ଖଣ୍ଡ ଚିଠି ଲେଖିଲେ ବା ଶନିବାରଆ ଛୁଟି ଦେଖି ସାଇକେଲ ଧରି କଟକରୁ ଘରକୁ ଆସିଲେ ନିପଟ ମାଇଚିଆ ବୋଲି ଲୋକେ ତାକୁ ଥଟ୍ଟା କରନ୍ତି । ଭଦ୍ରଲୋକ ଘରେ ଟିଉସନ କରିବାକୁ ଯାଇଁ ତାଙ୍କ ଝିଅ, ଝିଆରିଙ୍କୁ ମାହାରିଦ ଦେଇ ଧରମ ଭଉଣୀ କରି ସଞ୍ଜବେଳରେ ତାଙ୍କୁ ନେଇ ନଈକୂଳରେ ହାଓ୍ୱା ଖାଇବା କି ସିନେମାରେ ବକ୍ସ ରିଜର୍ଭ କରି ସାଙ୍ଗ ହୋଇ ସେକେଣ୍ଡ 'ସୋ' ଦେଖିବାରେ କାହାରି କିଛି ଆପତ୍ତି ନ ଥାଏ, କିନ୍ତୁ ନିଜ ସ୍ତ୍ରୀକୁ ସାଙ୍ଗରେ ନେଇ ପାର୍କରେ ଟିକିଏ ବୁଲି ଆସିଲେ ରକ୍ଷଣଶୀଳ ସମାଜର ତୀବ୍ର ଦୃଷ୍ଟି ପଡ଼େ ତା'ର ଉପରେ ।

ମୁଁ ମାନୁଛି, ବର୍ତ୍ତମାନର ଏହି ସମାଜ ଭିତରେ ବିଶେଷତଃ ଗାଁ ଗହଳର ମଫସଲ, ମୂରୁଖ ଲୋକଙ୍କ ଆଖିରେ ଫୁଲ ବଗିଚାରେ ବସି ଏ

ଭଲ ହାଓ୍ୱା ଖାଇବା କେବେ ପସନ୍ଦ ହେବ ନାହିଁ । ତଥାପି ଆଗରୁ ଯାହା କହିଛି—"ଗାଈ ଚରିବ, ଘଣ୍ଟ ବାଜିବ" । ସେହି ମାତ ଆମକୁ ଧରିବାକୁ ହେବ । ଗାଁ ମଝିଁଟାରେ ସଞ୍ଜ ପହରେ ଖୋଲା ବଗିଚ୍ଚ ଭିତରେ ଦି'ଜଣ ବସି ଗପସପ କଲେ ସିନା ଲୋକେ ଝୁସୁଝୁସୁ, ଫୁସୁଫୁସୁ ହୋଇ ସତ ମିଛ ନଗେଇ କେତେକଥା କହିବେ । ଯଦି ତା' ନକରି ଆଲୁଅଟି ଜାଳି ଆମେ ସେହି ବଗିଚ୍ଚ ଭିତରେ ବସି କିଛି ବହି କି ଖବର କାଗଜ ପଢ଼ୁ, ତେବେ ତ ଆଉ କାହାରି କିଛି ଆପତ୍ତି ନଥିବ । ପୁଣି ଆମେତ ଘର କାମ ପକେଇ ଦେଇ କି ରୋଷେଇ ବାସରେ ଅଣହେଳା କରି, କି ଶାଶୁ ଶଶୁର ବା ଗୁରୁଜନମାନଙ୍କର ସେବାରେ ବାଧା ଘଟେଇ ବଡ଼ଲୋକ ଘରର ପ୍ରେମିକ ପ୍ରେମିକାଙ୍କ ଭଳି ବସି ବସି ନଭେଲ୍ ପଢ଼ୁନାହୁଁ । ଏସବୁ ତ ତରି ଥୋଇଲାବେଳେ—ସବୁ କାମ ପାଇଟି ଶେଷ କରି ନିଶ୍ୱାସ ମାରିଲାବେଳେ ।

ଗୁଡ଼, ଫୁଲବଗିଚ୍ଚ ଆମର ଅଧା ହୋଇଛି । ଆଗ ସବୁ ପ୍ରକାର ଗଛଲତାରେ ପୂରିଉଠୁ—ତା' ପରେ ଯାଇଁ ଅନ୍ୟ ଯୋଉ କଥା । ଏହି ଛୋଟ ବଗିଚ୍ଚଟିର ବାଡ଼ କଡ଼େ କଡ଼େ ୪୫ଟି ଗୋଡ଼ବାଣ ଗଙ୍ଗଶିଉଳି ଗଛ ଲଗାଇ ଦିଅ । ଭାଦ୍ର, ଆଶ୍ୱିନ ମାସବେଳକୁ ଆକାଶ ଟିକିଏ ପରିଷ୍କାର ହୋଇଗଲେ ପାହାନ୍ତି ପବନର ପରଶ ପାଇ ବେତା ବେତା ଗଙ୍ଗଶିଉଳି ଝଡ଼ି ଜମା ହେବ । ରାତିସାରା ରସିକଚନ୍ଦ୍ରର ମଧୁର ଚୁମା ଖାଇ ଖାଇ କିଶୋରୀ ଲାଜରୀ ହୋଇ ଝରି ପଡ଼ି ସକାଳ ନ ହେଉଣୁ କଅଁଳ କାକର କୋଳରେ ମୁହଁ ଲୁଚାଏ, ଠିକ୍ ଯେପରି ସୁନ୍ଦରୀ ଫାଟିବା ପରେ ଆଉ ଦଣ୍ଡେ ଡେରି ନକରି ତମେ ଲାଜ ସରମରେ ଝାଉଁଳି ପଡ଼ି ତରତର କରି ଘରୁ ବାହାରି ଯାଇଁ ଗାଁ ଗଣ୍ଡାରେ ଲୋକେ ଉଠିବା ପୂର୍ବରୁ ସ୍ନାନ ସାରି ଆସ ।......

ଚନ୍ଦ୍ର ବୁଡ଼ିଲେ ଗଙ୍ଗଶିଉଳି ସାଙ୍ଗରେ ଆଉ ଜଣେ ଆଖି ମୁଦେ, ସେ ହେଉଛି ତମ ବାଡ଼ି ପୋଖରୀର ଧଳା କଇଁ । କଇଁ ସିନା ଦୁଃଖ ବିଷାଦରେ ଆଖି ବୁଜେ, ତା'ର ପାଖରେ ତା' ବଡ଼ ଭଉଣୀ ପଦ୍ମ କିନ୍ତୁ ସୂର୍ଯ୍ୟଙ୍କୁ ଦେଖି ଆଖିମେଲି ହସେ । ତମର ଏହି ନାଲି, ଧଳା କଇଁ, ପଦ୍ମରେ ଭରି ପୋଖରୀକୁ ଆହୁରି ବେଶୀ ମନେଇବ, ଯଦି ତା' ବନ୍ଧ ଉପରେ ଆଉ

ଦ' ସ୍ତରଟି ବଡ଼ ବଡ଼ ଫୁଲଗଛ ଲଗାଇ ଦିଅ; ଯଥା—ବକୁଳ, ଛୁରିଅନା, ଚମ୍ପା, ସୁଗନ୍ଧରାଜ ଇତ୍ୟାଦି । ଭରି ସୁନ୍ଦର ବାସନା—ଫୁଲ ଫୁଟି ଚମ ଘର ଦୁଆର, ବାଡ଼ ବଗିଚ୍ଚ ମହକି ଉଠିବ । ଏହା ସାଙ୍ଗକୁ ପୋଖରୀ-ହୁଡ଼ାରେ ଗୋଟିଏ ପାଖରେ ୨/୪ଟି ଝାଉଁ ଗଛ ଲଗାଇ ଦିଅ । ଖରା ଦିନର ଉତ୍ତଳା ପବନରେ ଦୋହଲି ଦୋହଲି ସେଥିରୁ ଗୋଟିଏ ଅତି ସୁନ୍ଦର ଶବ୍ଦ ବାହାରିବ । ଏତେ ସୁଖ ଆନନ୍ଦରେ ରହି ରହି ଆମେ ଭୁଲିପିବା ସବୁ ଦୁଃଖ, ସବୁ କ୍ଲାନ୍ତି । ମୁଁ ଆନନ୍ଦରେ ହସି ହସି କୋଡ଼ି ଧରି ମାଟି ହାଣୁଥିବି, ତମେ ପଣତ କାନିଟା ଅଣ୍ଟାରେ ଗୁଡ଼େଇ ଦେଇ ନଇଁ ପଡ଼ି ମାଟି ଝାଡ଼ି ଘାସ ବାଛୁଥିବ । ଆମେ ହେବା ମାଟିର ମଣିଷ—ସମାଜରେ ଦୁଇଟି ଚଳଆ ଜୀବ—ସଭ୍ୟତାର ଦୂରରେ କାଦୁଅ ମାଟି ବୋଳା, କଳାକଳା ଦୁଇଟି ଜନ୍ତୁ ।

## ଲୌକିକତା

କୋଟିକରେ ଗୋଟିଏ କଥା ମୁଁ କହି ପାରୁନାହିଁ, କିନ୍ତୁ ଆମ ଓଡ଼ିଆ ଘରର ସାଧାରଣ ଝିଅ, ବୋହୂ କୁହୁଡ଼ି କାକର ଖାଇ, ଖରା ବର୍ଷା ସହି ଏ ଭଳି ବଗିଚ୍ଚ କାମ କରିବାକୁ ନିଶ୍ଚୟ ନାକ ଟେକିବେ । ବଡ଼-ଘରର ଅଲିଅଳି ଝିଅମାନଙ୍କ କଥା ଛାଡ଼ିଦିଅ । ମୂଲିଆଙ୍କ ଭଳି ଧୂଳିଧୂସର ହୋଇ ବଗିଚ୍ଚ ମଝିରେ ମାଟିଝାଡ଼ି ଘାସ ବାଛିବାକୁ ସେମାନେ ନିଶ୍ଚୟ ବଡ଼ ଅପମାନଜନକ ମନେ କରିବେ । ଆଉ ଆମର ଏହି ସାଧାରଣ ଘରର ଝିଅ, ବୋହୂ ବି କୋଉ ଗୁଣରେ କମ୍ ନୁହନ୍ତି । ଘରେ ପଛକେ କଣ ଝାଡ଼ି ଆଣିଲେ ଅଗାର ମୁଣ୍ଡିଟାଏ ବାହାରିବ ନାହିଁ, ଉପରେ ଫଟିକ-ବସିନ କାହିଁରେ କ'ଣ; ଘରେ ପଛକେ ତିନ ଦିନେ ଥରେ ଚୁଲ୍ଲୀ ନ ଜଳୁ —ଯୁଆ ଦୁଆରୁ ତା' ଦୁଆରୁ ଧାର ଉଧାର କରି ପୋଷେ କୁଞ୍ଚାଏ ଚୁଡ଼ା, ମୁଢ଼ି ଆଣି କଷ୍ଟେମଷ୍ଟେ ଗୁଜୁରାଣ ମେଣ୍ଟୁଥାଉ—ତେଣେ ବାହାରେ ଚହଟଚକଣ ଛଇ ଦେଖେଇ ଦାଣ୍ଡଘାଟରେ ନିଜ ବଡ଼େଇ ଗାଇ ବୁଲୁଥିବେ, ଯାହା କହନ୍ତି—"ବାପ ତେଲ ବିହୁନେ ନଣ୍ଡା, ନା ପୁଅ ବୁଲେଇ ବେଣ୍ଡି ରଖୁଛି" । ନିଜେ ତ ଗରିବ । ଘରେ ତେଲ ଥିଲେ ଲୁଣ ନାହିଁ, ଲୁଣ ଥିଲେ ତେଲ ନାହିଁ । ନିଜର ସେ ଅବସ୍ଥା ସୁଧାରିବାକୁ ଟିକିଏ କଷ୍ଟ ସହି

ମାଟି ଚାଡ଼ ସୁନା ଫଳେଇବାକୁ ତ ଅପମାନ ଲଗିବ, ନିଜ ଆତ୍ମ-ମର୍ଯ୍ୟାଦାରେ ବାଧା ପଡ଼ିଯିବ, ତା' ହେଲେ ନିଜ ଗରିବ ଅବସ୍ଥା ଦାଣ୍ଡକୁ ଫୁଟି ବାହାରି ପଡ଼ିଲେ ଲଜ ମାଡ଼ିବ କାହିଁକି ? ପୁଣି ତା'କୁ ଲୁଚେଇ-ବାକୁ ଯାଇଁ ସତରଟା ମିଛ କହି ପୁରୁଣା ଲୁଗାରେ ତାଳି ଉପରେ ତାଳି ପକେଇବ କାହିଁକି ? ଘରେ ତମେ ପ୍ରକୃତରେ ଯାହା, ଦାଣ୍ଡକୁ ସେଇଆ ଦେଖାଅ । ଭିତର, ବାହାର ଦୁଇଟାକୁ ସବୁବେଳେ ସମାନ ରଖ । ତମେ ସବୁଦିନେ ଘରେ ଶାଗପଖାଳ ଖାଇ ଦିନ କଟାଅ, ଆଜି କୁଣିଆ ଆସିଛନ୍ତି ବୋଲି ମାଛଭାତ କର ନାହିଁ । ଛିଣ୍ଡା ଟଇଣ୍ଡା ପିନ୍ଧି ତମ କାଳକ ଗଲାଣି, ଆଜି ଯାତକୁ ଯିବ ବୋଲି କଂସା ନୋଟା ବନ୍ଧାଛନ୍ଦା ପକେଇ ନୂଆଲୁଗା କଣି ପିନ୍ଧ ନାହିଁ । ଉସଖଡ଼ି ଦି'ପଟରେ ତମେ ଆସି ଦରବୁଢ଼ୀ ହେଲଣି ଅଜ ପୁଅ ପାଇଁ ବୋହୂଟିଏ ଦେଖିବାକୁ ଆର ଗାଁକୁ ଯିବ ବୋଲି ବଡ଼ ଯା' ଠଉ ରୂପାଚୁଡ଼ି ମାଗିଆଣି ପିନ୍ଧ ନାହିଁ । ମୋଟ ଉପରେ ତମେ ଯାହା ନୁହଁ, ବାହାଦୁରି ପାଇବା ପାଇଁ ତାହା ଦେଖେଇ ହୁଅ ନାହିଁ । ଭଗବାନ ଦୁଃଖସୁଖ ଯାହା ଦେଇଛନ୍ତି, ସେଥିରେ ସନ୍ତୁଷ୍ଟ ରୁହ ।

କଥାରେ ଅଛି—"ଯେତିକି ଚୂନା, ସେତିକି ପିଠା" ଯାହାକୁ ଇଂରେଜୀରେ କହନ୍ତି— „Can your coat according to your cloth ଆମ ଦେଶରେ କେତୁ ଲୋକେ କରନ୍ତି ଠିକ୍ ଓଲଟା । ନିଜର ଅଟକଳନା ନ ଠଉରେଇ ପହଲେ ଖର୍ଚ୍ଚ ଲମ୍ବେଇ ଲମ୍ବେଇ ଯାଆନ୍ତି । ପୁଅ ଝିଅଙ୍କ ବାହାଘର କି ବାପ ମା'ଙ୍କ ଶୁଦ୍ଧିକ୍ରିୟା କି ପୁଅ ଏକୋଇଶିଆରେ ଦି' ଦିନର ବାହାବା ନେବାପାଇଁ ବଡ ଧରଣର ଗୋଟିଏ ଡାଲଭାତ, ଖିରି ଖିରସା କରନ୍ତି ବା ପାଞ୍ଚଖଣ୍ଡି ଶାସିନ ମଉଜାର ବ୍ରାହ୍ମଣ ଡକାଇ ଚଣ୍ଡାଘଣ୍ଟା, ଅମୃତକୁଣ୍ଡରେ ଗୋଟିଏ ଚଉରସିଆ ବ୍ରାହ୍ମଣଭୋଜନର ବନ୍ଦୋବସ୍ତ କରନ୍ତି । ବେଳେ ବେଳେ ଗୋଟାଏ କଅଁଳା, ପାଣିହାଣ୍ଡି ଛୁଆଁଟାର ଏକୋଇଶିଆରେ ବଡ଼ ଆଡ଼ମ୍ବରରେ ଠିଆପାଲି କରି ଖାଇବା ପିଇବାରେ ଶହ ଶହ ଟଙ୍କା ଉଡ଼େଇ ଦିଅନ୍ତି । ବାହାଘର ଶୋଭାଯାତ୍ରରେ ହାବେଳି, ବାଣ୍ବାଜି ଫୁଟେଇ, ତେଲିଙ୍ଗି ବାଜା, ବଡ ବାଜା ବଜେଇ, ୨୦ଟା ପଞ୍ଚଲାଇଟ୍ ଜାଳି ଏକା ରାତିରେ ଯେତେ ପଇସା ପୋଡ଼ି ଦିଅନ୍ତି, ସେଥିରେ

ଗୋଟିଏ ଗରିବ ପରିବାର ପିଲା କୁଟୁମ୍ବ ଧରି ୭ ମାସ, ବର୍ଷେ ବେଶ୍ ସୁ ରୁଖୁ ରୁରେ ଚଳିବ ।

ପାଖରେ ପଇସା ନ ଥିଲେ ମହାଜନ ଦୁଆରେ ଘରର ସୁନାରୂପା ଗହଣା ପଛକେ ବନ୍ଧା ପକେଇବେ, ନଇଲେ ମାଣେ, ଦି'ମା ଜମି ପଛକେ ଛଡ଼େଇ ଦେବେ, ନଇଲେ ଜମିଦାର କଚେରୀରେ ପଇସିକିଆ କାଗଜରେ ଟିପିଚିହ୍ନ ଦେଇ ହ୍ୟାଣ୍ଡନୋଟ୍ କରି, ମାଁ'ଶ ହଜାରେ ପଛକେ କରଜ ଦାମ୍ କରିବେ, କିନ୍ତୁ ଏ ଆଡ଼ମ୍ବରରୁ କାଣିଚାଏ କମେଇବେ ନାହିଁ ! ଖାଲି ଗୋଟାଏ କ୍ଷଣିକ ଉତ୍ତେଜନାରେ ମାତିଯାଇଁ ନିଜର ବାହାଦୁରୀ ଦେଖେଇ-ବାକୁ ଓ ଲୋକମୁଖରୁ ଦି'ଦିନ ପାଇଁ ବାହାବା ଶୁଣିବାକୁ ଏ ସବୁ ଆଡ଼ମ୍ବର । ତେଣିକି ବିଭାଘର ବାସୀ ଦିନ ପଛକେ ଚୁଲ୍ଲୀ ଉପରକୁ ହାଣ୍ଡି ନ ଯାଉ କି ପୁଅ ବୋହୂଙ୍କର ବାହା ଲୁଗା, ଚଉଠୀ ଶାଢ଼ୀ ଧୋବାଘରେ ପକେଇ ସଫା କରିବାକୁ ଘରେ କାଣିକଉଡ଼ିଟିଏ ନ ଥାଉ, ସେଆଡ଼କୁ କାହାର ନଜର ନାହିଁ । ମହାଜନକୁ ଟଙ୍କା ଦେଇ ନ ପାରି ଡବଲ ଦାମର ସୁନା ରୂପା ଗହଣା ସବୁ ସିଆଡ଼େ ବୁଡ଼େ; ଜମିଦାର ଟଙ୍କା ନ ପାଇ ନାଲିଶି କରି ଅବଶିଷ୍ଟ ଜମିତକ ନିଲାମ ଉଠାଏ—ଘର କୋରକ ଆଣି କବାଟ, ଚଉକାଠ ଛାଡ଼ି, ଖଟ ସିନ୍ଦୁକ ବୋହି ନେଇ ଭିଟାମାଟି ଉଚ୍ଛନ୍ନ କରିଦିଏ । ଶେଷରେ ଦିନ କେଇଟାରେ ବିବାହର ପହିଲି ସରାଗ ନ ଛାଡ଼ୁଣୁ ସେହି ପୁଅବୋହୂ ଦାଣ୍ଡରେ ଭିକାରୀ ହୋଇ ବାରଦୁଆର ଶୁଣ୍ଢି ପିଣ୍ଡା ହୁଅନ୍ତି । ଯାହାଙ୍କ ପହିଲି ମିଳନରେ ଶହ ଶହ ଟଙ୍କା ବଞ୍ଚିଦେଇ ବାପ ମା' କେତେ ଜାକଜମକ କରିଥାନ୍ତି, ତାଙ୍କର ପ୍ରକୃତ ମିଳନ ହେଲାବେଳକୁ ଘର କଙ୍କଡ଼ାଖୋଳ ହୋଇ ଯାଇଥାଏ । ଭୋକିଲା ପେଟର ଦାଉ ସମ୍ଭାଳି ନ ପାରି ଶେଷରେ ସେମାନେ ଭଙ୍ଗା ଛେଲୁଆ ଖଣ୍ଡେ ଖଣ୍ଡେ ହାତରେ ଧରି ଛତରରେ ପଶନ୍ତି । ସେଇଥିପାଇଁ ମୁଁ କହେ, ଏ ଲୋକଦେଖାଣିଆ ଖୋଇ ଛାଡ଼ି । ଯେତିକି ଚୂନା ଅଛି, ସେତିକରେ ଚଳୁଳଟିଏ ବରଂ କର; ପର ଘରୁ ମାଗିଆଣି ଏଣ୍ଡୁରି ଆରିସା, ଖିରିପିଠା କରନାହିଁ ।

ଆଉ ଗୋଟିଏ କଥା—ନିଜ କାମ ନିଜେ କରିବାକୁ କେବେ ସଙ୍କୋଚ ବୋଧ କରନାହିଁ । ତେଲୁଗୁ ଦେଶରେ ବଡ଼ ବଡ଼ ଜମିଦାର, ମହାଜନ ଘରେ କି ମୋଟା ଦରମା ପାଉଥିବା ଡାକ୍ତର, ପ୍ରଫେସର,

ଉତ୍କଳ, ମୁକ୍ତିଆରଙ୍କ ଘରେ ଝିଅ ବୋହୂମାନେ ବଡ଼ ବଡ଼ ହାଣ୍ଡିରେ ପାଣି ବୋହି ଆଣିବାଠାରୁ ଘରର ଶ୍ରେଷ୍ଠ ବଡ଼ ଯାବତୀୟ କାମ ନିଜ ହାତରେ କରନ୍ତି । ବାସନ ମଜା, ଗୁହାଳ ପୋଛା, ଘର ଦୁଆର ଝାଡ଼ୁ ସଫା ସୁତୁରା କରିବା କି କଳ ପାଖରୁ ଗରା ଗରା ପାଣି ମୁଣ୍ଡରେ ମୁଣ୍ଡେଇ ଦାଣ୍ଡରେ ଆଣିବା—ସବୁ କାମ ସେମାନେ ବିନା ସଙ୍କୋଚରେ ହସି ହସି କରିଥାନ୍ତି । କିନ୍ତୁ ଆମ ଓଡ଼ିଆ ଘରେ ୩୦ ଟଙ୍କିଆ କିରାଣୀର ଲବଣୀ-ପିତୁଳା ସ୍ତ୍ରୀଟି ପାଣି ନୋଟାଏ କାଢ଼ିବାକୁ ଚାକର ଦରକାର କରେ, ନିଜ ସ୍ୱାମୀ ଶଶୁର-ଙ୍କର ଅଇଁଠା ବାସନ ଦି' ଖଣ୍ଡ ବାହୁଲେଇ ପକେଇବାକୁ ଅପମାନ ବୋଧ କରେ । ନିଜ ପୁଅଝିଅ ଖାଇବାକୁ ପଛକେ ଦୁଧ ଘିଅ ଟିକିଏ ପାଉ ନ ଥିବେ, ଛେନା ଖଣ୍ଡେ କି ଚହ୍ଲାମୁନ୍ଦାଏ ପାଇଁ ନିଜେ ପଛକେ ବାରଦୁଆର ଦାନ୍ତ ନିକଟି, ଗୋଡ଼ ଭାଙ୍ଗି ଠିଆ ହେଉଥିବେ, କିନ୍ତୁ ଘରେ ଗାଈ ବାଛୁରି ରଖି ତାଙ୍କ ଆଗରେ କୁଣ୍ଡାପାଣି ମୁନ୍ଦାଏ ଥୋଇଦେବା କି ନଡ଼ା-କୁଟା ବିଡ଼ାଏ ପକେଇବା—ଏତିକି ତାଙ୍କ ହାତେ ହେବ ନାହିଁ । ପୁଣି ବାସୀ ଗୁହାଳ, ଗୋବର ପୋଛି ସଫା ସୁତୁରା କରିବା କି ନିଜେ ଜାଳ କଷ୍ଟରୁ ରକ୍ଷା ପାଇବା ପାଇଁ ଘସି ଦି'ମନ୍ଦା ଛାଞ୍ଚି ଦେବା, ଏଥିରେ ତାଙ୍କୁ ଦୁନିଆଯାକର ଲାଜ ଖାଇଯିବ । ନିଜ ପିନ୍ଧାଶାଢ଼ୀ ଦି'ଖଣ୍ଡ ପଛେ ଆଣ୍ଠିଏ ମହଳ ହୋଇଥିବ କି ପାରିଶୁଆ, ତକିଆଖୋଳ ବା ପିଲାମାନଙ୍କ ଜାମାପଟା ପଛକେ ତେଲ ଚିକଟା ହୋଇ ମଇଳା କୋଚଟ ହୋଇଥିବ, କିନ୍ତୁ ତା'କୁ ଟିକିଏ ଖାର ସୋଡ଼ାରେ ସିଝେଇ ଦେଇ ପୋଖରୀ ତୁଠରେ ପଥର ଉପରେ କାଚକୁଟ ଆଣିବାକୁ ତାଙ୍କୁ ସରମ ମାଡ଼ିବ—ସେଥି ଧୋବା ହାତକୁ ଅନେଇଥିବେ,, ଯିଏ ମାସେ ଦି'ମାସରେ ଥରେ ଗାଁ ଯାକର ଗଣ୍ଡିରି ଗଣ୍ଡିରି ଲୁଗା ନେଇ କଦଳୀ ଖାରରେ ବାଆଁ ଗୁଆଁ ଧୋଇ ଦେଇ ଆଣି ଦେଇଯିବ ।

ଏମାନଙ୍କର ଘର ଭିତରେ ବୋଝେ ବୋଝେ ମଇଳା, ଦାଣ୍ଡକୁ ଖାଲି ସଫା ଦେଖାଉଥିବେ । ଘରେ ଲୁଣ, ଲଙ୍କାମରିଚ ନଗେଇ ଶୁଖିଲା ଭାତ ପଛକେ କଷ୍ଟେମଷ୍ଟେ ନାକ କାନରେ ପୂରେଇବେ, ବାଡ଼ିରେ ମାଟି ହାଣି ଶାଗ ଦି'ପଟାଳି ବୁଣିବାକୁ ସଙ୍କୋଚ ମଣିବେ । ଖାଲି ଏମିତି ଟି'କ କଥାରେ ତାଙ୍କ ମାନ ମହତ କୁଆଡ଼େ ଚାଲେ ପଡ଼ୁଯାଏ ! ପୁଣି ଗାଁରେ ଶାଶୂ

ଶ୍ୱଶୁରଙ୍କ ଡରେ ମୁହଁ ମୋଡ଼ି ମୋଡ଼ି ନାକରେ ଲୁଗା ଦେଇ ଏମିତିକା କୁଲି କାମ (?) ଗୁହାଳ ଗୋବର ପୋଛି କି ଅଇଁଠା ବାସନ ମଜା—କଦବା କେମିତି ହୁଏତ ଟିକିଏ କରୁଥିବେ, କିନ୍ତୁ ଯୋଉଦିନ ଗେରସ୍ତ ସାଙ୍ଗରେ ବିଦେଶ ଯାଇଁ ସହର ବଜାର ଯାଗାରେ ଗୋଡ଼ ଦେବେ, ସେହିଦିନୁ ଏ ସବୁରେ ଗୋଟିଏ ବଡ଼ ପୂର୍ଣ୍ଣଚ୍ଛେଦ । ସାଧାରଣ ମାମୁଲି ଘର କାମ—ଜିନିଷପତ୍ର ଟିକିଏ ସଜେଇ ରଖିବା କି ପିଣ୍ଡା ପା'ଖଗ ଟିକିଏ ଓଳେଇ ସଫା କରିବା, କି ରୋଷେଇବାସ ଦି'ଟା କରିବା—ଏତିକି ବି ତାଙ୍କ ଦେଇ ସୁରୁଖୁରୁରେ ହୁଏ ନାହିଁ, ବାସନ ମଜା ତ ଦୂରର କଥା । ଆଉ ସିଏ ସ୍ୱାମୀ ସେବା କରିବେ କ'ଣ ଓଲଟି ନିଜେ ଦିନ ଦି'ପହରେ ବାସୀ ବିଛଣାରୁ ଉଠିଲାବେଳକୁ ତାଙ୍କ ଗୋଡ଼ତଳକୁ ଦାନ୍ତକାଠି, ପାଣି ଯୋଗେଇ ଦେବାକୁ ଜଣେ ଚାକର ଦରକାର ।

ଆଉ ଗୋଟିଏ ଶ୍ରେଣୀର ଲୋକ ଅଛନ୍ତି, ସିଏ ସବୁବେଳେ ଅନ୍ୟଠାରୁ ମାନ, ସମ୍ମାନ ଦାବି କରନ୍ତି । ପେଟ ଭିତରେ ପଛକେ କଡ଼ାକର ଗୁଣ ନ ଥାଉ, ଖାଲି ଉପରେ ପଛକେ ଦେଖା ସୁନ୍ଦର କଖାରୁ ବଡ଼ ଭଳି ଚହଟ ଚିକଣ ହୋଇଥାନ୍ତୁ, କିନ୍ତୁ ବାହାରେ ଜ୍ୱାଇଁ କୁଣିଆଙ୍କ ଭଳି ଗମ୍ଭୀର ହୋଇ ଜବରଦସ୍ତି ସମ୍ମାନ ଆଦାୟ କରିବାରେ ଲାଗିଥିବେ । କେମିତି ଦେଖ ।

ଜ୍ୱାଇଁଟିଏ ଶ୍ୱଶୁର ଘରକୁ ପୁଚେଇଖାଇ ଆସିଛି । ଦିନକୁ ଦିନ ନୂଆ ନୂଆ ଶାନ୍ତିପୁରୀ ଧୋତି, ଚଦର ପିନ୍ଧି ଖାଲି ସବୁବେଳେ ତକିଆକୁ ଆଉଜି ପଲଙ୍କ ଉପରେ ବସିଅଛି । ପାନ ଚୋବେଇ ପାଟି ରଙ୍ଗଉ ରଙ୍ଗଉ ବେଳେ ବେଳେ ଖଡ଼ିକା ଧରି ସୁନାଖିଲମରା ଦାନ୍ତ ସନ୍ଧିରୁ ମଇଳା ବାହାର କରୁଛି । ଗାଁର କେତେ ମଳମୁଣ୍ଡିଆ, ଛିଣ୍ଡା ଗାମୁଛା ପିନ୍ଧା ବୁଢ଼ା ବୁଢ଼ା ଲୋକ ବାଡ଼ି ଠକ୍ ଠକ୍ କରି ଜ୍ୱାଇଁକୁ ଦେଖିବାକୁ ଆସୁଛନ୍ତି । କିନ୍ତୁ ଜ୍ୱାଇଁ ଖଟ ଉପରୁ ଓହ୍ଲେଇ ଆସି ଏହି କୁଳି ମୂଲିଆ ଶ୍ରେଣୀର ଗାଉଁଲି, ମୂର୍ଖ ଲୋକଗୁଡ଼ିଙ୍କୁ ଆଦର କରି ଡାକିନେଇ ଖଟଉପରେ ବସାଉ ନାହିଁ କି ନଇଁପଡ଼ି ତାଙ୍କ ପାଦଧୂଳି ନେଇ ମୁଣ୍ଡରେ ମାରୁନାହିଁ । କାରଣ ସେ ଜ୍ୱାଇଁପୁଅ, ପୁଣି ପାଠଶାଠ ଦି' ଅକ୍ଷର ପଢ଼ି କଲେଜରୁ ବି: ଏ: ଡିଗ୍ରୀଟାଏ

ହାସଲ କରିଛି; ସେଥିରେ ପୁଣି ଗାଁ ଜମିଦାରର ଅଚଳାଚଳ ସମ୍ପତ୍ତିର ଏକମାତ୍ର ଉତ୍ତରାଧିକାରିଣୀ କନ୍ୟାର ପାଣି ଗ୍ରହଣ କରି ଗୋଟାଏ ଶ୍ରେଷ୍ଠ ଗଜଗାଦିର ମାଲିକ ହେବାକୁ ଯାଉଛି । ସେ ଏହି ମଳମୁଣ୍ଡିଆ ଲୋକଙ୍କୁ ଖାତିର କରିବ ନା ? ଏମାନଙ୍କୁ ଡାକି ହାକି ପାଖରେ ବସେଇଲେ ନିଜ ମାନ ସମ୍ମାନରେ ବାଧା ପଡ଼ିବ ନାହିଁ ? ଲୋକେ ଦାଣ୍ଡଦୁଆରେ ପହଞ୍ଚେ ଠିଆ ହୁଅନ୍ତି, ଜଇଁ ସାଆନ୍ତଙ୍କୁ ଘଡ଼ିଏ ଚାହାନ୍ତି, ପୁଣି ବାଡ଼ି ଠକ୍‌ଠକ୍ କରି ମୁହଁ ନେଫେଡ଼ି ବାଟ ଭାଙ୍ଗି ଚାଲିଯା'ନ୍ତି । ଜଇଁଙ୍କ ବଡ଼ଲୋକ ରହିଯାଏ ତାଙ୍କ ତିନିମହଲା କୋଠାଘରେ । ସେ ଯାହା ମନେ ମନେ ଭାବିଥାନ୍ତି ଯେ ନୂଆ ଜମିଦାର ବୋଲି ଗାଁ ଲୋକେ ଆସି ତାଙ୍କୁ ସଲାମି ଦେଇ ଗୋଡ଼ ତଳେ ଲୋଟିଯିବେ, ତା ହୁଏନା । ଉଧାର ସେରକ ତିନି ପା' ନୁହେଁ । ଗାଁ ଲୋକେ ନିଜେ ଟିକିଏ ଆଦର, ଯତ୍ନ ନ ପାଇଲେ ଜମିଦାର ଛାଡ଼ ଗୋସେଇଁ ହେଲେ ବି ସେ କାହିଁକି କାହାକୁ ଭକ୍ତି, ସମ୍ମାନ ଦେଖେଇବେ ?

ଆଉ ଗୋଟିଏ ଉଦାହରଣ ଦିଏ । ଝିଅଟିଏ ସ୍ୱାମୀ ସାଙ୍ଗରେ ସବୁଦିନେ ବିଦେଶରେ ଥାଏ । ଅକାଳେ ସକାଳେ ଦିନେ ସହର ଛାଡ଼ି ଗାଁକୁ ଆସିଲେ ମଫସଲର ମାଇପିଲୋକେ କୁତୂହଳୀ ହୋଇ ପଞ୍ଝା ପଞ୍ଝା ଆସି ତା' ଦୁଆର ମୁହଁରେ ଜମା ହୁଅନ୍ତି । କଞ୍ଚା ବୟସର ଝିଅ ବୋହୂ ଗୁଡ଼ାକ କିଲିକାଲିଆ ହୋଇ ଦଉଡ଼ି ଆସି ତା' ଚାରି ଶଗଡ଼କୁ ଘେରିଯାନ୍ତି । କିଏ "ତୁଳସୀ" କିଏ "ବଉଳ" କିଏ "ଅଳେଇଚ" ବୋଲି ଡାକ ଛାଡ଼ି ସରଳା, ପଲ୍ଲୀଝିଅ ଗୁଡ଼ିକ ସହରର ଏହି ଶିକ୍ଷିତା ମହିଳାଟିକୁ କିଳିବିଳି କରି ପକାନ୍ତି । ସିଏ ବି ଏଇ ଗାଁରେ ଏଇମାନଙ୍କ ସାଙ୍ଗରେ ହସି ଖେଳି କେତେ ଦିନ କଟେଇ ଦେଇଛି । ଧୂଳିଘର କରି ମିଛିମିଛିକା ଭାତ, ତୁଣ ରାନ୍ଧି ନିଜେ କୁନିବୋହୂ ସାଜି ଏହିମାନଙ୍କୁ ଶାଶୁ, ନଣନ୍ଦ କରି କେତେ ପରଷିଛି । ଭାଲୁକୁଣୀ ଓଷାଦିନ ଏହିମାନଙ୍କର ସାଙ୍ଗରେ ବଡ଼ସକାଳୁ ଉଠି ହୁଳହୁଳି ପକେଇ, ନଗି ଧରି କେତେ କନିଅରି, ଗୋଡ଼ିବାଣ ଫୁଲ ତୋଳିଛି ପୁଣି କୁଆଁରପୁନେଇଁ ଦିନ ଚାନ୍ଦ ଉଠେଇଁ ଏଇମାନଙ୍କ ସାଙ୍ଗରେ ଗୀତ ବୋଲି କେତେ ପୁଚି ଖେଳିଛି । କିନ୍ତୁ ଆଜି ବର୍ଷ କେଇଟା ସହରରେ ରହିଁଯାଇଁ, ସହରର ସିନେମା, ବାଇସ୍କୋପ ଦେଖି, ନଭେଲ, ନାଟକ ପଢ଼ି ତା'ର ଆଜି ହୋଇଛି ଗୋଟାଏ ମସ୍ତବଡ଼ ପରିବର୍ତ୍ତନ । ସେ ହସି

ହସି ଗାଡ଼ିରୁ ଓହ୍ଲାଇ ଆସି ସେହି ପୁରୁଣା ସାଙ୍ଗ ସାଥିମାନଙ୍କୁ ଆଦରରେ କୁଣ୍ଢେଇ ପକେଇ ନାହିଁ କି ଲଜ, ସଙ୍କୋଚରେ ମୁଣ୍ଡରେ ଓଢ଼ଣା ଢାଙ୍କି ତାଙ୍କ ଗାଁର ସେହି ପୁରୁଖା ପୁରୁଖା, ବରବୁଢ଼ୀ ମାଇପିମାନଙ୍କ ଗୋଡ଼ତଳେ ମୁଣ୍ଡ ଲଗେଇ ନାହିଁ । କେମିତି କରିବ ? ତା' ଧୋବ ଫରଫର ବାସୀଲୁଗାଟା ଯେ ଏହି ତେଲ ହଳଦି ଗରଗର ଗାଉଁଲି ଝିଅଗୁଡ଼ାକ ଦେହରେ ଲାଗିଲେ ଘଷା ହୋଇଯିବ ? ପୁଣି ତା ଫୁଲଖୋସା ଚକ୍‌କଣ ବେଣୀଟି ଯେ ଏହି ବୁଢ଼ୀଗୁଡ଼ାଙ୍କ ଗୋଡ଼ଧୂଳିରେ ଲାଗି ମୁକୁଳା ହୋଇ ଅଲଗା ହୋଇଯିବ ? ସେ ଦେଖୁଛି ତା' ବାସୀଲୁଗା, ତା ସୁନାହାର, ତା' କଳାବେଣୀ ଆଉ ମନେ ମନେ ଭାବୁଛି ତା' ପେଟର ଦି' ଅକ୍ଷର ପାଠ, ମଥାର ଦି' କଡ଼ା ବୁଦ୍ଧି ଆଉ ସହରର ଗ୍ଳକଚକ୍ୟ । ଏତିକିରେ ଗର୍ବରେ ସେ ଫୁଲି ଉଠୁଛି— ମଣିଷ ଚିହ୍ନୁ ନାହିଁ । ଓଲଟି ସିଏ ଆଶା କରୁଛି ଯେ ଏହି ଗାଁ ଗହଳର ଗଣ୍ଡମୂର୍ଖ ଝିଅ ବୋହୂଗୁଡ଼ାକ ତାକୁ ଖାତିର କରିବେ, ମାନଥାନ କରିବେ, ଡରିହରି ତା' ପାଖରେ ପଶିବେ ନାହିଁ । କିନ୍ତୁ କିଏ କାହିଁକି ପଚାରିବ ? ଅପରିଚିତା ସ୍ତ୍ରୀ ଲୋକଟିକୁ ମାଉସୀ ବୋଲି ଡାକିଲେ ସିନା ସେ ତମକୁ ସ୍ନେହ ଆଦରରେ ଝିଅ ବୋଲି ଡାକି କୋଳକୁ ଟାଣି ନେବ, ଆଉ ତମେ ଯଦି ତା'କୁ 'ଛତେଶି' 'ବେଧେଇ' ବୋଲି ଗାଳି ଦିଅ, ସେ କାହିଁକି ତମର ଚଉଦ ପୁରୁଷ ନ ଉଖାଳିବ ? ଠିକ୍ ସେଇଆ ହୁଏ । ଝିଅଟିର ଏମିତିକା ମନମୋହିନୀ ଢଙ୍ଗ ଦେଖି ଗାଁ ମାଇପେ ମୁହଁ ମୋଡ଼ି ଯେଝା ଯେଝା ଘରକୁ ଚାଲିଯାନ୍ତି । ଝିଅବୋହୂଗୁଡ଼ା ଆଉ ବଳଦ ସନ୍ଧରେ ଠେଲପେଲି ହୋଇ ଶଗଡ଼ ମୁହଣ୍ଡା ପାଖକୁ ନ ଆସି ଓଢ଼ଣା ଭିତରେ ଯା ତା' ଆଡ଼କୁ ଅନାଅନି ହୋଇ ନୀରବରେ ଘରକୁ ଫେରିଯାନ୍ତି । ଆଉ ସେହି ସହରର ପାଠୋଇ ଝିଅଟି ତା' ବଡ଼ଲୋକକୁ କାନ ଅଗରେ ବାନ୍ଧି ଶଗଡ଼ରୁ ଓହ୍ଲେଇ ତାଙ୍କ ପକାପିଣ୍ଡାର ପାହାଚ ଉପରେ ଗୋଡ଼ଦିଏ । କେହି ମୁହଁ ଫେରାଇ ତା' ଆଡ଼କୁ ଅନାନ୍ତି ନାହିଁ । ଗାଁର ଚଗଲା ଛୁଆଗୁଡ଼ାକ ନଙ୍ଗଳା ହୋଇ ଗାଁ ଦାଣ୍ଡରେ ତଅାଁ ମାରି ଏହି "ମେମ୍ ସାହେବ"ଙ୍କୁ ଥଟ୍ଟା କରି କରି ଗୀତ ଗାଇ ନାଚନ୍ତି ।

ଆଉ ଇଏ ବି ଅତି ସତକଥା ଯେ ତମେ ଯାହାପ୍ରତି ଯେଉଭଳି ବ୍ୟବହାର କରିବ, ତା'ଠାରୁ ଠିକ୍ ସେହିଭଳି ବ୍ୟବହାର ପାଇବ ।

ହସି ହସି କଥା କହିଲେ ପଥର ବି ତରଳ ଯାଏ । ସ୍ନେହ ଆଦରରେ ମିଠା କଥା ପଦେ କହି ପରକୁ ଆପଣାର କରି ପାରିଲେ ଶତ୍ରୁ ବି ତମ ଆଡ଼କୁ ଢଳିପଡ଼େ । କେବଳ ସ୍ନେହ ଆଦର ଟିକିଏ ପାଇ ବିଦୁରର ଭଙ୍ଗା କୁଡ଼ିଆ ଘରେ ସ୍ୱୟଂ ଭଗବାନ ହସି ହସି ଶାଗଭଜା ଆଉ ବଗଡ଼ା ଅନ୍ନ ଖାଇଛନ୍ତି, କିନ୍ତୁ ଅଭିମାନୀ, ଗର୍ବୀ ଦୁର୍ଯ୍ୟୋଧନର ରାଜପ୍ରାସାଦରେ ସୁନାଥାଳିରେ ଅମୃତ ଭୋଜନ କରି ନାହାନ୍ତି । ପୁଣି ମଣିଷ ଚିରଦିନ ବଞ୍ଚି ରହେ ନାହିଁ, ବଞ୍ଚି ରହେ ମଣିଷର କଥା, ମଣିଷର ବ୍ୟବହାର । ତମେ ଯଦି ଫୁଟନ୍ତା ଗୋଲାପଟି ଭଳି ସଦାବେଳେ ମୁହଁରେ ହସ ଫୁଟାଇ ଘରର ଯା', ନଣନ୍ଦ, ଦିଅର, ଶାଉଜ ବା ଗାଁ ଗଣ୍ଡାର ପଡ଼ା ପଡ଼ୋଶୀ ସାଙ୍ଗସାଥୀ କି ଗୁରୁ ଗୁରୁଜନଙ୍କ ସାଙ୍ଗରେ ସ୍ନେହ ଆଦରବୋଳା କଥା କହି ମଧୁର ବ୍ୟବହାର କରି ସେମାନଙ୍କୁ ଆପଣା ଆଡ଼କୁ ଟାଣିନିଅ, ତେବେ ସେମାନେ ତମକୁ ବେଶୀ ଆଦର କରିବେ ? ନା, ସେମାନଙ୍କୁ ବେଖାତିର କରି, ଦୁରୁଦୁରୁ, ଖୁରୁଖୁରୁ ହୋଇ ସଦାବେଳେ ତାଙ୍କ ମଳମୁଣ୍ଡିଆ ବେଶ ଦେଖି ନାକ ଟେକିଲେ ବେଶୀ ମାନ ଥାନ କରିବେ ? ମାନ, ସମ୍ମାନ କେହି ଖୋଜି ଯାଏ ନାହିଁ, ତା ଗୁଏଁ ଗୁଏଁ ଲୋକ ପାଖକୁ ଆସେ । ଇଂରେଜୀରେ ଗୋଟିଏ କଥା ଅଛି—"First deserve, then desire" ଅର୍ଥାତ୍ ଆଗ ଗୁଣିଆ ହୁଅ, ତା'ପରେ ମାନ ସମ୍ମାନ ପାଇବାପାଇଁ ଆଶା କରିବ । ପୁଣି ଦି'ଦିନ ସହରରେ ରହି ରଙ୍ଗ ଫୁଲେଇ ହୋଇ ଗାଁ କଥା ଭୁଲିଯାଅ ନାହିଁ । ଓଡ଼ ଗୋଟେଇ ଗୋଟେଇ ଯା' ହାତ ବନ୍ଧି, ସେ ଆଜି ରଜାଙ୍କ ଆଗରେ ଓଡ଼ ଗଛ ଚିହ୍ନି ନ ପାରିଲେ ବିଚ୍ଛୁର ଋଷି ବାଳ ଛିଣ୍ଡେଇ ମରିବ ସିନା !

## ସଞ୍ଚୟ

ଆଚ୍ଛା, ତମେତ ଅନେକ ଦିନ ହେଲା ଚିଠିପତ୍ର ଦେଇନାହଁ ? ଜାଣିନା ତମେ, ଘରର ସବୁ ମାୟା ମମତାଠାରୁ ଦୂରରେ ରହି ଏହି ସାହାସମ୍ବଳହୀନ, ସୁଦୂର ବିଦେଶରେ ତମର ଚିଠି ଖଣ୍ଡିକହିଁ ଜୀବନରେ କେତେ ସୁଖ, ଶାନ୍ତି ସରସତା ଆଣିଦିଏ । କିନ୍ତୁ ଏଥର ଦେଖିଛି, ଚାତକ ଭଳି ଡାକବାଲାକୁ ଚାହିଁ ଚାହିଁ ଶେଷରେ ଆଖିରୁ ପାଣି ମରିବ ପଛକେ

ଚିଠି ଆସିବ ନାହିଁ । ଅଭିମାନ ! କୋଉଥିପାଇଁ ମୋଉପରେ ଏତେ ଅଭିମାନ ? ଓ, ମନେ ପଡ଼ିଲା, ଚିଠି ଲେଖିବା ପାଇଁ ଦାମି ରାଇଟିଂ ପ୍ୟାଡ଼୍ କିଣି ଅଯଥା ପଇସା ନଷ୍ଟ କରିବାକୁ ମୁଁ ସେଦିନ ବାରଣ କରିଥିଲି ବୋଲି ମୋର ସେହି କଥାକୁ ବୋଧେ ଧରି ବସିଛ ? ଆଉ ସେଥିପାଇଁ ମନରାଗ ମେଣ୍ଟେଇବାକୁ ପ୍ରଥମେ ଦାଉ ସାଧୁଛ ମୋରି ଉପରେ । ଦୁଷ୍ଟୀଟା ଟି'କ କଥାକୁ ଏମିତି ରାଗ କରନ୍ତି ନା ? ମୁଁ ତମରି ଭଲକୁ କହୁଥିଲି ସିନା—ତମ ମନକୁ ଯଦି ନ ପାଇଲା, ମୋ କଥା ମୋତେ ଫେରାଇ ଦିଅ । କିନ୍ତୁ ମନେରଖ, ମୋର ଏହି ସାନ ବୋଲି ନ ମାନିଲେ ଦିନେ ନା ଦିନେ ତମେ ପସ୍ତେଇବ । ଖାଲି ଏମିତି ରାଇଟିଂ ପ୍ୟାଡ଼୍, ଗ୍ରାମ୍‌ଫୋନ, ରେକର୍ଡ଼ ବା ରୋଲ୍‌ଡ଼ଗୋଲ୍‌ଡ଼୍ ଚଶମା କିଣି ଭୋଗ ବିଳାସରେ ଆଜିଠୁ ସବୁ ପଇସା ଉଡ଼େଇ ଦେଲେ, ଭବିଷ୍ୟତର ଦୁର୍ଦ୍ଦିନରେ ତମେ ଚଳିବ କିପରି ? ଆଜି ସିନା ବଳ ବଅସ ଅଛି, ପାଞ୍ଚ ପଇସା କମେଇବାର ଶକ୍ତି ଅଛି । କିନ୍ତୁ କାଲି ସକାଳେ ଯେତେବେଳେ ବଳ ବୟସ ନଇଁବ, କାମଧନ୍ଦାକୁ ଆଉ ପାରି ଉଠିବା ନାହିଁ, ସେତେବେଳେ ଚଳିବା କିପରି ? ସବୁଦିନ ତ ଆଉ ସମାନ ଭାବରେ ଦିନ ଯାଏ ନାହିଁ—ଆଜି ରୋଗ ବାଧିକା ଅଛି, ଆପଦ ବିପଦ ଅଛି, ସେଥିପାଇଁ ଆଗରୁ କାଣ୍ଟି କୁଣ୍ଟି ପାଞ୍ଚ ପଇସା ସାଇତି ନ ରଖିଲେ, ସେତେବେଳେ କାହା ଦୁଆରେ ଯାଇଁ ହାତ ପତେଇବା ?

ପୁଣି ଆମର ଏ ପିଲା ଛୁଆ ଦୋ'ଟିଙ୍କୁ ତ ପାଠ ଦି'ଅକ୍ଷର ପଢ଼େଇ ମଣିଷ କରିବାକୁ ହେବ ? ଆମେ ସିନା ପଇସା ପତ୍ର ଅଭାବରୁ ବେଶୀ ଦୂର ପଢ଼ି ନ ପାରି ଏମିତି ଅଧାପାଠୁଆ ହୋଇ ମଝିରେ ହିଁ ଶିକ୍ଷୁ ପାଲଟିଲେ, ଆମ ପିଲାଛୁଆଙ୍କୁ କ'ଣ ସେହିଭଳି ଅଧାବାଟରେ ବସ୍ତାନରେ ଡୋର ବନ୍ଧେଇ ବୃହାଳୀରୁ ଉଠେଇ ଆଣିବା ? ନାହିଁ ଯଦି ତାଙ୍କୁ ଭଲକରି ଦି'ଅକ୍ଷର ପଢ଼େଇ ତାଙ୍କ ଆଖି ଖୋଲି ଦେବାକୁ ଚାହିଁ, ତେବେ ସେଥିପାଇଁ ଆଗରୁ କିଛି ପୁଞ୍ଜି ସାଇତି ନ ରଖିଲେ ବାହାଘର ବେଳେ ବାଇଗଣ ରୋଇଲେ ସେ କ'ଣ କାମକୁ ପାଇବ ? ସହଜେ ତ ଆମରି ଚିରା ଖାଳେଇ । ରଖୁ ରଖୁ କୁଆଡ଼େ ଗଲି ପଡ଼ି ଶୂନ୍ୟଶୂନ୍ୟ ହୋଇଯାଉଛି । ପହିଲାରେ ଦରମା ପାଇଲେ ପାଞ୍ଚ ତାରିଖ ବେଳକୁ ହାତ ଖରଚ କରିବା ପାଇଁ ଘରେ ପାଞ୍ଚଟି ବୋଲି ଟଙ୍କା ନ ଥିବ । ଖାଲି ଅଭାବ, ଅଭାବ ।

ଦୋକାଣୀର ସଉଦା ଦାମ ବାକି, ଗଉଡ଼ର ଦୁଧ ଦାମ ବାକି, କେଉଟର ମାଛ ଦାମ୍ ବାକି । କୋଉ ମାସରେ ହେଲେ ସମୁଦାୟ ସୁଝିଁଠ ପାଇଲ ନାହିଁ । ସେଥିରେ ତମେ ଯଦି ଟିକିଏ ହିସାବରେ ନ ଚଳ, ତେବେ ଦୈନନ୍ଦିନ ଗୁଜୁରାଣ ମେଣ୍ଟେଇ ଭବିଷ୍ୟତ ପାଇଁ ଗୃର ପଇସା ସଞ୍ଚୟ କରିବ କିପରି ? ଆଉ ସ୍ତ୍ରୀ ଯଦି ମିତବ୍ୟୟୀ ନ ହୁଏ, ତେବେ ସ୍ୱାମୀ ଯେତେ ଚେଷ୍ଟା କଲେ ବି ଫଟା ପାହୁଲଟିଏ ସଞ୍ଚି ପାରେନା । ତମେ ଯଦି ଏଆଡ଼କୁ ଦୃଷ୍ଟି ନ ଦେଇ ଏବଂ ନିଜ ଅବସ୍ଥାକୁ ନ ଚାହିଁ ପ୍ରତି ମାସରେ ରାଇଟିଂ ପ୍ୟାଡ଼୍ ଭଳି ଗୁଡ଼ାଏ ବାଜେ ଖର୍ଚ୍ଚର ବରାଦ କର, ତେବେ ତମ ଭବିଷ୍ୟତ ବା ଭଲ ମନ୍ଦକୁ ଆଉ ଦେଖିବ କିଏ ?

ଥରେ ତ କହିଛି, ଏସବୁ ବଡ଼ଲୋକଙ୍କ ଘରକୁ ସାଜେ । ଇଲେକଟ୍ରିକ୍ ଲାଇଟ୍ ତଳେ କୁଶନ୍ ଚେୟାରରେ ବସି ବସି ଟିପୟ ଉପରେ ନେଳି ରାଇଟିଂପ୍ୟାଡ୍ ରଖି ପାର୍କ ଫାଉଣ୍ଟେନ୍‌ରେ ଲଭ୍‌ଲେଟର୍ ଲେଖା ସାଜେ ସିନା— ନାଲି କିରାସିନିର ମିଂକିମିଂକି ଡିବି ଆଲୁଅ ପାଖରେ ଛିଣ୍ଡା କନ୍ଥା ଖଣ୍ଡେ ବିଛେଇ ଦେଇ ତା'ଉପରେ ଗୋଲାପୀ ରାଇଟିଂ ପ୍ୟାଡ଼ ରଖି ଦନ୍ତୁଡ଼ା କାଠି କଲମରେ ଘରର ହଜାର ଅଭାବ, ଅସୁବିଧା, ଦୁଃଖ, ଦୈନ୍ୟ କଥା ଲେଖି ବସିଲେ ସୁନ୍ଦର ଦିଶିବ କି ? ସେ ମାୟାର ସୁନା-ମୃଗ କଥା ଭୁଲିଯାଅ । ମରୀଚିକା ପଛରେ ଗୋଡ଼େଇଲେ ଶୋଷ ଆହୁରି ଦିନକୁ ଦିନ ବଢ଼ିବ ସିନା ମରିବ ନାହିଁ । ଯେତେ ଭୋଗ ବିଳାସରେ ମାତି ରହିବ, ସେତେ ଦିନକୁ ଦିନ ନୂଆ ନୂଆ ଜିନିଷ ପାଇବାକୁ ମନ ଉଚ୍ଛନ୍ନ ହେବ । ମାୟାମୃଗ ପଛରେ ଗୋଡ଼େଇ ଗୋଡ଼େଇ ଶେଷରେ ଅଝାଡ଼ ଜଙ୍ଗଲରେ ଧାଇଁ ପାଣି ଟୋପିଏ ନ ପାଇ ଛଟପଟ ହୋଇ ମରିବା କଥା ସାର ହେବ । ଆଜି ମୋ'କଥା ଗନ୍ଧଉଛି । ସେଦିନ ଯେତେବେଳେ ବେକରୁ, ହାତରୁ ସୁନାଗହଣା କାଢ଼ି ପରଦୁଆରେ ବନ୍ଧା ପକେଇ ଚାଉଳ କିଣୁଥିବ, ସେତେବେଳେ ମୋ'କଥା ମନେ ପଡ଼ିବ । ପୁଣି ପୁଅଗୁଡ଼ାକ ଯେତେବେଳେ ମୂର୍ଖ, ଗଣ୍ଡଭୈରବ ହୋଇ ଡିଆଁ ମାରି ଦାଣ୍ଡରେ ଗୁଳି ଡାବକୁପୁଆ ଖେଳୁଥିବେ, ଆଉ ତାଙ୍କୁ ମଣିଷ କରିବା ପାଇଁ ତମର କଡ଼ାକର କଶମତ ନ ଥିବ, ସେତେବେଳେ ଏ ଆଖି ଲୁହ ସେ ଆଖିରେ ମାରି ମୋର ଏହି ସାନ ଉପଦେଶ କଥା ନିଶ୍ଚୟ ଭାବିବ । କିନ୍ତୁ

ସେତେବେଳକୁ ନେଡ଼ ଗୁଡ଼ କହୁଣିକି ବୋହି ଯାଇଥିବ । ସେତେବେଳେ ଦାମିକା ରାଇଟିଂପ୍ୟାଡ୍‌ଟ ସାତସପନ, ମହାଜନ ଦେଣା ଟଙ୍କାର ସୁଧ ମୂଳ ହିସାବ କରିବାକୁ ଛିଣ୍ଡାକାଗଜ ବକଟେ ବି ମିଳିବ ନାହିଁ ।

ସେଥିପାଇଁ ମୁଁ ଏତେ ବୁଝେଇ ସୁଝେଇ କହୁଛି ଯେ ଆଗରୁ ସାବଧାନ ହୁଅ, ବେଳ ଥାଉଁ ଥାଉଁ ଉପାୟ ବାନ୍ଧ । ଆଉ ଏ ଭୋଗ-ବିଳାସ ଟିକିଏ କମେଇ ଏ ବାଜେ ଖର୍ଚ୍ଚ ଟିକିଏ ବନ୍ଦ କରି ଭବିଷ୍ୟତ ପାଇଁ ଚାରିପଇସା କଉଡ଼ି ସଞ୍ଚି ରଖିବ, ତାର ଉପାୟ ବାହାର କର । ଅବଶ୍ୟ ଏଥିରୁ ବୁଝିବ ନାହିଁ ଯେ ମୁଁ ତମକୁ କାର୍ପଣ୍ୟ, କୃପଣ ହୋଇ ଚଳିବାକୁ କହୁଛି । ନିଜ ପେଟକୁ ଖାଇବ ନାହିଁ କି ଦେହକୁ ପିନ୍ଧିବ ନାହିଁ କି ଅକାଳେ ସକାଳେ ଯୋଗୀ ଭିକାରି ଥାଳରେ ମୁଠାଏ ଦେବନାହିଁ, ଖାଲି ନିକଟାଙ୍କ ଭଳି ଅଧଲି ପଇସା ରଖି କୁମ୍ଭା ଭରିତ କରୁଥିବ—ଏହା ହେବାକୁ ମୁଁ କେବେ ତମକୁ କହିବି ନାହିଁ । ଯାହାଙ୍କ ଦେହରୁ ଧାପେ ମଳି ଯିବ ନାହିଁ, ଆଉ ଯାହାଙ୍କ ଆଖି ଆଗରେ ଗଣ୍ଡାଗଣ୍ଡା ଲୋକ ଭୋକ ଉପାସରେ ଛଟପଟ ହୋଇ ମରିଗଲେ ବି ତାଙ୍କ ପଥରହୃଦୟ ଟିକିଏ ତରଳିବ ନାହିଁ—ସେମାନେ ମଣିଷ ନୁହନ୍ତି, ହୃଦୟହୀନ ପଶୁ । ମୁଁ କେବେ ତମକୁ ତା' କରିବାକୁ ଉପଦେଶ ଦେବି ନାହିଁ । ବରଂ ତମେ ଯଦି ଭବିଷ୍ୟତକୁ ଅଧଲିଟିଏ ନ ସଞ୍ଚି ସବୁ ପଇସା ଏଇ ଦୁଃଖୀ, ରଙ୍କି, ରୋଗୀ, ଶୋଷୀଙ୍କ ସେବାରେ ଲଗାଇ ଦିଅ, ତା'ହେଲେ ମୁଁ ପାଟି ଫିଟାଇବି ନାହିଁ । ଓଲଟି ତମ ଉପରେ ବେଶୀ ଖୁସି ହେବି—ଦାଣ୍ଡଘାଟରେ ତମ ପ୍ରଶଂସା ଗାଇ ବୁଲିବି । କାହିଁକି ଜାଣ ? ଯୋଉ ପଇସାଟିକର ମୁଢ଼ି କିଣି ତମେ ସେହି ତିନଦିନର ଓପାସିଆ ଲୋକଟି ଅଣ୍ଠିରେ ଅଜାଡ଼ି ଦେଲ, ତାହା ଦିନେ ଟଙ୍କାଟିଏ ହୋଇ ତମ ଘରକୁ ଲେଉଟି ଆସିବ । ତମ ପୁଅ ଦେହରୁ ଯେଉଁ ଛିଗ ଘୋଡ଼େଇ ହେବା ଖଣ୍ଡିକ କାଢ଼ିନେଇ ସେହି ସାତତାଳ ଜଳରେ କମ୍ପୁଥିବା ଭିକାରୁଣୀର ଛୁଆଟା ହାତକୁ ବଢ଼ାଇଦେଲ, ତା' ଦିନେ ଦାମିକା ସାଲ ହୋଇ ତମ ପେଡ଼ି ପେଟରକୁ ଫେରି ଆସିବ । ଏହି ବିଷୟରେ ମୋର ଗୋଟିଏ ପିଲାଦିନର ପୁରୁଣା ଗପ ମନେ ପଡ଼ୁଛି ।

ଦି'ଜଣ ରାଜା ଥାଆନ୍ତି—ଜଣେ ଭାରି କଞ୍ଜୁସ ଆଉ ଜଣେ ଭାରି ଦାତା । ଜଣେ ପଡ଼ୋଶୀ ରାଜା ରାଜୁଡ଼ାଙ୍କର ରାଜ୍ୟ ଆକ୍ରମଣ କରି,

ସେମାନଙ୍କର ଧନ, ସମ୍ପତ୍ତି ଲୁଣ୍ଠନ କରି ନିଜ ରାଜ୍ୟ ବଢ଼ାଏ, ନିଜ ଧନ ରତ୍ନ ବଢ଼ାଏ । ଗରିବ ପ୍ରଜାମାନଙ୍କର ଦୁଃଖ ଅଭାବକୁ ନ ଗୃହ୍ନିଁ, ସେମାନଙ୍କ ଉପରେ ଚଳାଏ ନିର୍ମମ ଶୋଷଣ, ଦୁର୍ବଳ ଉପରେ କରେ ଅମାନୁଷିକ ଅତ୍ୟାଚାର, ଅସହାୟା ଅବଳାନାରୀ ଉପରେ ଖଜଣା ଗଣ୍ଡାକପାଇଁ କରେ କେତେ ଅକଥନୀୟ ଜୁଲମ । ପୁଣି ଗରିବ ପ୍ରଜାମାନଙ୍କ ଚର୍ଣ୍ଣିଚିପି, ରକ୍ତ ଶୋଷି ଯେଉଁ ଗାଡ଼ଗାଡ଼ ଟଙ୍କା ନେଇ ନିଜ ଟ୍ରେଜେରୀ, ସିନ୍ଦୁକ ଭରିତ କରେ, ସେଥିରୁ କେବେ ଭୁଲ୍‌ରେ ବି ଅଧଲାଟିଏ ଦାନଧ୍ୟାନରେ ଖର୍ଚ୍ଚ କରେନା, କି ପ୍ରଜାମାନଙ୍କ ହିତପାଇଁ ରାଜ୍ୟ ଭିତରେ ଗୋଟିଏ ସ୍କୁଲ କି ଡାକ୍ତରଖାନା ବସାଏ ନା । ଯାହାଙ୍କ ଧନରେ ସିଏ ବଡ଼, ଯାହାଙ୍କ ସ୍ବତ୍ତର ରକ୍ତରେ ତା'ର ଗାଡ଼ିଘୋଡ଼ା, କୋଠାବାଡ଼ି, ଯାନ-ବାହନ ଗଠିତ, ଯାହାଙ୍କ ମୁଖର ଗ୍ରାସରେ ତା'ର ବିଳାସବ୍ୟସନ, ରାଜଭୋଗ, ଆମୋଦପ୍ରମୋଦ ସମ୍ଭବପର--ସେ ଭୁଲିଯାଏ, ସେହିମାନଙ୍କ କଥା, ସେହିମାନଙ୍କ ଦୁଃଖ, ଦୈନ୍ୟ, ରୋଗ, ଶୋକ ।

କିନ୍ତୁ ଆର ରାଜାଜଣକ ଭାରି ଉଦାର । ଅନ୍ୟ ପ୍ରତିବେଶୀ ରାଜାଙ୍କର ସୁଖ, ସମ୍ଭୋଗ ଦେଖିଲେ, ସେ ଈର୍ଷାରେ ଜଳିଯାଏ ନାହିଁ, କି ଦୁର୍ବଳ ରାଜାଙ୍କୁ ଆକ୍ରମଣ କରି ତାଙ୍କ ଧନ ରତ୍ନ ଲୁଟି ଆଣି ନିଜ ରାଜ୍ୟ ସମୃଦ୍ଧି ବୃଦ୍ଧି କରେ ନାହିଁ । ପୁଣି ଗରିବ ବାପୁଡ଼ାଙ୍କର ସେ ମା' ବାପ ! ଗରିବ, ଦୁଃଖୀ ଚଷାପୁଅଟିଏ—ଗାଁ ସାହୁକାର ଘର ଦି'ପା ମାଣେ ଭାଗ ସଞ୍ଜା ଧରି ବଡ଼ ଦୁଃଖେ କଷ୍ଟେ ଚୁଙ୍ଗୁଡ଼ି ବାଛୁରି ପିଲା କୁଟୁମ୍ବଙ୍କ ଭୁଣ୍ଡରେ ତୋକ ଦିଏ । ଚଳଘଟିଆ ଜମି । ବଢ଼ିପାଣି ମାଡ଼ିଯାଇଁ ଏ ବର୍ଷ ସବୁ ଫସଲ ଧୋଇରେ ଗଲା । ଅଗାର ମୁଣ୍ଡିଟାଏ ବି ଆଦାୟ ହେଉନାହିଁ । ସେ ଯଦି ଯାଇଁ ବେକରେ ଗାମୁଛା ପକେଇ ରାଜାଙ୍କ ଆଗରେ ଲମ୍ବହୋଇ ପଡ଼ିଯାଏ, ତେବେ ମଣିମା ତା ଗୁହାରି ଶୁଣନ୍ତି—ସଙ୍ଗେ ସଙ୍ଗେ ଖଜଣା ଗୁଡ଼ କରି ଦିଅନ୍ତି । ନିଆଣ୍ଡୀ ବିଧବାଟିଏ—ଧାନ କୁଟିଲେ ପେଟ ପୋଷେ । ଘର ଭିତରେ ଠେକ, କାଞ୍ଜୁଲି ଝାଡ଼ିଦେଲେ ଖୁଦ ମକୁଆ କରି ପୋଷେ ବାହାରିବ ନାହିଁ । ପିଆଦା ଆସି ଯଦି ଟିକସ ପାଇଁ ତା' ଦୁଆରେ ଧାରଣା ଦେଇ ବସେ କି ତା' ଚାଟି କବାଟ ଭାଙ୍ଗିବାକୁ ନାଲିଆଖି ଦେଖାଏ, ତେବେ ରାଜାଙ୍କ କାନକୁ କଥାଟା ଯିବା ମାତ୍ରେ ସାଙ୍ଗେ ସାଙ୍ଗେ ସେ

ର୍ଯିଆଦାର ଗୃହକର୍ତ୍ତା ବରଖାସ୍ତ । ଆଉ ଏ ଝଡବାଟିର ଚିରଦିନ ପାଇଁ ଟିକସ ଗୁଡ଼ । ଆଉ ଯାହା ବା ପ୍ରଜାମାନଙ୍କଠାରୁ ଆଦାୟହୋଇ ଖଜଣା ଖାନାକୁ ଆସେ, ସବୁ ସେହିମାନଙ୍କ ହିତପାଇଁ ଦେଶର ଭିନ୍ନଭିନ୍ନ ଅନୁଷ୍ଠାନରେ ଖର୍ଚ୍ଚ ହୁଏ—ଦେଶ ସାରା ପ୍ରାଇମେରୀ ସ୍କୁଲ, ହାଇସ୍କୁଲ, କଲେଜ, ଦାତବ୍ୟ ଚିକିତ୍ସାଳୟ, ଅନାଥାଶ୍ରମ, କୁଷ୍ଠାଶ୍ରମ, ଶିଶୁ-ସଦନ, ବୈଷୟିକ ବିଦ୍ୟାଳୟ, କଳାଭବନ ପ୍ରଭୃତି ନାନାବିଧ ମଙ୍ଗଳଜନକ, ଦେଶ-ହିତକର ଅନୁଷ୍ଠାନରେ ପରିପୂର୍ଣ୍ଣ । ନିଜେ ସାତମହଲା କୋଠାଘରେ ଭୋଗବିଳାସରେ ବୁଡ଼ିରହି ରାଜଭୋଗ ନ କରି, କି ଭବିଷ୍ୟତ, ବଂଶଧରଙ୍କ ପାଇଁ ଟଙ୍କା ସୁନା ସାଇତି ନ ରଖି ସେ ରାଜକୋଷର ଶେଷ କପର୍ଦ୍ଦକ ସୁଦ୍ଧା ଏହିଭଳି ଶୁଭକାମରେ ବିତରଣ କରନ୍ତି । କେହି ଅନ୍ତରଙ୍ଗ ବନ୍ଧୁ କଥାଛଳରେ ପଚ୍ଚାରି ଦେଲେ ହସି ହସି କହନ୍ତି—"ଟଙ୍କା ସୁନା ତ ଚୋର ଖଣ୍ଡି ନେଇଯିବ । ପେଟେଡ ଲୁହା ସିନ୍ଦୁକରେ କୋଲପ ପକେଇ ରଖିଲେ ବି ସବୁ ଡକେଇତଙ୍କର ତ ଆଖି ସେଇଠି । ଏମିତିକା ଅଳୀକ ଧନସମ୍ପଦ ସାଇତି ନ ରଖି, ଏଭଳି କିଛି ଧନ ସଞ୍ଚ, ଯାହା ଚୋର ନେଇ ପାରିବ ନାହିଁ କି ଭାଇ ଭାଗ ନେଇପାରିବ ନାହିଁ କି ଡକେଇତ ଛୁରୀ ଦେଖେଇ ଛଡ଼େଇ ନେଇ ପାରିବ ନାହିଁ । ଯାହା ନିଆଁରେ ପୋଡି ହେବ ନାହିଁ କି ପାଣିରେ ପକେଇଲେ ବୁଡ଼ିଯିବ ନାହିଁ, ଆଉ ଯାହା ତମକୁ ଜୀବନର ଅସଲ ଦୁର୍ଦ୍ଦିନରେ ମେଘ ଅନ୍ଧାର ଭିତରେ ଆଲୁଅ ଦେଖେଇ ବାଟ କଢ଼େଇବ, ସେ ଧନ ହେଉଛି ଧର୍ମ ।"

ସିଏ ବି ତ ରଜା ଆଉ ଇଏ ବି ତ ରାଜା । କୁହ ଦେଖି, ଦୁହିଁଙ୍କ ଭିତରେ ବଡ଼ କିଏ ? ଯିଏ କେତେ ଦରିଦ୍ର, ନିଃସ୍ୱ, ସର୍ବହରାଙ୍କ ପଞ୍ଜରା-ହାଡ଼ ଉପରେ ଅତ୍ୟାଚାରର ଲୌହଚକ ଚଲେଇ ନିର୍ମମ ଭାବରେ କରି ଯାଉଛି ଶୋଷଣ, ପେଷଣ, କଷଣ, ନିର୍ଯ୍ୟାତନ—ସିଏ ? ନା ଯିଏ ନିଜେ ଦୀନ, ଦୁଃଖୀ ଭଳି ଚଳି ସେହି ଗରିବ ପ୍ରଜାମାନଙ୍କ ହିତରେ ସର୍ବସ୍ୱ ଦାନ କରୁଛି—ସିଏ ? ଆଉ କାହା ସଞ୍ଚୟ ବା ଚିରସ୍ଥାୟୀ ? ତା'ର ଧନ ନା ଯା'ର ଧର୍ମ ? × ×

ତମେ ଯଦି ଏହିଭଳି ଦୁଃଖୀ, ଭିକାରୀଙ୍କ ପେଟ ଚିହ୍ନି ଟିକିଏ ଧର୍ମକାମ କରନ୍ତ ତା' ହେଲେ ମୁଁ ପ୍ରକୃତରେ ପାଟି ଫିଟାନ୍ତି ନାହିଁ—

ବରଂ ବେଶୀ ସୁଖୀ ହୁଅନ୍ତ । କିନ୍ତୁ ତମେ ତା' ତ କରୁନା । ଖାଲି ନିଜର ହିଁ ହିନଆ ସୁଖଭୋଗରେ ଭୋଳ ହୋଇ ଏଣୁତେଣୁ ମନୋହାରୀ ଜିନିଷ ଗୁଡ଼ାଏ କିଣି ପାଣି ଭଳିଆ ପଇସାଗୁଡ଼ା ଉଡ଼ାଇ ଦେଉଛ । ବଜାରରେ କୌଣସି ଶାଢ଼ୀ ବା ଷ୍ଟେସନାରୀ ଦୋକାନକୁ ପଶିଗଲେ ଏଇଟା ନେବି ସେଇଟା ନେବି କହି ତମେ ବ୍ୟତିବ୍ୟସ୍ତ କରି ପକାଅ । ଆଚ୍ଛା ସବୁତ କିଣିବ—ଆଗ ଟିକିଏ ଧୀର ମନରେ ଭାବ ଯେ ତମ ଅବସ୍ଥା କ'ଣ ? ତମ ସ୍ୱାମୀ କେଇ କଡ଼ାର ମୁଣ୍ଡ ? ଆଜି ମାସର କେତେ ତାରିଖ ? ଆଉ ସେହି ଅନୁସାରେ ତମ ମନିବ୍ୟାଗ୍‌ର ଝଣଝଣ ଶବ୍ଦ କେତେ ? ଆଉ ସେଉଁ ଜିନିଷ ପାଇଁ ତମେ ଏତେ ଲାଳାୟିତ, ସେହି ଜିନିଷଟି ନ ହେଲେ କ'ଣ ତମର ବିଲ୍‌କୁଲ ଅଚଳ ନା ଖାଲି ଏମିତି ସୁଖ ଶରଧାରେ ନେଇ ଘରେ ସାଇତି ରଖିବା ପାଇଁ ତା' ଲୋଡ଼ା ? ଜିନିଷଟି କିଣିବା ପୂର୍ବରୁ ଏ ସବୁ ବିଷୟ ମନେମନେ ଟିକିଏ ଆଲୋଚନା କଲେ କେବେ ଏମିତି ବଦ୍‌ଖର୍ଚ୍ଚ କରିବାକୁ ତମ ହାତ ଯିବ ନାହିଁ ।

ପୁଣି ଖାଲି ଏତିକି ତ ବଦଖର୍ଚ୍ଚ ନୁହେଁ, ଓଡ଼ିଆଘରେ ବଦ୍‌ଖର୍ଚ୍ଚ ଦେଖିବାକୁ ଏରୁଣ୍ଡି ବନ୍ଧ ଡେଇଁ ଦୂରକୁ ଯିବାକୁ ପଡ଼େ ନାହିଁ । ଘରର ସିନ୍ଦୂକ, ବାକ୍‌ସ, କବାଟ, ଖଟଖୁରା—ସବୁଆଡ଼େ ମେଞ୍ଚାମେଞ୍ଚା ଚୂନ ବୋଳା ହୋଇ ତିନି ହାତ ଦୂରରୁ ଗୋଟିଏ ବଡ଼ ବଦଖର୍ଚ୍ଚର ସୂଚନା ଦିଏ । ଓଡ଼ିଆଙ୍କ ଭିତରେ ବୋଧେ ଶତକରା ଗୋଟିଏ କି ଦିଓଟି ପରିବାର ବାହାରିବ ନାହିଁ ଯାହାଙ୍କ ଘରେ ଏହି ଦେଶୀ ଲିପ୍‌ଷ୍ଟିକ ପାନର ବ୍ୟବହାର ନ ଚଳେ । ପଛକେ ଗୁଡ଼ିଏ କିଣିବାକୁ ଘରେ ପଇସା ନ ଥିବ, କିନ୍ତୁ ପାନ ଖାଇବାକୁ ଖୋସଣୀ ସନ୍ଧିରୁ ଅଧଲାଏ, ପଇସାଏ ବାହାରୁଥିବ । କିଛି ନ ହେଲା ବେଳକୁ ଖାଇସାରି ଚୂନପତ୍ରର ଟିକିଏ ପାଟିରେ ନ ପକାଇଲେ ଓଡ଼ିଆଙ୍କର କୁଆଡ଼େ ଭାତ ହଜମ ହୁଏ ନାହିଁ । ଆଉ ଆମ ଗୁଣମଣୀ ଝିଅବୋହୂଙ୍କ କଥା ନ କହିଲେ ଭଲ । ଛେଳିଙ୍କ ପାଟିକି ହେଲେ ଟିକିଏ ତର ମିଳେ, କିନ୍ତୁ ଓଡ଼ିଆଣୀଙ୍କ ପାଟିକି ସେତିକି ମିଳେ ନା—ପାନ ଉପରେ ପାନ, ତା' ଉପରେ ପାନ, ଖାଇ ସାରିଲେ ପାନ, ଝାଡ଼ା ଫେରିଗଲେ ପାନ, ଶୋଇଲେ ପାନ, ସକାଳୁ ବାସୀ ବିଛଣାରୁ ଉଠିଲେ

ଅଘଷା ପାଟିରେ ପାନ—କେତେବେଳେ ଆଉ ଘଡ଼ିକ ପାଇଁ ଛାଡ଼ ନଥିବ । ଏଥିରେ କ'ଣ ଅଳପ ପଇସା ଅବ୍ୟାଜରେ ନଷ୍ଟ ହୁଏ ।

ଜଣେ କହୁଥିଲେ—ପାନ ବଡ଼ ନୁହେଁ ଅଳପ ନଶା
ଜଣା ପଡ଼େନାହିଁ ଟାଣେ ପଇସା ।

ପାନ ନ ଖାଇଲେ କେହି କେବେ ମରିଯିବ ନାହିଁ । ସାହେବମାନେ ପାନର ଧାର ଧାରନ୍ତି ନାହିଁ । ବଙ୍ଗାଳି, ତେଲୁଗୁ ଘରେ ଏମିତି ଅକାଳେ ସକାଳେ ଖଣ୍ଡେ ଅଧେ ଖା'ନ୍ତି ସିନା, କିନ୍ତୁ ଓଡ଼ିଆଙ୍କ ଭଳି ଅଭ୍ୟାସକରି କେହି କେବେ ଚିବାଉଥିବା ପାନ ଗୋଳାନ୍ତି ନାହିଁ । ଆମ ଭଳି ଆଉ କୌଣସି ଜାତିର ବଟୁଆ କି ପାନଡ଼ବା ନାହିଁ । ସେମାନେ ତ ପୁଣି ବଞ୍ଚିଛନ୍ତି । ବଙ୍ଗାଳି, ତେଲୁଗୁ ବା ଅନ୍ୟାନ୍ୟ ସ୍ୱଦେଶୀୟ ବିଲାତ ବା ଆମେରିକାବାସୀ ଲୋକେ ତ ଆମଠାରୁ ବେଶୀ ସଭ୍ୟ ଶିକ୍ଷିତ, ଉନ୍ନତ ଜାତି । ତେବେ ଆମେ କାହିଁକି ଏହି ବଦଖର୍ଚ୍ଚକୁ ପ୍ରଶ୍ରୟ ଦେବା ? ଖାଲି ପାନ ଖାଇବାରେ ଯେତେ ପଇସା ଯାଉଛି, ସେତକ ସଞ୍ଚି ରଖିଲେ ତ ଗୋଟିଏ ପିଲାର ପାଠପଢ଼ା ଖର୍ଚ୍ଚ ବେଶ୍ ସୁରୁଖୁରୁରେ ଉଠିଯିବ । ଆମ ଓଡ଼ିଆ ଘରର ଝିଅ ବୋହୂ, ମା' ମାଉସୀମାନେ କେବେ ଏ କଥା ଶିଖିବେ ?

ତମେ ପାଠଶାଠ ପଢ଼ିଛ । ଆଗପଛ ଟିକିଏ ଭାବ । ଜିନିଷ କିଣିବା ଆଗରୁ କୋଉଟା ବେଦରକାରୀ, କୋଉଟା ଦରକାରୀ ଆଉ କୋଉଟାବେଶୀ ଦରକାରୀ—ସବୁ ଟିକିଏ ଭାବିଚିନ୍ତି ସ୍ଥିର କର, ତା'ପରେ କିଣିବ । ଗୋଟିଏ ଖାତାବାନ୍ଧି ଦୈନନ୍ଦିନ ଖର୍ଚ୍ଚର ହିସାବ ଠିକମତ ଲେଖ । ତା'ହେଲେ କେଉଁଟା ଭଲ ଖର୍ଚ୍ଚ ଆଉ କେଉଁଟା ବାଜେ ଖର୍ଚ୍ଚ, ତା' ମାସ ଶେଷରେ ଜାଣିପାରିବ । ଆଉ କୋଉ ଖର୍ଚ୍ଚଟା କମେଇ ଭବିଷ୍ୟତକୁ ଦି'ପଇସା ସଞ୍ଚୟ କରି ପାରିବ, ତା' ମଧ୍ୟ ଜାଣିପାରିବ ।

## ଶେଷକଥା

ଅନେକ କଥା କହିଗଲିଣି । ଏତେଗୁଡ଼ାଏ ଶୁଣିଶୁଣି ତମ ଟିକି ମୁଣ୍ଡଟା ହୁଏତ ଗୋଳମାଳିଆ ହୋଇଯିବଣି । ଆଉ ବେଶୀ ଗପିବି ନାହିଁ । ମାତ୍ର ଗୋଟିଏ, ଦୋ'ଟି କଥା କହି ଶେଷ କରିବି ।

ଭାଗବତରେ ଅଛି—"କର କରାଉ ଥାଏ ମୁହିଁ, ମୋ ବିନୁ ଆନ ଗତି ନାହିଁ" । ମୁଁ ଯେ ଏତେଗୁଡ଼ାଏ କାମର ଅବତାରଣା କରିଯାଉଛି ବା ଏତେଗୁଡ଼ାଏ ଭଲ ଭଲ ଉପଦେଶ ଦେଇ ତମକୁ ଗୁଣର କରିବାପାଇଁ କାନେ କାନେ ଶିଖାଉଛି, ସବୁ କନ୍ତୁ ଫସର ଫାଟିଯିବ ଯଦି ଏକା ସେହି କରୁଣାମୟୀଙ୍କର କରୁଣା ଟିକିଏ ନ ମିଳେ । ମଣିଷଦେଇ ଶାଗ ସିଝିବ ନାହିଁ । ମଲା କଙ୍କଡ଼ା ନେଉଟିବାର ଯୁ'ବ ଆମର ନାହିଁ । କୌଣସି ଭଲ କାମ ସୁ ଲୁଖ ରୁରେ ନେଇଆଣି ଥୋଇବା ସହଜ ନୁହେଁ । ଆକାଶ କଇଁଆ ଚଳକାମାଛପର ବହୁ କଷ୍ଟସାଧ୍ୟ । ଦୁନିଆର ସମସ୍ତ ପୁରାଣ, ଇତିହାସ, ଦର୍ଶନ, ବିଜ୍ଞାନ, ଯୁଦ୍ଧ, ବିପ୍ଳବ—ସବୁ ସୃଷ୍ଟି ହୋଇଛି ସେହି ସବନିୟନ୍ତା ବିଶ୍ୱପିତାଙ୍କର ଅଙ୍ଗୁଳି ନିର୍ଦ୍ଦେଶରେ । ମଣିଷ କେବଳ 'ନିମିତ୍ତ' ମାତ୍ର । ଏ କଥା ନ ବୁଝି ମଣିଷ ଯେ ବେଳେବେଳେ ଗର୍ବ କରେ ଯେ ମୁଁ ଜଣେ ଲକ୍ଷପତି, ମୁଁ ଜଣେ ପଣ୍ଡିତ, ମୁଁ ଜଣେ ଭୁଙ୍ଗ ନେତା, ବା ମୁଁ ଜଣେ ବୀର ପୁଙ୍ଗବ—ଏହା ତା'ର ଗୋଟିଏ ମସ୍ତବଡ଼ ଭ୍ରମ । ସେଥିପାଇଁ ଭଗବାନଙ୍କର ଶ୍ରେଷ୍ଠ ଭକ୍ତ ନାରଦ କହିଛନ୍ତି—

"ତ୍ୱୟା ହୃଷୀକେଶ ହୃଦିସ୍ଥିତେନ,
ଯଥା ନିଯୁକ୍ତୋସ୍ମି ତଥା କରୋମି ।"

ଅର୍ଥାତ୍ "ହେ ଭଗବାନ, ତମେ ମୋ ହୃଦୟରେ ଥାଇଁ ମୋତେ ଯେଉଁ ନିର୍ଦ୍ଦେଶ ଦେଉଛ, ମୁଁ ତାହାହିଁ କରୁଛି—ମୋର ନିଜତ୍ୱ ବା କ'ଣ ଅଛି ?" ଏଥିରୁ ମୋ ମୋଟାବୁଦ୍ଧିରେ ମୁଁ ଏତିକି ବୁଝେ ଯେ, ମଣିଷ ହାତରେ କର୍ତ୍ତାକର କରିମନ୍ତି ନାହିଁ । ସାନବଡ଼, ଧନୀ ଦରିଦ୍ର, ପଣ୍ଡିତ ମୂର୍ଖ—ସମସ୍ତଙ୍କ ଉପରେ ଗୋଟିଏ ଅଦେଖା ହାତ ଲୁଚିଲୁଚି କାମ କରି ଚାଲିଛି । ତା'କୁ ତମେ ଭଗବାନ କୁହ ବା ପ୍ରକୃତି କୁହ ବା କୌଣସି ଅଲୌକିକସାମାନ୍ୟ ଶକ୍ତି କୁହ । ତେଣୁ ଆମେ ଯାହା କରିବା, ଛୋଟ ହେଉ ବଡ଼ ହେଉ ସବୁ କାମ, ସବୁ କଳ୍ପନା, ସବୁ ଚିନ୍ତାଧାରା ସେହି ଅଦେଖା ହାତ ବା ଭଗବାନଙ୍କ ଚରଣ ତଳେ ସମର୍ପି ଦେବା । ଭଲ ମନ୍ଦ, ସଫଳ ବିଫଳ ସବୁ ତାଙ୍କ ହାତରେ । ଉଚ୍ଚ ବୋଲି ଆମେ ଗର୍ବ କରିବା ନାହିଁ କି ତୁଚ୍ଛ ବୋଲି ଆମେ ହତାଶ ହେବା ନାହିଁ । ପିଲା

ହାତରେ ଖଡି ଧରେଇ ତା' ହାତ ଧରି ଅବଧାନ ଯେତେବେଳେ ପ୍ରଥମ ଥର ପାଇଁ ଗୁହାଳୀ ପିଣ୍ଡାରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର କହି ତିନୋଟି ମୂଣ୍ଡୁଳା କାଟି ଦିଅନ୍ତି, ସେତେବେଳେ ସେହି ପିଲାଟି କ'ଣ ଗର୍ବ କରେ ? ଖଡ଼ିଟା ତା ହାତ ଭିତରେ ରହି ୩ଟି ମୂଣ୍ଡୁଳା ଲେଖାହେଲା ବୋଲି ସେ କ'ଣ ବାହାଦୁରି ଦେଖାଏ ? ନା—କାରଣ ଜଣକର ଟାଣୁଆ ହାତର ସାହାଯ୍ୟ ପାଇ ନ ଥିଲେ ସେ କେବେ ତା' କଅଁଳ ହାତରେ ଏତେବଡ଼ କାମଟା ହାସଲ କରି ପାରି ନଥାନ୍ତା । ଆମେ ଠିକ୍ ସେହିଭଳି ସେହି ଅଦେଖାହାତର ଆଶୀର୍ବାଦ ନ ପାଇଲେ ଆମେ ଖଡ଼ିମୁଣ୍ଡାଏ ଛୁଣ୍ଡେଇ ଶେଷକୁ ହାତରୁ ଫାଲେ ଝୋଉରିବା ପଛକେ କୌଣସି କାମକୁ ସେହି ଗୋଲକାର ମୂଣ୍ଡୁଳା ଭଳି ପରିପୂର୍ଣ୍ଣ କରି ପାରିବା ନାହିଁ । ହୁଏତ ଅଧାକାଣ୍ଡିଆ କରି ବାଟରେ କୋଉଠି ବଙ୍କାଟଙ୍କା କରି ମୁଣ୍ଡକୁମୁଣ୍ଡ ଯେଇ ପାରିବା ନାହିଁ । ଏଇଆ ଯଦି ହୁଏ, ତା'ହେଲେ ଆମେ କୋଉ ମୁହଁରେ ଗର୍ବ କରିବା ? ବାହାଦୁରି ଦେଖେଇବା ?

ସେହିଭଳି ନିଜକୁ ଅତି ତୁଚ୍ଛ ବୋଲି ମନେ କରିବା ବି ଠିକ୍ ନୁହେଁ । ଜଣେ ଇଂରାଜୀ କବି Milton ଲେଖିଛନ୍ତି—"They also serve who stand and wait". ଭଗବାନ୍ ବିଶ୍ୱପିତା ମହାମହିମ ରାଜରାଜେଶ୍ୱରଙ୍କଠାରୁ ଆରମ୍ଭ କରି ଅତି ହୀନ, ନୀଚ, ହେୟ ପଥର ଭକାଗଣ୍ଡିଏ ବି ତାଙ୍କର ସନ୍ତାନ । ତାଙ୍କ ଶ୍ରୀଚରଣତଳେ ସଦ୍ୟ ପ୍ରସ୍ଫୁଟିତ, ଶୁଭ୍ର ଶତଦଳଟିର ଯେଭଳି ଆଦର, ରୂପହୀନ, ଗନ୍ଧହୀନ, ମଉଳା ଘାସଫୁଲଟିର ବି ଠିକ୍ ସେହିଭଳି ଆଦର । ପୁଣି ଯୋଉ ପୁଅଟି ଟିକିଏ ନିରବୁଦ୍ଧିଆ କି ନପାରିଲା, ବାପ ମା'ଙ୍କର ଯେମିତି ସେହି ପୁଅଟି ଉପରେ ବେଶୀ ଆଖି ଥାଏ, ସେମିତି ଭଗବାନଙ୍କ ରାଜ୍ୟରେ ଯେଉଁମାନେ ଦୁର୍ବଳ ବା ରୁଗ୍ଣ ବା ବୁଦ୍ଧିହୀନ, ସେମାନଙ୍କ ପ୍ରତି ତାଙ୍କର ନିଶ୍ଚୟ ଟିକିଏ ବେଶୀ ନଜର ଥିବ । ତା'ହେଲେ ଆମେ ନିଜକୁ ଏତେ ତୁଚ୍ଛ ମନେ କରି ହତାଶ ହୋଇଯିବା କାହିଁକି ? ଆମ ପେଟରେ ହୁଏତ ପାଠ ନାହିଁ, ମୁଣ୍ଡରେ ବୁଦ୍ଧି ନାହିଁ, କଥାରେ ଗୁଲଖପଣିଆ ନାହିଁ ବା ସବଳର ଅତ୍ୟାଚାରର ବିରୁଦ୍ଧରେ ମୁଣ୍ଡ ଟେକିବାକୁ ଆମ ଦେହରେ ହୁଏତ ଶକ୍ତି

ସାମର୍ଥ୍ୟ ନାହିଁ—ତଥାପି ଆମେତ ମଣିଷ—ତଥାପି ଆମେତ ସେହି ଦୟାମୟ ବିଶ୍ୱପିତାଙ୍କର ଦୁଇଟି କ୍ଷୁଦ୍ର, ନଗଣ୍ୟ, ଅଧମ ସନ୍ତାନ । ତାଙ୍କ ରାଜ୍ୟରେ କ'ଣ ଆମର ସ୍ଥାନ ନାହିଁ । ତା'ହେଲେ ଆଉ ଦୁଃଖ କାହିଁକି ?

ସକାଳେ ବିଛଣାରୁ ଉଠିବାଠାରୁ ରାତିରେ ବିଛଣାକୁ ଯିବା ପର୍ଯ୍ୟନ୍ତ ଆମେ ସେ ଦିନମାନଙ୍କ କାମ କଲୁ, ଶୋଇବା ଆଗରୁ ତା'କୁ ଟିକିଏ ମନେ ମନେ ଭାବି ନେବା ଉଚିତ । ସେଇ କାମ ଭିତରେ କେତେ ଆମ ନିଜପାଇଁ ଆଉ କେତେ ପର ପାଇଁ, କେତେ ଭଲ କେତେ ଭେଲ, କେତେ ସୁନା କେତେ ଖାଦ— ସବୁ ଥରେ ମୂଳରୁ ଶେଷଯାଏ ଆଉଡ଼େଇ ଗଲେ ଅନେକ ଜିନିଷ ଶିକ୍ଷା ମିଳେ । ଅତୀତର ଭୁଲ ପାଇଁ ମନରେ ଅନୁତାପ ଆସେ, ବର୍ତ୍ତମାନର କାମରେ ମନରେ ଆନନ୍ଦ ଆସେ, ଆଉ ଭବିଷ୍ୟତ ପାଇଁ କର୍ମପନ୍ଥା ଗଢ଼ିବାକୁ ମନରେ ଆଗ୍ରହ, ଉତ୍ସାହ ଓ ପ୍ରେରଣା ଆସେ । ସବୁଦିନେ ବିଛଣାକୁ ଯିବା ପୂର୍ବରୁ ଧୀର ମନରେ ଘଡ଼ିଏ ବସି ତମେ ଏଭଳି ଟିକିଏ ଭାବ ।

ସତ୍ୟ, ସାଧୁତା, ସରଳତା, ସାହସ, ସେବା, ସହିଷ୍ଣୁତା—ଏହା ମଧ୍ୟରୁ କୋଉଟିରେ ତମେ ଆଜି ତ୍ରୁଟି କରିଛ ଆଉ କୋଉଟିରେ ତମେ ଆଜି ପୂରାପୂରି ସଫଳକାମ ହୋଇଛ । ଭାବି ଦେଖ, ଯଦି କର୍ତ୍ତବ୍ୟରେ ଅବହେଳା କରି ଆଖିବୁଜିଆ ସେମିତି କିଛି କରି ନାହଁ, ତେବେ ହାତ ଯୋଡ଼ି ମୁଣ୍ଡ ନୁଆଇଁ ସେହି ବିଶ୍ୱପିତାଙ୍କ ନିକଟରେ ଦୋଷ କ୍ଷମା ମାଗ । କୁହ—"ଆଜି ଏ ଦିନଟି ଚାଲିଗଲା । ଜୀବନରେ ଆଉ କେବେ ଦ୍ୱିତୀୟ ଥର ପାଇଁ ଏ ଦିନଟି ଫେରିଆସିବ ନାହିଁ । କିନ୍ତୁ ମୁଁ ଆଜି ଆପଣଙ୍କ ଶ୍ରୀଚରଣରେ ଉପହାର ଦେବା ପାଇଁ କିଛି କରିପାରି ନାହିଁ, ମୁଁ ବାଟ ହୁଡ଼ିଛି, ମୋତେ ଟିକିଏ ଆଲୁଅ ଦେଖେଇ ବାଟ ବତାଇ ଦିଅ ।" ଆଉ ଯଦି କିଛି କରିଛ, ଯଦି ନିଜର ସୁଖ ଭୋଗ ତ୍ୟାଗ କରି ପରର ଦୁଃଖ କଷ୍ଟ ଟିକିଏ ଘୁଞ୍ଚେଇଛ, ତେବେ ତାଙ୍କର ଉଦ୍ଦେଶ୍ୟରେ ମାଟି ଉପରେ ମୁଣ୍ଡ ଲଗେଇ ମନର ସବୁ ଗର୍ବ, ଅହଙ୍କାର ଘଡ଼ିକ ପାଇଁ ମନରୁ ପୋଛିଦିଅ । ଆଉ ଅତି ବିନୟୀ ଭାବରେ କୁହ--'ଆପଣ ବିଶ୍ୱର ପିତା । ମୁଁ ଆପଣଙ୍କର

ଏକ ତୃଣାଦପି ତୁଚ୍ଛ କ୍ଷୁଦ୍ର ସନ୍ତାନ । କୋଉ କାମ କରିବାପାଇଁ ଆପଣ ମୋତେ ଏଠାକୁ ପଠାଇଛନ୍ତି, ତା' ମୁଁ ଜାଣେ ନା । ସଂସାରର ବଡ଼ ବଡ଼ ତ୍ୟାଗୀ, ଯୋଗୀ, ମହାତ୍ମା, ମହାପୁରୁଷମାନେ ଏହି ଅନନ୍ତର ସମୁଦ୍ର ପାର ହେବାକୁ ଯେଉଁ ସେତୁବନ୍ଧ ବାନ୍ଧୁଛନ୍ତି, ମୁଁ ସେହିଥିରେ ଗୁଣ୍ଡୁଚିମୂଷା ଭଳି ମୋ ଛୋଟିକ ଦେହରେ ଧୂଳି କଣିକାଏ ନେଇ ଝାଡ଼ୁଛି ମାତ୍ର । ସାଗରର ନୀଳ ଲହରୀ ପାରି ହୋଇ ଆରପାରିକୁ ଯାଇ ମୁଁ ସୁଖଶାନ୍ତିରେ ରହିବାକୁ ଚାହେଁ ନାହିଁ । ମୁଁ ଚାହେଁ, ଏହି ଲୋକଗହଳି ଭିତରେ ବଞ୍ଚି ରହି ଧୂଳିକଣା କେଇଟି ନେଇ ବାଲିବନ୍ଧରେ ଏମିତି ପକଉଥିବି । ମୁଁ ଜୀବନରେ ସବୁ ଦୁଃଖ କଷ୍ଟ ସହି କରୁଥିବି ଟିକିଏ ପରୋପକାର, କରୁଥିବି ଟିକିଏ ଲୋକସେବା । ସେବା ହେଉ ମୋ ଜୀବନର ବ୍ରତ, ପଥ ଓ ଲକ୍ଷ୍ୟ । ଆଉ ସେହି ପଥରେ ମିଳୁ ଆପଣଙ୍କର ଦୟା, କରୁଣା, ଆଶୀର୍ବାଦ । ମୁଁ ଆପଣଙ୍କର ଅଙ୍ଗଲାଗି ପୂଜାଫୁଲ ହେବାକୁ ଚାହେ ନା, ମୁଁ ଚାହେ ଆପଣଙ୍କର ଚଲାପଥରେ ଚରଣଧୂଳି ହେବାକୁ । ମୁଁ ଶାନ୍ତି ଚାହେଁ ନା, ମୁକ୍ତି ଚାହେଁ ନା, ମୁଁ ଚାହେଁ ସେବା, ସେବା············

ଯେ କରମେ ଅଣୁରଧା ଉପୁଜିବ ତବ
ସେ କରମୁ କ୍ଷାନ୍ତ ମୋତେ କର ବାସୁଦେବ ।
ଚାହେଁ ନା ମୁଁ ଧନ, ମାନ, ଯଶ ବା ଗୌରବ
ଲୋଡ଼ା ମୋ ଜଗତେ ଖାଲି ତବ ଆଶୀର୍ବାଦ ।

× × × ×

ଅନେକ ବିଷୟ ଲେଖିଲିଣି । ଆଉ ବେଶୀ ଲେଖି ତମର ଧୈର୍ଯ୍ୟଚ୍ୟୁତ କରିବି ନାହିଁ । କିନ୍ତୁ ତମେ ମୋ ଚିଠିର ଉତ୍ତର ଦେବ ନା ଚିରଦିନ ଅଭିମାନ କରି ନୀରବ ରହିଥିବ ? ଆଜି ଏତିକିରେ ରହୁଛି, ଆଉ କେବେ ଦେଖାହେଲେ କଥାବାର୍ତ୍ତା । ଆଚ୍ଛା କେବେ ପୁଣି ଦେଖା ହେବ କୁହତ ?

ତମର
ଦୂର ବିଦେଶୀ